# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୭/୨୦୨୧ (୨୦ ପୃଷ୍ଠା) | Bhubaneswar, Saturday, March 27/2021 | ★★★★

୪୭ଶ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





ଧରିତ୍ରୀ
DHARITRI
ଶନିବାର, ୨୭ ମାର୍ଚ୍ଚ, ୨୦୨୧

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୬୩,୫୮,୩୪୨ | ୨୭,୭୦,୯୫୭ | ୧୦,୧୯,୩୦,୮୫୩ |
| ଭାରତ | ୧,୧୯,୦୬,୪୭୩ | ୧,୬୧,୨୬୦ | ୧,୧୨,୯୧,୭୫୮ |
| ଓଡ଼ିଶା | ୩,୩୯,୬୯୪ | ୧୯୧୧(+୫୩) | ୩,୩୬,୪୮୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ବିଶ୍ୱ ନାଟକ ଦିବସ।




# ୪ ଜିଲାରେ ସଂକ୍ରମଣ ଦ୍ରୁତ ବୃଦ୍ଧି

ଭୁବନେଶ୍ୱର,୨୬ା୩(ବ୍ୟୁରୋ)

- କଟକ, ଖୋର୍ଦ୍ଧା, ନୂଆପଡ଼ା, ସୁନ୍ଦରଗଡ଼କୁ ନେଇ ବଢ଼ିଲା ଚିନ୍ତା
- ଦୈନିକ ୧୦ ହଜାର ଆର୍‌ଟିପିସିଆର୍ ଟେଷ୍ଟ ହେବ
- କୋଟିଏ ଲୋକଙ୍କୁ ଟିକା ଲକ୍ଷ୍ୟ, ଆସିଲା ୫ଲକ୍ଷ କୋଭିଶିଲ୍ଡ ଟିକା

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଶେଷ ୨୪ ଘଣ୍ଟାରେ ୨୩୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆପଡ଼ା ଜିଲାରୁ ସର୍ବାଧିକ ୩୩ ଆକ୍ରାନ୍ତ ରହିଛନ୍ତି। ସ୍ଥିତି ବିଗୁଡୁଥିବାବେଳେ ପୁଣି ରାଜ୍ୟବାସୀଙ୍କୁ ସତର୍କ ଓ ସଚେତନ କରିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର। ସେ କହିଛନ୍ତି, ଓଡ଼ିଶାରେ ସଂକ୍ରମଣ ବଢୁଥିବାରୁ ଆମକୁ ସଜାଗ ରହିବାକୁ ପଡ଼ିବ। କଟକ, ଖୋର୍ଦ୍ଧା, ନୂଆପଡ଼ା ଓ ସୁନ୍ଦରଗଡ଼ ଭଳି କିଛି ଜିଲାରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସୀମାନ୍ତବର୍ତ୍ତୀ ଜିଲାକୁ ବାହାର ରାଜ୍ୟର ଲୋକ ପ୍ରବେଶ କରୁଥିବାରୁ ସୁନ୍ଦରଗଡ଼ ଓ ନୂଆପଡ଼ା ଉପରେ ତୀକ୍ଷ୍ଣ ନଜର ରହିଛି। ମୁଖ୍ୟତଃ ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକେ ଅଧିକ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ଅଧିକରୁ ଅଧିକ ସଂକ୍ରମିତ ଚିହ୍ନଟ ପାଇଁ ରାଜ୍ୟରେ ଦୈନିକ ୧୦ ହଜାର ଆର୍‌ଟିପିସିଆର୍ ଟେଷ୍ଟ କରିବାକୁ ଶୁକ୍ରବାର ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ସେପଟେ ଜୀବବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା କହିଛନ୍ତି, ବର୍ତ୍ତମାନ ମହାରାଷ୍ଟ୍ର, ପଞ୍ଜାବ କିମ୍ବା ଅନ୍ୟ ରାଜ୍ୟରେ ଦେଖିବାକୁ ମିଳୁଥିବା ଷ୍ଟ୍ରେନ୍ ଓଡ଼ିଶାକୁ ଏପର୍ଯ୍ୟନ୍ତ ଆସିନାହିଁ। ଯେପର୍ଯ୍ୟନ୍ତ ଜିନମ୍ ସିକ୍ୱେନ୍ସିଂ ନ ହୋଇଛି, ସେ ଯାଏ କିଛି କହିହେବ ନାହିଁ। ଓଡ଼ିଶାରେ ପଜିଟିଭ୍ ରେଟ୍ ବଢୁଛି। କିନ୍ତୁ ରାଜ୍ୟରେ କେଉଁ ଷ୍ଟ୍ରେନ୍ ପାଇଁ ସଂକ୍ରମଣ ସଂଖ୍ୟା ବଢୁଛି, ତାହା ଜିନମ୍ ସିକ୍ୱେନ୍ସିଂ ପରେ ହିଁ ଜଣାପଡ଼ିବ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଡିସେମ୍ବରରେ ସାମ୍ପଲ ପରୀକ୍ଷା ପୁଣେରେ ହୋଇଥିଲା। ଏହାପରେ ସବୁ ପରୀକ୍ଷା ଆଇଏଲ୍ଏସ୍‌ରେ ହେଉଛି। ବର୍ତ୍ତମାନ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ୨୨୨ ସାମ୍ପଲର ଜିନମ୍ ସିକ୍ୱେନ୍ସ ଚାଲିଛି। ଆଉ ୨ଦିନ ମଧ୍ୟରେ ସବୁ ରିପୋର୍ଟ ଆସିଯିବ। ଏହା ପରେ ରାଜ୍ୟରେ କେଉଁ ଷ୍ଟ୍ରେନ୍ ଅଛି ତାହା ସ୍ପଷ୍ଟ ହେବ ବୋଲି ପରିଡ଼ା କହିଛନ୍ତି।

ଅପରପକ୍ଷରେ ରାଜ୍ୟରେ କୋଟିଏ ଲୋକ ଟିକା ନେବେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୧ରୁ ୪୫ ବର୍ଷରୁ ଅଧିକ ବୟସର ସମସ୍ତଙ୍କୁ ଟିକା ଦିଆଯିବ। ରାଜ୍ୟର ଜନସଂଖ୍ୟା ହିସାବରେ ୨୫ ପ୍ରତିଶତ ଲୋକ ଟିକା ନେବେ। ବର୍ତ୍ତମାନ ରାଜ୍ୟରେ ମୋଟ୍ ୮୮୨ଟି କେନ୍ଦ୍ରରେ ଟିକାକରଣ କରାଯାଉଛି। ଏପ୍ରିଲ ପ୍ରଥମ ସପ୍ତାହରୁ ଟିକାକରଣ କେନ୍ଦ୍ର ସଂଖ୍ୟା ୧ ହଜାରକୁ ବୃଦ୍ଧି କରାଯିବ। ଏହାସହିତ ଦୈନିକ ଦେଢ଼ଲକ୍ଷ ଟିକାକରଣ ଲକ୍ଷ୍ୟ ରଖାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ୨୧ ଲକ୍ଷ ୬୭ ହଜାର ଲୋକଙ୍କୁ ଟିକାକରଣ କରିସାରିଲୁଣି। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସବୁଦିନ ଟିକାକରଣ ଚାଲିଛି। ଶୁକ୍ରବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ଲକ୍ଷ କୋଭିଶିଲ୍ଡ ଟିକା ପାଇଛୁ ଓ କୋଭାକ୍ସିନ ଟିକା ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ରହିଛି ବୋଲି ଡା. ପାଣିଗ୍ରାହୀ କହିଛନ୍ତି।

# ପିପିଇ କିଟ୍ ଦୁର୍ନୀତି ମାମଲା ବନ୍ଦ କଲେ ଲୋକାୟୁକ୍ତ

ଭୁବନେଶ୍ୱର,୨୬ା୩(ବ୍ୟୁରୋ)

- ରାଜ୍ୟ ସରକାରଙ୍କୁ କ୍ଲିନ୍‌ଚିଟ୍
- ହାଇକୋର୍ଟ ଯିବ କଂଗ୍ରେସ

ବହୁ ଚର୍ଚ୍ଚିତ ପିପିଇ କିଟ୍ ଓ ମାସ୍କ କିଣା ଦୁର୍ନୀତି ମାମଲାରେ ଲୋକାୟୁକ୍ତଙ୍କ ୩ଜଣିଆ ଖଣ୍ଡପୀଠ ଶୁକ୍ରବାର ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଭିଜିଲାନ୍ସ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ କ୍ଲିନ୍ ଚିଟ୍ ଦେବା ସହ ପିପିଇ କିଟ୍ ଓ ମାସ୍କ କିଣାରେ କୌଣସି ପ୍ରକାର ଦୁର୍ନୀତି ହୋଇ ନ ଥିବା ଦର୍ଶାଇ ମାମଲାକୁ ବନ୍ଦ କରିଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ସମୟରେ ଅଭିଯୋଗକାରୀ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁଶାନ୍ତ ପାଢୀ ଓ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ଉପସ୍ଥିତ ଥିଲେ।

ତେବେ ଲୋକାୟୁକ୍ତଙ୍କ ଏହି ଶୁଣାଣି ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। ଭିଜିଲାନ୍ସ ରିପୋର୍ଟକୁ ସାର୍ବଜନୀନ ନ କରି ଏପରିକି ଆବେଦନକାରୀଙ୍କୁ ନ ଦେଖାଇ ଓ ତା'ର ସତ୍ୟତା ଉପରେ ଅନୁସନ୍ଧାନ ନ କରି ଲୋକାୟୁକ୍ତ ଚୂଡ଼ାନ୍ତ ରାୟ ଦେଇଥିବାରୁ ଆବେଦନକାରୀ ତଥା କଂଗ୍ରେସ ମୁଖପାତ୍ର ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ହାଇକୋର୍ଟରେ ଏହି ନିଷ୍ପତ୍ତି ବିରୋଧରେ ଅପିଲ କରାଯିବ ବୋଲି ସୁଦର୍ଶନ କହିଛନ୍ତି।

ସୂଚନା ଅନୁଯାୟୀ, କୋଭିଡ୍ ପରିଚାଳନା ସମୟରେ ପିପିଇ କିଟ୍ ଓ ମାସ୍କ କିଣିବାରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଦୁର୍ନୀତି କରାଯାଇଥିବା ନେଇ ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାର ତଦନ୍ତ ପାଇଁ ସୁଶାନ୍ତ ପାଢୀ ଓ ସୁଦର୍ଶନ ଦାସ ଗତବର୍ଷ ଜୁନ୍ ୧୭ରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକୁ ଗ୍ରହଣ କରି ଲୋକାୟୁକ୍ତ ଏହା ଉପରେ ୮ଥର ଶୁଣାଣି କରିଥିଲେ। ରାଜ୍ୟ ସରକାରଙ୍କ ତତ୍କାଳୀନ ଶିଳ୍ପ ବିଭାଗ ସଚିବ ତଥା କୋଭିଡ୍ ସାମଗ୍ରୀ କିଣା ଦାୟିତ୍ୱରେ ଥିବା ବରିଷ୍ଠ ଆଇଏଏସ୍ ଅଫିସର ହେମନ୍ତ ଶର୍ମା, ଔଷଧ ନିଗମ ଏମ୍.ଡି. ଯାମିନୀ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କୁ ପକ୍ଷଭୁକ୍ତ କରି ମୌଖିକ ଓ ଲିଖିତ ଜବାବ ତଲବ କରିଥିଲେ। ଏଥିସହ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ କେଉଁ ପରିପ୍ରେକ୍ଷୀରେ ହେମନ୍ତ ଶର୍ମାଙ୍କୁ କୋଭିଡ୍ ସାମଗ୍ରୀ କିଣା କମିଟିରୁ ବାଦ୍ କରାଗଲା ତା'ର ଜବାବ ମାଗିଥିଲେ। ଗତ ଡିସେମ୍ବର ୭ରେ ଏହାର ପ୍ରାଥମିକ ତଦନ୍ତ ପାଇଁ ଭିଜିଲାନ୍ସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ପକ୍ଷରୁ ଗତ ୧୬ ତାରିଖରେ ଲୋକାୟୁକ୍ତଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ ହୋଇଥିଲା। ଭିଜିଲାନ୍ସର ଏହି ରିପୋର୍ଟ ଆଧାରରେ ଖଣ୍ଡପୀଠ ଶୁଣାଣି କରିଥିଲେ।

# ପର୍ବପର୍ବାଣି ପାଳନ ଉପରେ କଟକଣା

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

- ସର୍ବସାଧାରଣରେ ହେବନି ଗୁଡ୍‌ଫ୍ରାଇଡେ', ଶ୍ରୀରାମ ନବମୀ, ପଣା ସଂକ୍ରାନ୍ତି, ଝାମୁ
- ଓଡ଼ିଶା ଦିବସରେ କେବଳ ସଭା
- ପ୍ରଶାସନଠାରୁ ଅନୁମତି ନେବେ ସଙ୍ଗଠନ

ବ୍ୟାପୁଥିବା କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ପର୍ବପର୍ବାଣି ପାଳନ ଉପରେ କଟକଣା ଲଗାଇଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଗୁଡ୍ ଫ୍ରାଇଡେ, ଶ୍ରୀରାମ ନବମୀ, ପଣା ସଂକ୍ରାନ୍ତି, ଝାମୁଯାତ୍ରା, ଦଣ୍ଡଯାତ୍ରା ସର୍ବସାଧାରଣ ସ୍ଥାନରେ ପାଳନ କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ନେଇ ମନ୍ଦିର, ଚର୍ଚ୍ଚରେ ନୀତି ପାଳନ କରାଯାଇପାରିବ। ସ୍ଥାନୀୟ ସ୍ଥିତିକୁ ଦେଖି ଜିଲାପାଳ ଓ କମିଶନର ଆବଶ୍ୟକ କଟକଣା ଲଗାଇବେ। ଏହାସହ କେତେ ଶ୍ରଦ୍ଧାଳୁ ମନ୍ଦିର ବା ଚର୍ଚ୍ଚ ଯାଇପାରିବେ ସେନେଇ ଜିଲାପାଳ ନିର୍ଦ୍ଧାରଣ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ସେହିଭଳି ଓଡ଼ିଶା ଦିବସ ପାଳନ ପାଇଁ ମଧ୍ୟ ଗାଇଡ୍‌ଲାଇନ କରାଯାଇଛି। ଚଳିତବର୍ଷ କଟକଣା ମଧ୍ୟରେ ଏହି ଦିବସ ପାଳନ ହେବ। କେବଳ ସଭା ଓ ବୈଠକ ହେବ। ଦିବସ ପାଳନ ସମୟରେ ରାଜ୍ୟରେ କୌଣସି ସ୍ଥାନରେ ବହୁ ଲୋକଙ୍କ ସମାଗମ ହେବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିବାବେଳେ ସରକାରୀ ବୈଠକ ଓ ଉତ୍ସବ ପାଳନରେ ସର୍ବାଧିକ ୨୦୦ ଲୋକଙ୍କୁ ସାମିଲ ହେବାକୁ ଅନୁମତି ମିଳିଛି। ସାମାଜିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ସହିତ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ସଭା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବାଦ୍ ଦିଆଯାଇଛି। ସେହିପରି ସାମାଜିକ, ସାଂସ୍କୃତିକ, କ୍ରୀଡ଼ା, ମନୋରଞ୍ଜନ, ଶିକ୍ଷାନୁଷ୍ଠାନ ତଥା ଧାର୍ମିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି ହୋଇଛି। ତେବେ ଅନ୍ୟ କୌଣସି ସଙ୍ଗଠନ କରୋନା ନିୟମ ପାଳନ କରି ଓଡ଼ିଶା ଦିବସ ପାଳନ କରିବାକୁ ଚାହିଁଲେ ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ନେବାକୁ ପଡ଼ିବ। ଜିଲାପାଳ, ମହାନଗର ନିଗମ କମିଶନରଙ୍କଠାରୁ ଅନୁମତି ନେଇପାରିବେ। ଓଡ଼ିଶା ଦିବସ ପାଳନରେ କରୋନା କଟକଣାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ଟିକା ଯୋଗାଣରେ ପାତର ଅନ୍ତର ନ କରିବାକୁ କେନ୍ଦ୍ରକୁ ଅନୁରୋଧ

## ଦୈନିକ ୨ଲକ୍ଷ ଟିକାକରଣ ଲକ୍ଷ୍ୟ

### ଚିଠି ଲେଖିଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)



ରାଜ୍ୟ ସରକାର ଦିନକୁ ୨ ଲକ୍ଷ ଲୋକଙ୍କୁ କରୋନା ଟିକା ଦେବା ପାଇଁ ଯୋଜନା କରିଛନ୍ତି। ଆଗକୁ ଅଧିକ ଗ୍ରୀଷ୍ମ ପ୍ରବାହ ରହିଛି। ଏହା ପୂର୍ବରୁ ଟିକାକରଣ ଡ୍ରାଇଭ୍‌କୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଆବଶ୍ୟକ ଟିକା ମହଜୁଦ ନ ଥିବାରୁ ଟିକାକରଣ ବାଧାପ୍ରାପ୍ତ ହୋଇଛି। ଏପରିସ୍ଥିତିରେ ପର୍ଯ୍ୟାପ୍ତ ପରିମାଣର ଟିକା ଯୋଗାଇବା ସହ ଏକ୍ଷେତ୍ରରେ ପାତର ଅନ୍ତର ନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବଙ୍କୁ ଚିଠି ଲେଖିଛନ୍ତି। ସେ ଲେଖିଛନ୍ତି ଯେ, ଓଡ଼ିଶା ପାଖରେ ପର୍ଯ୍ୟାପ୍ତ ଟିକା ନାହିଁ। ସେହିଭଳି ତ୍ରୁଟିପୂର୍ଣ୍ଣ ଟିକା ଯୋଗାଣ ଯୋଗୁ ଓଡ଼ିଶା ବର୍ତ୍ତମାନ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ଟିକାକରଣ କରିବାକୁ ସମର୍ଥ ନୁହେଁ। କିନ୍ତୁ ଓଡ଼ିଶା ବ୍ୟତୀତ ଅନେକ ରାଜ୍ୟ ଦୈନିକ ୩ ଲକ୍ଷ ଟିକାକରଣ ହାସଲ କରୁଛନ୍ତି। କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଟିକା ଅଛି। ତେଣୁ ଟିକା ଯୋଗାଣରେ ରାଜ୍ୟ ମଧ୍ୟରେ କୌଣସି ଭେଦଭାବ ନ ରଖିବା ଉଚିତ୍ ବୋଲି ପ୍ରଦୀପ୍ତ ତାଙ୍କ ଚିଠିରେ ଲେଖିଛନ୍ତି।

ଏ ସମ୍ପର୍କରେ ପ୍ରଦୀପ୍ତ କହିଛନ୍ତି, ଟିକାକରଣ ଡ୍ରାଇଭ୍‌କୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ପର୍ଯ୍ୟାପ୍ତ ଟିକା ଯୋଗାଣକୁ ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଏହା ଏକ ନିରବଚ୍ଛିନ୍ନ ଟିକାକରଣ ଡ୍ରାଇଭ୍‌କୁ ସହଜ କରିବ। ଇତିମଧ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟସେବା କର୍ମଚାରୀ, ସମ୍ମୁଖ ଯୋଦ୍ଧା, ୬୦ବର୍ଷରୁ ଊର୍ଦ୍ଧ୍ୱ ଓ ବହୁବିଧ ରୋଗୀଙ୍କୁ ୨୦ ଲକ୍ଷରୁ ଅଧିକ ଡୋଜ୍ ଟିକା ଦେଇଛି। ଏପ୍ରିଲ ୧ ରୁ ୪୫ ବର୍ଷରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ ଟିକାକରଣ କରାଯିବ। ଏହି ଲକ୍ଷ୍ୟ ପ୍ରାୟ ୧ କୋଟିହେବ ବୋଲି ରାଜ୍ୟ ଆକଳନ କରିଛି।

# ବିଧାନସଭା କର୍ମଚାରୀଙ୍କ ଲାଗି ସମୀକ୍ଷା କମିଟି ଗଠିତ

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

ଓଡ଼ିଶା ବିଧାନସଭା ସଚିବାଳୟର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି ଲାଗି ଆଭ୍ୟନ୍ତରୀଣ ସମୀକ୍ଷା କମିଟି ଗଠିତ ହୋଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିର୍ଦ୍ଦେଶରେ ଏହା ଗଠନ କରାଯାଇଛି। ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନା କରୁଥିବା କର୍ମଚାରୀଙ୍କୁ ପ୍ରୋତ୍ସାହନ ଭତ୍ତା ଦେବା ଲାଗି ଏହି କମିଟି ନିଷ୍ପତ୍ତି ନେଇପାରିବ। ସେହିପରି ଦକ୍ଷତା ପ୍ରଦର୍ଶନ କରୁ ନ ଥିବା ଏବଂ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ କମିଟି ସୁପାରିସ ମଧ୍ୟ କରିପାରିବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ କର୍ମଚାରୀଙ୍କ କ୍ଷେତ୍ରରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ ହୋଇଛି। ଏଥିରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ପେନ୍‌ସନ୍ ବିଭାଗ, ଅର୍ଥ ବିଭାଗର ଅତିରିକ୍ତ ସଚିବ ପାହ୍ୟାର ଜଣେ ଲେଖାଏ ଅଧିକାରୀ, ବିଧାନସଭା ସଚିବ, ବିଧାନସଭା ସଚିବାଳୟ ପ୍ରତିଷ୍ଠାନ ଶାଖା ଉପଶାସନ ସଚିବ ସଦସ୍ୟ ରହିବେ। ସେହିପରି ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ଷେତ୍ରରେ ବିଧାନସଭା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ପ୍ରତିଷ୍ଠାନ ଶାଖାର ଉପଶାସନ ସଚିବ ଓ ଅନୁଶାସନ ସଚିବ ସଦସ୍ୟ ରହିବେ।

# ଭାଜପାରୁ ନାମାଙ୍କନ ଦାଖଲ କଲେ ଆଶ୍ରିତ

ପୁରୀ ଅଫିସ/ପିପିଲି (ସ୍ୱ.ପ୍ର.),୨୬ା୩

## 'ପରିବର୍ତ୍ତନ ଚାହୁଁଛନ୍ତି ଅଞ୍ଚଳବାସୀ'



ପୁରୀ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଶ୍ରିତ ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ଶୁକ୍ରବାର ଭାଜପାର ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଶ୍ରିତ ପିପିଲିରୁ ଏକ ଶୋଭାଯାତ୍ରାରେ ଆସି ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ କାର୍ଯ୍ୟାଳୟରେ ପହଞ୍ଚି ୩ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନରେ ଆଶ୍ରିତ ପିପିଲି ନିକଟସ୍ଥ ସଙ୍କଟମୋଚନ ହନୁମାନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ପିପିଲି ଚାନ୍ଦୁଆ ବଜାର, ହାଟଛକ ଦେଇ ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର, ସାତସଙ୍ଖ ଅତିକ୍ରମ କରି ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ। ଏହି ଅବସରରେ ଆଶ୍ରିତ କହିଛନ୍ତି, ଭୁବନେଶ୍ୱର ଉପକଣ୍ଠର ପିପିଲି ଏକ ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ଏଠାକାର ବିକାଶ ଆଖିଦୃଶିଆ ହୋଇପାରିନାହିଁ। ଦୀର୍ଘଦିନ ଧରି ବିଜେଡି ଶାସନରେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଉପରେ ଆଞ୍ଚ ଆସିଛି। ଅଞ୍ଚଳବାସୀ ଏଥର ପରିବର୍ତ୍ତନ ସପକ୍ଷରେ ରହିଛନ୍ତି ଓ ଏହାର ପ୍ରମାଣ ଗତ ନୂଆଶାସନ ପଞ୍ଚାୟତ ନିର୍ବାଚନରେ ମିଳିସାରିଛି। ବିଜେଡିର ଛାମୁଆ ନେତାମାନେ ଏକ ପଞ୍ଚାୟତ ନିର୍ବାଚନ ପାଇଁ ଜୋର୍‌ଦାର ପ୍ରଚାର କରିବା ସତ୍ତ୍ୱେ ଦଳ ପରାସ୍ତ ହୋଇଛି। ପିପିଲିବାସୀଙ୍କ ଭଲ ପାଇବା ଭାଜପାକୁ ବିଜୟୀ କରାଇବ। ଅନ୍ୟପକ୍ଷରେ ବରିଷ୍ଠ ନେତା ଓମ୍ ପ୍ରକାଶ ମିଶ୍ର କହିଛନ୍ତି, ଏହି ଅଞ୍ଚଳରେ ଜଳ ନିଷ୍କାସନଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ଜଳସେଚନ ଭଳି ଅନେକ ପ୍ରସଙ୍ଗ ରହିଛି। ଭାଜପା ସରକାରକୁ ଆସିଲେ ଏହି କ୍ଷେତ୍ର ଉପରେ ଧ୍ୟାନ ଦେଇ ସାମୂହିକ ବିକାଶ ପାଇଁ ଚେଷ୍ଟା କରିବ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଏଥର ବିଜେଡିର ମାଇକ୍ରୋ ଇଲେକ୍ସନ୍ ପରିଚାଳନାକୁ କାଉଣ୍ଟର କରିବାକୁ ଚଳିତ ଉପନିର୍ବାଚନରେ ଭାଜପା ପ୍ରସ୍ତୁତ ଅଛି। ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଆଶ୍ରିତ ସ୍ୱାଧୀନ ଭାବେ ଲଢ଼ି ୧୬ ହଜାର ଭୋଟ ପାଇଥିଲେ। ସେ ୨୦୧୯ ସାଧାରଣ ନିର୍ବାଚନରେ ୭୨ ହଜାର ଭୋଟ ପାଇ ହାରିଯାଇଥିଲେ ମଧ୍ୟ ପ୍ରଦୀପ ମହାରଥୀଙ୍କୁ କଡ଼ା ଟକ୍କର ଦେଇଥିଲେ।

# ୟୁଆଇଡିଏଆଇ ସିଇଓ ହେଲେ ସୌରଭ ଗର୍ଗ

ଭୁବନେଶ୍ୱର,୨୬ା୩(ବ୍ୟୁରୋ)

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ବରିଷ୍ଠ ଅଧିକାରୀ ସୌରଭ ଗର୍ଗଙ୍କୁ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସୌରଭ ବର୍ତ୍ତମାନ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ଆଇଏଏସ୍ ଅଫିସର ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଗଣଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସନ୍ତୋଷ ଷଡ଼ଙ୍ଗୀ ପୁଣି ଦିଲ୍ଲୀ ଡେପୁଟେଶନରେ ଯିବେ। ସେ ଏବେ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ଚନ୍ଦ୍ରଶେଖର କୁମାରଙ୍କୁ ଜିଏସ୍‌ଟି କାଉନ୍‌ସିଲର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବିଭାଗ ବ୍ୟାପାର ଅତିରିକ୍ତ ସଚିବ ଅଛନ୍ତି।

# ଆଜି ଓକିଲ ସଂଘ ନିର୍ବାଚନ

କଟକ ଅଫିସ୍/ ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

ରାଜ୍ୟ ବାର୍ କାଉନ୍‌ସିଲ ସହ ଅନୁବନ୍ଧିତ ସମସ୍ତ ଓକିଲ ସଂଘର ନିର୍ବାଚନ ଶନିବାର କରୋନା କଟକଣା ଭିତରେ ଅନୁଷ୍ଠିତ ହେବ। ନିର୍ବାଚନ 'ୱାନ୍ ବାର ୱାନ୍ ଭୋଟ' ଆଧାରରେ ହେବ। ସକାଳ ୮ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୪ଟାରୁ ଭୋଟ୍ ଗଣତି ଆରମ୍ଭ କାରାଯାଇ ଫଳାଫଳ ଘୋଷଣା କରାଯିବ। ବୁଥ୍ ମଧ୍ୟକୁ ଏକ ସମୟରେ ୧୫ରୁ ଅଧିକ ବ୍ୟକ୍ତି ନ ଯିବାକୁ କୁହାଯାଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ପି.କେ. ମହାପାତ୍ର ପୋଲିସ କମିଶନର, କଟକ ଓ ଭୁବନେଶ୍ୱରର ଡେପୁଟି ପୋଲିସ କମିଶନର, ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।



ଜିଲାପାଳଙ୍କୁ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ସଂକ୍ଷିପ୍ତ ପ୍ରୋଜେକ୍ଟ ରିପୋର୍ଟ ପ୍ରଦାନ କରୁଛନ୍ତି।

# କାଠଯୋଡ଼ି, କୁଆଖାଇ ନଦୀରେ ବ୍ୟାରେଜ ନିର୍ମାଣ ହେଉ

କଟକ ଅଫିସ, ୨୬ା୩

ରାଜ୍ୟ ସରକାର ବିଭିନ୍ନ ନଦୀର ଜଳକୁ ସଂଗ୍ରହ କରି ରଖିବା ସହ ଜନ କଲ୍ୟାଣରେ ବ୍ୟବହାର କରିବା ପାଇଁ ପ୍ରାଧାନ୍ୟ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ କାଠଯୋଡ଼ି ଓ କୁଆଖାଇ ନଦୀର ଜଳକୁ ଗ୍ରୀଷ୍ମଋତୁରେ କିପରି ସଂରକ୍ଷିତ ରଖାଯାଇପାରିବ ସେ ନେଇ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏକ ପ୍ରୋଜେକ୍ଟ ରିପୋର୍ଟ ପ୍ରଦାନ କରାଯାଇଛି। ବର୍ଷାଋତୁରେ କାଠଯୋଡ଼ି ଓ କୁଆଖାଇ ନଦୀରେ ଜଳ ଭରପୂର ରହୁଥିବାବେଳେ ଗ୍ରୀଷ୍ମଋତୁରେ ସମ୍ପୂର୍ଣ୍ଣ ଶୁଖିଯାଉଛି। ଫଳରେ ସହରର ତାପମାତ୍ରା ବୃଦ୍ଧି ପାଇବା ସହ ଜଳ ସମସ୍ୟା ସୃଷ୍ଟି ହେଉଛି। ଏହି ନଦୀ ଜଳକୁ ଗ୍ରୀଷ୍ମଋତୁ ପାଇଁ ସଂରକ୍ଷିତ ରଖିବା ସମ୍ପର୍କରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କଟକ ଜିଲାପାଳଙ୍କ ବାସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚୟନୀଙ୍କୁ ଏକ ସଂକ୍ଷିପ୍ତ ପ୍ରୋଜେକ୍ଟ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ପ୍ରୋଜେକ୍ଟ ରିପୋର୍ଟରେ ଦର୍ଶାଯାଇଛି, ବର୍ଷାଋତୁରେ ଏହି ନଦୀର ପାଣି ସମୁଦ୍ରରେ ମିଶି ନଷ୍ଟ ହେଉଛି। ପୁରୀଘାଟ ନିକଟରୁ କାଠଯୋଡ଼ି ଓ କୁଆଖାଇ ନଦୀରେ ଦୁଇଟି ସ୍ୱଳ୍ପ ଉଚ୍ଚତାର ବ୍ୟାରେଜ ନିର୍ମାଣ କରାଗଲେ ନଦୀ ଜଳ ନଷ୍ଟ ହେବନାହିଁ। ଗ୍ରୀଷ୍ମଋତୁରେ ଗଚ୍ଛିତ ନଦୀ ଜଳକୁ ବ୍ୟବହାର କରାଯାଇପାରିବ। ଏହି ଜଳରେ ମାଛଚାଷ କରାଯିବା ସହ ସହରବାସୀ ଜଳକ୍ରୀଡାର ଆନନ୍ଦ ନେଇପାରିବେ। ଗ୍ରୀଷ୍ମଋତୁରେ ସହରବାସୀ ଜଳ କଷ୍ଟରୁ ମୁକ୍ତି ପାଇବେ। ଏଥିସହ ସହରର ଉପକଣ୍ଠ ଗ୍ରାମବାସୀ ଏଥିରୁ ଉପକୃତ ହୋଇପାରିବେ। ଏହି ବ୍ୟାରେଜ କରାଗଲେ ପୁରାତନ ସହରର ହୃତ ଗୌରବ ଫେରିବା ସହ ନଦୀ ଶଯ୍ୟାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସାମନ୍ତରାୟ କହିଥିଲେ, ଏହି ପ୍ରୋଜେକ୍ଟ ପାଇଁ ଆନୁମାନିକ ୧୦୦ରୁ ୧୫୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ। ଏହି ବ୍ୟାରେଜ ନିର୍ମାଣ ହେଲେ କଟକରୁ ଭୁବନେଶ୍ୱର, ଆଠଗଡ଼, ବାଙ୍କୀ ଆଦି ଅଞ୍ଚଳକୁ ଗମନାଗମନ ସୁବିଧା ହୋଇପାରିବ। ବ୍ୟାରେଜ ନିର୍ମାଣ ହେଲେ ଗଚ୍ଛିତ ଜଳ ସହରର ତାପମାତ୍ରା ହ୍ରାସ କରିବା ସହ ବର୍ଷ ସାରା ଜଳକଷ୍ଟରୁ ସହରବାସୀଙ୍କୁ ମୁକ୍ତିଦେବାରେ ସହାୟକ ହେବ। ଏ ନେଇ ଚୟନୀ କହିଥିଲେ, ସାମନ୍ତରାୟ ଦେଇଥିବା ପ୍ରୋଜେକ୍ଟ ରିପୋର୍ଟ ସ୍ୱାଗତଯୋଗ୍ୟ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବି। ଏହାପରେ ତାଙ୍କର ମତାମତ ନେଇ ସରକାରଙ୍କ ନିକଟରେ ଉପସ୍ଥାପନ କରିବି।



**ଏବେ ବି ତୁମକୁ ଝୁରୁଛି ମା'**
ବଲିଉଡ୍ ଅଭିନେତା ଅର୍ଜୁନ କପୁର ଗୁରୁବାର ମା' ମୋନା ଶୌରୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କୁ ମନେ ପକାଇ ପୁଣି ଥରେ ମୋ ପାଖକୁ ଫେରିଆସ ବୋଲି ଲେଖିଛନ୍ତି।

୧୬ | ୧୮

**ସାଇନା ସେମିଫାଇନାଲରେ**
ସାଇନା ନେହ୍ୱାଲ ଓର୍ଲିନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ପୋଲିସ ଗୁଳିରେ ୪ ନିହତ

## ବାଂଲାଦେଶରେ ମୋଦିଙ୍କୁ ପ୍ରବଳ ବିରୋଧ

**ଢାକା,୨୬।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇଦିନିଆ ବାଂଲାଦେଶ ଗସ୍ତକୁ ପଡ଼ୋଶୀ ଦେଶରେ ପ୍ରବଳ ବିରୋଧ କରାଯାଇଛି। ମୋଦିଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ଗୁଳି ଚଳାଇଛି। ଏଥିରେ ୪ ନିହତ ଓ ଅନେକେ ଆହତ ହୋଇଛନ୍ତି। ରାଜଧାନୀ ଢାକା ସମେତ ଦେଶର ବିଭିନ୍ନ ସ୍ଥାନରେ ମୋଦି ବିରୋଧୀ ବିକ୍ଷୋଭ ବେଳେ ଗୋଷ୍ଠୀ ସଂଘର୍ଷରେ ବହୁ ଲୋକ ଆହତ ହୋଇଥିବା ଜଣାପଡ଼ିଛି।

୧୯୭୧ ମାର୍ଚ୍ଚ ୨୬ରେ ପାକିସ୍ତାନଠାରୁ ଅଲଗା ହୋଇ ବାଂଲାଦେଶ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିଲା। ଏହାର ୫୦ ବର୍ଷ ପୂର୍ତ୍ତି ତଥା ବାଂଲାଦେଶ ରାଷ୍ଟ୍ରନାୟକ ବଙ୍ଗବନ୍ଧୁ ଶେଖ୍ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଛି। ବାଂଲାଦେଶ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ୧୦ ଦିନ ଧରି ପାଳନ କରାଯାଉଥିବାବେଳେ ଶ୍ରୀଲଙ୍କା, ନେପାଳ, ଭୁଟାନ ଓ ମାଳଦ୍ୱୀପର ନେତାମାନେ ଗସ୍ତ ଶେଷ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦୁଇଦିନିଆ ବାଂଲାଦେଶ ଗସ୍ତରେ ଯାଇଛନ୍ତି। ଢାକାସ୍ଥିତ ହଜରତ୍ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ତାଙ୍କୁ ମୁଜିବୁର ରହମାନଙ୍କ ଝିଅ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସ୍ୱାଗତ କରିଛନ୍ତି। ଉଭୟେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ତେବେ ମୋଦିଙ୍କ ଗସ୍ତକୁ ବିରୋଧ କରି ବାଂଲାଦେଶରେ ବ୍ୟାପକ ହିଂସା ଦେଖିବାକୁ ମିଳିଛି। ଭାରତରେ ମୁସଲମାନ ସମୁଦାୟକୁ ଦ୍ୱିତୀୟ ଶ୍ରେଣୀ ନାଗରିକ କରିବା ଲାଗି ମୋଦି ସରକାର ଅନେକ ଆଇନ ଆଣିଛନ୍ତି। ଶେଖ୍ ମୁଜିବୁର ରହମାନ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପାଇଁ ଲଢ଼େଇ କରିଥିବାବେଳେ ମୋଦି ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ସ୍ଥାନୀୟ ଲୋକେ ତାଙ୍କୁ ବିରୋଧ କରିଛନ୍ତି। ଏହି ବିଷୟ ମୋଦିଙ୍କ ଗସ୍ତ ପୂର୍ବରୁ ସେଠାକାର ଗୋଇନ୍ଦା ଓ ପୋଲିସ ବିଭାଗକୁ ଜଣାଥିଲେ ମଧ୍ୟ ସେମାନେ ଏହାକୁ ଅଣଦେଖା କରିଥିଲେ, ଯାହାର କୁପରିଣାମ ଶୁକ୍ରବାର ଦେଖିବାକୁ ମିଳିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ବିରୋଧ କରି ବାଂଲାଦେଶ ରାଜଧାନୀ ଢାକାରେ ବିକ୍ଷୋଭକାରୀଙ୍କ ଜଳାପୋଡ଼ା।

### ସଂଘର୍ଷରେ ଅନେକ ଆହତ

ଢାକାର ମୁଖ୍ୟ ମସ୍‌ଜିଦରେ ଶୁକ୍ରବାର ନମାଜ ପାଠ ପରେ ମୋଦିଙ୍କ ଗସ୍ତକୁ ବିରୋଧ କରାଯାଇଥିଲା। ବୈତୁଲ ମୋକରମ୍ ମସ୍‌ଜିଦ୍ ବାହାରେ ଗୋଟିଏ ଗୋଷ୍ଠୀ ମୋଦିଙ୍କୁ ଅସମ୍ମାନ କରିବା ଉଦ୍ଦେଶ୍ୟରେ ଜୋତା ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋଦି ୨୦୦୨ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଗୋଧ୍ରା ଦଙ୍ଗାରେ ୧,୦୦୦ରୁ ଊର୍ଦ୍ଧ୍ୱ ମୁସଲମାନଙ୍କ ଜୀବନ ଯାଇଥିଲା। ଗୁଜରାଟ, କଶ୍ମୀର ଓ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ମୋଦି ମୁସଲମାନମାନଙ୍କୁ ହତ୍ୟା କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ହେବା ପରେ ଭାରତରେ ମୁସଲମାନ ବିରୋଧୀ ଆଇନ ପ୍ରଣୟନ କରିବାରେ ଲାଗିଛନ୍ତି। ତେଣୁ ଆମେ ତାଙ୍କୁ ଚାହୁଁନାହୁଁ। ତାଙ୍କ ଭଳି ନେତା ବାଂଲାଦେଶର ୫୦ତମ ସ୍ୱାଧୀନତା ଦିବସକୁ ଅତିଥି ହୋଇ ଆସିବା ଅନୁଚିତ। 'ଗୋ ବ୍ୟାକ୍ ମୋଦି' ବୋଲି ☞ପୃଷ୍ଠା-୨

## ସାଇରସ୍ ମିସ୍ତ୍ରିଙ୍କୁ ସୁପ୍ରିମକୋର୍ଟ ଝଟକା



### ଟାଟା ସନ୍ସ ନିଷ୍ପତ୍ତି କାଏମ

**ନୂଆଦିଲ୍ଲୀ,୨୬।୩**

ଟାଟା ସନ୍ସ-ସାଇରସ୍ ମିସ୍ତ୍ରି ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଶୁଣାଣି କରିଛନ୍ତି। ଏଥିରେ ସାପୋରଜୀ ପାଲୋଜୀ ଗ୍ରୁପ୍ ମୁଖ୍ୟ ସାଇରସ୍ ମିସ୍ତ୍ରିଙ୍କୁ ଝଟକା ଲାଗିଛି। ମିସ୍ତ୍ରିଙ୍କୁ ପୂର୍ବରୁ ଟାଟା ଗ୍ରୁପ୍ ଅଧ୍ୟକ୍ଷ ପଦବୀରୁ ବରଖାସ୍ତ କରାଯାଇଥିଲା। ଏହାକୁ ନେଇ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଟାଟା ସନ୍ସର ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଥିବା ଜଣାପଡିଛି। ଏହି ମାମଲାରେ ଉଭୟ ଟାଟା ଗ୍ରୁପ୍ ଏବଂ ସାଇରସ୍ ମିସ୍ତ୍ରି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଏହି ମାମଲା ଉପରେ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) ଶୁଣାଣି କରିଥିଲେ। ଉକ୍ତ ଶୁଣାଣି ସାଇରସ୍ ମିସ୍ତ୍ରିଙ୍କ ସପକ୍ଷରେ ଯାଇଥିଲା।

ଅପରପକ୍ଷରେ, ଟାଟା ସନ୍ସରେ ମିସ୍ତ୍ରିଙ୍କ ଗ୍ରୁପ୍ ଫାର୍ମର ରହିଥିବା ଇକ୍ୱିଟି ଶେୟାରର ଠିକ୍ କ୍ଷତିପୂରଣ ପ୍ରଦାନ ନେଇ ହୋଇଥିବା ଆବେଦନ ଉପରେ ଶୁଣାଣି କରିବାକୁ କୋର୍ଟ ଅଗ୍ରାହ୍ୟ ☞ପୃଷ୍ଠା-୨

## ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ

■ ଆସାମର ୪୭, ପଶ୍ଚିମବଙ୍ଗର ୩୦ ଆସନରେ ଭୋଟ

**ନୂଆଦିଲ୍ଲୀ,୨୬।୩**

ଆସାମ ଓ ପଶ୍ଚିମବଙ୍ଗ ବିଧାନସଭା ଲାଗି ଶନିବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବାକୁ ଯାଉଛି। ଏଥିପାଇଁ ଗୁରୁବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହୋଇଥିଲା। ଏହି ପର୍ଯ୍ୟାୟରେ ଆସାମର ୪୭ ଏବଂ ପଶ୍ଚିମବଙ୍ଗର ୩୦ ଆସନରେ ମତଦାନ ହେବ। ଆସାମର ୧୧,୫୩୦ ବୁଥ୍‌ରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୨୩ ମହିଳାଙ୍କ ସମେତ ୨୬୪ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନ ପାଇଁ ସମ୍ପୃକ୍ତ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୋଟଗ୍ରହଣ ହେବାକୁଥିବା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ପାଟ୍ରୋଲିଂ ଓ ବିଭିନ୍ନ ସ୍ଥାନରେ ଯାଞ୍ଚ ପାଇଁ ଅଧିକ ପୋଲିସ ଓ ଅର୍ଦ୍ଧସାମରିକ ଯବାନଙ୍କୁ ନିୟୋଜିତ କରାଯାଇଛି। ଆସାମରେ ୩ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାବେଳେ ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ଭୋଟ ହେବାକୁ ଯାଉଛି। ପଶ୍ଚିମବଙ୍ଗର ୩୦ ଆସନରେ ଭୋଟ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିସାରିଛନ୍ତି। ଶାନ୍ତିପୂର୍ଣ୍ଣ ତଥା ଭୟମୁକ୍ତ ପରିବେଶ ଲାଗି ପଶ୍ଚିମବଙ୍ଗରେ ସର୍ବାଧିକ ଅର୍ଦ୍ଧସାମରିକ ଯବାନଙ୍କୁ ନିୟୋଜିତ କରାଯାଇଛି।

## ରୁଦ୍ର ମହାରଥୀ ବିଜେଡି ପ୍ରାର୍ଥୀ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

ପିପିଲି ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିବାର ଦିନକ ପରେ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ରପ୍ରତାପ ମହାରଥୀଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରମିଳା ମଲିକ, ସଞ୍ଜୟ ଦାସବର୍ମା, ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ମହାରଥୀଙ୍କ ସ୍ତ୍ରୀ ଏବଂ ପୁଅଙ୍କ ମଧ୍ୟରୁ କାହାକୁ ଟିକେଟ ମିଳିବ ସେନେଇ ପ୍ରତ୍ୟେକ ଦିନ ଚର୍ଚ୍ଚା



ଜୋର ଧରିଥିଲା। ଉଭୟ ମା' ଏବଂ ପୁଅ ଟିକେଟ ନେବାକୁ ଆଶାୟୀ ଥିଲେ। ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀ ମଧ୍ୟ ଭାଗ ଭାଗ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେତେଜଣ ମହାରଥୀଙ୍କ ସ୍ତ୍ରୀଙ୍କ ସପକ୍ଷରେ ବାରମ୍ବାର ମତ ବାଢୁଥିଲା ବେଳେ ଆଉ କେତେଜଣ ରୁଦ୍ରଙ୍କ ପାଇଁ ଲବି ଚଳାଇଥିଲେ। ଶେଷରେ ରୁଦ୍ରଙ୍କ ସପକ୍ଷରେ ଦଳୀୟ ସଭାପତିଙ୍କ ମତ ଯିବାପରେ ମା' ଓ ପୁଅଙ୍କୁ ପୃଥକ୍ ଭାବେ ସମର୍ଥନ କରୁଥିବା ବିଜେଡିର ଦୁଇ ଗୋଷ୍ଠୀଙ୍କୁ ଦଳ କିପରି ଏକାଠି କରିପାରିବ ସେନେଇ ଚର୍ଚ୍ଚା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
 କୋର୍ଟଙ୍କ କଡ଼ା ନିର୍ଦ୍ଦେଶ

# ବନ୍ଦକୁ ସମର୍ଥନ



ଭୁବନେଶ୍ୱର କ୍ରାଉନ୍ ଛକରୁ ଜଣେ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଉଛି। **(ଫଟୋ ଫିଚର: ପୃଷ୍ଠା-୯)**

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନକୁ ବିରୋଧ କରି ସଂଯୁକ୍ତ କୃଷକ ମୋର୍ଚ୍ଚା ଏବଂ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦକୁ ଓଡ଼ିଶାରେ ସମର୍ଥନ ମିଳିଛି। ରାଜ୍ୟର ବିଭିନ୍ନ ଜିଲାରେ ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ, ବସ୍, ଟ୍ରକ୍ ଚଳାଚଳ ବନ୍ଦ ରହିଥିଲା। କୃଷକ ସଙ୍ଗଠନର

### ସଫଳ ହୋଇଛି ଓଡ଼ିଶା ବନ୍ଦ: ସମନ୍ୱୟ ସମିତି

ପ୍ରତିନିଧିମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ରାସ୍ତାରୋକୋ କରିଥିଲେ। ବସ୍, ଟ୍ରେନ ଚଳାଚଳ ହେଉ ନ ଥିବାରୁ ଦୂରସ୍ଥାନକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କଟକ, ଭୁବନେଶ୍ୱରଠାରୁ ଆରମ୍ଭ କରି ଖୋର୍ଦ୍ଧା, ପୁରୀ, କଟକ, ଯାଜପୁର, ଭଦ୍ରକ, ସମ୍ବଲପୁର, ବାଲେଶ୍ୱର, କୋରାପୁଟ, ରାୟଗଡ଼ା ଆଦି ଜିଲାର କେତେକ ସ୍ଥାନରେ କୃଷକ ନେତାମାନେ ଜାତୀୟ ରାଜପଥ ଅବରୋଧ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଥିଲେ।

ରାଜ୍ୟର ୧୬ଟି ପ୍ରମୁଖ କୃଷକ ସଙ୍ଗଠନକୁ ନେଇ ଗଠିତ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ☞ପୃଷ୍ଠା-୨

# କୃଷି ଆଇନ ପ୍ରତ୍ୟାହାର ଦାବିରେ ଗୃହ କମ୍ପିଲା

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପ୍ରଣୀତ ୩ କୃଷି ଆଇନକୁ ବିରୋଧ କରି ବିଧାନସଭା ବାହାରେ କୃଷକ ସଂଗଠନଗୁଡ଼ିକ ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦେଇଥିବାବେଳେ ଶୁକ୍ରବାର ବିଧାନସଭାରେ ଏହାର ତାତି ଦେଖିବାକୁ ମିଳିଥିଲା। ଏହି ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୂଲ କରିଛନ୍ତି। ଶୁକ୍ରବାର ବିଧାନସଭା ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ହଟ୍ଟଗୋଳ କରି ଗୃହ କାର୍ଯ୍ୟକୁ ଠପ୍ କରି ଦେଇଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହରେ କୌଣସି କାର୍ଯ୍ୟ ହୋଇପାରି ନ ଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବାଧହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ମହମ୍ମଦ ମୋକିମ, ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ଚାଷୀ ବିରୋଧୀ ଆଇନ ☞ପୃଷ୍ଠା-୨



■ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ
■ ହୋଇପାରିଲାନି ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନା

# ୩ ଜିଲାକୁ ହିଟ୍ ୱେଭ୍

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଲାଗି ରହିବ। ଖୋର୍ଦ୍ଧା, ନୟାଗଡ଼ ଓ କଟକ ଜିଲାରେ ଅଧିକ ହିଟ୍ ୱେଭ୍ ଅନୁଭୂତ ହେବ। ତେଣୁ ଏହି ତିନି ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ଶୁକ୍ରବାର ରାଜ୍ୟର ୪ ସହର ଭୁବନେଶ୍ୱର, ମାଲକାନଗିରି, ନୟାଗଡ଼ ଓ ବୌଦ୍ଧରେ ସର୍ବାଧିକ ୪୦ ଡିଗ୍ରୀ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ଦେଶରେ ଶିଳ୍ପ ଅଭିବୃଦ୍ଧି ହ୍ରାସ ପାଇଥିବାବେଳେ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦାଢ଼ି ବଢୁଛି। ସେ ଷ୍ଟାଡିୟମକୁ ନିଜ ନାମରେ କରାଉଛନ୍ତି ଓ ବେଳେବେଳେ ନିଜକୁ ଗାନ୍ଧିଜୀ, ରବୀନ୍ଦ୍ରନାଥ ଟାଗୋରଙ୍କଠାରୁ ଊର୍ଦ୍ଧ୍ୱରେ ଦର୍ଶାଉଛନ୍ତି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଅଭ୍ନୀଶ୍ ପରିବାରବର୍ଗ


ସନ୍ଧ୍ୟାରାଣୀ ପରିବାରବର୍ଗ


ପ୍ରିୟାଂଶୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କୃଷି ଆଇନ ପ୍ରତ୍ୟାହାର ...

ପ୍ରତ୍ୟାହାର ଆମର ଦାବି...ଆମର ଦାବି, ଚାଷୀ ସୁରକ୍ଷା ଆମର ଦାବି...ଆମର ଦାବି... ସ୍ଲୋଗାନ ଦେଇ ବିଧାନସଭାକୁ ପ୍ରକମ୍ପିତ କରିଥିଲେ। ବାଚସ୍ପତି ସେମାନଙ୍କୁ ହଟ୍ଟଗୋଳରୁ ନିବୃତ୍ତ ରହିବାକୁ ଯେତେ ବୁଝାଇଥିଲେ ମଧ୍ୟ କଂଗ୍ରେସ ସଦସ୍ୟମାନେ ଶାନ୍ତ ହୋଇ ନ ଥିଲେ। ବାଚସ୍ପତି ବାଧ୍ୟହୋଇ ଗୃହକୁ ୧ ମିନିଟ ପରେ ୧୦ଟା ୩୧ରୁ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ପରିସ୍ଥିତିରେ କିଛି ପରିବର୍ତ୍ତନ ହୋଇ ନ ଥିଲା। କଂଗ୍ରେସ ସଦସ୍ୟମାନେ ପୁଣି ବାଚସ୍ପତିଙ୍କ ପୋଡିୟମ ଆଗରେ ହଟ୍ଟଗୋଳ କରିଥିଲେ। ଚାଷୀମାନଙ୍କୁ ସୁରକ୍ଷା ଦେବା ଆମର ଦାବି ... ଆମର ଦାବି... କହି ସ୍ଲୋଗାନ ଦେଇଥିଲେ। ଏହି ସମୟରେ ବାଚସ୍ପତି ଏକ ଘୋଷଣା କରିଥିଲେ। କହିଥିଲେ ଯେ, ମାର୍ଚ୍ଚ ୨୫ ତାରିଖ ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଦେଇଥିବା ସଂକଳ୍ପ ଶୁକ୍ରବାର କାର୍ଯ୍ୟପରାମର୍ଶଦାତା ବୈଠକରେ ଆଲୋଚନା ହେବାର ଥିଲା। ଶୁକ୍ରବାର ଗୃହରେ ଗୃହ, ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ଥିବାରୁ ସେହି ବୈଠକ ହୋଇପାରିବ ନାହିଁ। ଶନିବାର ଏହି ବୈଠକ ବସିବ ବୋଲି ସେ କହିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ କହିବାକୁ ଡାକିଥିଲେ। ହଟ୍ଟଗୋଳ ରୋକିବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ଅନ୍‌ଲାଇନରେ ଧାନ କିଣିବା ବ୍ୟବସ୍ଥା କରିଛନ୍ତି । ଯଦି ଜଣଙ୍କ ବାପାଙ୍କ ମୃତ୍ୟୁ ହୋଇଯାଉଛି ତେବେ ସେ ଆଧାର ଲିଙ୍କ୍ କରିପାରୁ ନାହାନ୍ତି। ସେମାନଙ୍କର ଧାନ ବିକ୍ରି ହୋଇପାରୁ ନାହିଁ। ସରକାର ଏହା ଉପରେ ବିଚାର କରି ଏଭଳି ଚାଷୀଙ୍କର ଧାନ କିପରି ବିକ୍ରି ହେବ ସେ ବିଷୟରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳରେ ମାତିଥାଆନ୍ତି। ବାଚସ୍ପତି ଅନ୍ୟ ଉପାୟ ନ ପାଇ ଗୃହକୁ ୧୧ଟା ୩୫ ମିନିଟରେ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ଣରେ ମଧ୍ୟ ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। କଂଗ୍ରେସ ସଦସ୍ୟ ହୋହାଲ୍ଲା କରିବାରୁ ଅପରାହ୍ଣରେ ୪ଟା ୨ରୁ ୫ଟା ଏବଂ ପୁଣି ୫ଟା ୩୦ ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ବାରମ୍ବାର ହଟ୍ଟଗୋଳ ଯୋଗୁ ଗୃହ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ଆଲୋଚନା ହୋଇ ନ ପାରି ଗିଲୋଟିନକୁ ଯାଇଛି। ବାଚସ୍ପତି ଗୃହକୁ ଶନିବାର ପୂର୍ବାହ୍ଣ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

## ରୁଦ୍ର ମହାରଥୀ ବିଜେଡି ...

ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ କରିଥିବା ଆଶ୍ରିତ ପଟ୍ଟନାୟକଙ୍କ ଉପରେ ପୁଣିଥରେ ଭରସା କରିଛି। ହେଲେ କଂଗ୍ରେସ ଏ ପର୍ଯ୍ୟନ୍ତ ନିଜର ପ୍ରାର୍ଥୀ ଘୋଷଣା କରିପାରିନାହିଁ। ଟିକେଟ ମିଳିବା ପରେ ବିଜେଡି ପ୍ରାର୍ଥୀ ରୁଦ୍ର ଗଣମାଧ୍ୟମକୁ କହିଛନ୍ତି, ମା', ବାପାଙ୍କ ଆଶୀର୍ବାଦ, ପିପିଲି ଓ ଡେଲାଙ୍ଗବାସୀଙ୍କ ସହଯୋଗ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶ୍ୱାସ ଯୋଗୁ ତାଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଛି। ଏଥିଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପିପିଲି, ଡେଲାଙ୍ଗ ମାଟିର ଉନ୍ନତି ଓ ପ୍ରଗତି ହିଁ ମୁଖ୍ୟ ଉଦ୍ଦେଶ୍ୟ। ମା, ବାପାଙ୍କ ଯେଉଁ ଅଧୁରା ସ୍ୱପ୍ନ ରହିଯାଇଛି ତାହା ପୂରଣ କରିବେ। ରାସ୍ତାଘାଟ କାର୍ଯ୍ୟ ସହିତ ଫନୀରେ ନିଜର ସବୁକିଛି ହରାଇଥିବା ଗରିବ ଜନସାଧାରଣଙ୍କ ପାଇଁ କାମ କରିବେ ବୋଲି ସେ କହିଛନ୍ତି। ଟିକେଟ ମିଳିବା ସମ୍ପର୍କରେ ସେ କହିଛନ୍ତି, ତାଙ୍କୁ ଟିକେଟ ଦିଆଯିବା ଯାହା, ତାଙ୍କ ମା'ଙ୍କୁ ମିଳିବା ସେଇଆ। ତାଙ୍କ ସହ ମା'ଙ୍କ ଆଶୀର୍ବାଦ ସବୁବେଳେ ରହିଛି। ବାପା, ମା'ଙ୍କ ବିନା ତାଙ୍କର କିଛି ଅସ୍ତିତ୍ୱ ନାହିଁ ବୋଲି ରୁଦ୍ର କହିଛନ୍ତି। ଆସନ୍ତା ଏପ୍ରିଲ ୧୭ରେ ପିପିଲି ଉପନିର୍ବାଚନ ହେବାକୁ ଥିବାବେଳେ ୩୦ରେ ନାମାଙ୍କନ ଦାଖଲର ଶେଷଦିନ। ଶୁକ୍ରବାର ଆଶ୍ରିତ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସୂଚନାଥାଉ କି, ଗତ ଅକ୍ଟୋବରରେ ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କ ପରଲୋକ ହେବାଠାରୁ ପିପିଲି ବିଧାନସଭା ଆସନ ଖାଲିପଡିଛି। ୨୦୧୯ ସାଧାରଣ ନିର୍ବାଚନରେ ପ୍ରଦୀପ ମହାରଥୀଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ହୋଇ ଆଶ୍ରିତ ପଟ୍ଟନାୟକ ଲଢ଼ିଥିଲେ। ସେଥର ନିର୍ବାଚନରେ ଆଶ୍ରିତଙ୍କୁ ୭୨,୭୩୧ ଖଣ୍ଡ ଭୋଟ ମିଳିଥିଲା। ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀ ୮୮,୫୧୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ୧୫,୭୮୭ ଭୋଟରେ ଆଶ୍ରିତ ପରାସ୍ତ ହୋଇଥିଲେ। ଏହାପୂର୍ବରୁ ୨୦୧୪ ସାଧାରଣ ନିର୍ବାଚନରେ ମଧ୍ୟ ଆଶ୍ରିତ ଲଢ଼ି ୧୮,୦୦୦ ଭୋଟ ପାଇଥିଲେ। ତେବେ ଏଥର ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଉଛି।

## ୩ ଜିଲାକୁ ହିଟ୍ ...

ତାପମାତ୍ରା ରେକର୍ଡ କରାଯାଇଛି। ଏହା ତଳକୁ କଟକ ଓ ଝାରସୁଗୁଡ଼ାରେ ୩୮.୪, ଅନୁଗୋଳ ୩୯.୧, ବାରିପଦା ୩୮.୬, ସମ୍ବଲପୁର, ଟିଟିଲାଗଡ଼ ଓ ସୋନପୁରରେ ୩୯.୫, ସୁନ୍ଦରଗଡ଼ ୩୭.୫, ହୀରାକୁଦ ୩୯.୧, ତାଳଚେର ୩୯.୫, ଭବାନିପାଟଣା ୩୮.୬, ବଲାଙ୍ଗୀରରେ ୩୯.୭ ଡିଗ୍ରୀ ରହିଛି।

ଅନ୍ୟପକ୍ଷରେ ତାତିରୁ ଆଶ୍ୱସ୍ତି ଦେବ ବର୍ଷା। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କୋରାପୁଟ, ଗଞ୍ଜାମ, ଗଜପତି, ଯାଜପୁରରେ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ୨୮ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଏବଂ ୨୯ରେ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାର କେତେକ ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏସବୁ ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ତେଣୁ ଏହି ଦୁଇଦିନ ଏ ସମସ୍ତ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ପ୍ରଥମ ପୃଷ୍ଠାରୁ...

## ପୋଲିସ ଗୁଳିରେ ...

ବିକ୍ଷୋଭକାରୀମାନେ ସ୍ଲୋଗାନ ଦେଇଥିଲେ। ଅନ୍ୟ ଗୋଷ୍ଠୀ ସେମାନଙ୍କୁ ଏଥିରୁ କ୍ଷାନ୍ତ ରହିବାକୁ କହିଥିଲେ। ଫଳରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିକ୍ଷୋଭକାରୀମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ ସହ ରବର ବୁଲେଟ୍ ଚଳାଇଥିଲା। ଏଥିରେ ଅନେକେ ଆହତ ହୋଇଛନ୍ତି। ବହୁ ସଂଖ୍ୟକ ବିକ୍ଷୋଭକାରୀ ପୋଲିସ ଉପରକୁ ଜୋତା ଓ ଟେକାପଥର ଫିଙ୍ଗିବା ପରେ ସୁରକ୍ଷା ବଳ ସେମାନଙ୍କୁ ଟାର୍ଗେଟ କରି ଗୁଳି ଚଳାଇଥିଲା। ଏଥିରେ ଖବରଦାତାଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଢାକା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଜୋତାଧାରୀ ବିକ୍ଷୋଭକାରୀଙ୍କୁ ବିରୋଧ କରିଥିବା ବିକ୍ଷୋଭକାରୀମାନେ ଶାସକ ଆୱାମି ଲିଗ୍ ପାର୍ଟିର ସମର୍ଥକ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଗୁରୁବାର ମଧ୍ୟ ଢାକା ୟୁନିଭର୍ସିଟି କ୍ୟାମ୍ପସରେ ମୋଦିଙ୍କ ଗସ୍ତକୁ ୨,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିରୋଧ କରିଥିବାବେଳେ ପୋଲିସ ରବର ବୁଲେଟ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ହିନ୍ଦୁ ଜାତୀୟତାବାଦୀ ନେତା ମୋଦିଙ୍କ ଗସ୍ତକୁ ଦେଶରେ ବିରୋଧ କରାଯାଉଥିବାବେଳେ ସରକାର ତାଙ୍କୁ କାହିଁକି ନିମନ୍ତ୍ରଣ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ପୋଲିସର ରବର ବୁଲେଟ ମାଡ଼ରେ ଆହତ ହୋଇଥିବା ୧୮ ଜଣଙ୍କୁ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହିଂସା ଭିଆଇଥିବା ୩୩ ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଥିବା କହିଛି।

## ବନ୍ଦକୁ ସମର୍ଥନ...

କାର୍ଯ୍ୟକର୍ତ୍ତାମାନେ ସମନ୍ୱୟ ରକ୍ଷା କରି ବନ୍ଦକୁ ସମର୍ଥନ ଜଣାଇଥିଲେ। ଓଡ଼ିଶାରେ ୯ଟି ବାମ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଜନୈତିକ ଦଳ, ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ ଫେଡେରେଶନ, ଶ୍ରମିକ କର୍ମଚାରୀ, ଯୁବ, ଛାତ୍ର, ମହିଳା ଏବଂ କୃଷି ଶ୍ରମିକ ସଙ୍ଗଠନ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଭାରତ ବନ୍ଦ ରାଜ୍ୟରେ ସଫଳ ହୋଇଛି ବୋଲି କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡ଼ିଶା ଶାଖା ତରଫରୁ କୁହାଯାଇଛି।

ରାଜଧାନୀ ଭୁବନେଶ୍ୱରରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ରେଳଷ୍ଟେଶନ, ମାଷ୍ଟରକ୍ୟାଣ୍ଟିନ ଛକ, ଜୟଦେବ ବିହାର ଛକସ୍ଥିତ ଜାତୀୟ ରାଜପଥ, ଆଇଗିଣିଆ ଛକରେ ଚାଷୀ ସଙ୍ଗଠନର କର୍ମକର୍ତ୍ତା ପିକେଟିଂ କରିବା ସହ ରାସ୍ତାରୋକୋ କରିଥିଲେ। ମାଷ୍ଟରକ୍ୟାଣ୍ଟିନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା, ପ୍ରମୋଦିନୀ ସାହୁ, ଏଆଇକେଏସ୍‌ର ରାଜ୍ୟ ସମ୍ପାଦକ କ୍ଷୀରୋଦ କୁମାର ସିଂଦେଓ, ଆଦିବାସୀ ନେତା ରବୀନ୍ଦ୍ର ଟୁଡୁ, ଏଆଇକେକେଏମ୍‌ଏସ୍‌ର ରାଜ୍ୟ ନେତା ନିରଞ୍ଜନ ମହାନ୍ତି, ରାଜେନ୍ଦ୍ର କୁମାର ବର୍ମା, ରାଜ୍ୟ ଆବାହକ ଶ୍ରୀକାନ୍ତ ମହାନ୍ତି, ଇନ୍‌ସାଫ୍‌ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ସମାଜବାଦୀ କୃଷକ ମୋର୍ଚ୍ଚାର ରାଜ୍ୟ ଉପଦେଷ୍ଟା ସୁଦର୍ଶନ ପ୍ରଧାନ, ବିଜୟ ବେହେରା, ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ଉପଦେଷ୍ଟା ବଂଶୀଧର ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ । ଶ୍ରମିକ ନେତା ଦୁଷ୍ମନ୍ତ ଦାସ, ସାମାଜିକ କର୍ମୀ ଦେବ ପ୍ରସାଦ ରାୟ,ରାଜା ସୁରେଶ, ମହିଳା ନେତ୍ରୀ ତାପସୀ ପ୍ରହରାଜ, ବନଲତା ଜେନା, ପ୍ରଭାବତୀ ଦାସ, ମିନତୀ ପାଣିଗ୍ରାହୀ, ପ୍ରଣତୀ ସାହୁ, ସାଇଦା ବେଗମ୍, ବୋନି ପରିଡା, ଯୁବ ନେତା ଯତୀନ୍ ମହାନ୍ତି, ମନୋରଞ୍ଜନ ସାହୁ, ଛାତ୍ରୀ ନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

ପିକେଟିଂ ପରେ ସମସ୍ତ କୃଷକ ସଙ୍ଗଠନ, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ଗଣ ସଙ୍ଗଠନ ଏବଂ ରାଜନୈତିକ ଦଳଗୁଡ଼ିକର ମିଳିତ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ରାଜମହଲ ଛକଦେଇ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ରଦ୍ଦ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ବହୁ କର୍ମୀ ଗିରଫ ହୋଇଥିଲେ। ମିଳିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସୁରେଶ ରାଉତରାୟ, ଆଶିଷ କାନୁନ୍‌ଗୋ, ଯୁଧିଷ୍ଠିର ମହାପାତ୍ର, ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ରାମକୃଷ୍ଣ ପଣ୍ଡା, ସୁର ଜେନା, ବିଜୟ ଜେନା, ଜୟନ୍ତ ଦାସ, ଜୟସେନ୍ ମେହେର, ପୂର୍ଣ୍ଣଚନ୍ଦ୍ର ବେହେରା, ରମେଶ ଜେନା ପ୍ରମୁଖଙ୍କୁ ପୋଲିସ ଗିରଫ କରିଥିଲା।

## ସାଇରସ୍ ମିସ୍ତ୍ରିଙ୍କୁ ସୁପ୍ରିମକୋର୍ଟ ...

କରିଦେଇଛନ୍ତି। କୋର୍ଟ କହିଛନ୍ତି, ଟାଟାରେ ଏସ୍‌ପି ଗ୍ରୁପ୍‌ରେ ଯେଉଁ ଶେୟାର ରହିଛି ତାହା ଟାଟା ସନ୍ସର ଇକ୍ୱିଟି ଶେୟାର ଅନୁସାରେ ହିଁ ମୂଲ୍ୟାଙ୍କନ ହୋଇପାରିବ। ଏହାର ମୂଲ୍ୟ କ'ଣ ରହିବ ସେ ନେଇ ସୁପ୍ରିମକୋର୍ଟ ଆକଳନ କରିପାରିବେ ନାହିଁ। ମୁଖ୍ୟ ବିଚାରପତି ଏସ୍.ଏ.ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏ.ଏସ୍.ବୋପନ୍ନା ଏବଂ ଜଷ୍ଟିସ ଭି.ରାମସୁବ୍ରମଣ୍ୟନ ରହିଛନ୍ତି। ଗତବର୍ଷ ଡିସେମ୍ବରରେ କୋର୍ଟ ଏହି ମାମଲାର ନିଷ୍ପତ୍ତିକୁ ସଂରକ୍ଷିତ କରିଥିଲେ।

ଏହି ଶୁଣାଣିକୁ ନେଇ ଟାଟା ସନ୍ସର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟା କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ନ୍ୟାୟାଳୟଙ୍କ ନିକଟରେ ମୁଁ କୃତଜ୍ଞ ରହିବି। ଏହା ଜିତିବା କିମ୍ବା ହାରିବାର ପ୍ରସଙ୍ଗ ନୁହେଁ। ମୋ ସଚ୍ଚୋଟତା ଏବଂ ଟାଟା ଗ୍ରୁପ୍‌ର ନୈତିକ ଆଚରଣ ଉପରେ ଲଗାତର ଆରୋପ ଲଗାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଟାଟା ଗ୍ରୁପ୍‌ର ମୂଲ୍ୟବୋଧ ଏବଂ ନୈତିକତା ଉପରେ ମୋହର ଲଗାଇଛି। ଟାଟା ଗ୍ରୁପ୍ ସର୍ବଦା ଏହାକୁ ମାର୍ଗଦର୍ଶକ ସିଦ୍ଧାନ୍ତ ଭାବେ ବିଚାରକରି ଆସିଛି। ଏହି ନିଷ୍ପତ୍ତି ନ୍ୟାୟପାଳିକାଙ୍କ ନିରପେକ୍ଷତାକୁ ମଜଭୁତ କରିଛି। ଉଲ୍ଲେଖଯୋଗ୍ୟ ଟାଟା, ଗ୍ରୁପ୍ ଏବଂ ସାଇରସ୍ ମିସ୍ତ୍ରିଙ୍କ ମଧ୍ୟରେ ଏହି ମାମଲା ଗତ ସାଢେ ଚାରିବର୍ଷ ହେବ ଚାଲି ଆସିଛି। ଏସ୍‌ପି ଗ୍ରୁପ୍‌ର ଟାଟା ଗ୍ରୁପ୍‌ରେ ୧୮.୩୭% ଅଂଶଧନ ରହିଛି। ପାଲୋନଜୀ ମିସ୍ତ୍ରିଙ୍କ ପୁଅ ସାଇରସ୍‌ଙ୍କୁ ୨୦୧୨ରେ ଟାଟା ସନ୍ସର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା। ଏହାର ୪ ବର୍ଷ ପରେ ୨୦୧୬ରେ ତାଙ୍କୁ ଏହି ପଦବୀରୁ ଅଚାନକ ହଟାଇ ଦିଆଗଲା। ଏହା ପରେ ୨ ଗ୍ରୁପ୍ ମଧ୍ୟରେ ବିବାଦ ବଢ଼ିଯାଇଛି। ଟାଟାରେ ଏସ୍‌ପି ଗ୍ରୁପ୍‌ର ରହିଥିବା ଅଂଶଧନକୁ କିଣିବା ନେଇ ଟାଟା ଗ୍ରୁପ୍ ପ୍ରସ୍ତାବ ଦେଇଥିଲା। ଏହି ପ୍ରସ୍ତାବକୁ ମିସ୍ତ୍ରି ଗ୍ରୁପ୍ ଗ୍ରହଣ କରିବା ସପକ୍ଷରେ ନାହିଁ। ଏସ୍‌ପି ଗ୍ରୁପ୍ ଏହି ଶେୟାର ବିକ୍ରି ପାଇଁ ଯୋଜନା ରଖିଥିବା ବେଳେ ଏହାକୁ ନେଇ ମଧ୍ୟ ଟାଟା ଗ୍ରୁପ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ କୁଆ,**
**ତୁ କି ହୋଇବୁ ଶୁଆ?**
**ତୁ ଯେତେ କହିଲେ କା' କା'**
**ତତେ କେହି କହିବେନି ଆ' ଆ'।**

ସ୍ଥାନ, କାଳ ଏବଂ ପାତ୍ରକୁ ଆଧାର କରି ଶ୍ରେଷ୍ଠ ତୁଳନା। କୁଆ କେବେ ଶୁଆ ସମକକ୍ଷ ହୋଇପାରି ନ ଥାଏ। ରୂପ, ବର୍ଣ୍ଣ ତଥା ଗୁଣରେ କୁଆଠାରୁ ଶୁଆ ହିଁ ଶ୍ରେଷ୍ଠ। କର୍କଶ ସ୍ୱର ପାଇଁ କୁଆ ସଭିଙ୍କ ପାଖରେ ଆଖୋଜା ଅଲୋଡ଼ା ହୋଇ ରହୁଥିବା ବେଳେ ସୁମଧୁର ସ୍ୱର ଓ ବୋଲି ପାଇଁ ଶୁଆ ସଭିଙ୍କ ନିକଟତର ହୋଇଥାଏ। ଯାହାପାଖରେ ଭଲ ଗୁଣ ଥାଏ ସେ ସେତେ ସ୍ନେହ ଆଦର ପାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଗେ ଓ,**
**ପଛେ ଢୋ।**

କିଛି ବ୍ୟକ୍ତି ନିଜର ସ୍ୱାର୍ଥ ରକ୍ଷା ପାଇଁ ଅନ୍ୟକୁ ପ୍ରଶଂସାରେ ପୋତି ଦେଇଥାନ୍ତି। ଯଥାସମ୍ଭବ ମାନ୍ୟ ଦେଖାଇଥାନ୍ତି। କିନ୍ତୁ ସ୍ୱାର୍ଥ ସିଦ୍ଧି ପରେ ହତାଦର କରିବାକୁ ତିଳେହେଲେ ପଛାଇନଥାନ୍ତି। ଆଗରେ ଭଲେଇ ହୋଇ ପଛରେ ମୁହଁ ଛିଞ୍ଚାଡ଼ି ଥାନ୍ତି। ସ୍ୱାର୍ଥପର ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ସକାଳୁ ସକାଳୁ ଶୁଭ ଖବର ପାଇ ଖୁସୀ ହୋଇଯିବେ। ପିଲାମାନଙ୍କ ସକାଶେ ଥିବା ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ। ଆମୋଦ ପ୍ରମୋଦର ମଉକା ଜୁଟିବ ଓ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଶତ୍ରୁତା କରିଆସୁଥିବା ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଆଜିର କୌଣସି କାମ ଅଟକିବ ନାହିଁ। ମୃଗଶିରା ନକ୍ଷତ୍ର ବାଣିଜ୍ୟ,ବ୍ୟବସାୟ ସୂତ୍ରରୁ ଭଲ ରୋଜଗାର କରିବେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବା ଯୋଗୁଁ ସାମୟିକ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ଆଶା କରୁଥିବା ବନ୍ଧୁମାନଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ପାଇବେ। ଆରଦ୍ରା ନକ୍ଷତ୍ର କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଖୁସି ରହିବେ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ** ବହୁ ଦିନରୁ ଭାବିଥିବା କଥାଟି ଆଜି ହିଁ ସାକାର ରୂପ ନେବ। କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। ଅଶ୍ଳେଷା ନକ୍ଷତ୍ରର ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। କୌଣସି ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ କିଛି ଭୁଲ୍ କାମ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ତରବର ନ ହେବା ଭଲ ହେବ। ଆତ୍ମୀୟ କିମ୍ବା ହିତୈଷୀମାନଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ଉତ୍ତରାଫାଲଗୁନୀ ନକ୍ଷତ୍ର ପରିବାରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆକସ୍ମିକ ଆବିର୍ଭାବ ପରିସ୍ଥିତିକୁ ଏପଟ ସେପଟ କରିଦେଇପାରେ। କାର୍ଯ୍ୟରେ ସଫଳତା ହାସଲ କରିବେ, କିନ୍ତୁ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ହସ୍ତା ନକ୍ଷତ୍ରଙ୍କୁ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ଆଜି ଦିନଟିରେ କାମର ଚାପ ଏତେଦୂର ବଢ଼ିଯିବ ଯେ ଆପଣ ଜମା ଶାନ୍ତିରେ ରହି ପାରିବେ ନାହିଁ। ଘର ଲୋକମାନଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନ ଥିବ। ସ୍ୱାତୀ ନକ୍ଷତ୍ରର ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ସମସ୍ୟା ମଧ୍ୟରେ କାମ ବହୁତ କିନ୍ତୁ କୌଣସିଟା ମଧ୍ୟ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡିବ। ଅନୁରାଧା ନକ୍ଷତ୍ରର ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ।

**ଧନୁ** ଘରର ଅପ୍ରକାଶ୍ୟ କେତେକ ଘଟଣା ସବୁ ଶୁଣିବେ ସିନା କାହାକୁ କିଛି କହିପାରିବେ ନାହିଁ। ନୂତନ କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁଁ କାମରେ ଅଗ୍ରଗତି ହୋଇପାରିବ ନାହିଁ। ମୂଳା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର ଉଧାର କରିବାକୁ ପଡିପାରେ।

**ମକର** ଘରେ ହେଉ କିମ୍ବା ବାହାରେ ହେଉ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ହୋଇ ପାରନ୍ତି। ଶ୍ରବଣା ନକ୍ଷତ୍ରର ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଶତ୍ରୁତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ପରକଥାର ଅଯଥା ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ତଥାପି ଆଜି ଶତଭିଷା ନକ୍ଷତ୍ର ଅଧାପନ୍ତରିଆ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ** ବାରମ୍ବାର ଅସଫଳତା ଲାଗିରହିବା କାରଣରୁ ମନରେ ବିଭିନ୍ନ ପ୍ରକାରର କଳ୍ପନା ଜାଗ୍ରତ ହେବ। ତଥାପି ଧୈର୍ଯ୍ୟର ସହ ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ପାଇଁ ଆଜି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହୋଇପାରେ।

ଆଜି ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର। ବରାହଦୋଳ, ଶ୍ରୀମନ୍ଦିରରେ ରାଜାଗ୍ନି, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା। ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ। ମାର୍ଚ୍ଚ ୨୭ ତାରିଖ, ବିଶ୍ୱ ରଙ୍ଗମଞ୍ଚ ଦିବସ। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୫୦ମି. ଗତେ ଘ.୦୧.୦୪ମି. ମଧ୍ୟେ, ରାତ୍ରି ଘ.୦୮.୧୮ମି. ଗତେ ଘ.୧୦.୪୦ମି. ମଧ୍ୟେ, ଘ.୧୨.୧୫ମି. ଗତେ ଘ.୦୧.୫୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୫୦ମି. ଗତେ ଘ.୧୦.୨୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Force traveller 14seater AC Bus, personal used with accessories, Showroom condition, immediate sale. Contact: 9556168271, 7008951837. D-69492




**SALE**

**Require, 2Acre Yellow-Zone Homestead Land with 30/40 feet Road on Outright/ Sharing basis across Bhubaneswar for Plotting and Duplex Projects. Contact- 9861022055 / 9938219397.** D-20343

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-20218

Bhubaneswar ସମ୍ବହସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Residential land/ plot 3000sft. immediately sale at Jharpada (Near Puri By-pass), 3500sft. BDA plot sale at Patrapada (Near D.N. Regalia Mall) & 2500sft. plot sale at Pokhariput, Bhubaneswar. Please contact- DEEPAK-9937329999.** D-69981

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

**12000sft. IDCO plot for immediate sale at Mancheswar Bhubaneswar, buyers please contact- DEEPAK-9937329999.** D-69982

A 2400sqft. converted land available near Infocity Sai Mandir Sailashree Vihar for sale. Contact: 9337413323, 9437313522. D-67786

**PURCHASE**

Wanted ready to move flats duplexes plots in Bhubaneswar. 6371090682. D-68276




Rent for Office/ Shop/ Others 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986. D-59984

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Swarna SPA newly open positively health benefits with expert therapist. 9556978408. D-70566

Zen SPA positively health benefits with experts therapeutic genuinely massage. 7205084157. D-70568

Get good massage for your health the best therapy. 7749997224. D-70440

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Ayurvedic full body massage by experienced (M/F) therapist. 9861193818, 8018656899. D-59985

Refreshing your mind your body with the best therapy at Lotus Spa. 9801811949. D-70441

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**



www.ruchifoodline.com
RUCHI FOODLINE
Since 1976
Celebrating 45 Years
Your health. Our wealth.
ଆପଣଙ୍କ ପସନ୍ଦ ହିଁ
ଓଡ଼ିଶାର ପସନ୍ଦ !
ରୁଚି, ଓଡ଼ିଶାର No.1 ମସଲା ବ୍ରାଣ୍ଡ*
ଏକ ସୁସ୍ଥ ଓ ନିରାପଦ ହୋଲିର ଅଭିନନ୍ଦନ...
Garam Masala
CURRY POWDER Sabji Masala
ORGANIC Turmeric POWDER
Coriander Powder
Cumin Powder
* Source : Nielsen RMS Data (YEC 2020) Odisha (U+R)
ଗୁଣବତ୍ତା
ବିଶ୍ୱସନୀୟତା
ଶୁଦ୍ଧତା
Blended Spices | Whole & Basic Spices | Ready Mix | Pasta & Vermicelli | Frozen Foods | Beverages




MARUTI SUZUKI ARENA
ମୂଲ୍ୟ ବଢ଼ିବା ପୂର୍ବରୁ
କିଣିବାର ଶେଷ ସମୟ ।
Maruti Suzuki to substantially increase vehicle prices from April.
ଏହି ମାର୍ଚ୍ଚରେ କିଣନ୍ତୁ ଆପଣଙ୍କ ମନ ପସନ୍ଦର ମାରୁତି ସୁଜୁକୀ କାର ଆକର୍ଷଣୀୟ ଅଫର୍ସ ସହିତ ।
BIG SAVINGS
WAGONR ₹27 000*
DZIRE ₹32 000*
ALTO ₹59 000*
SWIFT ₹39 000*
S-PRESSO ₹64 000*
CELERIO ₹44 000*
VITARA BREZZA ₹44 000*
EECO ₹39 000*
5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^
• 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7.1% କମ୍ ସୁଧର ହାର^
• ଅତିକମର ଅଗ୍ରିମ ଚୁକତ^
• ₹899 ର କମ ମାସିକ କିସ୍ତି^
WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
SKY AUTOMOBILES
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190.
BHADRAK: 9798190190. NAYAGARH: 9798190190.
BALASORE: 9798190190.
NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450.
*Offer includes consumer offer, exchange bonus and corporate offer (wherever applicable) on selected models/variants. **Terms and conditions apply. ^Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.1% is provided by Bank of Baroda. The terms and conditions are subject to change without any prior notice. All offers are brought to you by Maruti Suzuki authorized dealers only. Offers may vary from city to city and variant to variant. The Article is published in Business Standard. All offers are valid till 31st March, 2021.

ସମାଜର ପ୍ରଧାନ ଆବଶ୍ୟକତା ହେଉଛି– ବର୍ତ୍ତମାନ ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବ। ଯେପରି କ୍ରମବିବର୍ତ୍ତନରେ ପଶୁ ମଣିଷ ବହୁ ପରିମାଣରେ ବର୍ତ୍ତମାନ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି। –ଶ୍ରୀମା

# କୋର୍ଟଙ୍କ କଡ଼ା ନିର୍ଦ୍ଦେଶ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଞ୍ଜାବ ଓ ହରିୟାଣା ଉଚ୍ଚନ୍ୟାୟାଳୟଙ୍କ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି ପଞ୍ଜାବର ଅମରିନ୍ଦର ସିଂଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର । ଦେଶ ସାରା ଏହି ଘଟଣାର ପ୍ରଭାବ ପଡ଼ିଛି। କିପରି ଏବଂ କାହିଁକି ପଞ୍ଜାବ ପୋଲିସ ସର୍ଭିସ (ପିପିଏସ୍) ଅଧିକାରୀମାନଙ୍କୁ ଏସ୍ଏସ୍ପିର ଆଇପିଏସ୍ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ତାହା ଅବଗତ କରିବା ଲାଗି କୋର୍ଟ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ନିଯୁକ୍ତି ଆଇପିଏସ୍ କ୍ୟାଡର ନିୟମଗୁଡ଼ିକର ଉଲ୍ଲଂଘନ କରୁଛି ବୋଲି କୋର୍ଟ ସ୍ୱୀକାର କରିଛନ୍ତି । କୋର୍ଟ ପିପିଏସ୍ ଅଧିକାରୀ ରାଜିନ୍ଦର ସିଂ ଶୋହାଲଙ୍କ ଦୃଷ୍ଟାନ୍ତ ଉଲ୍ଲେଖ କରିଛନ୍ତି। ଶୋହାଲ ଏକ ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ତାଙ୍କୁ ଆଇପିଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ ଗୁରୁଦାସପୁରର ଏସ୍ଏସ୍ପି ଭାବେ ନିଯୁକ୍ତି ଦିଆଯାଇଛି। ପୁନଶ୍ଚ ଏହି ଘଟଣାରେ ମିଥ୍ୟା ସତ୍ୟପାଠ ଦାଖଲ କରିବା ଯୋଗୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ) ଅନୁରାଗ ଅଗ୍ରୱାଲଙ୍କୁ କୋର୍ଟ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ତାଙ୍କ ପ୍ରତିକ୍ରିୟା ଜାଣିବା ପରେ କୋର୍ଟ ଯଦି ସନ୍ତୁଷ୍ଟ ନ ହୁଅନ୍ତି, ତେବେ ଅଗ୍ରୱାଲଙ୍କୁ ମିଥ୍ୟା ଶପଥ ଲାଗି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଦାଗୀ କିମ୍ବା ଦୋଷୀ ପୋଲିସ ଅଧିକାରୀମାନଙ୍କ ବିରୋଧରେ ନେବାକୁ ଥିବା କାର୍ଯ୍ୟାନୁଷ୍ଠାନ ଉପରେ ଏକ ନୀତି ଗଠନ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ କର୍ତ୍ତବ୍ୟରୁ ବାହାରେ ରଖିବା ଲାଗି କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ସେମାନଙ୍କ ବିରୋଧରେ ଆଗକୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଲକ୍ଷ୍ୟ କରିବା।

### ପଦବୀ ପୂରଣ ଚିନ୍ତା

ବିହାରରେ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍ଡିଏ ସରକାର କ୍ଷମତାରେ ରହିଛି। ଏହି ସରକାର ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ଅଧିକ ସଂଖ୍ୟାରେ ପୁନଃନିଯୁକ୍ତି ଦେଉଛନ୍ତି। ଖୁବ୍ ନିକଟରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦୀପକ କୁମାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ୧୯୮୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ କୁମାର ଫେବୃୟାରୀରେ ଅବସର ନେଇଥିଲେ ଏବଂ ତାଙ୍କୁ ତରବାରିଆ ଭାବେ ପୁନଃ ନିଯୁକ୍ତି ପ୍ରଦାନ କରାଗଲା। ବିହାରରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଆସିଛି। ଏଣୁ ପଦବୀ ପୂରଣ ଚିନ୍ତାରେ ସରକାର ସବୁବେଳେ ରହିଆସିଛନ୍ତି। ଯେତେବେଳେ ନିଯୁକ୍ତି କଥା ଆସେ ସେତେବେଳେ ସରକାରଙ୍କ ପାଖରେ କୌଣସି ବିକଳ୍ପ ନ ଥାଏ। ବିହାରରେ ଆଇଏଏସ୍ ଅଧିକାରୀମାନଙ୍କ ସ୍ୱୀକୃତ ପଦବୀ ସଂଖ୍ୟା ୩୫୯ ରହିଥିଲେ ବି ସେଠାରେ ଏବେ ୨୦୨ ଆଇଏଏସ୍ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଆଇଏଏସ୍ ଅଧିକାରୀଙ୍କ ଅଭାବ ଯୋଗୁ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହେଉଛି ଏବଂ ଏହାର ମାନ ରହୁନାହିଁ। ପ୍ରତ୍ୟେକ ବରିଷ୍ଠ ଆଇଏଏସ୍ ଅଧିକାରୀ ମୁଖ୍ୟ ଦାୟିତ୍ୱ ସହ ଆଉ ୩ କିମ୍ବା ୪ଟି ବିଭାଗର କାର୍ଯ୍ୟଭାର ସମ୍ଭାଳିବା କିଛି ବିଚିତ୍ର ନୁହେଁ। ଜାଣିବାକୁ ମିଳିଛି ଯେ, ଗତବର୍ଷର ସିଭିଲ୍ ସର୍ଭିସ୍ ପରୀକ୍ଷା ଆଧାରରେ ବିହାରରେ ୫୪ ଜଣ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦେବା ଲାଗି ନୀତୀଶ କୁମାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଅପରପକ୍ଷେ ସରକାର ୨୦୧୮ ବ୍ୟାଚ୍‌ରୁ ୨୦, ୨୦୧୯ ବ୍ୟାଚ୍‌ରୁ ୧୫ ଏବଂ ୨୦୨୦ ବ୍ୟାଚ୍‌ରୁ ୧୬ଟି ପଦବୀରେ ପଦୋନ୍ନତି କୋଟାରେ ନିଯୁକ୍ତି ଦେବା ପାଇଁ ପଥ ସୁଗମ କରୁଥିବା ଜଣାପଡ଼ିଛି।

### ସବୁ ଦୋଷ ବାବୁଙ୍କର

ରାଜ୍ୟ ନିର୍ବାଚନ କମିଶନ (ଏସ୍ଇସି) ପଦବୀରେ ଜଣେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀଙ୍କୁ ଅବସ୍ଥାପିତ କରିବାରେ ଗୋଆ ସରକାରଙ୍କ ପଦକ୍ଷେପ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହା ଯୋଗୁ କେବଳ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ନୁହନ୍ତି, ବରଂ ରାଜ୍ୟ ମୁଖ୍ୟ ଶାସନ ସଚିବ ପରିମଲ ରାୟଙ୍କୁ ବିପରୀତ ପ୍ରତିକ୍ରିୟାର ସାମ୍ନା କରିବାକୁ ପଡ଼ିଛି। ଏସ୍ଇସି ଭାବେ ରାଜ୍ୟ ଆଇନ ସଚିବ ଚୋଖା ରାମ ଗର୍ଗଙ୍କ ନିଯୁକ୍ତିକୁ ଏବେ ସୁପ୍ରିମ୍‌କୋର୍ଟ ରଦ୍ଦ କରିଦେଇଛନ୍ତି। ଶୀର୍ଷ କୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଥିଲେ ଯେ, ସରକାରଙ୍କର ଏହି ନିଯୁକ୍ତି ପଦକ୍ଷେପ ସାମ୍ବିଧାନିକ ଶାସନାଦେଶ ପ୍ରତି ଏକ ଉପହାସ। ପୁନଶ୍ଚ କୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟକୁ ଏଭଳି ସମାନ ନିଯୁକ୍ତିକୁ ରଦ୍ଦ କରି ଏହି ଉଚ୍ଚ ସାମ୍ବିଧାନିକ ପଦବୀରେ କେବଳ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ପରିସ୍ଥିତି ଯେଭଳି ଜଟିଳ ନ ହୁଏ, ସେଥିପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଏହା ଉପରେ ଧ୍ୟାନ ଦେଇ ଏଭଳି ପଦକ୍ଷେପକୁ ତୁରନ୍ତ ବନ୍ଦ କରିବା ଆବଶ୍ୟକ ବୋଲି କହିଛନ୍ତି। ସାୱନ୍ତଙ୍କର ଏହି ଅଭିନବ ଦୃଷ୍ଟିକୋଣ ଅନ୍ୟ ରାଜ୍ୟଗୁଡ଼ିକୁ ସମାନ ଧାରରେ କିଛି ପଦକ୍ଷେପ ନେବାକୁ ଉତ୍ସାହିତ କରିବାର ସମ୍ଭାବନା ନାହିଁ। ଏହି ନିଷ୍ପତ୍ତି ଉପରେ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇ ନାହିଁ। ତେବେ କୋର୍ଟଙ୍କ ଏହି କଟୁ ପ୍ରତିକ୍ରିୟା ସାମ୍ନାକୁ ଆସିବା ପରେ ପାନାଜୀରେ ବାବୁଙ୍କ ପରିସରରେ ମୁଖ୍ୟ ସଚିବ ରାୟ ପୂରା ଚିହ୍ନା ପଡ଼ି ଯାଇଛନ୍ତି ଓ ତାଙ୍କୁ ହିଁ ଦୋଷ ବା ନିନ୍ଦା ମୁଣ୍ଡେଇବାକୁ ପଡ଼ିଛି।

Email: dilipcherian@gmail.com

# କୋଣାର୍କର ପୁନର୍ନିର୍ମାଣ



ଅନିଲ କୁମାର ବିଶ୍ୱାଳ

କୋଣାର୍କ ହେଉଛି ଓଡ଼ିଆ ଜାତିର ଜ୍ଞାନ, କର୍ମକୁଶଳତା, ଯାନ୍ତ୍ରିକ ଦକ୍ଷତା, ରାଷ୍ଟ୍ରଭକ୍ତିର ପ୍ରମାଣପତ୍ର। ଗୋଟିଏ ଧାଡ଼ିରେ କହିବାକୁ ଗଲେ ସ୍କିଲ ସାର୍ଟିଫିକେଟ। ସୂର୍ଯ୍ୟମନ୍ଦିରର ଅପୂର୍ବ କାରୁକାର୍ଯ୍ୟ, ଅବିଶ୍ୱସନୀୟ ଉତ୍କଳୀୟ ସ୍ଥାପତ୍ୟର ନିଦର୍ଶନ, ସମାହାର। ଏଠି ପଥର କଥା କୁହେ। ଏଠାରେ ପ୍ରତିଟି ପଥରର ଏକ ଇତିହାସ ଅଛି, ଏକ ଗୌରବମୟ ଅତୀତ ଅଛି। କୋଣାର୍କ ସୂର୍ଯ୍ୟମନ୍ଦିରର ଆଜି ଭଗ୍ନ ଅବସ୍ଥାରେ ବି ଯାହା କିଛି ଅଛି ତାହାକୁ ଆମେ ବିଶ୍ୱ ବଜାରରେ ସେତିକି ଭଲ ଭାବରେ ଦେଖାଇନେ। ନ ହେଲେ ବିଶ୍ୱର ସର୍ବକାଳୀନ ସପ୍ତାଶ୍ଚର୍ଯ୍ୟରେ ଏହା ଗୃହୀତ ହୋଇଥାନ୍ତା। ସ୍ଥାପତ୍ୟକୁ କେନ୍ଦ୍ରକରି ସେଠାରେ ଏକ ବିରାଟ ସହର ଗଢ଼ିଉଠିଥାନ୍ତା।

ସୂର୍ଯ୍ୟ ଉପାସନା ହେଉଛି ପୃଥିବୀର ପ୍ରାଚୀନ ପରମ୍ପରା। ବିଶ୍ୱର ଅନେକ ସଭ୍ୟତାର ଉପାସନାର ମୂଳରେ ଥିଲେ ସୂର୍ଯ୍ୟ। ସୂର୍ଯ୍ୟଙ୍କୁ ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଉତ୍ସ ଭାବେ କେବଳ ହିନ୍ଦୁ ଧର୍ମ ବା ପୁରାଣ ନୁହେଁ ବରଂ ସାରା ବିଶ୍ୱର ବିଜ୍ଞାନ ମଧ୍ୟ ଗ୍ରହଣ କରିଛି। କୋଣାର୍କ ମନ୍ଦିରର ସ୍ଥାନ ଚୟନ ମଧ୍ୟ ବିଜ୍ଞାନସମ୍ମତ। ଓଡ଼ିଶାରେ ଯେପରି ପୁରୀ ବିଷ୍ଣୁପୀଠ, ଭୁବନେଶ୍ୱର ଶୈବପୀଠ, ଯାଜପୁର ଶକ୍ତିପୀଠ ସେହିପରି କୋଣାର୍କ ହେଉଛି ସୂର୍ଯ୍ୟପୀଠ। ତ୍ରୟୋଦଶ ଶତାବ୍ଦୀର ତତ୍କାଳୀନ ଓଡ଼ିଶାର ବାରବର୍ଷର ସମସ୍ତ ରାଜସ୍ୱ, ବାରଶହ ଶିଳ୍ପୀଙ୍କର ଶ୍ରମଦାନରେ ଗଢ଼ିଉଠିଥିଲା ରଥାକୃତିର ଏହି ପ୍ରକାଣ୍ଡ ବିରଳ ମନ୍ଦିର। ମନ୍ଦିର ପ୍ରତିଷ୍ଠାର ପ୍ରାୟ ତିନି ଶହ ବର୍ଷ ପର୍ଯ୍ୟନ୍ତ ପୂଜାନୀତି, ଯାତ୍ରା ପରମ୍ପରା ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ୧୫୬୮ରେ ଓଡ଼ିଶା ମୁସଲମାନ ଶାସନାଧୀନ ହେବା ପରେ କୋଣାର୍କର ଭାଗ୍ୟରେ କଳାବାଦଲ ଘୋଟି ଆସିଲା। କୋଣାର୍କ ଭାଙ୍ଗିଲା କେମିତି ? ଏ ଜାତିର ସବୁଠାରୁ ମନୋରମ କୀର୍ତ୍ତି ଭାଙ୍ଗିଗଲା ହେଲେ ଆମେ ଏଯାଏ ଜାଣିପାରିଲେନି ଯେ ଏହା କେମିତି ଭାଙ୍ଗିଲା ? କି ବିଡ଼ମ୍ବନା। ୧୬୪୮ରେ ମୋଗଲ ଶାସନର ଶ୍ରେଷ୍ଠ କୀର୍ତ୍ତି କୁହାଯାଉଥିବା ତାଜମହଲର ନିର୍ମାଣ ସରିଲା । ଠିକ୍ ସେହି ସମୟରେ ଉତ୍କଳର ଗର୍ବଗୌରବ କୋଣାର୍କର ପତନ ହେଲା। କୋଣାର୍କ ସତରେ କ'ଣ ସାମୁଦ୍ରିକ ଝଡ଼ଝଞ୍ଜାରେ ଭୁଶୁଡ଼ି ପଡ଼ିଲା ? ଯେଉଁ ଶିଳ୍ପୀକୁଳ ପଥରର ଏତେ ବିଶାଳ କାରୁକାର୍ଯ୍ୟମୟ କଳାକୃତି ତିଆରି କରିପାରନ୍ତି ସେମାନେ କ'ଣ ଅଜ୍ଞ ଥିଲେ ଯେ ସମୁଦ୍ରର ବାତ୍ୟା ପାଇଁ ସେମାନେ ମନ୍ଦିରକୁ ସେମିତି ପ୍ରସ୍ତୁତ କରି ନ ଥିଲେ। ବାତ୍ୟାରେ ମନ୍ଦିର ଭାଙ୍ଗିଯିବ ଏକଥା ଅବିଶ୍ୱାସ ଲାଗେ। ପୁରୀ ମନ୍ଦିର କେତେ କେତେ ବାତ୍ୟା ସାମ୍ନା କରିଛି । କାହିଁ କିଛି ତ ହୋଇନାହିଁ। ବ୍ରହ୍ମଗିରିର ଚିଲିକା-ସମୁଦ୍ର କୂଳରେ ଥିବା ବ୍ରହ୍ମକୁଣ୍ଡଳେଶ୍ୱର ମନ୍ଦିର ଜଳରାଶିଠାରୁ ମାତ୍ର ୨୦୦ ମିଟର ପାଖରେ। ସାମୁଦ୍ରିକ ବାତ୍ୟା ଏତେ ଜୋରରେ ହେଲା ଯେ ବାଲିଚରିଯାଇଥିଲା ସେ ସ୍ଥାନ। ଏବେ ମନ୍ଦିରର ପୁନରୁଦ୍ଧାର ହୋଇଛି। ମନ୍ଦିର ଅକ୍ଷୁଣ୍ଣ। ତା'ହେଲେ କୋଣାର୍କ କେମିତି ଭାଙ୍ଗିଲା। ଠିକ୍ ସମାନ ସମୟରେ କୋଣାର୍କର ଅବସାନ ଆଉ ତାଜମହଲର ପ୍ରତିଷ୍ଠା କ'ଣ କେବଳ ଏକ ସଂଯୋଗ ନା ତାଜମହଲକୁ ଶ୍ରେଷ୍ଠ କଳାକୃତିର ସ୍ଥାନ ଦେବା ପାଇଁ କାହାର ଅପଚେଷ୍ଟା। ଅନୁମାନ ଅହେତୁକ ନୁହେଁ। ସମୁଦ୍ରରୁ ବାତ୍ୟା ଆସିଥିଲା ନା ଆସିଥିଲେ ଜଳଦସ୍ୟୁ। ଯେଉଁ ସମୟରେ କୋଣାର୍କ ମନ୍ଦିର ଭାଙ୍ଗିଲା ସେହି ସମୟରେ ଓଡ଼ିଶା ମୋଗଲ ଶାସନାଧୀନ ଥିଲା।

ମନ୍ଦିରଟି ଭାଙ୍ଗିଯିବା ପରେ ଏହାକୁ ପୁନର୍ନିର୍ମାଣ ପାଇଁ ଆଉ କେହି ଉଦ୍ୟମ କରିପାରି ନ ଥିଲେ। କାରଣ ୧୫୬୮ ମସିହା ପରଠାରୁ ୧୯୪୭ ପର୍ଯ୍ୟନ୍ତ ଓଡ଼ିଶା ମୋଗଲ, ପରେ ମରହଟ୍ଟା, ତା'ପରେ ବ୍ରିଟିଶ ଶାସନାଧୀନ ରହିଥିଲା। ଓଡ଼ିଶାର ରାଜାମାନେ ସ୍ୱତନ୍ତ୍ର ନ ଥିଲେ। ମନ୍ଦିର ଭାଙ୍ଗିଯିବା ପରେ ରାଜା ରାମଚନ୍ଦ୍ର ଦେବ ସୂର୍ଯ୍ୟ ପ୍ରତିମାଟିକୁ ଆଣି ପୁରୀ ମନ୍ଦିରରେ ପୂଜା କରୁଛନ୍ତି। ଇଂରେଜମାନେ ନବଗ୍ରହ ପ୍ରତିମାଙ୍କୁ ଇଂଲଣ୍ଡ ନେଇଯିବା ପାଇଁ ଚାହୁଁଥିଲେ। ଅଧିକ ଓଜନ କାରଣରୁ ପରେ ନେବେ ବୋଲି ଚିନ୍ତା କରି ଛାଡ଼ିଦେଇଥିଲେ, ଯାହା ସୌଭାଗ୍ୟକ୍ରମେ ରହିଯାଇଛି। ନ ହେଲେ ଆଜି କୋଣାର୍କରେ ତାହା ବି ନ ଥାନ୍ତା। ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ କୋଣାର୍କ ମନ୍ଦିର ପରିଦର୍ଶନରେ ଆସୁଛନ୍ତି। ଭଗ୍ନ ମନ୍ଦିରକୁ ଦେଖୁଛନ୍ତି। ଯଦି ମୁଖ୍ୟ ମନ୍ଦିରଟି ଆଜି ଅକ୍ଷୁଣ୍ଣ ଅବସ୍ଥାରେ ଥାଆନ୍ତା ତା'ହେଲେ ନିଃସନ୍ଦେହ ଯେ କୋଣାର୍କ ଆଜି ଓଡ଼ିଶାର ସ୍ଥାପତ୍ୟର ଯେଉଁ ଗରିମାମୟ ଇତିହାସ ଅଛି ତାହାର ପ୍ରାଣକେନ୍ଦ୍ର ହୋଇଥାନ୍ତା। ବିଶ୍ୱର ସ୍ଥାପତ୍ୟ ସହର ହୋଇଥାନ୍ତା। ମନରେ ବେଳେବେଳେ ପ୍ରଶ୍ନ ଉଠେ ଯେ ଅର୍କକ୍ଷେତ୍ର ଅଗ୍ନିକୋଣ କୋଣାର୍କରେ କ'ଣ ଆଉ ସୂର୍ଯ୍ୟ ପୂଜା ସମ୍ଭବ ନୁହେଁ କି ? ସୂର୍ଯ୍ୟମନ୍ଦିର ନିର୍ମାଣ ବେଳେ ଏହାକୁ ନିର୍ମାଣ କରୁଥିବା ବାର ଶହ ବଢ଼େଇ, ରାଜା ଲାଙ୍ଗୁଳା ନରସିଂହ ଦେବ କ'ଣ କେବେ ଭାବିଥିବେ ଯେ ଦିନେ କୋଣାର୍କ ଏମିତି ଅଙ୍ଗପ୍ରତ୍ୟଙ୍ଗ ହରାଇ ବିକଳାଙ୍ଗ ଦିଶିବ। କୋଣାର୍କ ମନ୍ଦିରରେ ଯେଉଁ ଲୁହା ବିମ୍ ସବୁ ଲାଗିଥିଲା ତାହାକୁ ଦେଖିଲେ ଆଜି ଆମକୁ ଆଶ୍ଚର୍ଯ୍ୟ ଲାଗେ। ସେତେବେଳେ ଲୁହା କାରଖାନା ନ ଥିଲା। ଏତେ ବଡ଼ ବଡ଼ ଲୁହା ଖୁମ୍ବକୁ ବନାଇବା, ବିଶାଳକାୟ ପଥରକୁ ନଦୀରେ ଆଣି ତାକୁ ଗଢ଼ିବା କେଡ଼େ କଷ୍ଟ ହୋଇ ନ ଥିବ।

ଏ ମାଟିରେ ଶାସନ କରୁଥିବା ରାଜାମାନଙ୍କର ସବୁଠାରୁ ବଡ଼ ବିଶେଷତା ହେଲା ଯେ ସେମାନେ ନିଜର ବିଳାସବ୍ୟସନ, ଆମୋଦ ପ୍ରମୋଦ ପାଇଁ କିଛି କରିବା ଅପେକ୍ଷା ସାମୂହିକ କାର୍ଯ୍ୟ ବା କୀର୍ତ୍ତି ସ୍ଥାପନାକୁ ବେଶି ପ୍ରାଥମିକତା ଦେଉଥିଲେ। ସେଥିପାଇଁ ଓଡ଼ିଶାରେ ବଡ଼ ରାଜ ଉଆସ, ଦୁର୍ଗ ଅପେକ୍ଷା ବେଶି ବଡ଼ ମନ୍ଦିର, ବୃହତ୍ ପୁଷ୍କରିଣୀ ଆଦି ଦେଖିବାକୁ ମିଳେ। ମାତ୍ର ୧୦୦କିମିର ବ୍ୟାସ ଭିତରେ ଏତେଗୁଡ଼ିଏ କାରୁକାର୍ଯ୍ୟମୟ ପ୍ରାଚୀନ ମନ୍ଦିର ଆଉ କେଉଁଠି ଦେଖିବାକୁ ମିଳେନି।

ଏବେ ଆସିବା ବିଷୟକୁ। ବର୍ତ୍ତମାନ ରାଜ୍ୟ ସରକାର କୋଣାର୍କ ମନ୍ଦିରର ଚାରିପାଖର ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା କରିଛନ୍ତି। ସେଥିପାଇଁ ସାଧୁବାଦ। ହେଲେ ଯଦି ସରକାର (ଉଭୟ ରାଜ୍ୟ ଓ କେନ୍ଦ୍ର)କୋଣାର୍କ ମନ୍ଦିରର ପୁନର୍ନିର୍ମାଣ ପାଇଁ ଆଗେଇ ଆସନ୍ତେ ତା'ହେଲେ ଏହା ଆହୁରି ଭଲ ହୁଅନ୍ତା। ଆମେ ରାଜଧାନୀର ଫୁଟପାଥକୁ ସଜାଡ଼ିବାରେ ୭୦କୋଟି ଖର୍ଚ୍ଚ କରିପାରୁଛେ। ଫ୍ଲାଏ ଓଭରବ୍ରିଜ ତିଆରିରେ ୧୦୦ କୋଟି ଖର୍ଚ୍ଚ କରିପାରୁଛେ । ଆମ ପ୍ରାଚୀନ କଳାକୃତି, ଆମ ପ୍ରାଚୀନ ବିଜ୍ଞାନ, ଆମର ଶିଳ୍ପୀକୁଳର ଗରିମାର ଝଲକ ସାରା ବିଶ୍ୱକୁ ଦେଖାଇବା ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ କରିବାରେ ଅସୁବିଧା କେଉଁଠି ? ଏ ବାବଦରେ ପ୍ରସିଦ୍ଧ ସ୍ଥପତି ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ଉଦ୍ୟମ ପ୍ରଶଂସନୀୟ। ସେ ତାଙ୍କର ନିଜସ୍ୱ ଉଦ୍ୟମରେ କିଛି ଜମି କିଣିଛନ୍ତି, ମନ୍ଦିରର କିଛି କିଛି ଅଂଶ ତିଆରି ବି କରୁଛନ୍ତି। ହେଲେ ତାଙ୍କୁ ସରକାର ସାହାଯ୍ୟ କରିଲେ ଏହି କାମ ଆହୁରି ତ୍ୱରାନ୍ୱିତ ହୁଅନ୍ତା।

କେନ୍ଦ୍ରୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଯାହା ଓଡ଼ିଶାରେ ଅନେକ ମନ୍ଦିରର ସଂରକ୍ଷଣ ଦାୟିତ୍ୱ ନେଇଛି, ସେମାନେ ସଂରକ୍ଷଣ କରିବା ନାଁରେ ମନ୍ଦିର ଭାସ୍କର୍ଯ୍ୟକୁ କାଢ଼ି ସାଦା ପଥର ଦେବାରେ ବେଶି ଲାଗିଛନ୍ତି। ଅନେକ ମନ୍ଦିର ଏବେ ସାଦା ପଥରମୟ ହୋଇଗଲାଣି। ସେମାନେ ଯଦି ଏହି ମନ୍ଦିର ସଂରକ୍ଷଣ କାମରେ ସିଭିଲ କଣ୍ଟ୍ରାକ୍ଟର, ସିଭିଲ ଇଞ୍ଜିନିୟରମାନଙ୍କ ବଦଳରେ ଆମ ରାଜ୍ୟର ପଥର ଶିଳ୍ପୀଗୁରୁ ଓ କାରିଗରମାନଙ୍କୁ କାମରେ ଲଗାନ୍ତେ ତା'ହେଲେ ହୁଏତ ଭଲ ହୁଅନ୍ତା। କାରଣ ମନ୍ଦିରକୁ ଯେଉଁ ବିଦ୍ୟା ଓ ଜ୍ଞାନରେ ତିଆରି କରାଯାଇଥିଲା ତାହା ସେହି କାରିଗରମାନଙ୍କ ପାଖରେ ଅଛି। ସିଭିଲ କଣ୍ଟ୍ରାକ୍ଟର, ସିଭିଲ ଇଞ୍ଜିନିୟରମାନଙ୍କ ପାଖରେ ସେ ପାରମ୍ପରିକ ବିଦ୍ୟା ନାହିଁ। ସେମାନେ କେବଳ ରିପ୍ଲେସମେଣ୍ଟ ଆଉ ବ୍ୟାଣ୍ଡେଜ କପଡ଼ା ଗୁଡ଼ାଇବା ଜାଣିଛନ୍ତି। ବର୍ଷା ଦିନେ କୋଣାର୍କ ମନ୍ଦିର ଭିତରେ ପାଣି ଜମିକି ରହୁଛି, କାରଣ ପୁରୁଣା ଡ୍ରେନେଜ ବଦଳରେ ନୂଆ ଡ୍ରେନେଜ କରାଯାଇଛି। ଜଗମୋହନର ଉପରପଟୁ ବି ପାଣି ପଶୁଛି। କାରୁକାର୍ଯ୍ୟମୟ ପଥର କଢ଼ା ହୋଇ ସାଦା ପଥର ଲାଗୁଛି। ଏପରି ସ୍ଥିତିରେ ଥିବା ଭଗ୍ନ କୋଣାର୍କ ମନ୍ଦିର ଆଉ କେତେ ଦିନ ରହିବ ତାହା ବି ଏକ ବଡ଼ ଶଙ୍କା।

ଯେଉଁମାନେ କୋଣାର୍କ ମନ୍ଦିର ନାଁରେ ଆଉ ମନ୍ଦିର ତିଆରି କରାଯାଇପାରିବ ନାହିଁ ବା ଦ୍ୱିତୀୟ କୋଣାର୍କକୁ ବିରୋଧ କରୁଛନ୍ତି ସେମାନେ ନିଜର ସଂକୀର୍ଣ୍ଣତାକୁ ଦୂର କରନ୍ତୁ। ଆଉ ଗୋଟିଏ ମନ୍ଦିର ହୋଇଗଲେ ଯେ ଏବେ ଥିବା ମନ୍ଦିର ମଳିନ ପଡ଼ିଯିବ ସେପରି ଭାବିବା ନିର୍ବୋଧତା। କଳିଙ୍ଗ, ଉତ୍କଳୀୟ ମନ୍ଦିର ଭାସ୍କର୍ଯ୍ୟ, ଶିଳ୍ପକଳାର ଏହା ପାଲଟନ୍ତା ଚଳନ୍ତି ଉଦାହରଣ। ଖାଲି ସେତିକି ନୁହେଁ, ଧୀରେ ଧୀରେ ସଙ୍କଟ ଆଡ଼କୁ ଯାଉଥିବା ଏହି କଳାଟି ଆଉଥରେ ଉଦ୍‌ଭାସିତ ହୁଅନ୍ତା। ସେତେବେଳେ ନଦୀ ସାହାଯ୍ୟରେ ଭେଳା କରି ପଥର ଆଣି ମନ୍ଦିର କରୁଥିଲେ। କେଡ଼େ କଷ୍ଟରେ ହାତରେ ବିଶାଳ ପଥରକୁ କାଟି କାଟି କରାଯାଉଥିଲା। ଆଜି ବହୁତ ସୁବିଧା ଆସିଲାଣି। କ୍ରେନ, ମେଶିନ ଉପଲବ୍ଧ ହେଲାଣି। ସହଜରେ ହୁଅନ୍ତା। ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଆଉ ଗୋଟିଏ କୋଣାର୍କ ମନ୍ଦିର ତିଆରି କରିବାର ଯୋଜନା ହୋଇଥିଲା। ସେଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ୫୦ କୋଟି ଖର୍ଚ୍ଚ ହୋଇଥାନ୍ତା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପାଖକୁ ଏକ ପ୍ରସ୍ତାବ ମଧ୍ୟ ଯାଇଥିଲା । ହେଲେ ତାହା ଭିନ୍ନ କାରଣ ପାଇଁ ଅଟକିଲା। ସ୍ୱାଧୀନ ଭାରତରେ ଗୁଜରାଟର ସୋମନାଥ ମନ୍ଦିରକୁ ତିଆରି କରାଯାଇପାରିଲା। ଏବେ ତେଲଙ୍ଗାନା ସରକାର ୟଦାଦ୍ରି ମନ୍ଦିରର ନିର୍ମାଣ କରୁଛନ୍ତି। ସେଥିରେ ୧୮୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏକ ପାହାଡ଼ ଉପରେ ୧୪ ଏକର ସ୍ଥାନରେ ପୁରୁଣା କାକତିୟ ଭାସ୍କର୍ଯ୍ୟ ଶୈଳୀରେ ହେଉଥିବା ଏହି ମନ୍ଦିରର ନିର୍ମାଣରେ ୫୦୦ କାରିଗର ଲାଗିଛନ୍ତି। ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଏହାର ଚାରିପାଖରେ ୭୦୦୦ ବସ ରହିବା ଭଳି ବସ ଟର୍ମିନାଲ, ଲୋକ ରହିବା ପାଇଁ ଘର ତିଆରି ହେଉଛି। ଯଦି ସେମାନେ କରିପାରୁଛନ୍ତି ଆମେ ତା'ହେଲେ କାହିଁକି ନୁହେଁ। ଆମର କ'ଣ ଦାୟିତ୍ୱ ନୁହେଁ କି ଆମର ପାରମ୍ପରିକ କଳା ଶୈଳୀକୁ ବିଶ୍ୱରେ ଦେଖାଇବା ପାଇଁ। ହଁ ଯଦି ଆର୍ଥିକ ଦୃଷ୍ଟିରୁ ବି ଚିନ୍ତା କରାଯାଏ ତା'ହେଲେ ବି ଏହି ପରିକଳ୍ପନା ଭବିଷ୍ୟତରେ ରାଜ୍ୟର ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ମାନଚିତ୍ରରେ ପ୍ରମୁଖ ସ୍ଥାନ ପାଲଟନ୍ତା। ଖାଲି ସେତିକି ନୁହେଁ, ଆମର ଶିଳ୍ପୀ କାରିଗରମାନଙ୍କୁ ବିଶ୍ୱ ବଜାରରେ କାମ ମିଳନ୍ତା। ଶେଷରେ ଏତିକି କହିବା ଯେ ବର୍ତ୍ତମାନ ଥିବା କୋଣାର୍କ ମନ୍ଦିରକୁ ଯଦି ସଜଡ଼ା ଯାଇ ପୁନର୍ନିର୍ମାଣ କରାଯାଉ ନ ହେଲେ ସେହି ସମାନ ଶୈଳୀରେ, ସମାନ କାରୁକାର୍ଯ୍ୟ ଭଳି ଆଉ ଗୋଟିଏ ବିଶାଳ ମନ୍ଦିର ହେଉ।

ହରିରାଜପୁର, ପୁରୀ
ମୋ:୮୨୪୯୮୬୮୯୬୧

# କାଗଜ କଲମରେ ନାଟକର ବିକାଶ



ଅଭୟ କୁମାର ଦାସ

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗରିମା ପ୍ରସ୍ଫୁଟିତ ହୋଇଥାଏ, ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଞ୍ଚ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାଶନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ବିଶ୍ୱ ରଙ୍ଗମଞ୍ଚ ବା ନାଟ୍ୟ ଦିବସର ସ୍ଥାପନା କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ଏହାର ଉନ୍ନତି ଲାଗି ପ୍ରତିବର୍ଷ ପାଳନ ହୋଇଥାଏ ବିଶ୍ୱ ଥିଏଟର ଦିବସ ବା ବିଶ୍ୱ ନାଟ୍ୟ ଦିବସ। ୧୯୬୧ ମସିହାରେ ଇଣ୍ଟରନ୍ୟାଶନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସାରା ବିଶ୍ୱରେ ଏହି ଦିନ ବିଭିନ୍ନ

### ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ

ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ଏହି ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କାକ୍‌ଟେ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ। କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦିନ ଥିଲା ଓଡ଼ିଶାରେ ମଞ୍ଚନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ। ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା। ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ, ହେଲେ ସର୍ବାଧିକ ମଞ୍ଚରେ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି। ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରି କି ସମର୍ଥନ ମିଳୁନାହିଁ ; ଯାହାଦ୍ୱାରା ବିଗତ ପାଞ୍ଚବର୍ଷ ଭିତରେ ଦେଖାଯାଇଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡି କିଣି ସିଡୀ ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନ ରଖିବେ ତା'ହେଲେ ନାଟ୍ୟକାର ହୁଅନ୍ତୁ ବା ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ କ'ଣ ? ତେଣୁ ମଞ୍ଚନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିତ ଭାବରେ ଆମ ସମସ୍ତଙ୍କର।

ଗୋତରା, ମାହାଙ୍ଗା, କଟକ,
ମୋ:୯୪୩୭୧୪୨୭୧୭

## ଏଇ ଭାରତରେ

ପଶ୍ଚିମବଙ୍ଗ ପୋଲିସରେ କନ୍‌ଷ୍ଟେବଳ ଭାବେ କାର୍ଯ୍ୟରତ କୌଶଭ ସାନ୍ୟାଲ ୫୦,୦୦୦ ଝିଅଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷାଦେବା ତାଙ୍କ ଦକ୍ଷତା ତଥା ସମର୍ପିତ ମନୋଭାବର ପରିଚୟ ଦେଇଛି। ୪୨ ବର୍ଷୀୟ କୌଶଭ ଜାତୀୟ ସ୍ତରର କରାଟେ ଚାମ୍ପିୟନ। ସେ ଡିସେମ୍ବର ୨୦୧୫ରେ 'ମିଶନ ସ୍ୱୟଂସିଦ୍ଧା' ଆରମ୍ଭ କରି ବୀରଭୂମ୍, ହୁଗୁଳି ଏବଂ ବୁରଦ୍ୱାନ ଜିଲାର ବିଭିନ୍ନ ସ୍କୁଲ ଓ କଲେଜରେ ଝିଅମାନଙ୍କୁ ଆତ୍ମରକ୍ଷା ପାଇଁ କରାଟେ ତଥା ଅନ୍ୟ ସମରକଳା ଉପରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଏବେ ବୀରଭୂମ୍‌ରେ ୪୦ଟି ସ୍କୁଲ ଓ କଲେଜ, ହୁଗୁଳିରେ ୩୦ଟି ସ୍କୁଲ ଏବଂ ବୁରଦ୍ୱାନର ୨୦ଟି ସ୍କୁଲରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ୭ମ ଶ୍ରେଣୀରୁ ଆରମ୍ଭ କରି ଶେଷ ବର୍ଷର କଲେଜ ଛାତ୍ରୀଙ୍କ ଯାଏ ସମସ୍ତଙ୍କୁ ସେ ଏହି ଅଭିଯାନରେ ସାମିଲ କରିଛନ୍ତି। ୨୦୨୧ ଜାନୁୟାରୀରୁ ସେ ବିବାହିତ ମହିଳାମାନଙ୍କ ପାଇଁ 'ମିଶନ ଅନନ୍ୟା' ମଧ୍ୟ ଆରମ୍ଭ କରି ଏବେ ମାତ୍ର ୨୬ଜଣଙ୍କୁ କରାଟେ ପ୍ରଶିକ୍ଷଣ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୯୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ କଳ୍ପନାଥ ରାୟ କଂଗ୍ରେସ (ଇ)ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।
- ମନୋନୟନକାରୀଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଅନ୍ତର୍ଜାତୀୟ କ୍ରିକେଟରୁ ପ୍ରଖ୍ୟାତ ଅଲ୍‌ରାଉଣ୍ଡର ମନୋଜ ପ୍ରଭାକରଙ୍କ ଅବସର ଘୋଷଣା।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | | | | | 1 | | | | 2 | 9 | |
| B | 7 | 0 | | | | | | | | | | 3 | | |
| 8 | | | 1 | D | | B | 7 | | A | | | | | |
| | E | | B | 5 | | | C | | | 0 | | | | 8 |
| | | 6 | | | | | | 5 | C | | | | 1 | 0 |
| 1 | | 3 | | 0 | 2 | | | | | | | 7 | | |
| | | | 7 | | | | A | 6 | 9 | | | | | |
| | | | 6 | 1 | C | 5 | D | B | 4 | | | | | |
| | | | | | 5 | 0 | | | 6 | | 8 | | | 2 |
| | | | | | D | 3 | 8 | 7 | 2 | | 1 | | A | 4 |
| | C | E | | | | 9 | | | | | | | 6 | |
| 3 | 9 | | | | | | | | B | | 4 | | 7 | |
| | | | E | | 4 | | | | 8 | | | A | | 3 |
| | 8 | B | | 9 | | A | 5 | D | | | | | E | |
| 0 | | | | | | | 4 | E | | D | | | 5 | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | B | 4 | E | 1 | 3 | D | 6 | 9 | C | 0 | 2 | 5 | 8 | 7 |
| 0 | 8 | 7 | 6 | 2 | B | 3 | 1 | A | D | 9 | 5 | 4 | E | C |
| 1 | 5 | D | 4 | 8 | C | 7 | B | E | A | 3 | 6 | 0 | 2 | 9 |
| 6 | 3 | 2 | 0 | 9 | A | 5 | 8 | C | 7 | 4 | E | 1 | D | B |
| C | E | 9 | 5 | 7 | D | 4 | 0 | 2 | 1 | B | 8 | 3 | 6 | A |
| E | D | B | 9 | 6 | 0 | C | 7 | 8 | 4 | 1 | A | 2 | 3 | 5 |
| 9 | 0 | 1 | 8 | B | 5 | E | 2 | 4 | 6 | C | 3 | A | 7 | D |
| 2 | 6 | C | 3 | D | 7 | A | 5 | 0 | E | 8 | 9 | B | 1 | 4 |
| 8 | A | 5 | 2 | 4 | E | 1 | 9 | 3 | B | 7 | D | 6 | C | 0 |
| 7 | 4 | 3 | C | A | 1 | B | D | 6 | 5 | 2 | 0 | 8 | 9 | E |
| B | C | 6 | 7 | E | 2 | 8 | 4 | D | 0 | A | 1 | 9 | 5 | 3 |
| 4 | 2 | E | 1 | C | 6 | 0 | 3 | 5 | 9 | D | B | 7 | A | 8 |
| 5 | 1 | 0 | B | 3 | 8 | 9 | A | 7 | 2 | E | C | D | 4 | 6 |
| 3 | 7 | A | D | 5 | 9 | 2 | C | B | 8 | 6 | 4 | E | 0 | 1 |
| D | 9 | 8 | A | 0 | 4 | 6 | E | 1 | 3 | 5 | 7 | C | B | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରାଯାଉ

ମହାଶୟ,

ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦ୍ୱାରା ଧନୀ, ଗରିବ ନିର୍ବିଶେଷରେ ସମସ୍ତେ ମାଗଣା ଅଥବା ଶସ୍ତାରେ ଚିକିତ୍ସା ସୁବିଧା ପାଇଥାନ୍ତି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ବିଶେଷକରି ଗ୍ରାମାଞ୍ଚଳର ଗରିବ ରୋଗୀଙ୍କ ପାଇଁ ଆଶୀର୍ବାଦ ସଦୃଶ। ଆୟୁଷ୍ମାନ ଭାରତ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପରି ବ୍ୟବସ୍ଥା ବୀମା ଭିତ୍ତିକ ଓ ହସ୍‌ପିଟାଲ ଭିତ୍ତିକ ସ୍ୱାସ୍ଥ୍ୟ ସେବା। ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ନୁହେଁ। ଏହି ଯୋଜନାରୁ ନିର୍ଦ୍ଦିଷ୍ଟ ବର୍ଗର କିଛି ଗରିବ ଲୋକ ଚିକିତ୍ସା ସୁବିଧା ପାଇଥାନ୍ତି। ଆମ ରାଜ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ସମେତ ପାଖାପାଖି ୧୮୦୦ ସରକାରୀ ଏଲୋପାଥିକ ଚିକିତ୍ସାଳୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେଉଛି। ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ସଶକ୍ତ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସ୍ୱାସ୍ଥ୍ୟ ବଜେଟ ବୃଦ୍ଧି ହେବା ଦରକାର। ଏଥି ସହ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ ସହାୟକ ପଦବୀଗୁଡ଼ିକ ପୂରଣ ହେବା ଆବଶ୍ୟକ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ସହ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସରକାର ତତ୍ପରତା ପ୍ରକାଶ କରିବା ଆବଶ୍ୟକ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ଗଳିତ ସେ ଚର୍ମଲୁଁ ବାଜିଥିଲା
ଗୌରବର ତୂଯର୍ୟ
ଘେନ ତେଣୁ ନବୀନର ପୂଜା ଅଘର୍ୟ
ହେ ପୁରାଣ ପୂଜ୍ୟ !
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଏଟିଏ ଟପ୍ପର ସମ୍ବିତଙ୍କୁ ଶୁଭେଚ୍ଛା

ମାର୍ଶାଘାଇ, ୨୬।୩(ଡି.ଏନ.ଏ.)


ସମ୍ବିତ ପରିଡ଼ା

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ଗାଁର ନିରଞ୍ଜନ ପରିଡ଼ାଙ୍କ ସାନପୁଅ ସମ୍ବିତ ଚଳିତବର୍ଷ ଜିଏଟିଏ (ଗୋଏଙ୍କା ଆପ୍ଟିଚୁଡ ଟେଷ୍ଟ ଫର ଆଡ୍‌ମିଶନ)ରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ଅନ୍ତେଇ ଉଚ୍ଚ ବିଦ୍ୟାଳୟରେ ସେ ଅଧ୍ୟୟନ କରି ମାଟ୍ରିକରେ ପ୍ରଥମରେ ଉତ୍ତୀର୍ଣ୍ଣ ହେବା ପରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଓ ରେଭେନ୍ସା ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନରେ ସଫଳତା ହାସଲ କରିଥିଲେ। ପରେ ସମ୍ବିତ ଆଇଆଇଟି ମୁମ୍ବାଇ ଜିଓଲୋଜିରେ ଏମ୍‌ଏସସି ଡିଗ୍ରୀ ହାସଲ ପରେ ଆଇଆଇଟି କାନପୁରରେ ଭୂତତ୍ତ୍ୱ ବିଜ୍ଞାନରେ ପିଏଚ୍‌ଡିରେ ଅଧ୍ୟୟନରତ ଅଛନ୍ତି। ଏହି ଖବର ଜଣାପଡିବା ପରେ ତାଙ୍କ ଘରକୁ ବିଭିନ୍ନ ବର୍ଗର ଲୋକ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହିକ୍ରମରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଘରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ମଙ୍ଗଳ କାମନା କରିଛନ୍ତି। ପ୍ରତିକ୍ରିୟାରେ ସମ୍ବିତ କହିଛନ୍ତି, ବାପା ମାଆ, ଶିକ୍ଷକ, ଅଧ୍ୟାପିକାଅଧ୍ୟାପକଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କୁ ଏତେ ବାଟ ଆଣି ପାରିଛି।

# ଅଞ୍ଜନାଙ୍କଠାରୁ ତଥ୍ୟ ନେଲା ସିବିଆଇ

## ଖୁବ୍‌ଶୀଘ୍ର ହୋଇପାରେ ଚାର୍ଜଶିଟ୍ ଦାଖଲ

■ ଷଡ଼ଯନ୍ତ୍ର ଦିଗରେ ତଦନ୍ତ ନେଇ ପଚାରିଲେ ଅଞ୍ଜନା
■ ସିବିଆଇ ଟିମ୍ ବିବନଙ୍କ ଘରକୁ ଯାଇଥିବା ସୂଚନା

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ଦୀର୍ଘ ୨୨ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ କମିଶନରେଟ୍ ପୋଲିସ ଗିରଫ କରିବା ପରେ ସିବିଆଇକୁ ହସ୍ତାନ୍ତର କରିଥିଲା। ମାମଲାର ତଦନ୍ତ ଭାର ନେଇଥିବା ସିବିଆଇ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବାକୁ ପ୍ରସ୍ତୁତି ଚଳାଇଛି। ବିବନଙ୍କ ବିରୋଧରେ ଦୃଢ଼ ତଥ୍ୟ ଯୋଗାଡ କରିବାରେ ଲାଗି ପଡ଼ିଛି। ଶୁକ୍ରବାର ସିବିଆଇର ୨ଜଣିଆ ଟିମ୍ ପୀଡିତା ଅଞ୍ଜନାଙ୍କ ଘରକୁ ଯାଇଥିଲା। ଏହି ସମୟରେ ସିବିଆଇ ଅଧିକାରୀମାନେ ଅଞ୍ଜନାଙ୍କ ସହ ପ୍ରାୟ ୩୦ ମିନିଟ୍ ଆଲୋଚନା କରିବା ସହ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥିଲେ। ତେବେ ଗଣବଳାତ୍କାର ପଛରେ ରହିଥିବା ଷଡଯନ୍ତ୍ର ଦିଗକୁ ନେଇ କ'ଣ ତଦନ୍ତ କରାଯାଉଛି ସେନେଇ ଅଞ୍ଜନା ସିବିଆଇ ଅଧିକାରୀଙ୍କୁ ପଚାରିଥିବେଲେ। ହେଲେ ତଦନ୍ତ ଚାଲିଥିବାରୁ କିଛି କହିହେବ ନାହିଁ। ଚାର୍ଜଶିଟ୍ ଦାଖଲ ପରେ ଜଣାପଡିବ ବୋଲି ସିବିଆଇ ଅଧିକାରୀମାନେ କହିଥିଲେ। ଏଥିସହିତ ବିବନଙ୍କ ଘରକୁ ମଧ୍ୟ ସିବିଆଇ ଟିମ୍ ଯାଇ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଖୁବ୍‌ଶୀଘ୍ର ତଦନ୍ତ ଶେଷ କରାଯାଇ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ଏହି ମାମଲାରେ ପୂର୍ବରୁ ୨ଜଣ ଗିରଫ ହୋଇ ଜେଲ ଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିବନ ୨୨ବର୍ଷ ଧରି ଫେରାର ଥିଲେ। ଗତ ଫେବୃୟାରୀ ୨୧ରେ କମିଶନରେଟ୍ ପୋଲିସ ବିବନଙ୍କୁ ପୁଣେ ଆମ୍ବି ଭ୍ୟାଲିରୁ ଗିରଫ କରିଥିଲା। ମାମଲା ସିବିଆଇ ହାତରେ ଥିବାରୁ ଗିରଫ ପରେ ପୋଲିସ ବିବନଙ୍କୁ ସିବିଆଇକୁ ହସ୍ତାନ୍ତର କରିଥିଲା। ଏହା ପରଠାରୁ ଚାର୍ଜଶିଟ୍ ଦାଖଲ କରିବାକୁ ସିବିଆଇ ମାମଲାର ଅଧିକ ତଦନ୍ତ କରୁଛି। ଘଟଣା ପରେ ବିବନ କେମିତି ରାଜ୍ୟ ବାହାରକୁ ଖସିଯାଇଥିଲେ। ସେଠାରେ ଆତ୍ମଗୋପନ କରି କିପରି ରହୁଥିଲେ ଆଦି ସମସ୍ତ ଦିଗରେ ସିବିଆଇ ଛାନ୍‌ଭିନ୍ କରିଥିଲା। ବିବନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମସିନ୍ ରିକ୍ରିଏଶନ କରିଥିଲା। ଏଥିସହିତ ଝାରପଡ଼ା ଜେଲ୍‌ରେ ବିବନଙ୍କର ମଧ୍ୟ ଟିଆଇ ପରେଡ୍ ହୋଇଥିଲା। ଅଞ୍ଜନା ଓ ପ୍ରତ୍ୟକ୍ଷଦର୍ଶୀ ତାଙ୍କ କାର୍‌ର ଡ୍ରାଇଭର ଉଭୟ ବିବନଙ୍କୁ ଚିହ୍ନଟ କରିଥିଲେ।

# ଶେଷ ହେବ ଟିଏମ୍‌ସି ଖେଳ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ପଶ୍ଚିମବଙ୍ଗ ନିର୍ବାଚନରେ ଟିଏମ୍‌ସି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ 'ଖେଳ ହେବ' ବୋଲି କହୁଛନ୍ତି। କିନ୍ତୁ ନନ୍ଦିଗ୍ରାମ ସମେତ ରାଜ୍ୟର ଜନତା ଦିଦିଙ୍କ ଖେଳ ଶେଷକରିବାକୁ ମନ ବଳାଇସାରିଲେଣି। ଚଳିତ ନିର୍ବାଚନରେ ଟିଏମ୍‌ସି ଗାଦିଚ୍ୟୁତ ହେବା ଥୟ ବୋଲି ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ବେଳେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧର୍ମେନ୍ଦ୍ର କହିଛନ୍ତି, ମମତା ସରକାରଙ୍କ ଗୁଣ୍ଡାଗର୍ଦ୍ଦିର ଜବାବ ନନ୍ଦିଗ୍ରାମର ଜନତା ନିଶ୍ଚୟ ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଜଗାର ପାଇଁ ଉଦ୍ୟୋଗ, କୃଷକ ସମ୍ମାନ ନିଧିରେ ଚାଷୀଙ୍କୁ ସହାୟତା, ଆୟୁଷ୍ମାନ ଭାରତ ଯୋଜନାରେ ଉତ୍ତମ ଚିକିତ୍ସା ଯୋଗାଇଦେବା ଲାଗି ପ୍ରତିଶ୍ରୁତିବଦ୍ଧ। ହେଲେ ଦିଦିଙ୍କ ଶାସନରେ ପଶ୍ଚିମବଙ୍ଗବାସୀ ଏସବୁ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାଜ୍ୟର ଜନତା ପରିବର୍ତ୍ତନ ଚାହୁଁଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ଏହାର ହିସାବ ନିକାଶ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ସେ ନନ୍ଦିଗ୍ରାମର ବିଭିନ୍ନ ସାମାଜିକ ସଙ୍ଗଠନର ମହିଳା ସ୍ୱେଚ୍ଛାସେବୀଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଭୋଟରଙ୍କ ଆଧାର ତଥ୍ୟର ଅପବ୍ୟବହାର କରୁଛି ଭାଜପା



## ନିର୍ବାଚନ କମିଶନଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

ଚେନ୍ନାଇ,୨୬।୩

ନିର୍ବାଚନପ୍ରଚାରଉଦ୍ଦେଶ୍ୟରେଭାଜପା ପୁଡୁଚେରୀର ଭୋଟରମାନଙ୍କର ଫୋନ୍ ନମ୍ବର ଓ ଅନ୍ୟାନ୍ୟା ଆଧାର ତଥ୍ୟର ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ପୁଡୁଚେରୀ ବିଧାନସଭା ନିର୍ବାଚନ ଏପ୍ରିଲ ୬ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ଘୁଞ୍ଚା ଯାଇପାରିବ କି ବୋଲି ମାଡ୍ରାସ୍ ହାଇକୋର୍ଟ ଶୁକ୍ରବାର ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି। ଅଭିଯୋଗର ତଦନ୍ତ କରି ମାର୍ଚ୍ଚ ୩୦ ସୁଦ୍ଧା ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୁଡୁଚେରୀରେ ଭାଜପା ଏନ୍‌ଆର୍ କଂଗ୍ରେସ ମେଣ୍ଟରେ ରହିଛି। ଏହି ମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବ ବୋଲି ଏକ ସଂସ୍ଥା ପୂର୍ବାନୁମାନ କରିଛି। ଭାଜପା ଭୋଟରମାନଙ୍କୁ ଆଧାର ଲିଙ୍କ୍ ଥିବା ଫୋନ୍ ନମ୍ବର ସଂଗ୍ରହ କରି ସେମାନଙ୍କ ପାଖକୁ ହ୍ୱାଟ୍ସଆପ୍ ବାର୍ତ୍ତା ପଠାଇବା ସହ ସେମାନଙ୍କୁ ଗ୍ରୁପ୍‌ରେ ସାମିଲ ହେବା ଲାଗି ଆମନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି। ଡେମୋକ୍ରାଟିକ୍ ୟୁଥ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଡିୱାଇଏଫ୍‌ଆଇ) ନେତା ଏ. ଆନନ୍ଦ ଭାଜପାରୁ ଏଭଳି ଏକ ହ୍ୱାଟ୍ସଆପ୍ ବାର୍ତ୍ତା ପାଇବା ପରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ପୁଡୁଚେରୀର ସମସ୍ତ ପୋଲିଂ ବୁଥ୍‌ରେ ଏଭଳି ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏହା ବ୍ୟକ୍ତିଗତ ତଥ୍ୟ ଚୋରି ଓ ସାଇବର ଟେରୋରିଜମ୍ ବୋଲି ଆନନ୍ଦ ତାଙ୍କ ପିଟିଶନରେ ଦର୍ଶାଇଥିଲେ।

# ପୋଲିସ ନିର୍ଯାତନା, ଲୋକ ଲଜ୍ଜାରେ ଆତ୍ମହତ୍ୟା ଅଭିଯୋଗ

ମାହାଙ୍ଗା,୨୬।୩ (ସ୍ୱ.ପ୍ର.)

ପୋଲିସ ନିର୍ଯାତନା ସହି ନ ପାରି ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଞ୍ଚଳର କଳାକାର ସାହୁ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ତାଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଅପମୃତ୍ୟୁ ମାମଲା (ନଂ.୪/୨୧) ରୁଜୁ ହୋଇଛି। ଏହାପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ମାହଙ୍ଗା– କଟିକଟା ରାସ୍ତାର ଓଉମୂଳ ଛକରେ ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଅଭିଯୋଗ ଅନୁସାରେ, ଉକ୍ତ ଗାଁର ଜଣେ ନାବାଳିକାଙ୍କୁ ଗତ ୨୦ ତାରିଖରେ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଭଦ୍ରେଶ୍ୱର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୬୦/୨୧)ରୁଜୁ ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ନାବାଳିକାଙ୍କ ସହ କଳାକାରଙ୍କ କୌଣସି ସୂତ୍ରରୁ ସମ୍ପର୍କ ଥିବା ସନ୍ଦେହ କରି ତାଙ୍କୁ ଫାଣ୍ଡିକୁ ଡାକି ଜେରା କରାଯାଇଥିଲା। ଏହି ସମୟରେ ପୋଲିସ ପକ୍ଷରୁ ବିଭିନ୍ନ ନିର୍ଯାତନା ଦିଆଯାଇଥିଲା। ଏଥିସହ ଲୋକ ଲଜ୍ଜା ସହି ନ ପାରି କଳାକାର ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷେ ଅପହୃତ ନାବାଳିକାଙ୍କୁ ଉକ୍ତ ଗ୍ରାମରୁ ପୋଲିସ ଗୁରୁବାର ରାତିରେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗ୍ରାମବାସୀ ରାସ୍ତା ଅବରୋଧ କରିବା ପରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ସାଲେପୁର, ମାହାଙ୍ଗା ଥାନା ଆଇଆଇସି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।


ମାହଙ୍ଗା– କଟିକଟା ରାସ୍ତାର ଓଉମୂଳ ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

# ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଭୋଟ ଦିଅ

## ଆସାମ ଭୋଟରଙ୍କୁ ମନମୋହନଙ୍କ ଅପିଲ୍



ନୂଆଦିଲ୍ଲୀ,୨୬।୩

ଆସାମରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଶୁକ୍ରବାର ଏକ ଭିଡିଓ ବାର୍ତ୍ତା ଜରିଆରେ ଭୋଟରମାନଙ୍କୁ ଅପିଲ୍ କରିଛନ୍ତି। ଯେଉଁ ଦଳ ଭାରତର ସମ୍ବିଧାନ ଏବଂ ଗଣତନ୍ତ୍ରର ମୂଲ୍ୟବୋଧକୁ ସୁରକ୍ଷିତ ରଖିବ ସେହି ଦଳକୁ ଭୋଟ ଦେବା ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ୧୯୯୧ରୁ ମନମୋହନ ଆସାମରୁ କ୍ରମାଗତ ୫ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସମାଜକୁ ଧର୍ମ, ସଂସ୍କୃତି ଓ ଭାଷା ଭିତ୍ତିରେ ଭାଗ ଭାଗ କରାଯିବା ସହ ସାଧାରଣ ଜନତାଙ୍କ ମୌଳିକ ଅଧିକାର ଉଲ୍ଲଂଘନ ହେଉଥିବା ମନମୋହନ ସତର୍କ କରାଇ ଦେଇଛନ୍ତି। ସମାଜରେ ଉତ୍ତେଜନା ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ନୋଟବନ୍ଦୀ ଭଳି ଭୁଲ୍ ଚିନ୍ତାଧାରା ଏବଂ ଜିଏସ୍‌ଟିରେ ଅନୁପଯୁକ୍ତ କାର୍ଯ୍ୟକାରିତା ଯୋଗୁ ଅର୍ଥନୀତି ଦୁର୍ବଳ ହୋଇଛି। ଲକ୍ଷ ଲକ୍ଷ ପୁରୁଷ ମହିଳା ଜୀବିକା ହରାଇଛନ୍ତି। ଯୁବବର୍ଗଙ୍କ ହାତରେ କାମ ନାହିଁ। ତୈଳ ଓ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ସାଧାରଣ ଜନତାଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସିଏଏ ଲାଗୁ ହେବ ନାହିଁ ଏବଂ ଏହାକୁ ରଦ୍ଦ କରିବା ଲାଗି ଉଦ୍ୟମ କରାଯିବ। ଏଥିସହିତ ସରକାରୀ ସେକ୍ଟରରେ ୫ ଲକ୍ଷ ଏବଂ ଘରୋଇ କ୍ଷେତ୍ରରେ ୨୫ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ମନମୋହନ ପ୍ରତିଶ୍ରୁତି ଦେଇଛନ୍ତି।







## ଜିଲା ମହୋତ୍ସବ କଲ୍ଲୋଳ ସ୍ଥଗିତ

**ଜଗତ୍‌ସିଂହପୁର ଅଫିସ:** କୋଭିଡ୍-୧୯ର ଦ୍ରୁତ ସଂକ୍ରମଣ ଯୋଗୁ ଗତବର୍ଷ ଜିଲା ମହୋତ୍ସବ କଲ୍ଲୋଳ ବାତିଲ କରି ଦିଆଯାଇଥିଲା। ପରିସ୍ଥିତିରେ ସୁଧାର ଯୋଗୁ ଚଳିତବର୍ଷ ମହୋତ୍ସବ ପାଳନ ନେଇ ଆଶା କରାଯାଉଥିଲା। ଗତ ୧୦ ତାରିଖରେ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ୫ ଦିନ ପରିବର୍ତ୍ତେ ୩ ଦିନ (ଏପ୍ରିଲ ୧ରୁ ୩ ତାରିଖ) କରାଯିବା ଉପରେ ସର୍ବସମ୍ମତକ୍ରମେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏବେ କରୋନାର ୨ୟ ଲହର ଆସିବା ଯୋଗୁ ଜିଲାପାଳ କଲ୍ଲୋଳ ମହୋତ୍ସବ ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି।

### ଆଜି କ'ଣ କେଉଁଠି

**କେନ୍ଦ୍ରାପଡ଼ା**
- ବନବିହାରୀ ମହାପୁରୁଷ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ଅମୃତମଣୋହୀ ପାଟଣା, କେନ୍ଦ୍ରାପଡା, ସନ୍ଧ୍ୟା ୭ଟା।

**ନୟାଗଡ଼**
- ବିଶ୍ୱଶାନ୍ତି ତ୍ରିତାପ ମୁନିଯଜ୍ଞର ୨ୟ ଦିବସରେ ନାମଯଜ୍ଞ, ପାଣିପୋଇଲା ବନଦୁର୍ଗା ପୀଠ, ପୂର୍ବାହ୍ନ ୭ ଘଟିକା।

### ସଂକ୍ଷେପରେ

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା, ୨୬।୩(ଡି.ଏନ.ଏ.)-** ଧର୍ମଶାଳା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ପାଖର ପଞ୍ଚାୟତ ମାଣ୍ଡିଆ ଗ୍ରାମର ରାଜନାରାୟଣ ମଲିକ(୨୦)। ଗତ ୨୧ ତାରିଖରେ ରାଜନାରାୟଣ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୪୩।୨୧)ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ରାତିରେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହତ ଅପହରଣକାରୀ ଯୁବକଙ୍କୁ ଗିରଫ କରିଥିଲା। ଶୁକ୍ରବାର ଯୁବକଙ୍କ ଡାକ୍ତରୀ ମାଇନା ପରେ ଯାଜପୁର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସରୋଜ ସାହୁ କହିଛନ୍ତି।

## ୪ ବଖରା ସହ ୨୦ କୁଇଣ୍ଟାଲ ଧାନ ଜଳିଗଲା

**ରାଜନଗର, ୨୬।୩ (ଡି.ଏନ.ଏ.)–** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡକୋଟ ଗାଁରେ ଅଗ୍ନିକାଣ୍ଡ ଘଟି ୪ ବଖରା ସହ ୨୦ କୁଇଣ୍ଟାଲ ଧାନ ଓ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଗାଁର ଫକୀର ଚରଣ ରାଉତଙ୍କ ଘରେ ଶୁକ୍ରବାର ଅପରାହ୍ନ ୧ଟାରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ପିନ୍ଧା ଲୁଗା ବ୍ୟତୀତ କୌଣସି ସାମଗ୍ରୀ ଉଦ୍ଧାର କରି ପାରି ନାହାନ୍ତି। ସରପଞ୍ଚ ରଶ୍ମିତା ପ୍ରତିହାରୀ ବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଓ ସମସ୍ତ ରୋଷେଇ ସାମଗ୍ରୀ ଯୋଗାଇ ଦେଇଛନ୍ତି।

## ଖବରକାଗଜ ବିତରକଙ୍କ ମାତୃ ବିୟୋଗ



**ରାଜନଗର, ୨୬।୩ (ଡି.ଏନ.ଏ.)-** ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗାଁର ଶତାୟୁ ମହିଳା ନୟନା ସୁନ୍ଦରୀ ବାରିକଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ଶହେ ବର୍ଷ ହୋଇଥିଲା। ପରିଣତ ବୟସରେ ବି ସେ ବିଭିନ୍ନ ଖବରକାଗଜ ପଢିବା ଏକ ପ୍ରକାର ନିଶା ଥିଲା। ତାଙ୍କର ସାନପୁଅ ଅମ୍ବରିଶ ଦୀର୍ଘ ବର୍ଷ ହେଲା ରାଜନଗର, ମଦନପୁର ଓ ଉତିକଣ ଅଞ୍ଚଳରେ ଖବରକାଗଜ ବିତରଣ କରୁ ଆସୁଛନ୍ତି। ତାଙ୍କର ବଡପୁଅ ଅଶୋକ ମୁଖାଗ୍ନି ଦେଇଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ମା'ମଙ୍ଗଳା ଯଜ୍ଞ ଉଦ୍‌ଯାପିତ

**ଚଢେଇଧରା, ୨୬।୩(ଡି.ଏନ.ଏ.)-** ଧର୍ମଶାଳା ବ୍ଲକ ମଧୁପୁରଗଡ଼ଠାରେ ମା'ମଙ୍ଗଳାଙ୍କ ୨୩ତମ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ଯଜ୍ଞରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମା' ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ସୁଭାଧିବାସ, କଳସ ଶୋଭାଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା ଆଦି ଷୋଡଶ ଉପଚାର କର୍ମ ସମାପନ ପରେ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ପାଲା, ଭଜନ ସନ୍ଧ୍ୟା ଓ ପ୍ରବଚନ ଆଦି ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁ କୋଭିଡ୍ ନିୟମ ମାନି ଯଜ୍ଞ ପାଳନ କରିଥିଲେ।

# ଟାଙ୍କି ଅଛି, ପାଣି ନାହିଁ

- କୋରାବନ୍ଧୀ ଗ୍ରାମରେ ଜଳ ସଙ୍କଟ
- ପାଇପ ବିଛା ନାମରେ ଲକ୍ଷାଧିକ ଟଙ୍କା ଚଳୁ

ଯାଜପୁର ଅଫିସ/ ରଗଡି (ଡି.ଏନ.ଏ.),୨୬।୩



ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ୩ ବର୍ଷ ହେଲା ଅଚଳ ହୋଇପଡିଛି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବାରୁ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କୋରାବନ୍ଦୀ ଗ୍ରାମରେ ୧ ଲକ୍ଷ ଲିଟର ଓ ୧୨ ମିଟର ଉଚ୍ଚତା ବିଶିଷ୍ଟ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ଏଥିପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଥିଲା। ୧୯।୨।୨୦୧୮ରେ ଏହାକୁ ଅନ୍ଧାରୀ ସରପଞ୍ଚ ପଙ୍କଜିନି ମହାକୁଡ଼ ଶିଳାନ୍ୟାସ କରିଥିଲେ । ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଥିବା ଗ୍ରାମବାସୀ ଏଥିରେ ଆଶ୍ୱସ୍ତି ଲାଭ କରିଥିଲେ। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମଧରେ ମଧୁଚନ୍ଦ୍ରିକା ପାଇଁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅଚଳ ହୋଇପଡିଥିବା ଜଳଯୋଗାଣ ପ୍ରକଳ୍ପ।

ପ୍ରକଳ୍ପ ନିର୍ମାଣ ସମୟରେ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହୁଥିଲେ । ଏହାର ସୁଯୋଗ ନେଇ ନିମ୍ନମାନର କାମ କରି ଠିକାଦାର ଚମ୍ପଟ ମାରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ୨ ଫୁଟ ତଳେ ପାଇପ ବିଛାଇବାର ନିୟମ ଥିଲେ ମଧ୍ୟ ମାଟିଠାରୁ ୬ ରୁ ୭ ଇଞ୍ଚ ତଳେ ଅତି ନିମ୍ନମାନର ପାଇପ ବିଛାଇ ମାଟି ଢଙ୍କାଇ ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପାଇପଗୁଡ଼ିକ ଅତି ନିମ୍ନମାନର ହୋଇଥିବାରୁ କେତେକ ସ୍ଥାନରେ ତାହା ଫାଟି ପାଣି ଝରୁଛି । କାମ ଶେଷ ହେବାର ୫ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାର ପ୍ରକଳ୍ପର ସମସ୍ତ ତ୍ରୁଟିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଥିବାବେଳେ ଏହାର ବ୍ୟତିକ୍ରମ ଘଟିଛି। ଏଥିଯୋଗୁ ଗ୍ରାମବାସୀ ଠିକ୍ ଭାବେ ପାଣି ପାଇ ପାରୁନାହାନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଓ ବିଡ଼ିଓଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ମିନତୀ ମହାରଣାଙ୍କୁ ପ୍ରଶ୍ନ କରିବାରୁ ଏହା ୨ବର୍ଷ ତଳର କାମ । ସେଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ମନେ ନାହିଁ ବୋଲି କହିଛନ୍ତି। ଠିକାଦାରଙ୍କ ସହ ଯୋଗାଯୋଗ କରି ଏହାର ସମାଧାନ କରାଯାଇ ପାରିବ ବୋଲି ସେ କହିଛନ୍ତି। ଯାଜପୁର ଜିଲାପାଳ ଏ ସଂକ୍ରାନ୍ତରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗୁଣିଗାରେଡ଼ି ମାମଲା ଲାଗି ଶାନ୍ତି କମିଟି



ବୈଠକରେ ପୋଲିସ, ଗ୍ରାମବାସୀ ଓ ଅନ୍ୟମାନେ।

### କମିଟି ଗଠନ ପରେ ଗାଁକୁ ଫେରିଲେ ବାସନ୍ଦ ପରିବାର

ରସୁଲପୁର,୨୬।୩ (ଡି.ଏନ.ଏ.)

ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଝୁନୁ ଦାସଙ୍କ ପରିବାରକୁ ଜାନୁୟାରୀରୁ ସାମାଜିକ ବାସନ୍ଦ କରାଯାଇଥିଲା। ଏନେଇ ଧର୍ମଶାଳା ଥାନାରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ତେବେ ଉକ୍ତ ଘଟଣାକୁ ଆପୋସ ସମାଧାନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ, ପ୍ରଶାସନ, ଜନପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳ ମୁରବୀଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଛି। ଗାଁରେ ୩ମାସ ଧରି ଲାଗି ରହିଥିବା ବିବାଦ ଆଗକୁ ଯେମିତ ଉଗ୍ରରୂପ ଧାରଣ ନ କରିବ ସେ ନେଇ ଏହି କମିଟି ଗଠନ କରାଯାଇଛି। ତେଣୁ ୩ମାସ ଧରି ଗାଁ ଛାଡ଼ି ବାହାରେ ରହୁଥିବା ଝୁନୁଙ୍କ ପରିବାରକୁ ପୋଲିସ ସହାୟତାରେ ଗାଁକୁ ଫେରାଇ ଅଣାଯାଇଛି। ଏନେଇ ବ୍ରହ୍ମବରଦା ଫାଣ୍ଡିରେ ଯାଜପୁର ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କ ପୌରହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଡିପିଓ ଚିନ୍ମୟ ନାୟକ, ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡ଼ା, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱରଞ୍ଜନ କର, ଭାରପ୍ରାପ୍ତ ଫାଣ୍ଡି ଅଧିକାରୀ ପ୍ରଦୀପ ଘଡ଼ାଇ, ମହେଶ୍ୱରପୁର ସରପଞ୍ଚ ଅମୂଲ୍ୟ ପାତ୍ର, ପୂର୍ବତନ ସରପଞ୍ଚ ଅକ୍ତର ଅଲ୍ଲୀ ଓ ଜୁଲଫିକର ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଉଭୟ ପକ୍ଷରେ ବିବାଦ ଦେଖାଦେଲେ ତାକୁ ସମାଧାନ କରିବା ଦିଗରେ ଶାନ୍ତି କମିଟି ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

## ଜବ୍ କାର୍ଡଧାରୀଙ୍କ ବଦଳରେ ମେଶିନରେ ଚାଲିଛି କାମ

ତିର୍ତ୍ତୋଲ, ୨୬।୩ (ଡି.ଏନ.ଏ.)



- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା
- ବିଡିଓ, ଜିଲାପାଳଙ୍କୁ ଅଭିଯୋଗ

ତିର୍ତ୍ତୋଲ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ବାଟବଣା ହୋଇଛି। ଏଠାରେ ଜବ୍‌କାର୍ଡଧାରୀଙ୍କ ବଦଳରେ ମେଶିନରେ କାମ ଚାଲିଛି। ଏନେଇ ବ୍ଲକର କୋଷ୍ଟିମଲ୍ଲିକାପୁର, ଆମ୍ବେରୀ ଓ ସଂଅାଁରା ପଞ୍ଚାୟତର ଜବ୍ କାର୍ଡଧାରୀମାନେ ଶୁକ୍ରବାର ବିଡିଓ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ୩ ପଞ୍ଚାୟତର ସରକାରୀ ଅଧିକାରୀମାନେ ଚକ୍ରାନ୍ତ କରି ରାତିରେ ମେସିନ ଦ୍ୱାରା ପୋଖରୀ ଖୋଳି ମାଟି ବିକ୍ରି କରୁଛନ୍ତି। ବିଭିନ୍ନ ଗ୍ରାମର ଖେଳ ପଡିଆ ପୋତୁଛନ୍ତି। କୋଷ୍ଟିମଲ୍ଲିକାପୁର ପଞ୍ଚାୟତର କିରଣ୍ଟି ଗ୍ରାମରେ ଥିବା ପଣ୍ଡୁଆ ପୋଖରୀ ଏହି ଯୋଜନାରେ ମେସିନ ଦ୍ୱାରା ଖୋଳାଯାଇଛି। ଗ୍ରାମର କିଛି ଜବ୍ କାର୍ଡଧାରୀଙ୍କ ଠାରୁ ଜବ୍ କାର୍ଡ ଆଦାୟ କରାଯାଇ ମଷ୍ଟର ରୋଲ ପ୍ରସ୍ତୁତ ହେବାପରେ ଏହି ଘଟଣା ପଦାକୁ ଆସିଛି ବୋଲି ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତୁରନ୍ତ ଏହି ଘଟଣାର ତଦନ୍ତ କରିବାକୁ କିରଣ୍ଟି ଗ୍ରାମର ବିଜୟ କୁମାର ନନ୍ଦୀ, ଆଶୁତୋଷ ମହାରଣା, ବିଜୟ ଦଳାଇ, ସୁଜିତ ସିଓ ଘଡାଇ, ସଞ୍ଜୟ ସ୍ୱାଇଁ, ଜଗନ୍ନାଥ ପ୍ରସାଦ ମୁଦୁଲି ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ଅଟଳ ବିହାରୀ ସ୍ୱାଇଁ କହିଛନ୍ତି, ଅଭିଯୋଗ ପାଇବା ପରେ ଏପିଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କୋଭିଡ ଯୋଦ୍ଧାଙ୍କୁ ମରଣୋତ୍ତର ସହାୟତା

ପାରାଦୀପ ୨୬।୩ (ସ୍ୱ:ପ୍ର:)

ପାରାଦୀପ ବନ୍ଦର ଚିକିତ୍ସାଳୟରେ କର୍ତ୍ତବ୍ୟରତ ଠିକା ସ୍ୱାସ୍ଥ୍ୟକର୍ମୀ ତ୍ରିନାଥ ଚରଣ ଲେଙ୍କାଙ୍କ ୨୦୨୦ ଅକ୍ଟୋବରରେ କରୋନାରେ ମୃତ୍ୟୁ ହୋଇଥିଲା। ଏହା ପାରାଦୀପ ବନ୍ଦର କ୍ଷେତ୍ରରେ ଏକମାତ୍ର ଘଟଣା ଥିଲା। ଏନେଇ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱର୍ଗତ ଲେଙ୍କାଙ୍କ ପରିବାରକୁ ମରଣୋତ୍ତର ସହାୟତା ପ୍ରଦାନ କରାଯାଇଛି। ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଗୁରୁବାର ସ୍ୱର୍ଗତ ଲେଙ୍କାଙ୍କ ସ୍ତ୍ରୀ ସବିତାଙ୍କୁ ୫୦ଲକ୍ଷ ଟଙ୍କା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରହ୍ଲାଦ ପଣ୍ଡା ଉପସ୍ଥିତ ଥିଲେ। ପୋର୍ଟ ସିପିଂ ଏବଂ ଜଳପଥ ମନ୍ତ୍ରଣାଳୟ କେନ୍ଦ୍ର ସରକାରଙ୍କଠାରୁ ସ୍ୱୀକୃତି ମିଳିବା ପରେ ଠିକାଶ୍ରମିକଙ୍କ ପାଇଁ ଏହି ଅର୍ଥ ଦେବାପାଇଁ ପ୍ରାବଧାନ କରାଯାଇଛି।

## ନହକା ଛକରେ ବ୍ୟାସଦେବ ମୂର୍ତ୍ତି ସ୍ଥାପନ ଦାବି

ଯାଜପୁର ରୋଡ, ୨୬।୩ (ଡି.ଏନ.ଏ.)

ବ୍ୟାସନଗର ସହରରେ ନିର୍ମାଣାଧୀନ ନହକା ଗୋଲେଇ ଛକଠାରେ ବ୍ୟାସଦେବଙ୍କ ମୂର୍ତ୍ତି ସ୍ଥାପନ କରିବାକୁ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ଅନୁଷ୍ଠାନର ଜିଲା ସଭାପତି ନିତ୍ୟାନନ୍ଦ ମହାଲିକଙ୍କ ନେତୃତ୍ୱରେ ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ସେମାନେ ସମ୍ମାନ ଜଣାଉଛନ୍ତି। କିନ୍ତୁ ଯେଉଁ ସହର ଆଜି ଋଷି ବ୍ୟାସଦେବଙ୍କ ନାମରେ ନାମିତ ହୋଇ ଓଡ଼ିଶାରେ ବ୍ୟାସନଗର ଭାବେ ପରିଚିତ ହୋଇଛି ତାହାର ନାମର ଯଥାର୍ଥ ଏଯାଏ ପ୍ରତିପାଦନ ହୋଇପାରିନାହିଁ। ତେଣୁ ଗୋଲେଇ ଛକରେ ବ୍ୟାସଦେବଙ୍କ ମୂର୍ତ୍ତି ସ୍ଥାପନ କରାଗଲେ ତାହା ସହରର ପରିଚୟକୁ ଦୃଢ଼ୀଭୂତ କରିବ। ଆଗାମୀ ଓଡ଼ିଶା ଦିବସ ମଧ୍ୟରେ ଯଦି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିକୁ ଛକରେ ସ୍ଥାପନ କରା ନ ଯାଏ ଫାଉଣ୍ଡେଶନ ପକ୍ଷରୁ ସେଠାରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀପକ ଦାଶ ଓ ସମ୍ପାଦକ ଅସିତ ଦାସ, କାର୍ଯ୍ୟକାରୀ ସଦସ୍ୟ ମୋହନଲାଲ ସାହୁ ଓ ଜ୍ୟୋତି ପ୍ରକାଶ ପଣ୍ଡା, ମନୋଜ ଦାସ, ଅରୁଣ ଦାସ, ଗଣେଶ୍ୱର ମାଝି, ନିରଞ୍ଜନ ପେରେଇ, ଅନେୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ

## ତିନିମୁହାଣିରେ ୭ ଘଣ୍ଟା ଗାଡି ଚଳାଚଳ ବନ୍ଦ

କେନ୍ଦ୍ରାପଡା ଅଫିସ, ୨୬।୩



ତିନିମୁହାଣିଠାରେ ରାସ୍ତାରୋକୋ କରାଯାଇଛି।

କୃଷି ଆଇନକୁ ବିରୋଧ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଭାରତ ବନ୍ଦର ଆହ୍ୱାନ ଦିଆଯାଇଥିଲା। ଏଥିରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ସହରର ତିନିମୁହାଣୀଠାରେ ୭ ଘଣ୍ଟା ଗାଡି ଚଳାଚଳ ବନ୍ଦ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଙ୍ଗଠନ ପକ୍ଷରୁ ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ବନ୍ଦ ସହ ସହରର କେତେକ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିଥିଲେ। କୃଷକ ନେତା ଗୟାଧର ଧଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହାଇଥିଲା। କଂଗ୍ରେସ ନେତା ଗଣେଶ୍ୱର ବେହେରା, ହଳଧର ସେଠୀ, ଚିନ୍ମୟ ପ୍ରସାଦ ବେହେରା, ସିପିଆଇ ନେତା ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ ପ୍ରମୁଖ ଯୋଗଦେଇ କେନ୍ଦ୍ର କୃଷି ନୀତିକୁ ସମାଲୋଚନା କରିଥିଲେ।

**ରାଜନଗର, (ଡି.ଏନ.ଏ.):** ଭାରତ ଡାକରାକୁ କଂଗ୍ରେସ ଓ ବାମ ଦଳ ସମର୍ଥନ ଜଣାଇଥିଲେ। ବନ୍ଦ ଡାକରା ପାଇଁ ବସ ଚଳାଚଳ ବନ୍ଦ ଥିଲା। ମାତ୍ର ଦୋକାନ ବଜାର, ଅଫିସ, ବ୍ୟାଙ୍କ ଖୋଲା ରହିଥିଲା। ବସକୁ ବାଦ ଦେଲେ ଗାଡି ଚଳାଚଳ ସ୍ୱାଭାବିକ ଥିଲା। କୌଣସି ସଙ୍ଗଠନ ପକ୍ଷରୁ ପିକେଟିଂ କରାଯାଇ ନ ଥିଲା କିମ୍ବା ରାଜନଗର ବ୍ଲକର କେଉଁଠାରେ ବନ୍ଦ ପାଳନ ହୋଇ ନ ଥିଲା। ଦୋକାନ ବଜାର ସ୍ୱାଭାବିକ ଖୋଲାଥିଲା।

## ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ




କନ୍ଦରପୁର-ବାଲିକୁଦା ମୁଖ୍ୟ ରାସ୍ତାର ବଙ୍ଗଳା ଛକରେ ରାସ୍ତା ଅବରୋଧ କରାଯାଇଛି।

**ଜଗତ୍‌ସିଂହପୁର ଅଫିସ, ୨୬।୩ :** କୃଷି ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ବିରୋଧରେ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି। ସଂଗଠନ ପକ୍ଷରୁ ଡକାଯାଇଥିବା ଭାରତ ବନ୍ଦ ଡାକରାକୁ ଚାଷୀ ଏବଂ ଶ୍ରମିକ ସଙ୍ଗଠନଗୁଡିକ ସମର୍ଥନ ଜଣାଇଛନ୍ତି। ଏନେଇ ଜଗତ୍‌ସିଂହପୁର ଜିଲାରେ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ବନ୍ଦି ରହିଥିଲା। ଜିଲା ମୁଖ୍ୟାଳୟ କନ୍ଦରପୁର-ବାଲିକୁଦା ମୁଖ୍ୟ ରାସ୍ତାର ବଙ୍ଗଳା ଛକରେ ନବ ନିର୍ମାଣ କୃଷକ ସଙ୍ଗଠନ କର୍ମୀମାନେ ଧାରଣା ଦେଇଥିଲେ । ଫଳରେ ଯାନବାହାନ ଚଳାଚଳ ଠପ୍ ହୋଇ ଯାଇଥିଲା। ସଙ୍ଗଠନର କର୍ମୀମାନେ ପିକେଟିଂ କରି ସହରର ବିଭିନ୍ନ ଦୋକାନବଜାର ବନ୍ଦ କରିବା ସହ କେନ୍ଦ୍ର ସରକାର ବିରୋଧରେ ନାରାବାଜି କରିଥିଲେ।

**ବିରିଡି,(ଡି.ଏନ୍.ଏ):** ନୂତନ କୃଷି ଆଇନକୁ ବିରୋଧକରି ଭାରତୀୟ କ୍ଷେତ ମଜଦୁର ରାଜ୍ୟ ସମ୍ପାଦକ ତୈଲୋକ୍ୟନାଥ ଜେନାଙ୍କ ନେତୃତ୍ୱରେ କନ୍ଦରପୁର-ନୂଆଗାଁ ୫୫ ନଂ ଜାତୀୟ ରାଜପଥର ହାଜିପୁର ଛକଠାରେ ଗାଡ଼ି ମଟର ବନ୍ଦ କରାଯାଇଥିଲା। ଓଡିଶା କୃଷକ ସଭା ଜଗତସିଂହପୁର ଜିଲା। ଆବାହକ ଗଣେଶ ଚନ୍ଦ୍ର ମାଣିଆଙ୍କ ନେତୃତ୍ୱରେ ଉକ୍ତ ରାସ୍ତାର ବିରିଡି ଛକରେ ରାସ୍ତା ଅବରୋଧ ହୋଇଥିଲା।

**ରଘୁନାଥପୁର,(ଡି.ଏନ୍.ଏ.):** ଭାରତ ବନ୍ଦ ଡ଼ାକରାରେ ରଘୁନାଥପୁର ବ୍ଲକର ତାରପୁର ବାଇପାସରେ ସିଆଇଟିୟୁର ଆଞ୍ଚଳିକ ତାରପୁର ଶାଖାର କର୍ମକର୍ତ୍ତା ବିନ୍ଦୁସାଗର ଓଝା, ଧନେଶ୍ୱର ରାଉତ ପ୍ରମୁଖ କୃଷି ଆଇନ ଓ ଚାରି ଶ୍ରମବୋର୍ଡ ପ୍ରଚଳନକୁ ବିରୋଧ କରିଥିଲେ।

## ଯାଜପୁରରେ ଖୋଲିଲା କାଁଭାଁ ଦୋକାନବଜାର

**ଯାଜପୁର ଅଫିସ,୨୬।୩:** ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋର୍ଡିନେଶନ କମିଟି ପକ୍ଷରୁ ହୋଇଥିବା ଭାରତ ବନ୍ଦ ଡାକରା ଯାଜପୁର ଜିଲାରେ ଶାନ୍ତିପୂର୍ଣ୍ଣଭାବେ ସଫଳ ହୋଇଛି। କାଁଭାଁ ଦୋକାନ ଖୋଲାଯାଇଥିବାବେଳେ ସପିଂମଲ, ବ୍ୟାଙ୍କ, କୋର୍ଟ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ ଓ ଶିଳ୍ପ ଆଦି ବନ୍ଦ ରହିଥିଲା। ବସ ଚଳାଚଳ ନ ହେବାରୁ ବହୁ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

**ଯାଜପୁର ଟାଉନ, (ଡି.ଏନ.ଏ.):** ସହରର ମେଡିକାଲ ଛକ ଓ ଗାନ୍ଧୀ ଛକରେ ଅଲଇଣ୍ଡିଆ କିଷାନ କ୍ଷେତ ମଜୁଦର ସଂଗଠନର କର୍ମୀ ଓ ସମର୍ଥକ ରାସ୍ତା ଅବରୋଧ କରିଥିଲେ। ଏଥିରେ ସଂଗଠନ ରାଜ୍ୟ ଉପସଭାପତି ସଦାଶିବ ଦାସ, ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ ସୁରେନ୍ଦ ମଲ୍ଲିକ, କୃଷକ ନେତା ଅଭିମନ୍ୟୁ ମଲିକ ଓ ମେଘନାଦ ଯେନା ପ୍ରମୁଖ ଯୋଗଦେଇଥିଲେ। ନାରୀ ନେତ୍ରୀ ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ ମଧ ଏହି ବନ୍ଦ ପାଳନରେ ଅଂଶ ଗ୍ରହଣ କରିଥିଲେ। ସେହିପରି ନବନିର୍ମାଣ କୃଷକ ସଙ୍ଗଠନ ଓ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଯାଜପୁର ସଦରମହକୁମା ଓ ଯାଜପୁର ବ୍ଲକ୍‌ର ମୁଖ୍ୟ ରାସ୍ତାକୁ ଟାୟାର ଜାଳି ଅବରୋଧ କରାଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୃଷକ ନେତା ନିମାଇଁ ରାୟ ଓ ଜିଲା କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦଙ୍କ ମିଳିତ ନେତୃତ୍ୱରେ ପିକେଟିଂ କରାଯାଇଥିଲା।

**ପାଣିକୋଇଲି,(ଡି.ଏନ.ଏ.):** ପାଣିକୋଇଲି ନିକଟରେ ଅଖିଳ ଭାରତ କୃଷକ ସଭା, ନବ ନିର୍ମାଣ କୃଷକ ସଙ୍ଗଠନ ଓ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ପାଣିକୋଇଲି ଓଭରବ୍ରିଜ ତଳେ ଆନ୍ଦୋଳନକାରୀ ବସି ରହିଥିଲେ। ଅଖିଳ ଭାରତ କୃଷକ ସଭା ପକ୍ଷରୁ ଜିଲା ସଭାପତି ଗଣେଶ ସାହୁ, ସିଆଇଟିୟୁ ଜିଲା ସମ୍ପାଦକ ଡା. ନିର୍ମଳ ରଥ, ଉପସଭାପତି ସୁରେଶ ସାହୁ, ନବଘନ ମହାରଣା ଓ କଂଗ୍ରେସ ପକ୍ଷରୁ ଅଣସଂଗଠିତ ଶ୍ରମିକ କଂଗ୍ରେସ ଜିଲା ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ, କୋରାଇ କଂଗ୍ରେସ ଉପସଭାପତି ନିରଞ୍ଜନ ନାୟକ, ସାଧାରଣ ସମ୍ପାଦକ ଶଶିକାନ୍ତ ମାଝି, ସମ୍ପାଦକ ପଙ୍କଜ ମଲିକ ଓ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ଯାଜପୁର ରୋଡ, (ଡି.ଏନ.ଏ.):** ଗୋପବନ୍ଧୁ ଛ କଠାରେ ଆଇ ଏନଟିୟୁସିର ଜିଲା କାର୍ଯ୍ୟକାରୀ ସଭାପତି ରଘୁନାଥ ମାଝିଙ୍କ ଅଧ୍ୟକ୍ଷତାରେ ବନ୍ଦ ପାଳନ ସହ ସଭା ଆୟୋଜିତ ହୋଇଥିଲା। ଏଥିରେ ଆଇଏନଟିୟୁସିର ରାଜ୍ୟ ଉପ ସଭାପତି ବିଦ୍ୟାଧର ମହାନ୍ତି, ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ପରମାନନ୍ଦ ସେଠୀ, ଅଣ ସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ ସଂଯୋଜକ ବିଜୟ ବୋଇତାଇ ଓ ସୁନାରାମ ଟୁଡୁ ପ୍ରମୁଖ ସାମିଲ ହୋଇଥିଲେ।

**ଧର୍ମଶାଳା, (ଡି.ଏନ.ଏ.):** ଭାରତ ବନ୍ଦର ଆଶିଂକ ପ୍ରଭାବ ଧର୍ମଶାଳା ଅଞ୍ଚଳରେ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀ ୧୬ ନଂ ଜାତୀୟ ରାଜପଥର ଜାରକା ବସଷ୍ଟାଣ୍ଡ ନିକଟରେ ରାସ୍ତାରୋକୋ କରିଥିଲେ। ସଂଯୁକ୍ତ କିଷାନ ମଜଦୁର ସଂଘର ସଦସ୍ୟ ମଧ ରାସ୍ତାରୋକୋରେ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ପ୍ରମୋଦ ଜେନା ସାମିଲ ହୋଇଥିବା ବେଳେ ସଂଯୁକ୍ତ କିଷାନ ମଜଦୁର ସଂଘର ବ୍ଲକ ସଭାପତି ବସନ୍ତ ପରିଡା, ଜିଲା ସଭାପତି ଗୌରାଙ୍ଗ ବଳ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇଥିଲେ।

**ଚଣ୍ଡିଖୋଲ, (ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଛକରେ ଭାରତ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ବନ୍ଦରେ ଦଳିତ ମଞ୍ଚ ପକ୍ଷରୁ ପବନେଶ୍ୱର ଜେନାଙ୍କ ନେତୃତ୍ୱରେ ମନୋରଞ୍ଜନ ଜେନାଙ୍କ ସମେତ ବହୁ ଦଳିତ ନେତା ଯୋଗଦେଇଥିବା ବେଳେ ନବ ନିର୍ମାଣ କୃଷକ ସଂଗଠନର ନଗେଶ ଜେନା, ମାନଗୋବିନ୍ଦ ଦାସ, କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସୁକାନ୍ତ ଜେନା, ଚନ୍ଦନ ପଣ୍ଡା ପ୍ରମୁଖ ଚଣ୍ଡିଖୋଲ ଛକ ମଧ୍ୟସ୍ଥଳରେ ବସିରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।




ଚଣ୍ଡିଖୋଲ ଛକରେ ରାସ୍ତାରୋକୋ କରାଯାଇଛି।

# ଟିଟିପିଏସ୍ ପୁନଃ ସଞ୍ଚାଳନ କରିବାକୁ ଅନୁରୋଧ

## କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀଙ୍କ ସହ କଥା ହେଲେ ଦିବ୍ୟଶଙ୍କର

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ଏନ୍‌ଟିପିସି ପରିଚାଳନାଧୀନ ଅନୁଗୋଳ ଜିଲାର ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ଆସନ୍ତା ୩୧ ତାରିଖ ପରେ ବନ୍ଦ ହେବାକୁ ଯାଉଥିବାରୁ ଏ ନେଇ ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଆର.କେ. ସିଂଙ୍କ ସହ କଥା ହୋଇଛନ୍ତି। ଏହି ପୁରୁଣା ପ୍ଲାଣ୍ଟକୁ ବନ୍ଦ ନ କରି କିପରି ପୁନଃସଞ୍ଚାଳନ କରାଯାଇପାରିବ ସେ ନେଇ ବ୍ୟବସ୍ଥା କରିବାକୁ ରାଜ୍ୟ ଶକ୍ତିମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଆଲୋଚନା ବେଳେ ଶକ୍ତିମନ୍ତ୍ରୀ ମିଶ୍ର କହିଥିଲେ ଯେ, ୧୯୬୮ରେ ସ୍ଥାପିତ ଏହି ତାପଜ ବିଦ୍ୟୁତ୍ କେନ୍ଦ୍ର ୧୯୯୫ରେ ଏନ୍‌ଟିପିସି ଦ୍ୱାରା ଅଧିଗୃହୀତ ହୋଇଥିଲା। ୨୦୧୦ରେ ଏହାକୁ ସମ୍ପ୍ରସାରଣ କରି ୬୬୦ ମେଗାୱାଟ୍ ଲେଖାଏ ଷ୍ଟେଜ୍-୩ର ୨ଟି ୟୁନିଟ୍ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିବର୍ଷ ଡିସେମ୍ବରରେ ଗ୍ରୀଡ୍‌କୋ ୬୬୦ ମେଗାୱାଟ୍ ବିଦ୍ୟୁତ୍ କିଣିବାକୁ ଏନ୍‌ଟିପିସି ସହ ପାୱାର ପର୍‌ଚେଜ୍ ଏଗ୍ରିମେଣ୍ଟ(ପିପିଏ) କରିଥିଲା। କିନ୍ତୁ ମାର୍ଚ୍ଚ ୩୧ରେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ଏନ୍‌ଟିପିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ କାର୍ଯ୍ୟରତ କର୍ମଚାରୀ, ଶ୍ରମିକ ଏବଂ ଅନୁସଙ୍ଗିକ କ୍ଷେତ୍ର ସହ ଜଡ଼ିତ ବହୁ ପରିବାରବର୍ଗ କ୍ଷତିଗ୍ରସ୍ତ ହେବେ। ଏହାକୁ ନେଇ ଜନଅସନ୍ତୋଷ ଦେଖାଦେବା ସହିତ କର୍ମଚାରୀ ମହଲରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି। ତେଣୁ ପ୍ଲାଣ୍ଟ ଚାଲୁ ରଖିବା ଏବଂ ଷ୍ଟେଜ-୩ ସମ୍ପ୍ରସାରଣ କରାଯିବା ପାଇଁ ମନ୍ତ୍ରୀ ମିଶ୍ର କେନ୍ଦ୍ରମନ୍ତ୍ରୀ ସିଂଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଶକ୍ତି କ୍ଷେତ୍ରର ପୁନର୍ବିନ୍ୟାସ ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ଉପରେ ଦିବ୍ୟଶଙ୍କର କେନ୍ଦ୍ରମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ମନ୍ତ୍ରୀ ଦିବ୍ୟଶଙ୍କର କହିଛନ୍ତି, ଓଡ଼ିଶା ସରକାରୀ-ଘରୋଇ ଭାଗୀଦାରି (ପିପିପି) ଆଧାରରେ ବିଦ୍ୟୁତ ବିତରଣ କାର୍ଯ୍ୟ ଚାଲୁ ରଖିଛି। ଏଥିରେ ସରକାରଙ୍କ ୪୯% ଅଂଶଧନ ରହିଛି। ମୁଖ୍ୟ ଶାସନ ସଚିବ ୨ଟି ବିଦ୍ୟୁତ୍ ବିତରଣ କମ୍ପାନୀର ଅଧକ୍ଷ ରହିଛନ୍ତି। ଅନ୍ୟ ସମସ୍ତ ବିତରଣ କମ୍ପାନୀର ଅଧକ୍ଷ ରହିବାକୁ ପ୍ରସ୍ତାବ ରଖାଯାଇଛି। ଏହାଛଡ଼ା ଏହି କମ୍ପାନୀରେ ସରକାରଙ୍କ ତରଫରୁ ମନୋନୀତ ଯଥେଷ୍ଟ ସଂଖ୍ୟକ ପ୍ରତିନିଧି ରହିଛନ୍ତି। କେବଳ ବିତରଣ କମ୍ପାନୀଗୁଡ଼ିକ ତା'ର ବ୍ୟବହାର କରୁଛନ୍ତି। ଏସବୁ ସ୍ଥଳେ ଘରୋଇ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ଦିଆ ନ ଗଲେ ତାହାର ବୋଝ ସିଧାସଳଖ ଉପଭୋକ୍ତାଙ୍କ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଥିବା ଦର୍ଶାଇ ମନ୍ତ୍ରୀ ମିଶ୍ର ଏ ଦିଗରେ ଠୋସ୍ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ୫୯.୧୫ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ

ତାଳଚେର, (ନି.ପ୍ର.): ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ରୁ ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହୋଇଛି। ୨ଦିନ ବନ୍ଦ ରହିବା ପରେ କେବଳ ୩ନମ୍ବର ୟୁନିଟ୍ କାର୍ଯ୍ୟକ୍ଷମ କରାଯାଇପାରିଛି। ଫଳରେ ଶୁକ୍ରବାର ସୁଦ୍ଧା ପ୍ଲାଣ୍ଟରୁ ମାତ୍ର ୫୯.୧୫ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ସମ୍ଭବ ହୋଇପାରିଛି। ତେବେ ଅନ୍ୟ ୫ଟି ୟୁନିଟ୍ ମଧ୍ୟରୁ ୪ ନମ୍ବର ୟୁନିଟ୍ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ପ୍ରୟାସ ଜାରି ରହିଥିବା ସୂଚନା ମିଳିଛି।

## ବେଲଘର ବନାଞ୍ଚଳରେ ବାଘ ଆତଙ୍କ

### ବଳଦକୁ ଖାଇଥିବା ଅଭିଯୋଗ

ବାଲିଗୁଡା, ୨୬।୩(ଡି.ଏନ.ଏ.): କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ବନାଞ୍ଚଳର ତଗାପାଙ୍ଗା ଜଙ୍ଗଲରେ ବାଘ ଏକ ବଳଦକୁ ମାରି ଖାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ବଳଦ ମାଲିକ ସୁରେଶ୍ୱର ମଲ୍ଲିକଙ୍କ ଅଭିଯୋଗକ୍ରମେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଳଦ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଚଳାଇଛନ୍ତି। ବଳଦ ମାଲିକଙ୍କୁ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବାଘ ଆତଙ୍କ ଦେଖାଦେଇଥିବାରୁ ଅଞ୍ଚଳବାସୀଙ୍କୁ ଜଙ୍ଗଲକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବନ କର୍ମଚାରୀଙ୍କ ପକ୍ଷରୁ ସେହି ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

WANTED DRIVER
For Ashok Leyland Dost Plus Vehicle
Please Contact:
Mr. Adil Karim
9438820370 & 7008512909

REQUIRED
MOBILE SIM SALESMAN
Bike must. Salary- 8000.
Age- 18-30 years.
Education- Matric to Graduate
Contact: 9776344456

JOBS IN AIRPORT
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
Air Hostees, Graund Staff, Supervisor, Checker, Loader, Helper
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 9899166802

DEBTS RECOVERY TRIBUNAL, CUTTACK, ORISSA
C-71, Sector-7, CDA, Cuttack, Odisha

**CORRIGENDUM**

In reference to the **Notice of Demand to the Certificate Debtors** in connection with **R.P. No.: 15/2019/CTC** published in **"Dharitri"** on 19.03.2021 relating to **State Bank of India, SARB Branch** versus **Manoranjan Mohapatra,** the address of defendant should be read as **BADABHUNIDALA** instead of Badabhurudala. All other facts remain unchanged.

Sd/- (R.P. Patnaik) Recovery Officer

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, P.O.: BAIROI, DIST.- CUTTACK-754010, ODISHA**

**RECRUITMENT NOTICE**

| | |
|---|---|
| **Advertisement No. AD 6B 10/02/2021, dated 23.03.2021** | |
| 1. | Clinical Psychologist-cum-Junior Lecturer (Permanent)-1 |
| 2. | Accountant (Permanent)-1 |
| 3. | Warden (Male) (Permanent)-1 |
| **Advertisement No. AD 6B 19/03/2021, dated 23.03.2021** | |
| 1. | Physical Medicine & Rehabilitation (Consultant)-01 |
| 2. | Senior Resident (Contractual)-02 |
| 3. | Junior Resident (Contractual)-02 |
| 4. | Demonstrator (Prosthetic & Orthotic) (Consultant)-01 |

For all other details, terms and conditions please log on to webstie www.svnirtar.nic.in or crcguwahati.com.

Sd./- Director (Offg.)

On the Occasion of WEDDING Presenting
New Crafts Silk India® 2021
Exhibition & Sale
An opulent show of Ethnic & Traditional Silk, Cotton Handloom Products made by master 100 Weavers from all over India
Silk Saree I Suits I Dress Material I Stoles | Dupattas | Kurtas Kurties I Pure & Probable Silk | Tussar Silk I Shanthipur Silk
THE NEW MARRION
Janpath, Opp. Ram Mandir, Bhubaneswar
From : 19th to 28th Mar. 2021
Products on Display - Orissa : Sambhalpuri Ikkat Silk Saree, Bihar : Oragnic Tassar Silk Sarees, Suit & Stoles, Assam : Muga & Eri Silk Sarees, Karnataka : Creap Silk, Georgette Silk, Arini Silk & Printed Sarees, Tamilnadu : Kanjeevaram Silk Sarees & Designer Fancy Sarees, Andra Pradesh : Dharmavara, Uppada, Gadwal, Mangalagiri & Pochampalli Sarees, Uttar Pradesh : Mulbari Silk, Jamdani, Jamawar Silk Sarees & Chiffon Silk, Maharashtra : Designer Dress materials, Chhatisgarh : Exclusive Raw Silk Sarees, Kosa Silk, Tassar Suit & Duppatta, Madhya Pradesh : Maheswari, Chanderi Silk Sarees & Suit, West Bengal : Baluchari, Dhaka Masli, Gicha Sarees, Boutique Sarees, Kantha Sarees, Zordoshi, Jammu & Kashmir : Chinon Silk, Tady Silk Printed Sarees, Pashmina Shawls & Suit, Rajasthan : Kota Silk, Hand Block Print Dress & Sarees, Punjab : Fulkari Dress and many more...


Time : 10.30 am - 8.30 pm Call: 08850902824
All Credit & Debit Cards Accepted
Entry & Parking Free
Silk India
Organizer by : Manas Acharya

DSPL-271
ଯକ୍ଷ୍ମା ହାରିବ, ଦେଶ ଜିତିବ !

୨ ସପ୍ତାହରୁ ଅଧିକ ଦିନ କାଶ,ଜ୍ୱର, ଓଜନ କମିବା କିମ୍ବା କଫରେ ରକ୍ତ ପଡିବା ଯକ୍ଷ୍ମା ରୋଗର ଲକ୍ଷଣ ହୋଇପାରେ ପ୍ରାଥମିକ ଭାବରେ ଯକ୍ଷ୍ମାରୋଗ ଫୁସଫୁସକୁ ପ୍ରଭାବିତ କରିଥାଏ କିନ୍ତୁ ଏହା ଶରୀରର ନଖ ଓ ଚୁଟିକୁ ଛାଡି ଅନ୍ୟ ଯେକୌଣସି ଅଙ୍ଗକୁ ପ୍ରଭାବିତ କରିପାରେ।
ଡଟ୍‌ସ ପଦ୍ଧତିରେ ଚିକିତ୍ସା ଦ୍ୱାରା ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହି ଚିକିତ୍ସା ପଦ୍ଧତିରେ ଔଷଧ ନିୟମିତ ଖାଆନ୍ତୁ। କୌଣସି ବି ଗୋଟିଏ ମାତ୍ରା ଔଷଧ ବନ୍ଦ କରନ୍ତୁ ନାହିଁ।

ନିକ୍ଷୟ ପୋଷଣ ଯୋଜନା ଅଧୀନରେ ସରକାର ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କ ପୁଷ୍ଟିକର ଖାଦ୍ୟ ପାଇଁ ଚିକିତ୍ସା ସମୟରେ ମାସକୁ ୫୦୦ଟଙ୍କା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ଏଥି ସହିତ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ସୁବିଧା ବିନାମୂଲ୍ୟରେ ଉପଲବ୍ଧ ।
nikshay
ଅଧିକ ସୂଚନା ପାଇଁ ଜିଲ୍ଲା ଯକ୍ଷ୍ମା ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ କିମ୍ବା ନିଃଶୁଳ୍କ ନିକ୍ଷୟ ହେଲ୍ପଲାଇନ୍: ୧୮୦୦-୧୧-୬୬୬୬ ରେ ଯୋଗାଯୋଗ କରନ୍ତୁ ।
ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।
OIPR-10003/13/0071/2021
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ହୋଲି ପାଳନ ସମୟରେ କରୋନା ସତର୍କତା
DSPL - 277
୧ ମୁହଁରେ ରଙ୍ଗ ନୁହେଁ ରଙ୍ଗୀନ କପଡାର ମାସ୍କ ଲଗାଇବା ।

୨ କାହାରିକୁ ରଙ୍ଗ ଲଗାଇବା ନାହିଁ, ଯୋଗ୍ୟ ବ୍ୟକ୍ତିଙ୍କୁ କୋଭିଡ୍ ଟୀକା ନେବାରେ ସହଯୋଗ କରିବା ।

୩ ରଙ୍ଗରେ ହାତ ରଙ୍ଗାଇବା ନାହିଁ, ସାବୁନରେ ହାତ ଧୋଇବା ।

୪ କାହାରିକୁ ସ୍ପର୍ଶ କରିବା ନାହିଁ, ଦୂରତା ରକ୍ଷାକରି ସମସ୍ତଙ୍କୁ ଶୁଭକାମନା ଜଣାଇବା ।


୫ ଯଥା ସମ୍ଭବ ଫୋନ୍ /ଭିଡିଓ କଲ୍ ଜରିଆରେ ହୋଲି ଶୁଭେଚ୍ଛା ଜଣାଇବା ।

୬ "ହୋଲି"ଏକ ପବିତ୍ର ଦିବସ । ଏହି ଦିନ ପରିବେଶକୁ ସ୍ୱଚ୍ଛ ରଖିବାରେ ଧ୍ୟାନ ଦେବା ।

ସର୍ବସାଧାରଣରେ ହୋଲିଖେଳ, ସମୂହସ୍ନାନ ଓ ଜନସମାଗମ ବର୍ଜନ କରନ୍ତୁ ।
"ହୋଲି ପାଳିବା ନୂଆ ଢ଼ଙ୍ଗରେ, କରୋନା ଠାରୁ ରହିବା ଦୂରେ"
OIPR-10003/13/0072/2021
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

# ବଢ଼ିଛି ହତ୍ୟା, ବଳାତ୍କାର

**ବିଧାନସଭାରେ ଉପସ୍ଥାପନ ହେଲା ଗୃହ ବିଭାଗ ଶ୍ୱେତପତ୍ର-୨୦୨୦**

- ବର୍ଷକରେ ୧.୩୪ ଲକ୍ଷ ଆପରାଧିକ ମାମଲା
- କରୋନାରେ ୪୮ ପୋଲିସ କର୍ମଚାରୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ରାଜ୍ୟରେ ଆପରାଧିକ ମାମଲା, ହତ୍ୟା, ବଳାତ୍କାର ଭଳି ଅପରାଧ ବୃଦ୍ଧିପାଇଛି। କରୋନା କଟକଣା ସତ୍ତ୍ୱେ ଅପରାଧ ବଢ଼ିଛି। ଶୁକ୍ରବାର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଧାନସଭାରେ ଉପସ୍ଥାପନ କରାଯାଇଥିବା ୨୦୨୦ ବର୍ଷର ଶ୍ୱେତପତ୍ରରେ ଏକଥା କୁହାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ୨୦୨୦ରେ ୧,୩୪,୨୩୦ଟି ଆପରାଧିକ ମାମଲା ମଧ୍ୟରୁ ୧,୧୦,୭୪୧ଟି ଆଇପିସିରେ ପଞ୍ଜୀକୃତ ହୋଇଛି। ସେହିପରି ଉକ୍ତ ବର୍ଷ ୧,୩୪,୨୩୦ଟି ଧର୍ତ୍ତବ୍ୟ ମାମଲା ରହିଛି । ସେଥିରୁ ୧,୨୯,୩୦୫ ମାମଲା ସତ୍ୟ ହୋଇଥିବା ବେଳେ ୯୩,୨୨୯ ମାମଲାରେ ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି। ୨୦୧୮ ତୁଳନାରେ ଆପରାଧିକ ମାମଲା ବୃଦ୍ଧି ପାଇଛି। ୨୦୧୮ରେ ମୋଟ ୧,୦୭,୪୦୮ ମାମଲା ହୋଇଥିବା ବେଳେ ସେଥିରୁ ୧,୦୩,୮୫୮ ମାମଲା ସତ୍ୟ ହୋଇଥିଲା। ସେଥିରୁ ୬୯,୩୪୧ ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଥିଲା । ସେହିପରି ୨୦୨୦ରେ ୧୪୭୦ ହତ୍ୟା ମାମଲାରୁ ୬୯୪ ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଛି। ୫୧୪ଟିଡକାୟତିମାମଲାରୁ୫୦୨ଟିସତ୍ୟ।ତନ୍ମଧ୍ୟରୁ ୨୫୪ଟିର ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଛି।

ରାଜ୍ୟରେ ବଳାତ୍କାର ଗତବର୍ଷଗୁଡ଼ିକ ତୁଳନାରେ ବଢ଼ିଛି। ୨୦୧୮ରେ ୨୪୫୯ ବଳାତ୍କାର ମାମଲା ରୁଜୁ ହୋଇଥିଲା। ସେଥିରୁ ୧୫୨୬ ମାମଲା ସତ୍ୟ। ତେବେ ୨୦୨୦ରେ ରାଜ୍ୟରେ ୨୯୮୪ ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୨୯୦୭ ମାମଲା ସତ୍ୟ। ସେଥିରୁ ୨୦୫୪ ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି।

ମାତ୍ର ଡକାୟତି ମାମଲା ହ୍ରାସ ପାଇଛି। ୨୦୧୮ରେ ୫୫୮ଟି ଡକାୟତି ମାମଲା ହୋଇଥିବା ବେଳେ ୫୫୦ ମାମଲା ସତ୍ୟ ଥିଲା। ସେଥିରୁ ୨୨୯ କେସ୍‌ରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ୨୦୨୦ରେ ୫୧୪ଟି ଡକାୟତି ମାମଲାରୁ ୫୦୨ଟି ସତ୍ୟ ହୋଇଥିବା ବେଳେ ୨୫୪ ମାମଲାର ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି।

ରାଜ୍ୟରେ ୨,୧୬୭ଟି ଲୁଣ୍ଠନ ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୨,୧୨୭ଟି ମାମଲା ସତ୍ୟ। ଲୁଣ୍ଠନ ମାମଲାରେ ୧୮୮୬ ଜଣଙ୍କୁ ଗିରଫ କରାଯାଇଛି। ୧୦,୪୧୨ ଚୋରି ମାମଲାରୁ ୧୦,୨୦୭ଟି ମାମଲା ସତ୍ୟ। ସେଥିରୁ ୩,୭୭୦ଟି ଚୋରି ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଛି।

ଅନ୍ୟପକ୍ଷରେ ଶ୍ୱେତପତ୍ରରେ କୁହାଯାଇଛି ଯେ ରାଜ୍ୟରେ ୨,୦୫୯ଟି ଦଙ୍ଗା ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୧୩୪୭ ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ରାଜ୍ୟରେ କରୋନା ସମୟରେ ୯,୮୧୭ ମୋଟର ଦୁର୍ଘଟଣା ହୋଇଥିବା ବେଳେ ୬୦୫୭ ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି। ୪୦୮୮ ଯୌତୁକ ମାମଲା ରୁଜୁ ହୋଇଛି। ସେଥିରୁ ୨୭୪୮ଟିର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି। ୮୪ଟି ମାମଲା ଅନ୍ୟାନ୍ୟ କାରଣରୁ ସମାପ୍ତି ହୋଇଛି। ୧୨୧୮ଟି ଯୌତୁକ ମକଦ୍ଦମା ବିଚାରାଧୀନ ରହିଛି। ୩୨୦ ଯୌତୁକଜନିତ ହତ୍ୟା ମାମଲାରୁ ୧୪୧ଟି ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଛି। ଏଥିସହିତ ୮୭ଟି ଯୌତୁକଜନିତ ଆତ୍ମହତ୍ୟା ମକଦ୍ଦମାରୁ ୭୩ଟି ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି। ୧୪ଟି ବିଚାରାଧୀନ ରହିଛି। ସେହିପରି ୩୭୫୯ଟି ଯୌତୁକଜନିତ ନିର୍ଯାତନା ମାମଲାରୁ ୨୬୪୨ ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି। ୧୦୨୧ଟି ମାମଲା ତଦନ୍ତାଧୀନ ରହିଛି।

କୋଭିଡ୍-୧୯ ପରିଚାଳନା ସମୟରେ ୮୯୦୨ ଜଣ ପୋଲିସ କୋଭିଡ୍ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୮ ଜଣ ପୋଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ସମ୍ପାଦନ ବେଳେ ମୃତ୍ୟୁ ହୋଇଛି। କରୋନାରୁ ସୁସ୍ଥ ହୋଇ ୧୦୦୨ଜଣ ପୋଲିସ ପ୍ଲାଜମା ଦାନ କରିଛନ୍ତି । ୨୦୨୦ରେ ପୋଲିସ ତରଫରୁ ୧୮ଥର ଗୁଳିଚାଳନା କରାଯାଇଛି। ୧୩୮ ଥର ରାସ୍ତାରୋକୋ ହୋଇଥିବା ବେଳ ୭ଥର ରେଳରୋକୋ ଏବଂ ୭୪୫ ଥର ଧାରଣା ହୋଇଛି। ଏଥିସହିତ ୨୭୭ ରାଲି, ୭୬୩ ବିକ୍ଷୋଭ, ୯୦ ଥର ଅନଶନ ଏବଂ ୩୧ ଥର ବନ୍ଦ ପାଳନ ହୋଇଛି। ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହୋଇନାହିଁ। ମାଓବାଦୀଙ୍କ ସହ ୨୭ଥର ଗୁଳିବିନିମୟ ହୋଇଛି। ଗୁଳିବିନିମୟ ବେଳେ ୧୬ ଜଣ ସିପିଆଇ(ମାଓବାଦୀ) କ୍ୟାଡରଙ୍କ ମୃତ୍ୟୁ ହୋଇଥିବା ବେଳେ ୩୪ ଜଣ ଗିରଫ ହୋଇଛନ୍ତି। ୨୧ ଜଣ ଆତ୍ମସମର୍ପଣ କରିଛନ୍ତି । ୨ ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଥିବା ବେଳେ ୭ ଜଣ ସାଧାରଣ ଲୋକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ସେହିପରି ୨୦୨୦ରେ ଏସ୍‌ସି,ଏସ୍‌ଟିଙ୍କ ଉପରେ ୨୬୭୦ଟି ନିର୍ଯାତନା ମାମଲା ରୁଜୁ ହୋଇଥିବା ବେଳେ ୧୧୮୩ଟି ମାମଲାର ଅଭିଯୋଗଫର୍ଦ୍ଦ ଦାଖଲ ହୋଇଛି। ସେଥିରୁ ୨୬୪ଟି ମିଥ୍ୟା ପ୍ରମାଣିତ ହୋଇଥିବା ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଛି।

# ସରକାରୀ ଅଫିସ ଉପରେ ୨୪୨.୨୫ କୋଟି ବିଦ୍ୟୁତ୍ ବିଲ୍ ବାକି

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ରାଜ୍ୟର ୪୩,୧୧୬ ସରକାରୀ କାର୍ଯ୍ୟାଳୟଗୁଡିକ ଉପରେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡିକର ୨୪୨.୨୫ କୋଟି ଟଙ୍କା ବିଦ୍ୟୁତ୍ ବକେୟା ରହିଛି। ବିଜେଡି ସଭ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଶୁକ୍ରବାର ବିଧାନସଭାରେ ଏହା କହିଛନ୍ତି। ବିଦ୍ୟୁତ୍ ବକେୟା ରଖିଥିବା ତାଲିକାରେ ସ୍କୁଲ, ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରସଂସ୍ଥା ଗୁଡ଼ିକ ରହିଛନ୍ତି। ବକେୟା ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ବଜେଟ ଜରିଆରେ ଅର୍ଥ ଯୋଗାଇବା ବ୍ୟବସ୍ଥା କରିଛି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ବକେୟା ଦେବାକୁ ନିଷ୍ପତ୍ତି ହୋଇଥିଲା।

# ୫୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**କରୋନା ବେଳେ ୧,୨୫,୪୧୦ କୋଟି ଟଙ୍କାର ୫୮ ପ୍ରକଳ୍ପକୁ ଅନୁମୋଦନ**

କରୋନା ମହାମାରୀ ସମୟରେ ରାଜ୍ୟରେ ପୁଞ୍ଜିନିବେଶ ବଢ଼ିଛି। ୨୦୨୦ ଫେବୃୟାରୀରୁ ୨୦୨୧ ଜାନୁୟାରୀ ମଧ୍ୟରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍ଏଲ୍ଏସ୍‌ଡବ୍ଲ୍ୟୁସିଏ) ଦ୍ୱାରା ୫୮ ଶିଳ୍ପ ୧,୨୫,୪୧୦.୫୧ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଅନୁମୋଦନ ପାଇଛନ୍ତି। ଏହି ଶିଳ୍ପ ସ୍ଥାପନ ହେଲେ ରାଜ୍ୟରେ ୫୮ ହଜାର ୬୯୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଶୁକ୍ରବାର ବିଧାନସଭାରେ ଏହା କହିଛନ୍ତି। ଉପରୋକ୍ତ ବୃହତ୍ ପ୍ରକଳ୍ପ ମଧ୍ୟରୁ ୪ ପ୍ରକଳ୍ପ ଆଂଶିକ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ମନ୍ତ୍ରୀ କହିଛନ୍ତି।




ମହାତ୍ମା ଗାନ୍ଧୀଙ୍କ ଶ୍ରୀକ୍ଷେତ୍ର ଆଗମନ ସ୍ମୃତିରେ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୧୯୯୯ ପରେ ରାଜ୍ୟରେ ୮ ବାତ୍ୟା

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

୧୯୯୯ ମହାବାତ୍ୟା ପରେ ରାଜ୍ୟରେ ୮ଟି ବାତ୍ୟା ଅନୁଭୂତ ହୋଇଥିବାବେଳେ ଏଥିରେ ୧୬୦ ଜଣ ପ୍ରାଣ ହରାଇଛନ୍ତି। ସବୁଠାରୁ ଅଧିକ ୭୨ ଜଣ ୨୦୧୮ରେ ଆସିଥିବା ତିତ୍‌ଲି ବାତ୍ୟାରେ ପ୍ରାଣ ହରାଇଥିବା ଜଣାଯାଇଛି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ୧୯୯୯ରେ ମହାବାତ୍ୟା ପରେ ୨୦୧୩ରେ ଫାଇଲିନ୍, ୨୦୧୪ରେ ହୁଦ୍‌ହୁଦ୍, ୨୦୧୮ରେ ତିତ୍‌ଲି, ପେଥାଇ ଓ ଡାଏ, ୨୦୧୯ରେ ଫନି ଓ ବୁଲ୍‌ବୁଲ୍ ଏବଂ ୨୦୨୦ରେ ବାତ୍ୟା ଅମ୍ପାନ୍ ଦ୍ୱାରା ଓଡ଼ିଶା ପ୍ରଭାବିତ ହୋଇଥିଲା। 'ଫାଇଲିନ୍'ରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏହା ପ୍ରଭାବରେ ରାଜ୍ୟରେ ୧୪ ହଜାର ୩୭୩ କୋଟି ୪୭ ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଥିଲା। ବାତ୍ୟା କ୍ଷୟକ୍ଷତି ଲାଗି ୪୨୪୨ କୋଟି ୪୨ ଲକ୍ଷ ଟଙ୍କା ଯୋଗାଇବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିବା ବେଳେ କେନ୍ଦ୍ରରୁ ୧୧୪୯ କୋଟି ୮୩ ଲକ୍ଷ ଟଙ୍କା ମିଳିଥିଲା। ସେହିଭଳି 'ହୁଦ୍‌ହୁଦ୍' ବାତ୍ୟାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୯୪୯ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। କ୍ଷତିଭରଣା ଲାଗି କେନ୍ଦ୍ରକୁ ୭୭୭ କୋଟି ୧୨ ଲକ୍ଷ ଟଙ୍କାର ସହାୟତା ମଗାଯାଇଥିବାବେଳେ ଏ ବାବଦରେ କେନ୍ଦ୍ରରୁ ଟଙ୍କାଟିଏ ମିଳି ନ ଥିଲା। ବାତ୍ୟା 'ଡାଏ' ପ୍ରଭାବରେ କୌଣସି ଜୀବନହାନି ଘଟି ନ ଥିବାବେଳେ ମାତ୍ର ୨ କୋଟି ୩୩ ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଥିଲା। ସର୍ବାଧିକ ୭୨ ଜଣଙ୍କ ଜୀବନ ନେଇଥିବା ତିତ୍‌ଲିରେ ୨୭୭୯ କୋଟି ୩୨ ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିବାବେଳେ ଅନୁରୂପ ପରିମାଣ ଅର୍ଥ ଯୋଗାଇବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା। ତେବେ କେନ୍ଦ୍ର ସରକାର ୩୪୧ କୋଟି ୭୨ ଲକ୍ଷ ଟଙ୍କାର ସହାୟତା ଯୋଗାଇଥିଲେ। ବାତ୍ୟା 'ପେଥାଇ' ପ୍ରଭାବରେ କୌଣସି ଜୀବନହାନି ଘଟି ନ ଥିଲା, କିନ୍ତୁ ପ୍ରାୟ ୪୪ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୧୯ରେ ଆସିଥିବା ଫନୀ ବାତ୍ୟାରେ ୬୪ ଜଣ ପ୍ରାଣ ହରାଇଥିଲେ ଏବଂ ୯୩୩୬ କୋଟି ୨୭ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିଲା। ରାଜ୍ୟ ସରକାର କେନ୍ଦ୍ରକୁ ୫୨୨୭ କୋଟି ୬୮ ଲକ୍ଷ ଟଙ୍କାର ସହାୟତା ମାଗିଥିଲେ। କେନ୍ଦ୍ରରୁ ୩୧୧୪ କୋଟି ୪୬ ଲକ୍ଷ ଟଙ୍କା ମିଳିଥିଲା। ସେହିବର୍ଷ ଆସିଥିବା ବାତ୍ୟା ବୁଲ୍‌ବୁଲ୍‌ରେ କାହାରି ମୃତ୍ୟୁ ଘଟି ନ ଥିଲେ ବି ଓଡ଼ିଶାରେ ୨୨୪ କୋଟି ୪୩ ଲକ୍ଷ ଟଙ୍କାର କ୍ଷତି ହୋଇଥିଲା। ଏଥିପାଇଁ କେନ୍ଦ୍ର ସରକାର ୧୭୯ କୋଟି ୬୪ ଲକ୍ଷ ଟଙ୍କା ଯୋଗାଇଥିଲେ। ଗତବର୍ଷ ଆସିଥିବା ବାତ୍ୟା ଅମ୍ପାନ୍‌ରେ ଜୀବନହାନି ହୋଇ ନ ଥିଲେ ମଧ୍ୟ ୨୩୬ କୋଟି ୬୮ ଲକ୍ଷ ଟଙ୍କାର କ୍ଷତି ଘଟିଥିଲା। କେନ୍ଦ୍ର ସରକାର ସେତେବେଳେ ଏନ୍‌ଡିଆର୍‌ଏମ୍‌ଏଫ୍ ୫୦୦ କୋଟି ଟଙ୍କା ଯୋଗାଇ ଦେଇଥିଲେ। ଓଡ଼ିଶାରେ ଦେଖାଦେଇଥିବା ଏହି ୮ ବାତ୍ୟାରେ ୧୬୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମୋଟ ୩୧,୯୪୫ କୋଟି ୮୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିଲା। ଓଡ଼ିଶା ସରକାର ସହାୟତା ପାଇଁ ୨୯,୪୮୦ କୋଟି ୩୭ ଲକ୍ଷ ଟଙ୍କା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିବା ବେଳେ ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ କେନ୍ଦ୍ରୀୟ କର୍ତ୍ତୃପକ୍ଷ ୫୨୮୫ କୋଟି ୬୫ ଲକ୍ଷ ଟଙ୍କା ଯୋଗାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ୮୨୯୧ ଗ୍ରାମରେ ସରିଲାଣି ଚକବନ୍ଦୀ କାର୍ଯ୍ୟ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ରାଜ୍ୟରେ ୮୩୨୫ ରାଜସ୍ୱ ଗ୍ରାମରେ ଚକବନ୍ଦୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେଥିମଧ୍ୟରୁ ୮୨୯୧ଟି ଗ୍ରାମରେ ଚକବନ୍ଦୀ ସରିଯାଇଛି। ଅବଶିଷ୍ଟ ୩୪ଟି ଗ୍ରାମରେ ବର୍ତ୍ତମାନ ଚକବନ୍ଦୀ ଚାଲୁଅଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦ୍ୱାରା ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମାର୍ଣ୍ଡି କହିଛନ୍ତି, ଚକବନ୍ଦୀ କାମ ଚାଲିଥିବା ଗ୍ରାମରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚକ ଆବଣ୍ଟନ ନ ହୋଇ ଓପିଏଚ୍ ଆଣ୍ଡ ପିଏଫ୍ଏଲ୍ ଆକ୍ଟ, ୧୯୭୨ ଧାରା-୧୩(୪)ରେ ପଟ୍ଟା ତିଆରି କରାଯାଇ ଲୋକଙ୍କୁ ଦିଆଯିବାର ପ୍ରସ୍ତାବ ରହିଛି। ସେହିଭଳି ରାଜ୍ୟରେ ୪୮,୭୧୯ ଗ୍ରାମରେ ପ୍ରଥମ ଦଫା ବନ୍ଦୋବସ୍ତ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇ ସବୁ ଗ୍ରାମରେ ବନ୍ଦୋବସ୍ତ ସରିଯାଇଛି। କେବଳ ଖୋର୍ଦ୍ଧା ଜିଲାର ସାମପୁର ମୌଜାରେ ବନ୍ଦୋବସ୍ତ କାମ ବାକି ରହିଛି। ରିଭିଜନ ବନ୍ଦୋବସ୍ତ କାର୍ଯ୍ୟ ପାଇଁ ୧୨,୩୫୦ଟି ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ହାତକୁ ନିଆଯାଇଥିବା ସ୍ଥଳେ ସବୁ ଗ୍ରାମର ବନ୍ଦୋବସ୍ତ ସରି ମାତ୍ର ୧୩ଟି ଗ୍ରାମର କାମ ଅସମ୍ପୂର୍ଣ୍ଣ ରହିଛି। ତେଣୁ ଉପରୋକ୍ତ ଦୁଇଟି ପର୍ଯ୍ୟାୟ ବନ୍ଦୋବସ୍ତରେ ୧୪ଟି ଗ୍ରାମରେ ବନ୍ଦୋବସ୍ତ କାମ ବାକି ଅଛି। ଦେବଗଡ, ସୋନପୁର, ସୁନ୍ଦରଗଡ, ସମ୍ବଲପୁର ଓ ବଲାଙ୍ଗୀର ଜିଲାରେ ହାଇଟେକ ସର୍ଭେରେ ବନ୍ଦୋବସ୍ତ କାର୍ଯ୍ୟ ଚାଲୁଅଛି। ବନ୍ଦୋବସ୍ତ ଓ ଚକବନ୍ଦୀ ଅସମ୍ପୂର୍ଣ୍ଣ ହୋଇ ରହିଥିବା ଗ୍ରାମଗୁଡିକରେ ଜମି କିଣିବାର କୌଣସି ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆସିନାହିଁ। ପ୍ରାପ୍ତ ତଥ୍ୟ ଅନୁଯାୟୀ ୧୯୨୭-୩୦ ମସିହା ମଧ୍ୟରେ ହୋଇଥିବା ୧୬୧ ଗ୍ରାମରେ ପୁନଃ ବନ୍ଦୋବସ୍ତ ଅଥବା ଚକବନ୍ଦୀ ହୋଇ ନ ଥିବା ହେତୁ, ଜମି କିଣିବାରେ ସମସ୍ୟା ଉପୁଜୁଛି। ଏହିସବୁ ଗ୍ରାମରେ ପୁନଃ ବନ୍ଦୋବସ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ମାର୍ଣ୍ଡି କହିଛନ୍ତି।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି ବସ୍ତିବାସିନ୍ଦା**

କଟକ ଅଫିସ, ୨୬।୩

ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ମହାନଗର ନିଗମ ଆଇନ-୨୦୦୩ ଓ ବସ୍ତିବାସିନ୍ଦା ଆଇନ-୨୦୧୭ରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି। କଟକ ଜିଲା ପ୍ରଶାସନ ବସ୍ତିବାସିନ୍ଦାଙ୍କୁ ଭୟ ଓ ପ୍ରଲୋଭନ ଦେଖାଇ ବେଆଇନ ଓ ଅମାନବୀୟ ଭାବେ ବସ୍ତି ଉଜାଡୁଥିବା ଅଭିଯୋଗ କରି ଶୁକ୍ରବାର ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ନଂ.୧୨୧୧୨/୨୧) ଦାଏର କରିଛନ୍ତି। ଉକ୍ତ ପିଟିଶନରେ ଦର୍ଶାଯାଇଛି, ବାସଗୃହ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇବା ନାଗରିକଙ୍କ ଜନ୍ମଗତ ଅଧିକାର। ବିକାଶ ନାମରେ ଜିଲା ପ୍ରଶାସନ ବହୁପୁରୁଣା ବସ୍ତିକୁ ବିଲୋପ କରିବା ଚକ୍ରାନ୍ତ ଚଳାଇଛି। ଯେଉଁ ବସ୍ତି ଉଜାଡି ଦିଆଯାଉଛି ସେଠାକାର ବାସିନ୍ଦାଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଇଛି। ଏହି ମାମଲାକୁ ଆଇନଜୀବୀ ପ୍ରତାପ ମିଶ୍ର ପରିଚାଳନା କରୁଛନ୍ତି। ସେହିପରି ମାଲଗୋଦାମ ବେହେରା ସାହି ପକ୍ଷରୁ ଅନୁରୂପ ମାମଲା ଦାଏର କରାଯାଇଛି। ଏହାକୁ ଆଇନଜୀବୀ ସୁକାନ୍ତ ନାୟକ ପରିଚାଳନା କରୁଛନ୍ତି।

# ବିନା ଶ୍ରଦ୍ଧାଳୁରେ ଓଳକଣା ମେଳଣ

**ଜାରି ହେଲା ୧୪୪ ଧାରା**

ଡେରାବିଶ, ୨୬।୩(ସ୍ୱ.ପ୍ର.)

ପ୍ରସିଦ୍ଧ ଓଳକଣା ମେଳଣ ଶନିବାର ରାତିରେ ଅନୁଷ୍ଠିତ ହୋଇ ରବିବାର ପ୍ରାତଃରେ ଶେଷ ହେବ। ଚଳିତ ବର୍ଷ ଶ୍ରଦ୍ଧାଳୁ ଶୂନ୍ୟରେ ଏହା କରାଯିବ। ଏହି ମେଳଣଟି ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲା ଅଧୀନରେ ଥିବାରୁ ପାରମ୍ପରିକ ବିଧି ବ୍ୟବସ୍ଥା ଓ ନୀତିକାନ୍ତିକୁ କୋଭିଡ୍ କଟକଣା ମଧ୍ୟରେ କରାଯିବ। ଏଥିପାଇଁ ଶୁକ୍ରବାର ପୂର୍ବାହ୍ନରୁ ରବିବାର ପୂର୍ବାହ୍ନ ଯାଏ ମେଳଣ ପଡ଼ିଆ ସମେତ ଅରାଖଣ୍ଡ, ନୀଳକଣ୍ଠପୁର-୨, ପଚିଶିମାଣିଆ ଓ କଟକ ଜିଲା ମାହାଙ୍ଗା ଥାନା ଅଧୀନରେ ଥିବା ସଏମ୍, ଲକ୍ଷ୍ମୀନାରାୟଣପୁର ଏବଂ ଓଳକଣା ଗାଁରେ ୧୪୪ ଧାରା ଜାରି ହୋଇଛି। ଉଭୟ ଡେରାବିଶ ଓ ମାହାଙ୍ଗା ଥାନା ପକ୍ଷରୁ ଶୁକ୍ରବାର ମାଇକ୍ ଯୋଗେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଇଛି। ଅବିଭକ୍ତ କଟକ ଜିଲାରେ ଏହି ମେଳଣଟି ପ୍ରସିଦ୍ଧି ଲାଭ କରିଛି। ପଡ଼ିଆକୁ ୧୨୦ରୁ ଊର୍ଦ୍ଧ୍ୱ ବିମାନ ୪ ଦ୍ୱାର ଦେଇ ଆସିବା ମେଳଣର ସ୍ୱତନ୍ତ୍ର ବିଧି ଓ ପାରମ୍ପରିକ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ବର୍ଷ ମେଳଣରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। ମାତ୍ର କୋଭିଡ୍ କଟକଣା ପାଇଁ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ, ମେଳଣକୁ ଆସୁଥିବା ସମସ୍ତ ବିମାନ ସହ ଖୁବ୍ କମ୍ ସଂଖ୍ୟକ ଲୋକ ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ। ପାରମ୍ପରିକ ବିଧି ବ୍ୟବସ୍ଥା ରକ୍ଷା କରିବା ନେଇ ଉଭୟ ଜିଲାର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ତେବେ ପଡ଼ିଆ ମଧ୍ୟରେ ଶନିବାର ରାତି ୪ଟାରୁ ରବିବାର ସକାଳ ୭ଟା ମଧ୍ୟରେ କେବଳ ବିମାନରେ ଥିବା ଜୀଉଙ୍କ ବ୍ୟତୀତ ସାଙ୍ଗରେ ଆସିଥିବା ସେବକ ପ୍ରତିନିଧିମାନେ ପଡ଼ିଆ ବାହାରେ ରହିବାକୁ ନିଷ୍ପତ୍ତି ହୋଇଛି। ମେଳଣ ଶେଷ ହେବା ପରେ ନିଜର ବିମାନଙ୍କୁ ନେବାକୁ ସେବକ ପ୍ରତିନିଧିମାନେ ପଡ଼ିଆ ମଧ୍ୟକୁ ପ୍ରବେଶ କରିପାରିବେ ବୋଲି ସ୍ଥିର ହୋଇଛି। ତେବେ ମେଳଣ ପଡ଼ିଆରେ ପୂର୍ବଭଳି କୌଣସି ଦୋକାନ ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶ୍ରଦ୍ଧାଳୁମାନଙ୍କୁ ପଡ଼ିଆ ମଧ୍ୟକୁ ଯିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଏଥିସହ ବିମାନ ସମ୍ମୁଖରେ ଶୋଭାଯାତ୍ରା ରହିବ ନାହିଁ ବୋଲି କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ବିମାନକୁ ଆଣୁଥିବା ବ୍ୟକ୍ତି ମାସ୍କ ପିନ୍ଧିବା ସହ ହାତକୁ ସାନିଟାଇଜ୍ ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି।

# ଲକ୍ଷ୍ୟରୁ ନାହିଁ ୯୯ ପ୍ରତିଶତ ଗଛ

କେନ୍ଦ୍ରାପଡ଼ା ଅଫିସ, ୨୬।୩




**ଭିତରକନିକା ଭିତିରି ସମସ୍ୟା**

- ବନୀକରଣ ପାଇଁ ଖର୍ଚ୍ଚ ହୋଇଛି ୧୦.୭୨ ଲକ୍ଷ
- କାଗଜପତ୍ରରେ ହୋଇଛି ବନୀକରଣ
- ତଦନ୍ତ ପାଇଁ ପ୍ରସ୍ତୁତ ହେଉଛନ୍ତି ବନବିଭାଗ

୫ ବର୍ଷ ପୂର୍ବେ ୫ ଗାଁରେ ୧,୦୫,୨୨୫ ଗଛ ଚାରା ଲଗାଯାଇଥିଲା। ଏହି ଗଛ ଶାଖା ପ୍ରଶାଖା ମେଲାଇ ଜଙ୍ଗଲ ହେବା କଥା। ଏହା ବ୍ୟତୀତ ଗଛ ଚାରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଆର୍ଦ୍ରଭୂମିରେ ରୋପଣ ହୋଇଥିବାରୁ ଘଞ୍ଚ ଜଙ୍ଗଲରେ ପରିଣତ ହୋଇଥିବ। ତେବେ ବାସ୍ତବ କ୍ଷେତ୍ରରେ ଏହା ଅବାସ୍ତବ ପରିକଳ୍ପନା ବୋଲି ଏକ ସୂଚନା ଆଇନ ଅଧିକାରରେ ମିଳିଥିବା ତଥ୍ୟ ଦ୍ୱାରା ଜଣାପଡିଛି। ୫ ଗାଁ ମଧ୍ୟରୁ ୪ଟିରେ ୯୯ ପ୍ରତିଶତ ଗଛର ଚିହ୍ନବର୍ଣ୍ଣ ନାହିଁ। ତେବେ କାଗଜପତ୍ରରେ ବନୀକରଣ ହୋଇ ୧୦.୭୨ ଲକ୍ଷ ଟଙ୍କା ଉଠାଯାଇ ଗଛ ଲଗାଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦିଆଯାଇଛି। ଜାତୀୟ ଉଦ୍ୟାନ ଭିତରକନିକା ଭିତରର ଅନେକ ସମସ୍ୟା ମଧ୍ୟରୁ ଏହା ଗୋଟିଏ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ରାଜନଗର ବ୍ଲକ ଶିଳପୋଖରୀ ଗ୍ରାମର ସୋମନାଥ ବାରିକ ସୂଚନା ଅଧିକାର ଆଇନର ତଥ୍ୟ ଅନୁଯାୟୀ, ଗୋଜ, ଦେବେନ୍ଦ୍ରନାରାୟଣପୁର, ଚିତଖୋଲା ଓ ଚାରିଘରିଆ ଗାଁରେ ୨୦୧୫ ସୁଦ୍ଧା ଲଗା ଯାଇଥିବା ଗଛ ମଧ୍ୟରୁ ୯୯ ପ୍ରତିଶତ ନାହିଁ।

ଆ। ଇ ସି ଜେ ଡ ଏ ମ୍ ପି (ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ) ଅଧୀନରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଆପୱା (ଆକସନ ଫର ପ୍ରୋଟେକ୍ସନ ଅଫ ୱାଇଲ୍ଡ ଆନିମଲସ) ସେହିବର୍ଷ ଉପରୋକ୍ତ ୪ ଗାଁ ସହ ଜୁନୁସନଗରରେ ହେନ୍ତାଳ ବଣ ସୃଷ୍ଟି ପାଇଁ କାର୍ଯ୍ୟ କରିଥିଲା। ୨୦୧୬ରେ ଆଇସିଜେଡଏମ୍‌ପିର ଅଧିକାରୀଙ୍କ ପରିଦର୍ଶନ ସମୟରେ ଜୁନୁସନଗରର ୯.୮ ଏକର ଜମିରେ ୨୪,୫୦୦ ଚାରା ରୋପଣ କରାଯାଇଥିଲା। ସେଥିରୁ ମାତ୍ର ୫୦ ପ୍ରତିଶତ ଗଛ ଅଛି। ଏହାବ୍ୟତୀତ ଗୋଜ ଗାଁର ୧୮.୩୩ ଏକରରେ ୪୫,୮୨୫ ଗଛ, ଚାରିଘରିଆର ୬.୫୭ ଏକରରେ ୧୬,୪୨୫, ଦେବେନ୍ଦ୍ରନାରାୟଣପୁରର ୭.୦୭ ଏକରରେ ୧୭, ୬୭୫ ଓ ଚିତଖୋଲାର ୧୦.୧୨ ଏକର ଜମିରେ ୨୫, ୩୦୦ ଗଛ ଲଗାଯାଇଥିଲା। ଏଥିମଧ୍ୟରୁ ୯୯ ପ୍ରତିଶତରୁ ଅଧିକ ଗଛର ଚିହ୍ନବର୍ଣ୍ଣ ନ ଥିବା ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଭିତରକନିକା ଇକୋ ସେନସେଟିଭ ମନିଟରିଂ କମିଟି ଜୋନର ସଦସ୍ୟ ଶ୍ରୀକାନ୍ତ ନାୟକ, ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ସାମାଜିକ କର୍ମୀ ସଞ୍ଜୟ ବେହୁରା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଶିକ୍ଷାବିତ୍ କ୍ଷିତୀଶ କୁମାର ସିଂହ କହିଛନ୍ତ, ହେନ୍ତାଳବଣ ହେଉଛି ସମୁଦ୍ର ତଟର ସୁରକ୍ଷା ପ୍ରାଚୀର। ଭିତରକନିକା ଆର୍ଦ୍ରଭୂମିରେ ଏହା ପ୍ରାକୃତିକ ଭାବେ ବୃଦ୍ଧି ପାଉଥିବା ବେଳେ ବନୀକରଣ ଏହାକୁ ସମୃଦ୍ଧ କରିଥାଏ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ପ୍ରଦାନ କରୁଛନ୍ତି। ତେବେ ବନୀକରଣ ନାମରେ ଅର୍ଥ ହଡପ ସ୍ଥାନୀୟ ଜନଜୀବନକୁ ପ୍ରଭାବିତ କରିବ। ହେନ୍ତାଳ ବଣ ନ ରହିଲେ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରେ ଜିଲା ଧ୍ୱଂସ ପାଇଯିବ। ସଂରକ୍ଷିତ ଅଭୟାରଣ୍ୟରେ ବନୀକରଣ ନ ହୋଇପାରିବା ଏକ ଆତ୍ମଘାତୀ ପରି ବିଷୟ ବୋଲି ସେମାନେ ମତ ଦେଇଛନ୍ତି। ଏ ନେଇ ଆପୱାର ନିର୍ଦ୍ଦେଶକ ବିଜୟ କୁମାର କବି କହିଛନ୍ତି, ୨୦୧୩- ୧୪ ଆର୍ଥିକ ବର୍ଷରେ ଚାରା ଲଗାଇବାକୁ କୁହାଯାଇଥିଲା। ୨୦୧୫ରେ ବନୀକରଣ ପରେ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଗଛର ସଂରକ୍ଷଣ ନ ହେବାରୁ ଏପରି ଅବସ୍ଥା ହୋଇଥିବ ବୋଲି ସେ ମତ ଦେଇଛନ୍ତି। ଏ ସଂକ୍ରାନ୍ତରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରେ ଗଛ ଲଗାଇବା ସହ ସଂରକ୍ଷଣ ପାଇଁ ଆପୱାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥାର ବେପରୁଆ ମନୋଭାବ ଯୋଗୁ ୪ ଗ୍ରାମରେ ୧ ପ୍ରତିଶତ ଗଛ ନ ଥିବା ଜଣାପଡିଛି। ଏ ନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି।

# କୋଭିଡ୍ କଟକଣା ଉଲ୍ଲଂଘନ ମନ୍ଦିର କମିଟି ଗଣିଲା ୩୦ହଜାର ଜରିମାନା

ବରଗଡ଼ ଅଫିସ୍, ୨୬।୩

ବରଗଡ଼ ଜିଲା ଭଟଲିସ୍ଥିତ ଶ୍ୟାମ ବିହାରୀ ମନ୍ଦିରରେ ଗୁରୁବାର ଫାଲଗୁନ ମେଳା ପାଳନ କରିବା ମନ୍ଦିର କମିଟିକୁ ମହଙ୍ଗା ପଡ଼ିଛି । କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ମନ୍ଦିର କମିଟିକୁ ୩୦ହଜାର ଟଙ୍କା ଜରିମାନା କରାଯାଇଛି । ସୂଚନା ଅନୁଯାୟୀ, ଫାଲଗୁନ ମେଳା ପାଳନ ଅବସରରେ ଗୁରୁବାର ବରଗଡ଼ରୁ ଭଟଲି ଶ୍ୟାମ ବିହାରୀ ମନ୍ଦିର ଅଭିମୁଖେ ଶ୍ରଦ୍ଧାଳୁଙ୍କ ନିଶାନ ପଦଯାତ୍ରା ଯାଇଥିଲା। ପଦଯାତ୍ରା ପହଞ୍ଚିବା ପରେ ଶ୍ୟାମବାବାଙ୍କ ଅଲୌକିକ



ଶୃଙ୍ଗାର ହୋଇଥିଲା। ଅପରାହ୍ନରେ ଫଗୁଖେଳ ହୋଇଥିବାବେଳେ ରାତ୍ରିରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଭଜନ କାର୍ଯ୍ୟକ୍ରମ ଚାଲିଥିଲା। ଖବର ପାଇ ଭଟଲି ତହସିଲଦାର ପ୍ରଶାନ୍ତ ମହାପାତ୍ର, ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର, ଥାନାଧିକାରୀ ରଞ୍ଜିତ ନାୟକ ପ୍ରମୁଖ ସେଠାକୁ ପହଞ୍ଚି କାର୍ଯ୍ୟକ୍ରମ ବନ୍ଦ କରିବା ସହିତ ମନ୍ଦିର କମିଟିକୁ ଜରିମାନା କରିଥିଲେ ।

# ଓଡ଼ିଶାରେ ଭାରତ ବନ୍ଦ ପ୍ରଭାବ


ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂ


ଭୁବନେଶ୍ୱର ପିଏମ୍‌ଜି ଛକ


ଭୁବନେଶ୍ୱର କ୍ରାଉନ୍ ହୋଟେଲ୍ ସାମ୍ନା


କଟକ ମଧୁପାଟଣା ଛକ ଜାତୀୟ ରାଜପଥ


ଭୁବନେଶ୍ୱର ରେଲୱେ ଷ୍ଟେସନରେ ଅପେକ୍ଷାରତ ଯାତ୍ରୀ


ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ଯାତ୍ରୀମାନେ ଚାଲି ଚାଲି ଯାଉଛନ୍ତି


ଭୁବନେଶ୍ୱର ନୟାପଲ୍ଲୀ ଦୁର୍ଗାମଣ୍ଡପ ପାଖରେ ଅପେକ୍ଷାରତ ଶ୍ରମିକ


ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ କଂଗ୍ରେସ ଓ ଅନ୍ୟ ଦଳର କର୍ମକର୍ତ୍ତା



ଭୁବନେଶ୍ୱର ରେଲୱେ ଷ୍ଟେସନରେ ବିକ୍ଷୋଭ


ଭୁବନେଶ୍ୱର ଏଜି ଛକ



ବରଗଡ଼ ଗାନ୍ଧୀଛକ


ଅନୁଗୋଳ ବଜାର


ବ୍ରହ୍ମପୁର


ମାଲକାନଗିରି



ପୁରୀ କଚେରି ଛକ



ପଦ୍ମପୁର (ରାୟଗଡ଼ା)



ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ୍ ତାରପୁର ବାଇପାସ୍


କେନ୍ଦୁଝର ଜାତୀୟ ରାଜପଥ

## ରାଷ୍ଟ୍ରପତି ଅସୁସ୍ଥ

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅସୁସ୍ଥ ହୋଇ ନୂଆଦିଲ୍ଲୀର ଆର୍ମି ହସ୍ପିଟାଲକୁ ଯାଇଥିଲେ। ଶୁକ୍ରବାର ସକାଳେ ୭୫ ବର୍ଷୀୟ ରାଷ୍ଟ୍ରପତି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସ୍ୱାସ୍ଥ୍ୟ ଚେକ୍ଅପ୍ ପାଇଁ ହସ୍ପିଟାଲ ନିଆଯାଇଥିଲା। ତାଙ୍କୁ ଅବ୍ଜରଭେଶନରେ ରଖାଯାଇଛି ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିବା ପିଏମ୍ଓ ପକ୍ଷରୁ ଟୁଇଟ୍ କରାଯାଇଛି। ମୋଦି ରାଷ୍ଟ୍ରପତିଙ୍କ ପୁଅଙ୍କ ସହ କଥା ହୋଇଥିଲେ।





ବାଂଲାଦେଶ ରାଜଧାନୀ ଢାକାରେ ବିକ୍ଷୋଭକାରୀମାନେ ଜୋତା ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ବିରୋଧ କରୁଛନ୍ତି।



ଢାକାର ବୈତୁଲ ମୋକରମ ମସ୍ଜିଦ ବାହାରେ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ମହାରାଷ୍ଟ୍ରରେ ନାଇଟ୍ କର୍ଫ୍ୟୁ

**ମୁମ୍ବାଇ,୨୬।୩:** ମହାରାଷ୍ଟ୍ରରେ କରୋନା ସଂକ୍ରମଣ ଅତ୍ୟଧିକ ବଢୁଥିବାରୁ ଉଦ୍ଧବ ଠାକ୍ରେ ସରକାର ରବିବାରଠାରୁ ସାରା ରାଜ୍ୟରେ ନାଇଟ୍ କର୍ଫ୍ୟୁ ଜାରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ବିପର୍ଯ୍ୟୟ ପରିଚାଳନା ଓ ପୁନର୍ବାସନ ବିଭାଗ ପକ୍ଷରୁ ଖୁବ୍ଶୀଘ୍ର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଠାକ୍ରେ ଜିଲାପାଳମାନଙ୍କ ବୈଠକରେ କୋଭିଡ୍-୧୯ ସ୍ଥିତି ସମୀକ୍ଷା କରିଥିଲେ। ରାତି ୮ରୁ ସକାଳ ୭ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ରହିବ। ଏହି ସମୟରେ ମଲ୍ଗୁଡ଼ିକ ବନ୍ଦ ରହିବ।

### ଟ୍ରେନ୍ ଦୁର୍ଘଟଣାରେ ୩୨ ମୃତ

**କାଏରୋ,୨୬।୩(ଆଇଏଏନ୍ଏସ୍):** ଇଜିପ୍ଟର ସୋହାଗ୍ ପ୍ରଦେଶରେ ଶୁକ୍ରବାର ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବା ଫଳରେ ୩୨ ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହିତ ଅନ୍ୟ ୬୬ ଜଣ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଦୁର୍ଘଟଣାଗ୍ରସ୍ତ ୩ ବଗି ମଧ୍ୟରେ ଅଧିକ ମୃତଦେହ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ୩୬ଟି ଆମ୍ବୁଲାନ୍ସ ସହାୟତାରେ ଆହତମାନଙ୍କୁ ନିକଟସ୍ଥ ୪ଟି ହସ୍ପିଟାଲକୁ ନିଆଯାଇଛି।

### ଟିଏମ୍ସି ଅଫିସ୍‌ରେ ବିସ୍ଫୋରଣ: ୩ ଆହତ

**ବାଙ୍କୁରା,୨୬।୩:** ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍ସି)ର ବାଙ୍କୁରା ଜିଲା ଜୟପୁର ଅଫିସ୍‌ରେ ବିସ୍ଫୋରଣ ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପାଇଁ କଂଗ୍ରେସ-ବାମଦଳ ମେଣ୍ଟକୁ ଦାୟୀ କରିଛି ଟିଏମ୍ସି। ଅନ୍ୟ ପକ୍ଷରେ ପାର୍ଟି ଅଫିସ ଭିତରେ ଟିଏମ୍ସି କର୍ମୀମାନେ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଘଟିଥିବା ଭାଜପା କହିଛି। ବିସ୍ଫୋରଣ ପରେ ଟିଏମ୍ସି ଏବଂ ଇଣ୍ଡିଆନ ସେକ୍ୟୁଲାର ଫ୍ରଣ୍ଟ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୪ ଆହତ ହୋଇଛନ୍ତି।

# ବଢ଼ିଛି ବିଚାରାଧୀନ ମାମଲା

**ଏପ୍ରିଲ ୨୩ରେ ଅବସର ନେବାକୁ ଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍ଡେଙ୍କ କାର୍ଯ୍ୟକାଳରେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇଛି। ୨୪ରେ ନୂଆ ସିଜେଆଇ ରୂପେ ଦାୟିତ୍ୱ ନେବାକୁ ଥିବା ଜଷ୍ଟିସ୍ ଏନ୍.ଭି. ରମନାଙ୍କୁ ୬୬,୭୨୭ରୁ ଊର୍ଦ୍ଧ୍ୱ ମାମଲା ଫଇସଲା ପାଇଁ ଅପେକ୍ଷା କରିଛି।**

## ସିଜେଆଇ ବୋବ୍ଡେଙ୍କ ଅମଳରେ



ସିଜେଆଇ ଏସ୍.ଏ. ବୋବ୍ଡେ

ନୂଆଦିଲ୍ଲୀ,୨୬।୩

୨୦୨୦ ମାର୍ଚ୍ଚ ୨୪ରେ ଭାରତରେ କରୋନା ଲକ୍ଡାଉନ୍ ଜାରି ହେବା ପୂର୍ବରୁ କୋର୍ଟରୁମ୍‌ରେ ଭିଡ଼ କମାଇବା ପାଇଁ ସୁପ୍ରିମକୋର୍ଟ ପଦକ୍ଷେପ ନେବା ଆରମ୍ଭ କରିଦେଇଥିଲେ। ଲକ୍ଡାଉନ୍ ବେଳେ କେବଳ ଜରୁରୀ ମାମଲାଗୁଡ଼ିକର ଶୁଣାଣି ହେଉଥିଲା। କଟକଣା କୋହଳ ହେବା ସହ ଓକିଲ ଓ ବିଚାରପତିମାନେ ଅନ୍‌ଲାଇନ୍ ହିଅରିଂ ପ୍ରତି ଆଗ୍ରହ ଦେଖାଇଲେ। ତେବେ ଶୁଣାଣି ହେଉଥିବା ମାମଲା ସଂଖ୍ୟା ମଧ୍ୟ ବଢ଼ିଚାଲିଲା। ସୁପ୍ରିମକୋର୍ଟ ସର୍ବନିମ୍ନ ୧୯୦ ଦିନ କାର୍ଯ୍ୟ କରିବାକୁ ନିୟମ ରହିଥିଲେ ହେଁ ଶୀର୍ଷ ଅଦାଲତ ପ୍ରଥମ ସିଟିଙ୍ଗର ୭୧ ବର୍ଷ ପୂର୍ତ୍ତି ଅବସରରେ ଏକ ସଦ୍ୟ ପ୍ରେସ୍ ରିଲିଜ ଅନୁସାରେ ୨୦୨୦ରେ ୨୩୧ ଦିନ ଖୋଲିଥିଲା। ୨୦୨୦ ଡିସେମ୍ବର ୩୧ ସୁଦ୍ଧା ଭିଡିଓ କନ୍‌ଫରେନ୍ସ ଜରିଆରେ ୪୩,୭୧୩ ଥର ଶୁଣାଣି ହୋଇଥିଲା। ଏହି କ୍ଷେତ୍ରରେ ବିଚାରପତି, ଆଇନଜୀବୀ ଓ ରେଜେଷ୍ଟ୍ରିଙ୍କ ଉଦ୍ୟମ ପ୍ରଶଂସନୀୟ। ଏହାସତ୍ତ୍ୱେ ଗଡୁଥିବା ମାମଲାର ବୋଝ ହ୍ରାସ ପାଇନାହିଁ। ୨୦୨୦ ମାର୍ଚ୍ଚ ୧ରୁ ୨୦୨୧ ମାର୍ଚ୍ଚ ୧ ମଧ୍ୟରେ ବିଚାରାଧୀନ ମାମଲା ସ୍ଥିତିକୁ ତୁଳନା କଲେ କୋଭିଡ୍-୧୯ ସମୟରେ କୋର୍ଟ କାର୍ଯ୍ୟ ଚଳାଇବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୁଝାପଡୁଛି। ସେହିପରି ପୂର୍ବବର୍ଷ ଓ ଏବର୍ଷର ତଥ୍ୟକୁ ଦେଖିଲେ ଦେଶର ସବୁଠୁ ବଡ଼ ଅଦାଲତଙ୍କ ପ୍ରଦର୍ଶନ ସମ୍ପର୍କରେ ଜାଣିହେଉଛି।

### କ'ଣ କହୁଛି ବିଚାରାଧୀନ ମାମଲାର ତଥ୍ୟ

୨୦୧୨ ମସିହାରୁ ବିଚାରାଧୀନ ମାମଲାଗୁଡ଼ିକୁ ନେଇ ସୁପ୍ରିମକୋର୍ଟ ପକ୍ଷରୁ ମାସିକିଆ ସଂଖ୍ୟା ବିବୃତିରେ ଜାରି କରାଯାଉଛି। ୨୦୨୧ ମାର୍ଚ୍ଚ ୧ ସୁଦ୍ଧା ସୁପ୍ରିମକୋର୍ଟରେ ୬୬,୭୨୭ ପ୍ରସଙ୍ଗ ବିଚାରାଧୀନ ଥିଲା। ୨୦୧୨ ପରେ ଏହା ହେଉଛି ସର୍ବାଧିକ ବିଚାରାଧୀନ ମାମଲା। ସମ୍ଭବତଃ ୧୯୯୦ ଦଶକ ପରେ ଏତେ ମାମଲା କେବେ ଗଡ଼ିଥିବା ଦେଖିବାକୁ ମିଳି ନ ଥିଲା। ୨୦୨୦ ମାର୍ଚ୍ଚ ୧ରେ ଗଡୁଥିବା ମାମଲା ସଂଖ୍ୟା ୬୦,୪୬୯ ଥିଲା। ୧୨ ମାସରେ ଏଭଳି ୬,୨୫୮ ମାମଲା ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି, ଯାହାକି ପୂର୍ବ ତୁଳନାରେ ୧୦.୩୫% ଅଧିକ। ବିଶେଷକରି ଏହି ଅବଧି ମଧ୍ୟରେ ମିସ୍ କେସ୍‌ଗୁଡ଼ିକୁ ଅନ୍‌ଲାଇନ୍ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇ ନ ଥିଲା। ମହାମାରୀ ଆସିବା ପୂର୍ବରୁ ସୋମବାର ଓ ଶୁକ୍ରବାର ପ୍ରତି ଖଣ୍ଡପୀଠଙ୍କ ନିକଟରେ ୫୦ରୁ ୭୦ ମିସ୍‌କେସ୍ ଶୁଣାଣି ତାଲିକାଭୁକ୍ତ କରାଯାଉଥିଲା। କିନ୍ତୁ ମହାମାରୀ ପରେ ଏହି ସଂଖ୍ୟା ୨୫-୩୫କୁ ଖସିଆସିଥିଲା। ଫଳରେ ମିସ୍ କେସ୍ ସଂଖ୍ୟା ୧୭.୬୮% ବୃଦ୍ଧି ପାଇଲା। ତେବେ ରେଗୁଲାର ପେଣ୍ଡିଂ କେସ୍ ସଂଖ୍ୟା ୪.୭୮% ହ୍ରାସ ପାଇଲା। ତେଣୁ କୋଭିଡ୍-୧୯କୁ ସୁପ୍ରିମକୋର୍ଟରେ ଗଡୁଥିବା ମାମଲା ସଂଖ୍ୟା ହଠାତ୍ ବୃଦ୍ଧିର କାରଣ ବୋଲି ଦୋଷ ଦିଆଯାଇ ନ ପାରେ।

### ନୂଆ ସିଜେଆଇଙ୍କ ଅପେକ୍ଷାରେ ୬୬,୭୨୭ରୁ ଅଧିକ ପ୍ରସଙ୍ଗ

### ନୂଆ ସିଜେଆଇଙ୍କ ଆଗରେ ଚ୍ୟାଲେଞ୍ଜ

ବର୍ତ୍ତମାନର ସିଜେଆଇ ଏସ୍. ଏ. ବୋବ୍ଡେ ଆସନ୍ତା ୨୩ରେ ଅବସର ନେବେ। ବିଚାରାଧୀନ ମାମଲା ବୋଝ କମାଇବାକୁ ତାଙ୍କ ପାଖରେ ଏବେ ଖୁବ୍ କମ୍ ସମୟ ଅଛି। ଜଷ୍ଟିସ୍ ବୋବ୍ଡେ ଅବସର ନେବା ପରେ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୮କୁ ଖସିଯିବ। ୨୦୧୯ ନଭେମ୍ବରରେ ବୋବ୍ଡେ ସିଜେଆଇ ଦାୟିତ୍ୱ ନେବାବେଳଠାରୁ ଏହି ସଂଖ୍ୟା ୫ ଊଣା। ଏହାକୁ ବିଚାରାଧୀନ ମାମଲା ବୃଦ୍ଧିର କାରଣ ବୋଲି ଦର୍ଶାଯାଇପାରେ। ତେବେ ୨୦୧୯ ଓ ୨୦୨୦ ମଧ୍ୟରେ ଗୋଟିଏ ସମୟରେ ଫୁଲ୍ ଷ୍ଟ୍ରେଙ୍ଗ୍‌ଥ ଥାଇ ସୁଦ୍ଧା ଏଭଳି ମାମଲା ସଂଖ୍ୟା ବଢ଼ିଥିବା ଦେଖାଯାଇଛି। ମହାମାରୀ କଲେଜିୟମ୍‌ର କାର୍ଯ୍ୟକୁ ସେତେଟା ପ୍ରଭାବିତ କରିପାରି ନ ଥିଲେ ମଧ୍ୟ ୨୦୧୯ ସେପ୍ଟେମ୍ବର ପରଠୁ ଅଦ୍ୟାବଧି ଜଣେ ହେଲେ ବିଚାରପତିଙ୍କୁ ସୁପ୍ରିମକୋର୍ଟରେ ନିଯୁକ୍ତି ଦିଆଯାଇ ନାହିଁ। ହିସାବ କଲେ ୫୪୦ ଦିନ ଭିତରେ (ବ୍ୟବଧାନ ବଢ଼ିଚାଲିଛି) କୌଣସି ବିଚାରପତି ସୁପ୍ରିମକୋର୍ଟରେ ନିଯୁକ୍ତ ହୋଇନାହାନ୍ତି। ଏହାକୁ ବିଗତ ୧ ଦଶନ୍ଧି ମଧ୍ୟରେ ସବୁଠୁ ବଡ଼ ବ୍ୟବଧାନ ବୋଲି କୁହାଯାଉଛି। ପୂର୍ବରୁ ସିଜେଆଇ ଏସ୍.ଏଚ୍. କାପାଡ଼ିଆଙ୍କ ଅମଳରେ ୨୦୧୦ରୁ ୨୦୧୧ ମଧ୍ୟରେ ୫୦୧ ଦିନ ବ୍ୟବଧାନର ରେକର୍ଡ ସର୍ବାଧିକ ଥିଲା।

ଯଦି ଅଚଳାବସ୍ଥା ଦୂର ହୋଇ ଖୁବ୍ଶୀଘ୍ର ବିଚାରପତିମାନଙ୍କୁ ନିଯୁକ୍ତି ଦିଆଯାଏ ଏବଂ ୨୦୧୯-୨୦ର ଅନୁଭୂତିରୁ ଶିକ୍ଷା ନିଆଯାଏ ତେବେ ମାମଲା ସଂଖ୍ୟା କମିପାରେ। କିନ୍ତୁ ସୁପ୍ରିମକୋର୍ଟରେ ବିଚାରାଧୀନ ମାମଲା ବୃଦ୍ଧିର ଚିତ୍ରକୁ ସମ୍ପୂର୍ଣ୍ଣ ରୂପେ ଓଲଟାଇହେବ ନାହିଁ। ଅଦାଲତ ଏଦିଗରେ ନିୟମିତ ଯାଞ୍ଚ କରି ନିଜ ଆଡୁ ସଂସ୍କାର ଆଣିଲେ ସ୍ଥିତି ବଦଳିପାରେ।

# ବାଂଲାଦେଶରେ ମୋଦିଙ୍କ ଗସ୍ତକୁ ବିରୋଧ କାହିଁକି



ବାଂଲାଦେଶର ରାଷ୍ଟ୍ରନାୟକ ଶେଖ୍ ମୁଜିବୁର ରହମାନଙ୍କ ସାନଝିଅ ରେଖ୍ ରେହାନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଗାନ୍ଧୀ ଶାନ୍ତି ପୁରସ୍କାର ୨୦୨୦ (ମରଣୋତ୍ତର) ଗ୍ରହଣ କରୁଛନ୍ତି।

ଢାକା,୨୬।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାଂଲାଦେଶ ଗସ୍ତକୁ ପଡ଼ୋଶୀ ଦେଶରେ ବିରୋଧ କରାଯାଉଛି। ଏହାର ବିଭିନ୍ନ କାରଣ ମଧ୍ୟରୁ ମୋଦିଙ୍କ ହିନ୍ଦୁବାଦୀ ତଥା ମୁସଲମାନ ବିରୋଧୀ ଆଭିମୁଖ୍ୟକୁ ପ୍ରମୁଖ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ବାଂଲାଦେଶର କେତେକ ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କ ମନ୍ତବ୍ୟର ଏଠାରେ ଅବତାରଣା କରାଯାଉଛି।

“ନରେନ୍ଦ୍ର ମୋଦି ୨୦୦୨ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଗୋଧ୍ରା ଦଙ୍ଗାରେ ୧,୦୦୦ରୁ ଊର୍ଦ୍ଧ୍ୱ ମୁସଲମାନଙ୍କ ଜୀବନ ଯାଇଥିଲା। ଗୁଜରାଟ, କଶ୍ମୀର ଓ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ମୋଦି ମୁସଲମାନମାନଙ୍କୁ ହତ୍ୟା କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ହେବା ପରେ ଭାରତରେ ମୁସଲମାନ ବିରୋଧୀ ଆଇନ ପ୍ରଣୟନ କରିବାରେ ଲାଗିଛନ୍ତି। ତେଣୁ ଆମେ ତାଙ୍କୁ ଚାହୁଁନାହୁଁ।

**-ମୌଲାନା ମାମୁନୁଲ ହକ୍, ଇସ୍ଲାମିକ୍ ନେତା**

“ଶେଖ୍ ମୁଜିବୁର ରହମାନ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପାଇଁ ଲଢ଼େଇ କରିଥିବାବେଳେ ମୋଦି ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହନ ଦେଉଛନ୍ତି।

**-ଇମ୍‌ତିଆଜ୍ ଅହମଦ, ଢାକା ବିଶ୍ୱବିଦ୍ୟାଳୟ ପ୍ରଫେସର**

“ମୋଦି ନୀତିଗୁଡ଼ିକ ବାଂଲାଦେଶର ମୌଳିକ ସିଦ୍ଧାନ୍ତର ପରିପନ୍ଥୀ। ଭାରତର ଦଙ୍ଗା ସୃଷ୍ଟିକାରୀ ପ୍ରଧାନମନ୍ତ୍ରୀଙ୍କୁ ଆମ ଦେଶର ସ୍ୱାଧୀନତା ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ନିମନ୍ତ୍ରଣ କରିବା ମୁକ୍ତି ଯୁଦ୍ଧର ବିରୋଧୀ।

**-ଫୋଏଜ୍ ଉଲ୍ଲାହ, ବାଂଲାଦେଶ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଧ୍ୟକ୍ଷ**

## ବନ୍ଦ ହେବନି ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି



### ସୁପ୍ରିମକୋର୍ଟରେ ଆବେଦନ ଖାରଜ

ନୂଆଦିଲ୍ଲୀ,୨୬।୩(ପି.ଟି.)

୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ଉପରେ ସ୍ଥଗିତାଦେଶ ଲଗାଇବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ନାମକ ଏନ୍‌ଜିଓ ପକ୍ଷରୁ ଏହି ଆବେଦନ କରାଯାଇଥିଲା। ରାଜନୈତିକ ଦଳର ପାଣ୍ଠି ସଂଗ୍ରହ ଏବଂ ସେମାନଙ୍କର ଆକାଉଣ୍ଟରେ ସ୍ୱଚ୍ଛତାର ଅଭାବକୁ ନେଇ ଉକ୍ତ ଏନ୍‌ଜିଓର ଏକ ଜନସ୍ୱାର୍ଥ ମାମଲା ବିଚାରାଧୀନ ଥିବାରୁ ଇଲେକ୍ଟୋରାଲ ବଣ୍ଡ ବିକ୍ରି ସ୍ଥଗିତ ରଖିବା ଲାଗି ଆବେଦନ କରାଯାଇଥିଲା। ନିର୍ବାଚନ ସମୟରେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ଦ୍ୱାରା ସେଲ୍ କମ୍ପାନୀ ଜରିଆରେ ରାଜନୈତିକ ଦଳଗୁଡ଼ିକର ବେଆଇନ ପାଣ୍ଠି ସଂଗ୍ରହ ବଢ଼ିବ ବୋଲି ଏନ୍‌ଜିଓ କହିଥିଲା। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ଉପରେ ସ୍ଥଗିତାଦେଶ ଲଗାଇବାକୁ ମନା କରିଦେଇଛନ୍ତି। ଏପ୍ରିଲ୍ ୧ରୁ ୧୦ ମଧ୍ୟରେ ବଣ୍ଡ୍ ଇସ୍ୟୁ ହେବ ବୋଲି କେନ୍ଦ୍ର ସରକାର ପୂର୍ବରୁ ଖଣ୍ଡପୀଠଙ୍କୁ କହିଥିଲେ। ଇଲେକ୍ଟୋରାଲ ବଣ୍ଡ ଜରିଆରେ ସଂଗୃହୀତ ପାଣ୍ଠିର ଯେପରି ଅପବ୍ୟବହାର ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ଅଦାଲତ ସରକାରଙ୍କୁ କହିଥିଲେ।

# ଭାରତ ବନ୍ଦ: ପରିବହନ ସେବା ପ୍ରଭାବିତ

ନୂଆଦିଲ୍ଲୀ,୨୬।୩

ବିବାଦୀୟ କୃଷି ଆଇନ ବିରୋଧରେ କୃଷକ ସଂଗଠନର ଆହ୍ୱାନକ୍ରମେ ଶୁକ୍ରବାର ଭାରତ ବନ୍ଦ ଯୋଗୁ ରେଳ ଓ ସଡ଼କ ପରିବହନ ପ୍ରଭାବିତ ହୋଇଛି। ପଞ୍ଜାବ ଓ ହରିୟାଣାରେ ବନ୍ଦ୍‌ର ପୂର୍ଣ୍ଣ ପ୍ରଭାବ ଦେଖିବାକୁ ମିଳିଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକରେ ଆଂଶିକ ପ୍ରଭାବ ପଡ଼ିଥିଲା। ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନର ୪ ମାସ ପୂର୍ତ୍ତି ଅବସରରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଚାଷୀମାନେ ଜାତୀୟ ରାଜପଥ ସମେତ ପଞ୍ଜାବ ହରିୟାଣାର ଅନ୍ୟାନ୍ୟ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ବିଭିନ୍ନ ସ୍ଥାନରେ ସେମାନେ ରେଳଲାଇନରେ ବସି ରହିବା ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୪ଟି ଶତାବ୍ଦୀ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ୩୫ରୁ ଊର୍ଦ୍ଧ୍ୱ ଟ୍ରେନ୍ ଦିଲ୍ଲୀ, ଚଣ୍ଡିଗଡ଼, ଫିରୋଜପୁର ଏବଂ ଅମୃତସର ରେଳଷ୍ଟେଶନରେ ଅଟକି ରହିଥିଲା। ସେହିପରି ୪୦ ମାଲ୍‌ବାହୀ ଟ୍ରେନ୍ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିବା ରେଳୱେ ମୁଖପାତ୍ର କହିଛନ୍ତି। ପଞ୍ଜାବ, ହରିୟାଣାରେ ଦୋକାନ ବଜାର ବନ୍ଦ ରହିଥିଲା।

ଦିଲ୍ଲୀରେ ବନ୍ଦର ବିଶେଷ ପ୍ରଭାବ ଦେଖିବାକୁ ମିଳି ନ ଥିଲା। କନ୍ନଟପ୍ଲେସ୍, କାରୋଲ ବାଗ, କଶ୍ମୀର ଗେଟ୍, ଚାନ୍ଦିନୀଚୌକ ଏବଂ ସଦର ଆଦି ମାର୍କେଟ ଖୋଲା ରହିଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ ସ୍ୱଳ୍ପ ସମୟ ପାଇଁ ଏହାର କେତେକ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ କରିଥିଲା। ପରେ ଯାତ୍ରୀମାନଙ୍କ ପାଇଁ ଷ୍ଟେଶନ ଖୋଲାଯାଇଥିଲା। ଉତ୍ତରପ୍ରଦେଶର ବାଲିଆରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସିପିଆଇ(ଏମ୍‌ଏଲ୍)ର ୨୦ ଜଣ କର୍ମୀଙ୍କୁ ଅଟକ ରଖାଯାଇଛି।



ପଞ୍ଜାବର ପଟିଆଲାଠାରେ କୃଷକ ସଂଗଠନ ପକ୍ଷରୁ ରେଳରୋକୋ କରାଯାଉଛି।

ବନ୍ଦକୁ ବିଭିନ୍ନ କୃଷକ ସଂଗଠନ, ଟ୍ରେଡ୍ ୟୁନିୟନ, ଛାତ୍ର ସଂଗଠନ, ବାର୍ ଆସୋସିଏଶନ, ରାଜନୈତିକ ଦଳ, ରାଜ୍ୟ ସରକାରଙ୍କ ପ୍ରତିନିଧି ସମର୍ଥନ ଜଣାଇଥିବା ଏସ୍‌କେଏମ୍ ଦାବି କରିଛି।

୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ପଞ୍ଜାବ, ହରିୟାଣା ଏବଂ ପଶ୍ଚିମ ଉତ୍ତରପ୍ରଦେଶର ଚାଷୀମାନେ ନଭେମ୍ବର ୨୬ରୁ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଏବଂ ଗାଜିପୁର ସୀମାରେ ଆନ୍ଦୋଳନରେ ବସି ରହିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ସହ କୃଷକ ନେତାମାନଙ୍କର ୧୧ ପର୍ଯ୍ୟାୟ ଆଲୋଚନା ସରିଲାଣି। ଉଭୟ ପକ୍ଷ ନିଜ ନିଜ ଦାବିରେ ଅଟଳ ରହୁଥିବାରୁ ଅଚଳାବସ୍ଥା ଦୂର ହୋଇପାରୁ ନାହିଁ। ନୂଆ କୃଷି ଆଇନକୁ ୧୨ରୁ ୧୮ ମାସ ସ୍ଥଗିତ ରଖିବା ପାଇଁ ସରକାର ପ୍ରସ୍ତାବ ଦେଇଥିଲେ ହେଁ କୃଷକ ସଂଗଠନଗୁଡ଼ିକ ଏହାକୁ ଗ୍ରହଣ କରି ନ ଥିଲେ।

## ଗ୍ୟାରେଜରେ ଜଳିଗଲା ଟ୍ରକ୍

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ଥାନା ଅଧୀନ ଚଣ୍ଡିଖୋଲ ଛକ ଇଣ୍ଡସିଣ୍ଡ ବ୍ୟାଙ୍କ ନିକଟ ଗ୍ୟାରେଜରେ କାମ ପାଇଁ ଥିବା ଏକ ଛଅ ଚକିଆ ଟ୍ରକ୍ ଶୁକ୍ରବାର ହଠାତ୍ ନିଆଁ ଲାଗି ଜଳିଯାଇଛି। ଖବରପାଇ ନିକଟରେ ଥିବା ଅଗ୍ନିସେବା କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିକଟରେ ଥିବା ଅନ୍ୟ ଗାଡ଼ିଗୁଡ଼ିକ ବିପଦରୁ ବର୍ତ୍ତି ଯାଇଥିଲା। ସକାଳେ ଗ୍ୟାରେଜ କର୍ମଚାରୀ ଅଳିଆ ଗଦାରେ ନିଆଁ ଲଗାଇଥିଲେ। ତେଣୁ ଏହି ନିଆଁ ଭୟଙ୍କର ରୂପ ନେଇ ଟ୍ରକ୍‌ରେ ଲାଗିଯାଇଥିବା ସନ୍ଦେହ କରାଯାଉଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ମାମଲା ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ

## ବରୀ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ

ବରୀ,୨୬।୩ (ଡି.ଏନ.ଏ.)

ବରୀ ରାମଚନ୍ଦ୍ରପୁର ଥାନା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବରୀ ବଜାର ବଣିକ ସଂଘ ଓ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଶୁକ୍ରବାର ଉଭୟ ସଂଘ ପକ୍ଷରୁ ସ୍ଥାନୀୟ ଜାଗୁଳାଇ ପୀଠରେ ଖବରଦାତା ସମ୍ମିଳନୀ କରାଯାଇ କୁହାଯାଇଛି ଯେ, ପୋଲିସ ଆକ୍ରୋଶମୂଳକ ଭାବେ ଯେଉଁ ୨୨ ଜଣଙ୍କ ନାମରେ ୫୬୫।୨୧ରେ ମାମଲା ରୁଜୁ କରିଛି ତାହାକୁ ତୁରନ୍ତ ପତ୍ୟାହାର କରୁ। ଯଦି ୭ ଦିନ ମଧ୍ୟରେ ମାମଲା ପ୍ରତ୍ୟାହାର କରା ନ ଯାଏ ତେବେ ଉଭୟ ସଂଘ ଅଞ୍ଚଳବାସୀଙ୍କ ସହଯୋଗରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କୁହାଯାଇଛି, ୧୯ ତାରିଖରେ ପୋଲିସ ବରୀ ମାଉଣ୍ଡରେ ହେଲମେଟ୍ ଚେକିଂ କରୁଥିବାବେଳେ ଜଣେ ନାବାଳକ ବାଇକ୍‌ରେ ଯାଉଥିବାବେଳେ ପୋଲିସକୁ ଦେଖି ଭୟରେ ପଡ଼ି ଯାଇଥିଲେ। ଫଳରେ ସେଠାରେ ଉପସ୍ଥିତ ଜଣେ ମହିଳା କନେଷ୍ଟବଳଙ୍କ ଦେହରେ ଆଘାତ ଲାଗିଥିଲା। ଏହାଦେଖି ସେଠାରେ ଉପସ୍ଥିତ ଅନ୍ୟ ପୋଲିସ କର୍ମଚାରୀ ସମ୍ପୃକ୍ତ ନାବାଳକଙ୍କୁ ମାଡ଼ ମାରିଥିଲେ।


ବରୀ ବଜାର ବଣିକ ସଂଘ ଓ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ପ୍ରତିବାଦ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡ଼ି ବସିଥିଲେ। ଖବର ପାଇ ବରୀ ଥାନା ଅଧିକାରୀ ଅଜୟ ଜେନା, ତହସିଲଦାର ସରୋଜକାନ୍ତ ନାୟକ, ବିଡିଓ ଶିବାନନ୍ଦ ସ୍ୱାଇଁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଅସନ୍ତୋଷ ଥମି ନ ଥିଲା। ପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ ପହଞ୍ଚି ସ୍ଥାନୀୟ ସରପଞ୍ଚ, ବଣିକ ସଂଘ ସଭାପତି ଓ ଟ୍ରାକ୍ଟର ମାଲିକ ସଂଘଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଆନ୍ଦୋଳନ ଘଟଣାକୁ ନେଇ ପୋଲିସ ଉପରୋକ୍ତ ମାମଲା ରୁଜୁ କରିଛି। ଏକଥା ଜାଣିବା ପରେ ଉଭୟ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ରମ୍ଭା ସରପଞ୍ଚ ବିଜୟ କିଶୋର ସାହାଣୀ, ଅଶୋକ ଦାସ, ଟ୍ରାକ୍ଟର ମାଲିକ ସଂଘ ସଭାପତି ମାନସ ଯେନା, ପ୍ରମୋଦ ଯେନା, ସୁମନ୍ତ ପଣ୍ଡା, ଧୀରେଶ ଦ୍ୱିବେଦୀ ଓ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବଦଳିଲେ ବିବାଦୀୟ ଏସ୍‌ଆଇ

## ପଣସୁଧା ଗୋଷ୍ଠୀ ସଂଘର୍ଷ ଘଟଣା

ଚଣ୍ଡିଖୋଲ,୨୬।୩ (ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ଅଧୀନ ପଣସୁଧା ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡ଼ି ପୋଡ଼ି ଘଟଣାରେ ବିବାଦୀୟ ହୋଇପଡ଼ିଥିବା ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ମନୋଜ ପଣ୍ଡାଙ୍କ ବଦଳି ହୋଇଛି। ତାଙ୍କୁ ଯାଜପୁର ଏସ୍‌ପି ରାହୁଲ୍ ପିଆର୍ କାଳିଆପାଣି ଥାନାକୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ କାଳିଆପାଣି ଥାନା ଏସ୍‌ଆଇ ମନୋରଞ୍ଜନ ସେଠୀଙ୍କୁ ନିଯୁକ୍ତ କରାଯାଇଛି। ଏସ୍‌ପି ଚିଠି ନଂ.୬୦ ତା:୨୫।୦୩।୨୦୨୧ରେ ଏହି ବଦଳି ଆଦେଶ ପ୍ରଦାନ କରିଛନ୍ତି। ଗତ ୬ ତାରିଖରେ ପଣସୁଧାଠାରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ସମୟରେ ପଣ୍ଡା ସେଠାରେ ଉପସ୍ଥିତ ଥିଲେ। ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଲୋକଙ୍କୁ ପୋଲିସ ଉପସ୍ଥିତିରେ ଆକ୍ରମଣ କରିଥିଲେ। ଯାହାକୁ ନେଇ ମାଡ଼ ଖାଇଥିବା ଗୋଷ୍ଠୀର ଲୋକେ ଉତ୍ତ୍ୟକ୍ତ ହୋଇ ୨ଟି ପୋଲିସ ଭ୍ୟାନ ଜାଳି ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଦୁଇଟି ପୋଲିସ୍ ଭ୍ୟାନ୍ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ। ମାତ୍ର ଗୋଟିଏ ଗୋଷ୍ଠୀର ଲୋକେ ଆସି ମାଡ଼ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେଠାରେ ପୋଲିସ୍ ନୀରବଦ୍ରଷ୍ଟା ସାଜିଥିଲା। ଏପରି କି ମାଡ଼ ଖାଇଥିବା ବ୍ୟକ୍ତି ତଳେ ପଡ଼ି ଚିତ୍କାର କରୁଥିବା ବେଳେ ପୋଲିସ ତାଙ୍କୁ ଡାକ୍ତରଖାନା ପଠାଇ ନ ଥିଲା। ତେଣୁ ସ୍ଥାନୀୟଲୋକେ ପୋଲିସର ଅପାରଗତା ପାଇଁ ଗଣ୍ଡଗୋଳ ଓ ଗୋଷ୍ଠୀ ସଂଘର୍ଷ ଘଟିଲା ବୋଲି ସେ ସମୟରେ ଯାଜପୁର ଏସ୍‌ପି ଓ ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଆଧାର କରି ତାଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।


## ସର୍ବସାଧାରଣ ବିଜ୍ଞପ୍ତି

### ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ
### ବି.ଆର୍.ଏଚ୍.ଏଲ୍-ସିମ୍ପ୍ଲେକ୍ସ-ଗଲଫାର ଜେଭି

**ମଙ୍ଗୁଳି ଟୋଲ୍ ପ୍ଲାଜାରେ ତା୦୧।୦୪।୨୦୨୧ରିଖ 00.00 ଘଟିକାରୁ ଲାଗୁ ହେବାକୁଥିବା ସଂଶୋଧିତ ୟୁଜର ଫି (ଟୋଲ୍) ଦର ସମ୍ପର୍କିତ ସର୍ବସାଧାରଣ ବିଜ୍ଞପ୍ତି**

ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣଙ୍କ ତା୨୫।୦୩।୨୦୨୧ରିଖର ପତ୍ର ମାଧ୍ୟମରେ ସଂଶୋଧିତ ୟୁଜର ଫି ଦରର ଅନୁମୋଦନ ସଂକ୍ରାନ୍ତରେ ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା (ଚେନେଜ୍: କି.ମି. ୩୪.୬୨୪, ଗ୍ରାମ: ହରିଅନ୍ତା, ଜିଲ୍ଲା: କଟକ)ଠାରେ ତା୦୧।୦୪।୨୦୨୧ରିଖ 00:00 ଘଟିକାରୁ ଜାତୀୟ ରାଜପଥ ୧୬ର କି.ମି. ୪୧୩.୦୦୦ରୁ କି.ମି. ୪୧୮.୦୦୦ ଏବଂ କି.ମି. ୦୦.୦୦୦ରୁ କି.ମି. ୬୨.୦୦୦ (ଭୁବନେଶ୍ୱରର ବରମୁଣ୍ଡାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ) ଅଂଶର ବ୍ୟବହାର ପାଇଁ ୟୁଜର ଫି ଦର, କେବଳ ଫାଷ୍ଟାଗ୍‌ରେ, ନିମ୍ନ ସାରଣୀ ଅନୁଯାୟୀ ସଂଶୋଧିତ ହେବାକୁ ଯାଉଛି।

| ଯାନବାହନର ବର୍ଗ | ଥରକ ଯାତ୍ରା ପାଇଁ ଦେୟ | ଗୋଟିଏ ଦିନରେ ଫେରସ୍ତ ଯାତ୍ରା ପାଇଁ ଦେୟ | ୫୦ ଥର ଯାତ୍ରା ପାଇଁ ମାସିକ ପାସ୍ ଲାଗି ଦେୟ (ପାରା ୩ii ଦେଖନ୍ତୁ) |
|---|---|---|---|
| କାର୍, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | ୧୨୫ | ୧୮୫ | ୪୧୧୦ |
| ହାଲୁକା ବ୍ୟବସାୟିକ ଯାନ, ହାଲୁକା ପଣ୍ୟବାହୀ ଯାନ କିମ୍ବା ମିନି ବସ୍ | ୧୯୫ | ୨୯୦ | ୬୪୭୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଏକ୍ସିଲ) | ୪୦୦ | ୬୦୦ | ୧୩୩୫୦ |
| ଭାରି ନିର୍ମାଣ ଯନ୍ତ୍ରପାତି (ଏଚ୍‌ସିଏମ୍) କିମ୍ବା ଆର୍ଥ ମୁଭିଂ ଉପକରଣ (ଇଏମ୍‌ଇ) କିମ୍ବା ମଲ୍‌ଟି ଏକ୍ସିଲ୍ ଯାନ (୩ରୁ ୬ ଏକ୍ସିଲ୍) | ୬୨୦ | ୯୩୦ | ୨୦୬୧୦ |
| ଅତି ବଡ଼ ଯାନ (ସାତ କିମ୍ବା ଅଧିକ ଏକ୍ସିଲ) | ୭୭୫ | ୧୧୬୫ | ୨୫୮୮୦ |
| ଟୋଲ୍ ପ୍ଲାଜାରୁ ୨୦ କିମି ଦୂରତା ମଧ୍ୟରେ ସ୍ଥାନୀୟ ଅଣ-ବ୍ୟବସାୟିକ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ବର୍ଷ ୨୦୨୧-୨୦୨୨ ପାଇଁ ଟ.୨୮୫ ହେବ। | | | |

୨. ଉପରୋକ୍ତ ଦର ସମ୍ପୂର୍ଣ୍ଣ ୬୭.୦୦ କିମି ଦୈର୍ଘ୍ୟ ପାଇଁ ପ୍ରଯୁଜ୍ୟ ଯାହା ମଧ୍ୟରେ ୬୪.୭୫ କିମି ଦୈର୍ଘ୍ୟର ସଡ଼କ, ୨.୨୫ କିମି ଦୈର୍ଘ୍ୟର ସେତୁ ଅନ୍ତର୍ଭୁକ୍ତ ଯାହାର ବ୍ୟୟ ଟ.୧୦ କୋଟି କିମ୍ବା ତଦୂର୍ଦ୍ଧ୍ୱ ଅଟେ।

୩. ଉପରୋକ୍ତ ଟୋଲ୍ ପ୍ଲାଜାରେ ନିମ୍ନଲିଖିତ ରିହାତି କେବଳ ଫାଷ୍ଟାଗ୍‌ରେ ଉପଲବ୍ଧ ଅଟେ
(i) ଉପରଦର୍ଶିତ ସାରଣୀ ଅନୁଯାୟୀ ସବୁ ବର୍ଗର ଯାନବାହନ ପାଇଁ ଦେୟପୈଠ ସମୟରୁ ୨୪ ଘଣ୍ଟା ମଧ୍ୟରେ ଫେରସ୍ତ ଯାତ୍ରା।
(ii) ଉପରଦର୍ଶିତ ସାରଣୀ ଅନୁଯାୟୀ ସବୁ ବର୍ଗର ଯାନବାହନ ପାଇଁ ଦେୟପୈଠ ତାରିଖରୁ ଏକମାସରେ ୫୦ ଏକକ ଯାତ୍ରା।
(iii) ଟୋଲ୍ ପ୍ଲାଜାରୁ ୨୦ କିମି ମଧ୍ୟସ୍ଥ ଅଣ-ବ୍ୟବସାୟିକ ଯାନବାହନ ପାଇଁ କ୍ୟାଲେଣ୍ଡର ମାସ ପିଛା ଟ.୨୮୫ ଦରରେ ପାସ୍।

୪. ରିହାତି ପ୍ରଦାନ ଯୋଜନା www.nhai.org/concessionagreementcj.aspରେ ଦେଖାଯାଇପାରିବ।

୫. ଛାଡ଼ପ୍ରାପ୍ତ ଯାନବାହନର ତାଲିକା ଜାତୀୟ ରାଜପଥ ଦେୟ (ଦର ନିର୍ଦ୍ଧାରଣ ଓ ସଂଗ୍ରହ) ନିୟମାବଳୀ, ୨୦୦୮ ଏବଂ ତତ୍‌ପଶ୍ଚାତ୍ ସଂଶୋଧିତ ନିୟମାବଳୀରେ ଉପଲବ୍ଧ ଅଛି।

୬. ଅନୁମତିଯୋଗ୍ୟ ଭାରରୁ ଅଧିକ ଭାର ବହନ କରିଥିବା ଯାନବାହନକୁ ଭାରତୀୟ ରାଜପତ୍ର ଅଧିସୂଚନା କ୍ରମାଙ୍କ ଜି.ଏସ୍.ଆର୍. ୯୨୦(ଇ) ତା୨୫ ସେପ୍ଟେମ୍ବର ୨୦୧୮ରିଖରେ ନିର୍ଦ୍ଧାରିତ ଦେୟ ପୈଠ କରିବାକୁ ହେବ।

୭. ରାଜପତ୍ରରେ ପ୍ରକାଶିତ ୧୯ ଅକ୍ଟୋବର ୨୦୧୧ ତାରିଖର ଦେୟ ଅଧିସୂଚନା, ସଂଶୋଧିତ ଦର ଅନୁମୋଦନ ସମ୍ବଳିତ ତା୨୫।୦୩।୨୦୨୧ରିଖର ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣଙ୍କ ପତ୍ର ତଥା ରିହାତି ରାଜିନାମାର ବ୍ୟବସ୍ଥାପନ ଦେଖିବା ପାଇଁ ୱେବ୍‌ସାଇଟ୍ http://nhaitis.org ପରିଦର୍ଶନ କରାଯାଇପାରେ।

୮. କୌଣସି ଅନୁସନ୍ଧାନ ଏବଂ/କିମ୍ବା ଅଭିଯୋଗ/ମତାମତ ଦେବା ପାଇଁ ପ୍ରତିନିଧିଙ୍କ ନାମ ଓ ଠିକଣା ନିମ୍ନରେ ପ୍ରଦାନ କରାଗଲା:

| | ରିହାତିଗ୍ରହୀତା | ଆଇଇ | ଏନ୍‌ଏଚ୍‌ଏଆଇର ପିଆଇୟୁ |
|---|---|---|---|
| ପ୍ରତିନିଧିଙ୍କ ନାମ : | ଶ୍ରୀଯୁକ୍ତ ଅଞ୍ଜନ ପଟ୍ଟନାଏକ | ଶ୍ରୀଯୁକ୍ତ ଅମରେଶ କୁମାର | ଶ୍ରୀଯୁକ୍ତ ପି.କେ. ସିଂହ |
| ଠିକଣା : | ଏସ୍‌ଜେଇପିଏଲ୍, ଘ.ନଂ.- ଏଏସ୍ ୧/୫, ବେକର ଷ୍ଟ୍ରିଟ୍, କୋଭେଣ୍ଟ ଗାର୍ଡେନ୍, ମଉଜା- ଅଧାଳିଆ, ଫୁଲନଖରା, ଜିଲ୍ଲା- କଟକ, ଓଡ଼ିଶା-୭୫୪୦୦୧ | ଏମ୍.ଏସ୍.ଭି. ଇଣ୍ଟରନ୍ୟାସନାଲ ଆଇଏନ୍‌ସି । ଇନ୍ ଆସୋସିଏସନ୍ ଉଇଥ୍ ହାଇବ୍ରିଡ୍ ଇନ୍‌ଫ୍ରା ଇଣ୍ଡିଆ କନ୍‌ସଲଟାଣ୍ଟସ ପ୍ରା. ଲିଃ। ପ୍ଲଟ୍ ନଂ.- ୧୦/୬ସି ୧୬୧୨, ସିଡିଏ, ସେକ୍ଟର-୧୦, ସିଡିଏ, କଟକ ୭୫୩୦୧୪ | ଏନ୍‌ଏଚ୍‌ଏଆଇ, ପିଆଇୟୁ, ୩୦୩, ତୃତୀୟ ମହଲା, ଉତ୍କଳ ସିଗ୍‌ନେଚର, ଏନ୍‌ଏଚ୍-୧୬, ପାହାଳ |
| ମୋବାଇଲ ନଂ. : | +୯୧ ୯୮୫୩୦୧୦୮୨୨ | +୯୧ ୮୦୦୨୬୫୬୦୫୨ | +୯୧ ୯୯୭୮୫୨୫୦୭୯ |


# ତହସିଲ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

## ଗୋଚର ଜମିରେ ସରକାରୀ ଗୃହ ନିର୍ମାଣକୁ ବିରୋଧ

ଯାଜପୁର ଟାଉନ,୨୬।୩ (ଡି.ଏନ.ଏ.)

ଯାଜପୁର ତହସିଲ ଅଧୀନ ଏରବାଙ୍ଗ ପଞ୍ଚାୟତ ରଘୁନାଥପୁର ଗ୍ରାମର ଏକ ଗୋଚର ଜମିରେ ବ୍ଲକ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ କରାଯାଉଛି। ଖାତା ନଂ. ୧୬୬, ପ୍ଲଟ ନଂ.୬୮୪ ସ୍ଥାନରେ ଏହି ଗୋଚର ଜମି ରହିଛି। କେବଳ ରଘୁନାଥପୁର ନୁହେଁ ଆଖପାଖର ଗ୍ରାମର ଗୋରୁ ଏହି ସ୍ଥାନରେ ଚରିବା ସହିତ ଚଳପ୍ରଚଳ କରିଥାନ୍ତି। ଗାଁ ପିଲାମାନଙ୍କ ଖେଳକୁଦ ପାଇଁ ଏହି ସ୍ଥାନଟି ପ୍ରକୃଷ୍ଟ। ଏହି ପଡ଼ିଆରେ ମଧ୍ୟ ଚାଷୀ ଧାନ, ବିରି ଓ ମୁଗ ଖଳା କରିଥାନ୍ତି। କାହିଁ କେଉଁ କାଳରୁ ଉକ୍ତ ସ୍ଥାନରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଆସୁଛି। ମାତ୍ର ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ସମ୍ପୃକ୍ତ ଗୋଚର ଜମିରେ ନିର୍ମାଣ କାର୍ଯ୍ୟ କରାଯାଉଛି। ସରକାର ଗୋଚର ଜମିରେ ସ୍ଥାୟୀ କି ଅସ୍ଥାୟୀ ନିର୍ମାଣକୁ ବିରୋଧ କରୁଛନ୍ତି। ମାତ୍ର ଏଠାରେ ତାହାର ବ୍ୟତୀକ୍ରମ ଦେଖାଯାଇଛି। ବ୍ଲକ ପ୍ରଶାସନ କିଭଳି ଏଠାରେ ନିର୍ମାଣ କରିବା ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କେତେଜଣ ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଏହାକୁ ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ଶେଷରେ ଗ୍ରାମର ଅଜୟ ପଡ଼ିଆରୀ, ବିଶ୍ୱନାଥ ବେହୁରିଆ, ଗୁଲୁ ବେହେରା, ପଙ୍କଜ ମଲିକ, ପ୍ରଶାନ୍ତ ମଲିକ ଓ ଚକ୍ରଧର ଦଳାଇଙ୍କ ସମେତ ବହୁ ଲୋକ ତହସିଲ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଗୋଚର ଜମିରେ ନିର୍ମାଣ କାର୍ଯ୍ୟରୁ ବ୍ଲକ ପ୍ରଶାସନ ନିବୃତ୍ତ ନ ରହିଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତବାନୀ ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ନିମନ୍ତେ ତହସିଲଦାର ସୁଶାନ୍ତ କୁମାର ପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ମିଳୁନି ହରିଶ୍ଚନ୍ଦ୍ର ଯୋଜନା ସହାୟତା

## ଧର୍ମଶାଳା ବ୍ଲକ

ଜେନାପୁର,୨୬।୩(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ହରିଶ୍ଚନ୍ଦ୍ର ଯୋଜନା ସହାୟତା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ଲକ ଅଧୀନରେ ୪୫ ଗ୍ରାମ ପଞ୍ଚାୟତ ରହିଛି। ମାତ୍ର ଅଧିକାଂଶ ପଞ୍ଚାୟତରେ ଜନପ୍ରତିନିଧି ଓ ଗ୍ରାମ ସେବକଙ୍କ ଅବହେଳା ଯୋଗୁ ହିତାଧିକାରୀ ଏହି ସହାୟତା ପାଇପାରୁନାହାନ୍ତି। ବ୍ଲକ ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ମାଧ ରାଉତ ଏହାର ଉଦାହରଣ। ତାଙ୍କ ଅଭିଯୋଗ ଅନୁସାରେ, ୨୦୧୯ ସେପ୍ଟେମ୍ବର ୧୩ରେ ତାଙ୍କ ସ୍ତ୍ରୀ ସୋଲିଙ୍କ ମୃତ୍ୟୁ ହୋଇଥିଲା। ପରେ ସେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇବା ପାଇଁ ଆବେଦନ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କୁ ଉକ୍ତ ସହାୟତା ରାଶି ମିଳି ପାରୁନାହିଁ। ସେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ହତାଶ ହୋଇ ଫେରୁଛନ୍ତି। ସେହିପରି ବୃନ୍ଦାଦେଇପୁର ପଞ୍ଚାୟତରେ ଅନ୍ୟ କେତେଜଣଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଅଦ୍ୟାବଧି ସହାୟତା ମିଳିପାରି ନାହିଁ ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ସରପଞ୍ଚମାନେ ମୃତ ବ୍ୟକ୍ତିଙ୍କ ପରିବାର ନିକଟରେ ପହଞ୍ଚି ସହାୟତା ରାଶି ବାବଦକୁ ୨ ହଜାର ଟଙ୍କା ପ୍ରଦାନ କରୁଥିଲେ। ମାତ୍ର ୨୦୧୭ରୁ ଅନଲାଇନ ମାଧ୍ୟମରେ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ହିତାଧିକାରୀଙ୍କ ଅଜ୍ଞତା ଯୋଗୁ ଏହାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ବିଡିଓ ଅରବିନ୍ଦ ବେହେରା କହିଛନ୍ତି, ସହାୟତା ପାଇବାକୁ ଥିବା ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଆସି ଜଣାଇଲେ ସେମାନଙ୍କ ସମସ୍ୟାର ସମାଧାନ କରାଯିବ। ଅନ୍ୟପକ୍ଷରେ ଯେଉଁ ହିତାଧିକାରୀ ଯୋଜନାର ସୁଫଳ ପାଇ ପାରିନାହାନ୍ତି, ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସେମାନଙ୍କୁ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଯୁବକଙ୍କୁ ମାଡ଼ମାରି ପୋଲିସ ଜିମା

## ପିଲା ଚୋର ସନ୍ଦେହ

ଏରସମା,୨୬।୩(ସ୍ୱ.ପ୍ର.)

ଏରସମା ଥାନା ଆମ୍ବିକି ପଞ୍ଚାୟତସ୍ଥିତ ବାଘାଡି ପୋଲ ନିକଟରେ ଶୁକ୍ରବାର ପିଲା ଚୋର ସନ୍ଦେହରେ ଗ୍ରାମବାସୀ ଜଣେ ଯୁବକଙ୍କୁ ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦେଇଛନ୍ତି। ସେ ଜଣେ ଅନ୍ଧ ଶିଶୁଙ୍କୁ ବାଇକ୍‌ରେ ବସାଇ ନେଉଥିବା ବେଳେ ସ୍ଥାନୀୟ ଓରାଳ ଗ୍ରାମବାସୀ ତାଙ୍କୁ ଧରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଯୁବକ ମଧ୍ୟାହ୍ନରେ ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କ ସହ କିଛି ସମୟ କଥା ହୋଇଥିଲେ। ମହିଳା ଜଣକ କଥାବାର୍ତ୍ତା କରି ପାଣି ଆଣିବା ପାଇଁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ତାଙ୍କ ୭ ବର୍ଷର ଅନ୍ଧ ଶିଶୁଙ୍କୁ ବିସ୍କୁଟ ଦେବାକୁ କହି ବାଇକରେ ବସାଇ ନେଇଯାଇଥିଲେ। ମହିଳା ଜଣକ ଘରକୁ ଫେରି ପୁଅକୁ ନ ପାଇବାରୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଖୋଜା ଖୋଜି କରି ସମ୍ପୃକ୍ତ ଯୁବକଙ୍କୁ ବାଘାଡି ପୋଲ ନିକଟରେ ଧରିଥିଲେ। ଏ ସମ୍ପର୍କରେ ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି କହିଛନ୍ତି, ସମ୍ପୃକ୍ତ ଯୁବକ ଓ ଗ୍ରାମର ବ୍ୟକ୍ତି ଜଣକ ଗୋଟିଏ ସ୍ଥାନରେ କାମ କରୁଥିଲେ। ଉକ୍ତ ବ୍ୟକ୍ତିଙ୍କ ଝିଅ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ନେଇ ଗାଁକୁ ପଳାଇ ଆସିଥିଲେ। ମୋବାଇଲ ପାଇଁ ସମ୍ପୃକ୍ତ ଯୁବକ ପଚାରି ପଚାରି ତାଙ୍କ ଘରେ ପହଞ୍ଚିଥିଲେ। ମାତ୍ର ସେତେବେଳେ ଝିଅଟି ହାତିଆପାଳସ୍ଥିତ ମାମୁଘରେ ଥିଲେ। ଏନେଇ ସମ୍ପୃକ୍ତ ଯୁବକ ଅନ୍ଧ ଶିଶୁଙ୍କୁ ଧରି ହାତିଆପାଳକୁ ଯାଉଥିବାବେଳେ ଗ୍ରାମବାସୀ ଧରିଥିଲେ।

## ଦୁଇ ବଖରା ଜଳିଗଲା

ଚଣ୍ଡିଖୋଲ,୨୬।୩ (ଡି.ଏନ.ଏ.): ବଡ଼ଚଣା ବ୍ଲକ ଚଣ୍ଡିତଳ ପଞ୍ଚାୟତ ମହାଖଳା ଗ୍ରାମର ଗମା ମୁଣ୍ଡାଙ୍କ ଘରେ ଶୁକ୍ରବାର ନିଆଁ ଲାଗି ଦୁଇ ବଖରା ଜଳିଯାଇଛି। ଏଥିସହିତ ଘରର ସମସ୍ତ ଆସବାବପତ୍ର ପାଉଁଶ ହୋଇଯାଇଛି। ରୋଷେଇ ଘରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ପଡ଼ୋଶୀ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସବୁକିଛି ଜଳି ଯାଇଥିଲା।


## ଏସ୍.ଇ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; (୧) ସିକେପି-ସେଣ୍ଟ୍ରାଲ-୨୦-୨୧-୩୨, ତାରିଖ: ୨୫।୦୩।୨୦୨୧;** ଏସ୍‌ଏସ୍‌ଇ (ପି.ୱେ)/ଏମ୍‌ଓୟୁ ଅଧୀନରେ ଏଚ୍-ବିମ୍ ଷ୍ଟିଲ୍ ସ୍ଲିପର୍‌ର ନବୀକରଣ-୯୩୫ ଗୋଟି; ₹୨,୫୩,୬୩,୦୬୬.୧୧ । **(୨) ସିକେପି-ସେଣ୍ଟ୍ରାଲ-୨୦-୨୧-୩୩, ତାରିଖ: ୨୫।୦୩।୨୦୨୧;** ଏସ୍‌ଏସ୍‌ଇ/ପି.ୱେ/II/ବିଏନ୍‌ଡିଏମ୍ ଅଧୀନରେ ଏଚ୍-ବିମ୍ ଷ୍ଟିଲ୍ ସ୍ଲିପର୍‌ର ନବୀକରଣ-୭୨୨ ଗୋଟି; ₹୧,୯୬,୨୮,୦୪୬.୦୨ । **ଇଏମ୍‌ଡି:** ଉଭୟ ପାଇଁ 0.0 । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ 0.0 । **ଖୋଲାଯିବା ତାରିଖ:** ଉଭୟ ପାଇଁ ୨୬।୦୪।୨୦୨୧ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦) (PR-613)

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 04-SBP-TRD-OT-2020-21, ତା. 22.03.2021

**କାର୍ଯ୍ୟର ନାମ :** ଏକ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳ ର ଝାରସୁଗୁଡ଼ା ରୋଡ୍ - ଡୁଙ୍ଗୁରିପାଲି ସେକ୍ସନ ଠାରେ OHE ରକ୍ଷଣାବେକ୍ଷଣ କାର୍ଯ୍ୟକଳାପର ବହିଃସ୍ରୋତ ଏବଂ ଅନ୍ୟ ଆପାତକାଳିନ / ଅତ୍ୟାବଶ୍ୟକ ଆଧାରିତ OHE କାର୍ଯ୍ୟ ଏବଂ 12 ମାସ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳ ର ଟିଟିଲାଗଡ଼ - ଲାଖୋଲି, ଟିଟିଲାଗଡ଼ - ସିଙ୍ଗାପୁର ରୋଡ୍, ଟିଟିଲାଗଡ଼ - ସମ୍ବଲପୁର, ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍, ସମ୍ବଲପୁର ସିଟି - ସରଲା, ସମ୍ବଲପୁର - ଜରପଡ଼ା ଏବଂ ଝାରସୁଗୁଡ଼ା ରୋଡ୍ - ସମ୍ବଲପୁର ଆଦି ସେକ୍ସନ ଗୁଡ଼ିକରେ ପାଦରେ ପହରା (Foot Patrolling) ଦ୍ୱାରା 25KV OHE ଯାଞ୍ଚ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,16,00,632.90, କାର୍ଯ୍ୟ ଶେଷ ହେବା ଅବଧି : 365 ଦିନ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.04.2021 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-649/L/20-21

## OFFICE OF THE EXECUTIVE ENGINEER, RWS&S DIVISION, BALASORE

Tel.: 06782-262249, Fax: 262931,
email: eerwss_bls@nic.in, eerwssbls@gmail.com

NATIONAL COMPETITIVE BIDDING THROUGH e-Tendering

No.O-1282:- Identification No.30 Dt.18.03.2021

1. Nos. of work : 20 Nos. RPWS schemes in Balasore district
2. Estimated cost : Rs.13.96 lakhs to Rs.165.82 lakhs
3. Period of completion : 180 days to 330 days
4. Availability of bid document in portal : Dt.30.03.2021 at 10.00 hours to 08.04.2021 upto 17.00 hours through online
5. Seeking of clarification : Dt.30.03.21 at 10.00 hours to Dt.07.04.2021 upto 15.00 hours.
6. Date of opening of bid : Dt.09.04.2021 at 11.00 hours in the O/o EE, RWSS Division, Balasore.
7. Name and address of the officer inviting tender : Executive Engineer, RWS&S Division, Balasore

Bid cost & bid security will be receipt through electronic payment by NEFT / RTGS.
Further details can be seen from the e-procurement Portal: http://tendersodisha.gov.in

Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0015/2021

## OFFICE OF THE REGULATED MARKET COMMITTEE, ANANDAPUR

At/P.O.- Ghasipura, Dist.- Keonjhar, PIN No. - 758015
E-mail Address: rmc.anandapur@gmail.com

Tender Call Notice No. 153/RMCA / Dtd. 26.03.2021

1. Name of the Work : Civil Work
2. Number of Works : 03
3. Estimated Cost : Rs.18.83 lakh to Rs.43.66 lakh
4. Period of Completion : 04 to 06 Calendar Months
5. Date & time of availability of Bid documents in RMC Office : From 3.00 P.M. of 26.03.2021 to 5.30 P.M. of 06.04.2021
6. Last date & time for receipt of Bids : By 5.30 P.M. of 06.04.2021
7. Date of Opening of Bid : 11.00 A.M. of 07.04.2021
8. Name & Address of the Officer Inviting Bid : Sub-Collector, Anandapur-cum-Chairman, RMC, Anandapur

Further details can be seen from the e-procurement portal i.e. www.tendersodisha.gov.in.

Sd./- Sub-Collector, Anandapur-cum-Chairman, RMC, Anandapur

## ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର

ସଂଖ୍ୟା: ୧୫୨୭ ତା୨୫।୦୩।୨୦୨୧ରିଖ

### ନୋଟିସ

No. C-784: ଏତଦ୍ୱାରା ଜଗତ୍‌ସିଂହପୁର ପୌରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା୨୦।୧୧।୨୦୨୦ରିଖଠାରୁ ଜଗତ୍‌ସିଂହପୁର ପୌରାଞ୍ଚଳକୁ ବାହ୍ୟ ମଳମୂତ୍ର ଅଞ୍ଚଳ ତଥା ODF+ ଭାବେ ଘୋଷଣା କରାଯାଇଥିବାରୁ ସହର ମଧ୍ୟରେ ବିଭିନ୍ନ ଖୋଲା ସ୍ଥାନରେ ମଳମୂତ୍ର ତଥା ପରିସ୍ରା କରନ୍ତୁ ନାହିଁ ନଚେତ୍ ଖିଲାପକାରୀଙ୍କଠାରୁ ନିମ୍ନ ହାରରେ ଜରିମାନା ଆଦାୟ କରାଯିବ।
୧. ଖୋଲା ମଳତ୍ୟାଗ ନିମନ୍ତେ – ୧୦୦.୦୦ଟଙ୍କା
୨. ଖୋଲା ପରିସ୍ରା ତ୍ୟାଗ ନିମନ୍ତେ – ୫୦.୦୦ଟଙ୍କା
ଏଣୁ ଜନସାଧାରଣଙ୍କୁ ଅନୁରୋଧ ସେମାନେ ପୌରପିରଷଦ ଦ୍ୱାରା ନିର୍ମିତ ଶୌଚାଳୟ ଏବଂ ପରିସ୍ରାଗାରକୁ ବ୍ୟବହାର କରନ୍ତୁ।

ସ୍ୱା./- ନିର୍ବାହୀ ଅଧିକାରୀ
ଜଗତ୍‌ସିଂହପୁର ପୌର ପରିଷଦ
OIPR-13087/11/0017/2021

File No. DMOS-16/4/2021-DMOSCSC SEC-JAGATSINGHPUR COL I/32245/2021(1)

## OFFICE OF THE DISTRICT MANAGER
## Odisha State Civil Supplies Corporation Ltd. (OSCSC)

JAGATSINGHPUR (District) Phone: 06724-223066

Tender No. 1328 Dt. 24.03.2021

No. CAD-1642:- District Manager, Odisha State Civil Supplies Corporation Ltd., Jagatsinghpur invite tender through **ONLINE MODE ONLY** for the below mentioned works.

| | | |
|---|---|---|
| 1 | Name of the work | Selection and appointment of transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) of Jagatsinghpur district. |
| 2 | Availability of Tender Documents in the website | On dt. 27.03.2021 |
| 3 | Last date for online submission of completed tender documents with enclosure | By dt.13.04.2021 up to 5 PM |
| 4 | Date of Technical Bid opening | On dt.16.04.2021 at 11 AM |

Tender documents & other details can be seen from the e-procurement portal www.tendersodisha.gov.in alongwith the district website www.jagatsinghpur.nic.in. Amendment / Corrigendum / cancellation / retenders etc. if any shall be published only in the above website.

Sd./- District Manager
OSCSC Ltd., Jagatsinghpur
OIPR-07020/11/0003/2021

## GOVT. OF ODISHA
## OFFICE OF THE SUPERINTENDING ENGINEER
## NORTH EASTERN RURAL WORKS CIRCLE, KEONJHAR

Tel.06766-258301 (O), e-mail: se_nerwkjr@rediffmail.com

eProcurement Notice for Road Works

No.O-1292:- Identification No. Road Online NCB No.298
No.1365 / Date: 24.03.2021

1. Name of the work : Improvement of road works under State plan for existing RD road.
2. Total No. of work : 02 (Two) Nos.
3. Estimated cost : As per Annexure
4. Class of contractor : As per Annexure
5. Period of completion : As per Annexure
6. Other details

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No. 298 | Dt.31.03.21 at 11.00 A.M. | Dt.15.04.21 upto 5.00 P.M. | Dt.13.04.21 upto 5.00 P.M. | Dt.16.04.21 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.
OIPR-25048/11/0027/2021
Sd.- Superintending Engineer, N.E.R.W. Circle, Keonjhar

## EXPRESSION OF INTEREST FOR EMPANELMENT OF DISTRICT RESOURCE PERSON UNDER STATE IMPLEMENTED CENTRALLY SPONSORED SCHEME "PM FORMALIZATION OF MICRO FOOD PROCESSING ENTERPRISES (PMFME)"

No. P-08: Government of India, Ministry of Food Processing Industries has launched a Centrally Sponsored Scheme "PM Formalization of Micro Food Processing Enterprises (PMFME)" and implemented by MSME Department, Govt. of Odisha to address the challenges faced by the micro enterprises. The scheme will provide back ended subsidy for the formalization of existing and to be established micro-food processing enterprises both to individuals and groups. The detailed scheme guideline can be viewed on **www.mofpi.gov.in**. As per the operational guidelines of PMFME at section 9.3.8, Resource Persons will be engaged through empanelment for providing handholding support to the individual beneficiaries or groups for preparation of DPR, assisting in facilitation for availing bank loan, support for obtaining necessary registration and licences etc.
Expression of Interest is invited from eligible person for empanelment as District Resource Person so as to reach this office by 30.04.2021. One template for application form and term of reference can be viewed at **www.apicol.co.in**.

Sd./- General Manager, RIC, Rayagada
OIPR-14078/11/0001/2021


## Department of Posts, India
## Office of the Superintendent of Post Offices, Aska Division, Aska-761110
### NOTICE

Memo No.F4-2/2018-19/Sialia BO/Sub Dated at Aska, the 03.02.2021

This is to notify that Sri Madhaba Naik, Gramin Dak Sevak Branch Post Master, Sialia Branch post Office in account with Kabisuryanagar Sub-Office-761104 has been unauthorized absent from duty since 07.07.2018 by leaving his office in locked condition. While investigating into the fact, it has come to notice that while working as GDS BPM, Sialia BO during the period from **06.11.2013 to 06.07.2018**. Sri Madhaba Naik has misappropriated public money from the transactions of a number of SB, RD, Sukanya Samridhi Account and Time Deposit accounts of Sialia BO to the tune of lakhs of rupees as well as kept short his office cash and stamp and thereby failed to maintain absolute integrity and devotion to duty as required of him under Rule-21 (i) and 21 (ii) of GDS (Conduct and Engagement) Rule, 2020.

Because of the above facts, the undersigned has initiated departmental disciplinary proceedings against Sri Madhaba Naik and proposed to hold an inquiry against Sri Madhaba Naik (Unauthorized absence from duty since 07.07.2018) GDS BPM, Sialia BO in account with Kabisurynagar S.O-761104 under Rule-10-B (Major Penalties) of the Garmin Dak Sevak (Conduct and Engagement) Rules, 2020.

The charge sheet issued against Sri Madhaba Naik and sent by Registered Post could not be delivered to the charged official both at his office address and home address due to his non appearance at those places.

Sri Madhaba Naik GDS BPM, Sialia BO (i.a.w. Kabisuryanagar S.O.) is therefore directed that he should receive the charge sheet from the office of the undersigned within 10 (Ten) days from the date of this announcement and submit within 10 (Ten) days of the receipt of the charge sheet a written statement of his defence and also to state whether he desires to be heard in person failing which the charge sheet will be treated as deemed to have delivered to Sri Madhaba Naik.

Sd./- (S.N. Panda) Superintendent of Post Offices
Aska Division, Aska-761110

# ଇଂଲଣ୍ଡର ଲଢୁଆ ବିଜୟ

ପୁଣେ,୨୬।୩

ପ୍ରଥମ ଦିନିକିଆର ପରାଜୟ ପରେ ଭ୍ରମଣକାରୀ ଇଂଲଣ୍ଡ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ହାଇସ୍କୋରିଂ ଦ୍ୱିତୀୟ ଦିନିକିଆରେ ଇଂଲଣ୍ଡ ୬ ଉଇକେଟରେ ଭାରତକୁ ପରାସ୍ତ କରିଛି। ଟସ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୬ ଉଇକେଟ ହରାଇ ୩୩୬ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୪୩.୩ ଓଭରରେ


ଲୋକେଶ ରାହୁଲ

୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତ ବିପକ୍ଷରେ ଇଂଲଣ୍ଡର ଏହା ସର୍ବାଧିକ ରନ୍ ଚେଜ୍। ଏଥିସହି ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ବରାବର ସ୍ଥିତିରେ ପହଞ୍ଚିଛି। ରବିବାର ଏହି ଗ୍ରାଉଣ୍ଡରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍ ଖେଳାଯିବ। ଇଂଲଣ୍ଡ ବିପକ୍ଷ ଗତ ୫ଟି ଦିନିକିଆରେ ଭାରତ ଚତୁର୍ଥ ପରାଜୟବରଣ କରିଛି। ରିଷଭ ପନ୍ତ ଓ ଲୋକେଶ ରାହୁଲଙ୍କ ଉପରେ ଜନି ବେୟାରଷ୍ଟୋ ଓ ବେନ ଷ୍ଟୋକ୍ସ ଭାରି ପଡିଛନ୍ତି। ବେୟାରଷ୍ଟୋ ୧୨୪ ରନ ଓ ଷ୍ଟୋକ୍ସ ୯୯ ରନ ବିସ୍ଫୋରକ ଇନିଂସ ଖେଳି ଭାରତଠାରୁ ବିଜୟ ଛଡାଇ ନେଇଥିଲେ। ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୩୭ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଇଂଲଣ୍ଡ ଜବରଦସ୍ତ ଆରମ୍ଭ କରିଥିଲା। ଓପନର ଜାସନ ରୟ ଓ ବେୟାରଷ୍ଟୋ ପ୍ରଥମ ଉଇକେଟରେ ୧୦୨ ବଲରୁ ୧୧୦ ରନ ସଂଗ୍ରହ କରି ବିଜୟ ପାଇଁ ମୂଳଦୁଆ ପକାଇଥିଲେ। ତେବେ ୫୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ରୟ ରୋହିତ ଶର୍ମା ଓ ପନ୍ତଙ୍କ ମିଳିତ ପ୍ରୟାସରେ ରନ୍ ଆଉଟ

**ଦ୍ୱିତୀୟ ଦିନିକିଆ**

- ୧-୧ ବରାବର ସ୍ଥିତିରେ ସିରିଜ
- ଶତକ ହାସଲକାରୀ ବେୟାରଷ୍ଟୋ ପ୍ଲେୟର ଅଫ୍ ଦି ମ୍ୟାଚ୍

ହୋଇଥିଲେ ଓ ଇଂଲଣ୍ଡକୁ ପ୍ରଥମ ଝଟ୍‌କା ଲାଗିଥିଲା। ରୟ କ୍ୟାରିୟରର ୧୯ତମ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଦ୍ୱିତୀୟ ଉଇକେଟରେ ବେୟାରଷ୍ଟୋ ଓ ବେନ ଷ୍ଟୋକ୍ସଙ୍କ ମଧ୍ୟରେ ୧୧୭ ବଲରୁ ଦ୍ରୁତ ୧୭୫ ରନର ଭାଗୀଦାରି ସ୍ଥାପନ ହୋଇଥିଲା। ଷ୍ଟୋକ୍ସ ୫୨ ବଲରୁ ୪ ଚୌକା ଓ ୧୦ ଛକା ସହ ୯୯ ରନକରି ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ପନ୍ତଙ୍କୁ କ୍ୟାଚ୍ ଦେଇ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ଓ କ୍ୟାରିୟରର ଦ୍ୱାଦଶ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ବେୟାରଷ୍ଟୋ ୧୨୪ ରନ (୧୧୨ ବଲ, ୧୧ ଚୌକା, ୭ ଛକା) କରି କଭରରେ କୋହଲିଙ୍କୁ କ୍ୟାଚ୍ ଦେଇ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ଆଉଟ ହୋଇଥିଲେ। ବେୟାରଷ୍ଟୋ ଏଥିସହ ୧୧ତମ ଦିନିକିଆ ଶତକ ଅର୍ଜନ କରିଥିଲେ। ବେୟାରଷ୍ଟୋ ଆଉଟ ହେବାର ଦୁଇଟି ବଲ୍‌ରେ କାମଚଳା ଅଧିନାୟକ ଜୋଶ ବଟଲର ଖାତା ଖୋଲିବା ପୂର୍ବରୁ କ୍ରିଷ୍ଣାଙ୍କ ୟର୍କରରେ ବୋଲ୍ଡ ହୋଇଥିଲେ। ୩୭ତମ ଓଭରରେ ଗୋଟିଏ ରନ୍ ଦେଇ କ୍ରିଷ୍ଣା ୨ ଉଇକେଟ ଅକ୍ତିଆର କରିଥିଲେ। ମାତ୍ର ୨ ରନରେ ଇଂଲଣ୍ଡ ୩ଟି ଉଇକେଟର ପତନ ହୋଇଥିଲା। ତେବେ ଏହାପରେ ଡାଓ୍ୱିଡ ମଲାନ ୧୬ ଓ ଲିଆମ ଲିଭିଙ୍ଗ୍‌ଷ୍ଟୋନ ୨୭ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଭାରତ ପକ୍ଷରୁ କ୍ରିଷ୍ଣା ୨ ଓ ଭୁବନେଶ୍ୱର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଜନି ବେୟାରଷ୍ଟୋ

| ଗତ ୫ ଦିନିକିଆରେ ଭାରତର ସ୍କୋର | |
|---|---|
| ୩୦୮/୮ | ବନାମ ଅଷ୍ଟ୍ରେଲିଆ |
| ୩୩୮/୯ | ବନାମ ଅଷ୍ଟ୍ରେଲିଆ |
| ୩୦୨/୫ | ବନାମ ଅଷ୍ଟ୍ରେଲିଆ |
| ୩୧୭/୫ | ବନାମ ଇଂଲଣ୍ଡ |
| ୩୩୬/୬ | ବନାମ ଇଂଲଣ୍ଡ |

| ଗୋଟିଏ ମ୍ୟାଚ୍‌ରେ ଭାରତ ବିପକ୍ଷରେ ସର୍ବାଧିକ ଛକା | | | |
|---|---|---|---|
| ୨୦ | ଇଂଲଣ୍ଡ | ପୁଣେ | ୨୦୨୧* |
| ୨୦ | ଦକ୍ଷିଣ ଆଫ୍ରିକା | ମୁମ୍ବାଇ | ୨୦୧୫ |
| ୧୯ | ଅଷ୍ଟ୍ରେଲିଆ | ବେଙ୍ଗାଲୁରୁ | ୨୦୧୩ |

## ରାହୁଲଙ୍କ ଶତକ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ଭଲ ହୋଇ ନ ଥିଲେ ମଧ୍ୟ ଶେଷରେ ବୃହତ୍ ସ୍କୋର ହାସଲ କରିଥିଲା। ଏଥିସହ ଭାରତ କ୍ରମାଗତ ୫ଟି ଦିନିକିଆରେ ୩୦୦ରୁ ଊର୍ଦ୍ଧ ରନ୍ ସଂଗ୍ରହ କରିଛି। ଅଭିଜ୍ଞ ଓପନର ଶିଖର ଧାଓ୍ୱନ ମାତ୍ର ୪ ରନକରିଥିବା ବେଳେ ରିସ୍ ଟୋପ୍ଲେଙ୍କ ବଲ୍‌ରେ ସ୍ଲିପ୍‌ରେ ବେନ ଷ୍ଟୋକ୍ସଙ୍କୁ କ୍ୟାଚ ଦେଇ ପ୍ରଥମେ ଆଉଟ ହୋଇଥିଲେ। ବେଶି ସମୟ ତିଷ୍ଠି ନ ପାରି ତାରକା ଓପନର ରୋହିତ ୨୫ ବଲରୁ ୫ ଚୌକା ସହ ୨୫ ରନକରି ସାମ କୁରାନଙ୍କ ବଲ୍‌ରେ ବ୍ୟାକ୍‌ୱାର୍ଡ ସ୍କୋୟାରରେ ଆଦିଲ ରସିଦଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ ଓ ଭାରତ ୩୭ ରନରେ ୨ ଉଇକେଟ ହରାଇଥିଲା। ତୃତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲ ୧୪୧ ବଲରୁ ୧୨୧ ରନକରି ସ୍ଥିତି ସମ୍ଭାଳିଥିଲେ। ତେବେ କୋହଲି ୭୯ ବଲରୁ ୩ ଚୌକା ଓ ୧ ଛକା ସହ ୬୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ରସିଦଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ଏଥିସହି କୋହଲି କ୍ୟାରିୟରର ୬୨ତମ ଅର୍ଦ୍ଧଶତକ ହାସଲ କରିଥିଲେ। ରାହୁଲ ପଡିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳି ୧୧୪ ବଲରୁ ୭ ଚୌକା ଓ ୨ ଛକା ସହ ୧୦୮ ରନର ଶତକୀୟ ଇନିଂସ ଖେଳି ଟମ୍ କୁରାନଙ୍କ ବଲ୍ ଡିପ୍ ମିଡ୍‌ଉଇକେଟରେ ଟୋପ୍ଲେଙ୍କ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିସହ ରାହୁଲ କ୍ୟାରିୟରର ପଞ୍ଚମ ଦିନିକିଆ ଶତକ ହାସଲ କରିଥିଲେ। ରାହୁଲ ଓ ପନ୍ତ ଚତୁର୍ଥ ଉଇକେଟରେ ୮୦ ବଲରୁ ଦ୍ରୁତ ୧୧୩ ରନ ସଂଗ୍ରହ କରିଥିଲେ। ରାହୁଲଙ୍କ ପରେ ପନ୍ତ ମାତ୍ର ୪୦ଟି ବଲ୍ ଖେଳି ୩ ଚୌକା ଓ ୭ ଛକା ସହ ଧୂଆଁଧାର ୭୭ ରନକରିଥିବା ବେଳେ ଟମ୍ କୁରାନଙ୍କ ବଲ୍‌ରେ କଭର ସୁଇପରରେ ଜାସନ ରୟଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଧୂଆଁଧାର ବ୍ୟାଟିଂ କରି ମାତ୍ର ୧୬ ବଲରୁ ୧ ଚୌକା ଓ ୪ ଛକା ସହ ୩୫ ରନକରି ରୟଙ୍କୁ କ୍ୟାଚ୍ ଦେଇ ଟୋପ୍ଲେଙ୍କ ଦ୍ୱିତୀୟ ଶିକାର ହେବା ପୂର୍ବରୁ ଭାରତର ବୃହତ୍ ସ୍କୋର ପ୍ରଦାନ କରିଥିଲେ। ପଞ୍ଚମ ଉଇକେଟରେ ହାର୍ଦ୍ଦିକ ଓ ପନ୍ତ ୧୩ ବଲରୁ ୩୭ ରନ ସଂଗ୍ରହ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। କୃନାଲ ପାଣ୍ଡ୍ୟା ୧୨ ଓ ଶାର୍ଦ୍ଦୂଳ ଠାକୁର ବିନା ସ୍କୋରରେ ଅପରାଜିତ ରହିଥିଲେ। ଅନ୍ତିମ ୧୦ ଓଭରରେ ଭାରତ ୧୨୬ ରନ ସଂଗ୍ରହ କରିଥିଲା। ଇଂଲଣ୍ଡ ତରଫରୁ ଟୋପ୍ଲେ ଓ ଟମ୍ କୁରାନ ୨ଟି ଲେଖାଏ, ସାମ କୁରାନ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-କ-ରସିଦ-ବୋ-ସାମ୍ କୁରାନ-୨୫
ଧାଓ୍ୱନ-କ-ଷ୍ଟୋକ୍ସ-ବୋ-ଟପ୍‌ଲେ-୪
କୋହଲି-କ-ବଟଲର-ବୋ-ରସିଦ-୬୬
ରାହୁଲ-କ-ଟପ୍‌ଲେ-ବୋ- ଟମ୍ କୁରାନ-୧୦୮
ପନ୍ତ-କ- ରୟ-ବୋ- ଟମ୍ କୁରାନ-୭୭
ହାର୍ଦ୍ଦିକ-କ-ରୟ-ବୋ- ଟପ୍‌ଲେ-୩୫
କୃନାଲ-ନଟ ଆଉଟ-୧୨
ଶାର୍ଦ୍ଦୂଳ- ନଟ ଆଉଟ-୦
ଅତିରିକ୍ତ-୯
ମୋଟ : (୫୦ ଓଭର, ୬ ଉଇକେଟ) ୩୩୬
**ଉଇକେଟ ପତନ:** ୧/୯, ୨/୩୭, ୩/୧୫୮, ୪/୨୭୧, ୫/୩୦୮, ୬/୩୩୪।
**ବୋଲିଂ (ଇଂଲଣ୍ଡ)**
ସାମ୍ କୁରାନ ୭-୦-୪୭-୧
ରିସି ଟପ୍‌ଲେ ୮-୦-୫୦-୨
ଟମ୍ କୁରାନ ୧୦-୦-୮୩-୨
ବେନ୍ ଷ୍ଟୋକ୍ସ ୫-୦-୪୨-୦
ମୋଇନ ଅଲି ୧୦-୦-୪୭-୦
ଆଦିଲ ରସିଦ ୧୦-୦-୬୫-୧
**ଇଂଲଣ୍ଡ ଇନିଂସ**
ଜାସନ ରୟ-ରନ ଆଉଟ-୫୫
ବେୟାରଷ୍ଟୋ-କ-କୋହଲି-ବୋ-ପ୍ରସିଦ୍ଧ-୧୨୪
ଷ୍ଟୋକ୍ସ-କ-ପନ୍ତ-ବୋ-ଭୁବନେଶ୍ୱର-୯୯
ଡାଓ୍ୱିଡ ମଲାନ-ନଟ ଆଉଟ-୧୬
ଜୋସ୍ ବଟଲର-ବୋ- ପ୍ରସିଦ୍ଧ-୦
ଲିଆମ ଲିଭିଂଷ୍ଟୋନ୍-ନଟ ଆଉଟ-୨୭
ଅତିରିକ୍ତ-୧୬
ମୋଟ (୪୩.୩ ଓଭର, ୪ ଉଇକେଟ)-୩୩୭।
ଉଇକେଟ ପତନ:୧/୧୧୦, ୨/୨୮୫, ୩/୨୮୭, ୪/୨୮୭।
**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୧୦-୦-୬୨-୧
ପ୍ରସିଦ୍ଧ କ୍ରିଷ୍ଣା ୧୦-୦-୫୮-୨
ଶାର୍ଦ୍ଦୂଳ ଠାକୁର ୭.୩-୦-୫୪-୦
କୁଲଦୀପ ଯାଦବ ୧୦-୦-୮୪-୦
କୃନାଲ ପାଣ୍ଡ୍ୟା ୬-୦-୭୨-୦।

# ଭାରତୀୟ ଦଳରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୨୬।୩ (ସ୍ପୋର୍ଟ୍ସ ବ୍ୟୁରୋ)

ବାଂଲାଦେଶର ଢାକାଠାରେ ଖେଳାଯିବାକୁଥିବା ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ କ୍ରିକେଟ ଆସୋସିଏଶନ ଫର୍ ବ୍ଲାଇଣ୍ଡ୍ ଇନ୍ ଇଣ୍ଡିଆ (ସିଏବିଆଇ) ତରଫରୁ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ କାଳିଆ ପ୍ରଧାନ ବି-୧ କାଟେଗୋରୀ, ମହମ୍ମଦ ଜାଫର ଇକବାଲ ବି-୧ ଓ ପଙ୍କଜ ଭୂଏ ସ୍ଥାନ ପାଇଛନ୍ତି। ବାଂଲାଦେଶ ବ୍ଲାଇଣ୍ଡ କ୍ରିକେଟ କାଉନ୍‌ସିଲ (ବିବିସିସି) ତରଫରୁ ହେବାକୁଥିବା ଏହି ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଏପ୍ରିଲ ୨ରୁ ୮ ପର୍ଯ୍ୟନ୍ତ ହେବ। ଏଥିରେ ଭାରତ, ପାକିସ୍ତାନ ଓ ଆୟୋଜକ ବାଂଲାଦେଶ ଅଂଶଗ୍ରହଣ କରିବେ।


ଜାଫର ଇକ୍‌ବାଲ, କାଳିଆ ପ୍ରଧାନ ଓ ପଙ୍କଜ ଭୁଏ।

ଭାରତୀୟ ଦଳ: ଅଜୟ କୁମାର ରେଡ୍ଡୀ (ଅଧିନାୟକ), କାଳିଆ ପ୍ରଧାନ, ଅକ୍ଷୟ ବୋରିକର, ସୁଜିତ ମୁଣ୍ଡା, ମହମ୍ମଦ ଜାଫର ଇକବାଲ, ଅକ୍ଷୟ ଚୌଧୁରୀ, ବାସାପ୍ପା ଓ୍ୱାଡାଗୋଲ, ଅକ୍ଷୟ କୁମାର ରେଡ୍ଡୀ, ଡି. ଭେଙ୍କଟେଶ୍ୱର ରାଓ, ମନୀଷ ଆନନ୍ଦନ, ଲୋକେଶ, ଦିବ୍ୟେନ୍ଦୁ ମହତା, ସୁନୀଲ ରମେଶ, ଦୀପକ, ଟି. ଦୁର୍ଗା ରାଓ, ପଙ୍କଜ ଭୁଏ, ପ୍ରକାଶ ଜୟରାମାୟା, ଏ. ରବି।

# ରାଜୀବ ମେହେଟାଙ୍କ ଉତ୍କଳ କରାଟେ ସ୍କୁଲ ପରିଦର୍ଶନ

ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଅଲିମ୍ପିକ୍ ସଂଘର ସାଧାରଣ ସମ୍ପାଦକ ରାଜୀବ ମେହେଟା ଶୁକ୍ରବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିଦର୍ଶନ କରିଛନ୍ତି। କଟକରେ ଉଦ୍‌ଯାପିତ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତାରେ ଯୋଗ ଦେବାକୁ ଆସିଥିବା ରାଜୀବ ଭାରତୀୟ ଫେନ୍‌ସିଂ ଆସୋସିଏଶନର ସଭାପତି ମଧ୍ୟ ଅଛନ୍ତି। ରାଜୀବ ଫେନ୍‌ସିଂ, ଭାରୋତ୍ତୋଳନ, କୁସ୍ତି, କରାଟେ, ବକ୍ସିଂ, ଶୁଟିଂ, ଶକ୍ତି ଉତ୍ତୋଳନ, ଜୁଜୁତ୍ସୁ ଓ କ୍ରୀଡ଼ାବିତ୍‌ମାନଙ୍କର ଦକ୍ଷତା ବୃଦ୍ଧି



ଭଳି ଅଭ୍ୟାସ ଓ ଟ୍ରେନିଂ ସୁବିଧା ସ୍ଥାନ ବୁଲି ଦେଖିବା ସହ ଗୋଟିଏ ସ୍ଥାନରେ ଏଭଳି ସବୁ ଟ୍ରେନିଂ ସୁବିଧାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଭାରତୀୟ ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ବସିର ଅହମଦ, ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ, ମୀର ଅଜମତ ଅଲୀ, ସନ୍ଦିପ ମହାନ୍ତି, ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ ଓ ରଜନୀ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେହେଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଭିଯୋଗ ଆଣିଲେ ବଡିବିଲ୍ଡର ଜନ୍ମେଜୟ

ଭୁବନେଶ୍ୱର, ୨୬।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି ରାଜ୍ୟ ବଡିବିଲ୍ଡିଂ ଆସୋସିଏଶନ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପଦକ ପାଇଥିଲେ ହେଁ ଗତ ୫ ବର୍ଷ ଧରି ତାଙ୍କୁ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ଦିଆଯାଉନାହିଁ। ସେ ଡାକ ବିଭାଗରେ ଚାକିରି କରିଥିଲେ ହେଁ ପ୍ରତିଯୋଗିତା ପାଇଁ ପତ୍ର ଦିଆଯାଉନାହିଁ। ଫଳରେ ଖେଳ ଜୀବନକୁ ନେଇ ସେ ଚିନ୍ତିତ ଥିବା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଜନ୍ମେଜୟ ପ୍ରକାଶ କରିଛନ୍ତି। ଟେକ୍ନିକ ସମ୍ପର୍କରେ ଜ୍ଞାନ ନ ଥିବା କେତେକ ଲୋକ ଆସୋସିଏଶନରେ ଅଛନ୍ତି। ଫଳରେ ସେମାନେ ପ୍ରତିଯୋଗିତା ପାଇଁ ଅର୍ଥ ଚାହୁଁଛନ୍ତି। ଯଦିବା କିଛି ସ୍ପୋନଶରଶିପ୍ ଆସୁଛି ତାହା ଆସୋସିଏଶନକୁ ନ ଯାଇ ବ୍ୟକ୍ତିଗତ ଭାବେ କିଛି ବ୍ୟକ୍ତି ଫାଇଦା ନେଉଛନ୍ତି। ଜିଲ୍ଲାସ୍ତରର ପ୍ରତିଯୋଗିତା ସମୟରେ ବିଭିନ୍ନ ବ୍ୟାୟାମଶାଳାରୁ ଅର୍ଥ ନିଆଯାଉଥିଲେ ହେଁ ରସିଦ ଦିଆଯାଉନି। ଏପରି କି ବିଏମ୍‌ସି ଜିମ୍ ପାଇଁ ଆଡ୍‌ମିଶନ ଫି' ଏବଂ ମାସିକ ଦେୟ ଆଦାୟ କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ମାତ୍ର ଏ ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆର। ପୂର୍ବରୁ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଜନ୍ମେଜୟ ବେଙ୍ଗଲରୁ ପ୍ରତିନିଧିତ୍ୱ କରିବେ ବୋଲି ପ୍ରକାଶ କରିଥିଲେ। ଏବେ ସେ ପୁଣି ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଚାହୁଁଥିବା ଆସୋସିଏଶନ ଜାଣିନାହିଁ। କାରଣ ସେ ଏ ସମ୍ପର୍କରେ


ଜନ୍ମେଜୟ ମହାନ୍ତି (ଡାହାଣ)।

କିଛି ଜଣାଇ ନାହାନ୍ତି। ସେ ପୋଷ୍ଟାଲରେ ଚାକିରି କରୁଛନ୍ତି। ତେଣୁ ତାଙ୍କର ଯାହା ଅଭିଯୋଗ ସେ ନିଜ ବିଭାଗକୁ ଜଣାଇବା କଥା। କାରଣ ଆମେ ପ୍ରତିଯୋଗିତା ସମୟରେ ଅନ୍ୟ ଅନୁଷ୍ଠାନ ପରି ପୋଷ୍ଟାଲକୁ ମଧ୍ୟ ପତ୍ର ଦେଇଥାଉ। ସେମାନେ ଯେଉଁ ପ୍ରତିଯୋଗୀ ପଠାନ୍ତି ସେମାନଙ୍କୁ ସୁଯୋଗ ଦିଆଯାଏ। ମାତ୍ର ସେଠାରୁ ତାଙ୍କ ନାମ କାହିଁକି ଆସୁନାହିଁ ତାହା ସେ ସେଠାରୁ ବୁଝନ୍ତୁ। ଆସୋସିଏଶନ ନାମରେ ଅଭିଯୋଗ କରିବା କିମ୍ବା ଏହାର କାର୍ଯ୍ୟରେ ମୁଣ୍ଡ ଖେଳାଇବାର କୌଣସି ଯଥାର୍ଥତା ନାହିଁ। ଆସୋସିଏଶନରେ କୌଣସି ବେନିୟମ କାର୍ଯ୍ୟ ହେଉନାହିଁ। ସବୁକିଛି ନିୟମ ଅନୁସାରେ ଚାଲିଛି ବୋଲି ମହାସୁଆର ସ୍ପଷ୍ଟଭାବେ କହିଛନ୍ତି।

# ସାଇ ଏକାଡେମୀକୁ ଡବଲ ଟାଇଟଲ

ଭୁବନେଶ୍ୱର, ୨୬।୩(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟରେ ସାଇ ଏକାଡେମୀକୁ ଡବଲ ଟାଇଟଲ ମିଳିଛି। ଗୁରୁବାର ସବ୍‌ଜୁନିୟର ବିଭାଗ ଫାଇନାଲରେ ସଡନ୍ ଡେଥ୍ ୫-୪ (ଶୁଟ୍ ଆଉଟ) ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏନଟିଏଚ୍)କୁ ହରାଇଥିବା ସାଇ ଶୁକ୍ରବାର ଜୁନିୟର ବିଭାଗ ଫାଇନାଲରେ ମଧ୍ୟପ୍ରଦେଶ ଏକାଡେମୀକୁ ୨-୧ ଗୋଲରେ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସଞ୍ଜନା ହୋରୋ ୭ ଓ ୨୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଯୋଗିତା ବର୍ମା ୨୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେ-ଅଫ୍‌ରେ

**ଜାତୀୟ ଏକାଡେମୀ ମହିଳା ହକି**

ଏନଟିଏଚ୍ ୫-୧ ଗୋଲରେ ଅମୃତସର ଖାଲସା ହକି ଏକାଡେମୀକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା ଦଳ ପକ୍ଷରୁ ତନୁ କିଷାନ ୨୮, ୩୮ ଏବଂ ଅଧିନାୟିକା ଜ୍ୟୋତି ଛତ୍ରି ୨୧ ଓ ୪୮ତମ ମିନିଟରେ ୨ଟି ଲେଖାଏ ଏବଂ କମଳା ସିଂ ୩୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବିପକ୍ଷ ଦଳର ତରନପ୍ରିତ କୌର ୧୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, ହକି ଇଣ୍ଡିଆ ସମ୍ପାଦକ ପ୍ରତାପ ଶତପଥୀ, ଟାଟା ଷ୍ଟିଲ୍‌ର ଚିଫ୍ ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ୍ ଦେବାଶିଷ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବାଂଲାଦେଶ ବିପକ୍ଷରେ ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

ୱେଲିଂଟନ, ୨୬।୩ (ଏପି)

ଡେଭନ କନଓ୍ୱେ ଓ ଅଲରାଉଣ୍ଡର ଡେରିଲ ମିଚେଲଙ୍କ ପ୍ରଥମ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ଏଠାରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୧୬୪ରନରେ ପରାସ୍ତ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ କ୍ଲିନ ସୁଇପ ବିଜୟ ହାସଲ କରିଛି। ୧୨୬ ରନ କରିଥିବା ଦକ୍ଷିଣ ଆଫ୍ରିକା ଜନ୍ମିତ କନଓ୍ୱେ ୯୫ ବଲ୍‌ରେ ତାଙ୍କ ଶତକ ହାସଲ କରିଥିଲେ। ମିଚେଲଙ୍କ ସହ ସେ ୧୫୯ରନର ଏକ ରେକର୍ଡ ପାର୍ଟନରଶିପ୍ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୩୧୮ରନ କରିଥିଲା। ମିଚେଲ ୫୦ତମ ଓଭରରେ ୧୭ ରନ ସଂଗ୍ରହ କରି ୯୨ ବଲ୍‌ରେ ତଥା ଇନିଂସର ଅନ୍ତିମ ଡେଲିଭରିରେ ତାଙ୍କ ଅପରାଜିତ ଶତକ (୧୦୦ରନ) ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ : ୫୦ ଓଭରରେ ୩୧୮/୬ (କନଓ୍ୱେ-୧୨୬, ଡେରିଲ ମିଚେଲ-୧୦୦*, ମାର୍ଟିନ ଗୁପ୍‌ଟିଲ-୨୬; ରୁବେଲ ହୁସେନ-୩/୭୦)
ବାଂଲାଦେଶ : ୪୨.୪ ଓଭରରେ ୧୫୪/ ଅଲଆଉଟ, (ମହମୁଦୁଲ୍ଲା-୭୬*, ଲିଟନ ଦାସ-୨୧, ମୁସ୍‌ଫିକର ରହିମ-୨୧, ଜେମ୍ସ ନିଶାନ-୫/୨୭, ମ୍ୟାଟ ହେନ୍‌ରୀ-୪/୨୭)।





ଜାତୀୟ ଏକାଡେମୀ ମହିଳା ହକିର ସବ୍‌ଜୁନିୟର ବିଭାଗ ରନର୍ସଅପ୍ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ଦଳ ଅତିଥିଙ୍କ ସହ। ଜୁନିୟର ଓ ସବ୍‌ଜୁନିୟର ବିଭାଗରେ ଚାମ୍ପିୟନ ସାଇ ଏକାଡେମୀର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

**ସୁଧାର ପଥରେ ଭାରତୀୟ ଅର୍ଥ ବ୍ୟବସ୍ଥା: ଆଇଏମ୍ଏଫ୍**

ୱାଶିଂଟନ: ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ନିରନ୍ତର ସୁଧାର ପଥରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଏହାର ପରବର୍ତ୍ତୀ ବୈଠକ ପୂର୍ବରୁ ଏଭଳି ଘୋଷଣା କରିଛି। ଚତୁର୍ଥ ତ୍ରୈମାସରେ ଅର୍ଥ ବ୍ୟବସ୍ଥାରେ ରିୟଲ ଅଭିବୃଦ୍ଧି ହେବ ବୋଲି ଏହି ଅନ୍ତର୍ଜାତୀୟ ଏଜେନ୍ସି ଆଶା ପ୍ରକଟ କରିଛି। ମହାମାରୀ ଆରମ୍ଭ ପରେ ପ୍ରଥମ ଥର ଲାଗି ଭାରତୀୟ ଅର୍ଥ ବ୍ୟବସ୍ଥାରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ଆଇଏମ୍ଏଫ୍‌ର ମୁଖପାତ୍ର ଗେରୀ ରାଇସ୍ କହିଛନ୍ତି। ବାଣିଜ୍ୟ ଏବଂ ପିଏମ୍ଆଇରେ ସୁଧାର ସ୍ଥାନୀୟ ଅଞ୍ଚଳରେ ଲକ୍‌ଡାଉନ କିଛି ମାତ୍ରାରେ ଅଭିବୃଦ୍ଧିକୁ ପ୍ରଭାବିତ କରିବ।

## ସଂକ୍ଷେପରେ

### ଡ୍ରାଇଭିଂ ଲାଇସେନ୍ସ ବୈଧତା ଜୁନ୍ ଯାଏ ବୃଦ୍ଧି

**ନୂଆଦିଲ୍ଲୀ,୨୬।୩:** ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍), ରେଜିଷ୍ଟ୍ରେଶନ ସାର୍ଟିଫିକେଟ(ଆର୍‌ସି) ଏବଂ ପରମିଟ୍ ଭଳି ଗାଡ଼ିର ବିଭିନ୍ନ ପ୍ରମାଣପତ୍ର ବୈଧତାକୁ ସରକାର ଶୁକ୍ରବାର ଚଳିତ ବର୍ଷ ଜୁନ୍ ଯାଏ ବଢ଼ାଇଛନ୍ତି। ଫେବୃୟାରୀ ପହିଲା କିମ୍ବା ମାର୍ଚ୍ଚ ୩୧ରେ ଶେଷ ହେଉଥିବା ପ୍ରମାଣପତ୍ର ବୈଧତା ଏହାଦ୍ୱାରା ପୁଣି ଥରେ ଜୁନ୍ ଯାଏ ବଢ଼ିପାରିବ ବୋଲି ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଆଡଭାଇଜରିରେ କୁହାଯାଇଛି। ଏହା ପୂର୍ବରୁ ଗତ ବର୍ଷ ମଧ୍ୟ ୪ଥର ଏଭଳି ଅବଧି ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହି ଆଡଭାଇଜରିକୁ ଠିକ୍ ଭାବେ ଲାଗୁ କରିବାକୁ କୁହାଯାଇଛି। ଲୋକମାନେ ଯେଭଳି ସମସ୍ୟା ସାମ୍ନା ନ କରିବେ ତାକୁ ଧ୍ୟାନରେ ରଖିବାକୁ ନିର୍ଦ୍ଦେଶ ରହିଛି।

### ୫୬୮ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୬।୩:** ଶୁକ୍ରବାର ଭାରତୀୟ ପୁଞ୍ଜିବଜାରରେ କାରବାର ସକାରାତ୍ମକ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୫୬୮ ପଏଣ୍ଟ ବୃଦ୍ଧି ଘଟିଛି। ମେଟାଲ, ଏଫ୍‌ଏମ୍‌ସିଜି ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାର ଉନ୍ନତ ରହିବାରୁ ଷ୍ଟକ୍ ବଜାରରେ ଏଭଳି ବୃଦ୍ଧି ଦେଖାଯାଇଛି। ସେନ୍‌ସେକ୍ସ ୧.୧୭% ବଢ଼ି ୪୯,୦୦୮ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୮୨ ପଏଣ୍ଟ ବା ୧.୨୭% ଉର୍ଦ୍ଧ୍ୱରେ ରହିବା ଯୋଗୁ ୧୪,୫୦୭ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଭଲ କାରବାର କରିଥିବା କମ୍ପାନୀ ମଧ୍ୟରେ ବଜାଜ ଫିନ୍‌ସର୍ଭ, ଟାଇଟାନ, ଏସିଆନ ପେଣ୍ଟସ, ହିନ୍ଦୁସ୍ଥାନ ୟୁନିଲିଭର, ଭାରତୀ ଏୟାରଟେଲ, ବଜାଜ ଅଟୋ ରହିଛି। ଏହି କମ୍ପାନୀଗୁଡ଼ିକର ଶେୟାର କାରବାର ପ୍ରାୟ ୪.୩୮% ବଢ଼ିଛି। ସେହିଭଳି ପାୱାର ଗ୍ରୀଡ୍, ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ, ଆଇଟିସି ଏବଂ ଟିସିଏସ୍ ଭଳି କମ୍ପାନୀଗୁଡ଼ିକର ଶେୟାର କାରବାର ୧.୨୦% ନିମ୍ନରେ ରହିଛି। ନିଫ୍ଟିରେ ମେଟାଲ, ଏଫ୍‌ଏମ୍‌ସିଜି ଏବଂ ଫାଇନାନ୍ସିଆଲ ସର୍ଭିସେସ୍ ଶେୟାର କାରବାର ୩.୬୮% ବଢ଼ିଛି।

# ଏୟାର ଇଣ୍ଡିଆ ପାଇଁ ଆସିବ ଫାଇନାନ୍ସିଆଲ ବିଡ୍

**ନୂଆଦିଲ୍ଲୀ,୨୬।୩**

### ଘରୋଇକରଣ ପ୍ରକ୍ରିୟା



ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସରକାର ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି। ଏହି ପ୍ରକ୍ରିୟା ଅନ୍ତର୍ଗତ ଆଗାମୀ ଦିନରେ ଫାଇନାନ୍ସିଆଲ ବିଡ୍ ଅଣାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପୁରୀ କହିଛନ୍ତି, ସରକାର ଆଉ ଗୋଟିଏ ଧାର୍ଯ୍ୟ ତାରିଖକୁ ନଜରରେ ରଖିଛନ୍ତି। ବିଡରଙ୍କ ଲାଗି ଏହାକୁ ଡାଟା ରୁମ୍ କୁହାଯାଇପାରେ। ଏହି ଫାଇନାନ୍ସିଆଲ ବିଡ୍‌ର ଅବଧି ୬୪ ଦିନ ରହିବ। ଏହା ପରେ ବିମାନ କମ୍ପାନୀ କାହା ନିକଟକୁ ଯିବ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ଗୋଟିଏ ବର୍ଷ ମଧ୍ୟରେ ଏୟାର ଇଣ୍ଡିଆର ଘରୋଇକରଣ ପ୍ରକ୍ରିୟାକୁ ଶେଷ କରିବା ଲାଗି ସରକାର ଲକ୍ଷ୍ୟ ରଖିଥିଲେ। ମାତ୍ର କରୋନା ମହାମାରୀ ଯୋଗୁ ଏହି କାମ ବିଳମ୍ବ ହେଉଛି। ମନ୍ତ୍ରୀ ପୁଣି କହିଛନ୍ତି, କୋଭିଡ୍‌ର ଦ୍ୱିତୀୟ ଲହର ଆସିବା ଯୋଗୁ ବିମାନ କମ୍ପାନୀଗୁଡ଼ିକୁ ପୂର୍ଣ୍ଣ କ୍ଷମତାରେ ସେବା ଯୋଗାଣ ନେଇ ବର୍ତ୍ତମାନ ଅନୁମତି ଦିଆଯାଇନାହିଁ। ଚଳିତ ମାସ ଶେଷ ସୁଦ୍ଧା ବିମାନ କମ୍ପାନୀଗୁଡିକ ଗ୍ରୀଷ୍ମକାଳୀନ ସେବା ଯୋଗାଣ ବେଳେ ଏହି ଅନୁମତି ପ୍ରଦାନ କରାଯାଇପାରେ। କୋଭିଡ୍ କଟକଣା ମାନିବା ଲାଗି ବିମାନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବିମାନ ଯାତ୍ରୀ କୋଭିଡ୍ ନିୟମ ନ ମାନିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି।

ବର୍ତ୍ତମାନ ଏୟାର ଇଣ୍ଡିଆ ଉପରେ ୬୦ ହଜାର କୋଟି ଟଙ୍କାର ଋଣ ରହିଛି। ସରକାର ବିଭିନ୍ନ ପଦକ୍ଷେପ ନେବା ପରେ ମଧ୍ୟ ଏହି କମ୍ପାନୀ ଦୈନିକ ୨୦ କୋଟି ଟଙ୍କା କ୍ଷତି ସହୁଛି। ନୂଆ ପରିଚାଳନା ସଂସ୍ଥାକୁ ଗଲେ ଏହାର ଆର୍ଥିକ ସ୍ୱାସ୍ଥ୍ୟ ସୁଧୁରିବ ବୋଲି ପୁରୀ ଆଶା ପ୍ରକଟ କରିଛନ୍ତି।

# ହିରୋର ନୂଆ ଡେଷ୍ଟିନି ୧୨୫ ପ୍ଲାଟିନମ

**ଭୁବନେଶ୍ୱର,୨୬।୩**



ପ୍ରମୁଖ ୨ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ପକ୍ଷରୁ ନୂଆ ଡେଷ୍ଟିନି ୧୨୫ ପ୍ଲାଟିନମ ଏଡିଶନ ବଜାରକୁ ନୂତନ ଡିଜାଇନ ସହ ଆସିଛି। ଏହି ସ୍କୁଟରରେ ଗ୍ରାହକ ବିସ୍ତୃତ ରେଞ୍ଜର ଅଫରିଂ ଲାଭ କରିପାରିବେ। ଏଥିରେ ସିଗ୍‌ନେଚର ଏଲ୍‌ଇଡି ଗାଇଡ ଲ୍ୟାମ୍ପ, ପ୍ରିମିୟମ ବ୍ୟାଜିଂ, ସିଟ୍ ମେଟାଲ ବଡି, ନୂଆ ବ୍ଲାକ୍ ଏବଂ କ୍ରୋମ୍ ଥିମ୍ ରହିଛି। ଏହା ସାରା ଦେଶରେ ରହିଥିବା କମ୍ପାନୀର ଡିଲରଶିପଗୁଡ଼ିକରେ ଉପଲବ୍ଧ ହେବ। ଯାନଟିର ଏକ୍ସଶୋ'ରୁମ୍ ମୂଲ୍ୟ ୭୨,୦୫୦ ଟଙ୍କା ରହିଛି। ଯାନଟି ବଜାରକୁ ଆସିବା ପରଠାରୁ ଗ୍ରାହକଙ୍କ ଠାରୁ ବେଶ୍ ଭଲ ପାଇବା ପାଇଛି ବୋଲି ହିରୋ ମୋଟୋକର୍ପର ଗ୍ଲୋବାଲ ଷ୍ଟ୍ରାଟେଜି ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି। ଯାନଟି ବିଏସ୍-୬ ମାନକ ସହିତ ଆସିଛି। ଏଥିରେ ଏକ୍ସସେନ୍ସ ଟେକ୍ନୋଲୋଜି ରହିଛି। ହିରୋର ସ୍ମାର୍ଟ ଟେକ୍ନୋଲୋଜି ସିଷ୍ଟମ, ଷ୍ଟାଇଲ ଏବଂ କଲର ଥିମ୍ ଗ୍ରାହକ ଏଥିରେ ଲାଭ କରିପାରିବେ ବୋଲି ମାସନ ସୂଚନା ଦେଇଛନ୍ତି।

# ମୋ ସ୍କୁଲ ଅଭିଯାନରେ ଭାରତ ମସଲା ସାମିଲ

**କଟକ,୨୬।୩**

ଭାରତ ମସଲା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସାମିଲ ହୋଇଛି। ଏଥି ଅନ୍ତର୍ଗତ କମ୍ପାନୀ ପକ୍ଷରୁ କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟକୁ ସହାୟତା ପ୍ରଦାନ କରାଯାଇଛି। ଏହା କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ଆବଶ୍ୟକ ସହଯୋଗ ସହ ମୁଖ୍ୟମନ୍ତ୍ରୀଙ୍କର ମୋ ସ୍କୁଲ୍ ଅଭିଯାନରେ ପ୍ରେରିତ ହୋଇଥିବା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ଗତ ୧୬ ମାର୍ଚ୍ଚ ଏବଂ ୨୫ ମାର୍ଚ୍ଚ ୨୦୨୧ରେ ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠ,ଆଠଗଡ଼କୁ ୫ ଲକ୍ଷ ଟଙ୍କା, ରତ୍ନାକର ବିଦ୍ୟାମନ୍ଦିରକୁ ୧ଲକ୍ଷ ଟଙ୍କା ଏବଂ ହଂସନାଥ ନୋଡାଲ ହାଇସ୍କୁଲ, ପରମହଂସକୁ ୧ ଲକ୍ଷଟଙ୍କାର ଅନୁଦାନ ଦେଇଛି। ଏହି ଅନୁଦାନ ରାଶି ଉପରୋକ୍ତ ସ୍କୁଲ ଗୁଡ଼ିକର ଆବଶ୍ୟକ ବିକାଶ ଓ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏ ସମ୍ପର୍କରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି, ମସଲା ବ୍ୟବସାୟ ଚଳେଇବା ସଙ୍ଗେ ସଙ୍ଗେ ସମାଜର ସାମାଜିକ ଦାୟିତ୍ୱବୋଧ ପ୍ରତି ମଧ୍ୟ ସଚେତନ ରହିଛୁ। ଗରିବ ପିଲା ମାନଙ୍କର ଶିକ୍ଷାର ବିକାଶ, ପ୍ରାକୃତିକ ବିପତ୍ତି ଏବଂ ଜରୁରୀକାଳୀନ ସମୟରେ ଆବଶ୍ୟକ ସହାୟତା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମଧ୍ୟ ବିଭିନ୍ନ ସମୟରେ ଅନୁଦାନ ପ୍ରଦାନ କରିଆସିଛୁ। ଯାହା ଆଗାମୀ ଦିନରେ ମଧ୍ୟ କମ୍ପାନୀ ନିଜର ସାମାଜିକ କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଠିକ ଭାବେ ନିର୍ବାହ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଜଳବାୟୁ ପରିବର୍ତ୍ତନ ଉପରେ କାମ କରିବେ ଭାରତ-ଇୟୁ

**ଭୁବନେଶ୍ୱର,୨୬।୩**

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସହ ୱାଟର ସଷ୍ଟେନେବିଲିଟି ଉପରେ ଭାରତ ଏବଂ ଇୟୁ ମିଳିତ ଭାବେ କାମ କରିବେ। ଏକ ସବୁଜ ପୃଥିବୀ ଗଠନ ଦିଗରେ କାର୍ଯ୍ୟପନ୍ଥାକୁ ଆହୁରି ଦୃଢ଼ୀକରଣ କରାଯିବ ବୋଲି ଭାରତରେ ଅବସ୍ଥାପିତ ୟୁରୋପୀୟାନ ୟୁନିୟନର ବ୍ରାଣ୍ଡ ଆମ୍ବାସାଡାର ୟୁଗୋ ଆସ୍ତୋଷ୍ଟୋ କହିଛନ୍ତି। ଭୁବନେଶ୍ୱରର ଜାଭିୟର ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ ଅନୁଷ୍ଠିତ ଇୟୁ ଡେ ଭର୍ଚୁଆଲ କାର୍ଯ୍ୟକ୍ରମରେ ସେ କହିଛନ୍ତି, ପାଣିପାଗ ପରିବର୍ତ୍ତନ ବର୍ତ୍ତମାନ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବିଶ୍ୱ ଜିଡିପି ଅର୍ଦ୍ଧାଧିକ ପରିବେଶ ଉପରେ ନିର୍ଭରଶୀଳ। ଏଥି ସହିତ ଏହା ଯୋଗାଉଥିବା ସେବାର ଏକ ପ୍ରମୁଖ ଅଂଶ ରହିଛି। ବର୍ତ୍ତମାନ ସମୟରେ ଆମର କାର୍ଯ୍ୟ ପରିବେଶକୁ କ୍ଷତି ପହଞ୍ଚାଉଛି। କିଛି ଯଦି ଖରାପ ଘଟେ ଏହାକୁ ସମ୍ଭାଳିବାକୁ ଆମେ ସକ୍ଷମ ହେବା ନାହିଁ। ଏହାକୁ ଧ୍ୟାନରେ ରଖି ସବୁଜ ପରିବେଶ ଦିଗରେ ନିବେଶ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧିକୁ ଧ୍ୟାନରେ ରଖି ବିଭିନ୍ନ ପଦକ୍ଷେପ ନେବା ଉପରେ ଜାଭିୟର ବିଶ୍ୱବିଦ୍ୟାଳୟର କୁଳପତି ଡ.ଏଫ୍.ଆର୍. ଆଣ୍ଟୋନିଆର ମତ ପ୍ରକାଶ କରିଥିଲେ।

# ପୂର୍ବତନ ଡେପୁଟି ଗଭର୍ନର କେ.ସି.ଚକ୍ରବର୍ତ୍ତୀଙ୍କ ପରଲୋକ

**ନୂଆଦିଲ୍ଲୀ,୨୬।୩**

ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର କମଲେଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ଜୁନ୍ ୨୦୦୯ରୁ ଏପ୍ରିଲ ୨୦୧୪ ଯାଏ ସେ ଡେପୁଟି ଗଭର୍ନର ପଦବୀରେ କାର୍ଯ୍ୟ କରିଥିଲେ। ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଜଣେ ପୁଅ ରହିଛନ୍ତି। ତାଙ୍କୁ ୬୮ ବର୍ଷ ହୋଇଥିଲା। ଖାଉଟି ସୁରକ୍ଷା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ବ୍ୟାଙ୍କିଙ୍ଗକୁ ଏକ ମୌଳିକ ଅଧିକାର ଭାବେ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଋଣ ପୁନର୍ଗଠନ ଦିଗରେ ଆସେଟ କ୍ୱାଲିଟି ଉପରେ ସେ ବିଭିନ୍ନ କାମ ମଧ୍ୟ କରିଥିଲେ। ବ୍ୟାଙ୍କ ଅଫ୍ ବରୋଦା ୟୁକେ ଅପରେଶନ ମୁଖ୍ୟ, ଇଣ୍ଡିଆନ ବ୍ୟାଙ୍କ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମୁଖ୍ୟ ଭାବେ କାମ କରିବା ପରେ ସେ କେନ୍ଦ୍ରୀୟ ବ୍ୟାଙ୍କର ଡେପୁଟି ଗଭର୍ନର ଭାବେ ଅବସ୍ଥାପିତ ହୋଇଥିଲେ।

# ୧୦୦ ସ୍ଥାନରେ ସିବିଆଇ ଚଢ଼ାଉ

### ୩୭ ଶହ କୋଟିର ବ୍ୟାଙ୍କ ଠକେଇ ଘଟଣା




**ନୂଆଦିଲ୍ଲୀ,୨୬।୩**

ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟଗେସନ (ସିବିଆଇ) ପକ୍ଷରୁ ଗୁରୁବାର ଏକ ବ୍ୟାଙ୍କ ଜାଲିଆତି ଘଟଣାରେ ଦେଶର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୦ଟି ସ୍ଥାନ ଉପରେ ଚଢାଉ କରାଯାଉଛି। ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରୁ ପ୍ରାୟ ୩୭ ଶହ କୋଟି ଟଙ୍କା ବ୍ୟାଙ୍କ ଠକେଇ ହୋଇଥିବା ଜଣାପଡ଼ିଛି। ଏହି ଠକେଇ ସମ୍ପର୍କରେ ୩୦ରୁ ଉର୍ଦ୍ଧ୍ୱ ମାମଲା ସିବିଆଇ ନିକଟରେ ଦାୟର ହୋଇଛି। ସିବିଆଇର ସୂଚନା ଅନୁସାରେ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଆଇଡିବିଆଇ, କାନାରା ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଏହି ଠକେଇ ଅଭିଯୋଗ କରାଯାଇଛି। କାନପୁର, ଦିଲ୍ଲୀ, ଗାଜିଆବାଦ,ମଥୁରା, ନୋଏଡା, ଗୁରୁଗ୍ରାମ, ଚେନ୍ନାଇ, ଥିରୁଭରୁର,ଭେଲୋର,ତ୍ରିପୁରା,ବାଙ୍ଗାଲୋର,ଗୁଣ୍ଟୁର,ହାଇଦ୍ରାବାଦ,ବେଲାରୀ,ଭୋଦଦରା,କଲୋକତା,ୱେଷ୍ଟ ଗୋଦାବରୀ,ସୁରଟ, ମୁମ୍ବାଇ,ଭୋପାଳ, ନିମାଡୀ,ତିରୁପତି,ବିଶାଖାପାଟଣାମ, ଅହମ୍ମଦବାଦ, ରାଜକୋଟ,କରନାଲ, ଜୟପୁର ଏବଂ ଗଙ୍ଗାନଗର ଭଳି ୧୦୦ଟି ସ୍ଥାନରେ ତଦନ୍ତକାରୀ ସଂସ୍ଥା ଚଢାଉ କରିଥିବା ଜଣାପଡ଼ିଛି।

## ରାଜ୍ୟ ଖବର

### ଘରେ ନିଆଁ ଲାଗି ଜଳିଗଲେ ମହିଳା

**ବାସୁଦେବପୁର,୨୬।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଉଛଡିହା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁରେ ପୋଡ଼ି କନକ ବାରିକ ନାମ୍ନୀ ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେ ମାନସିକ ଅନଗ୍ରସର ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହି ଅଗ୍ନିକାଣ୍ଡରେ ୪ ପରିବାର ବାସହରା ହୋଇଛନ୍ତି। ମୋଟ ୮ ବଖରା ଘର ଜଳିଯାଇଥିବା ବେଳେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ଘରେ ନିଆଁ ଲାଗିଥିବା ଜାଣି ପରିବାରର ଅନ୍ୟ ସଦସ୍ୟମାନେ ବାହାରକୁ ଚାଲି ଆସିଥିଲେ। ହେଲେ କନକ ଘରର ମାଟୁ ଉପରକୁ ଉଠିଯାଇ ଥିବାରୁ ତାଙ୍କୁ ବାହାର କରାଯାଇ ପାରି ନ ଥିଲା। ଫଳରେ ନିଆଁରେ ପୋଡ଼ିଯାଇ ତାଙ୍କର ମୃତ୍ୟୁ ହୋଇଛି। ବାସୁଦେବପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲେ ହେଁ କର୍ମଚାରୀମାନେ ଅନ୍ୟ ଏକ ସ୍ଥାନକୁ ନିଆଁ ଲିଭାଇବାକୁ ଯାଇଥିବାରୁ ଠିକ୍ ସମୟରେ ଆସି ଏଠାରେ ପହଞ୍ଚିପାରି ନ ଥିଲେ। ବିଳମ୍ବରେ ସୋର ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଶୁକ୍ରବାର ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ରାଜସ୍ୱ ଅଧିକାରୀ ଶରତ ଦାସ କ୍ଷୟକ୍ଷତି ଆକଳନ କରିଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଯୁବନେତା ମାନସ ସାହୁ, କାଳନ୍ଦୀ ସାହୁ, ସମ୍ବିତ ମହାନ୍ତି ପ୍ରମୁଖ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ସମବେଦନା ଜଣାଇଥିଲେ। ସେହିପରି ଭାଜପାର ବରିଷ୍ଠ ନେତା ମାଧବାନନ୍ଦ ମଲିକ, କଂଗ୍ରେସ ନେତା ଅଶୋକ ଦାସ, ରତ୍ନାକର ମଲ୍ଲିକ ପ୍ରମୁଖ ଅଗ୍ନିପୀଡ଼ିତ ପରିବାରକୁ ସହାୟତାର ହାତ ବଢ଼ାଇଥିଲେ। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ସେହିପରି ବ୍ରାହ୍ମଣଗାଁ ପଞ୍ଚାୟତ କ୍ଷେମେଶ୍ୱରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି କୈଳାସ ବେହେରା ଓ ନରେନ୍ଦ୍ର ବେହେରାଙ୍କ ୪ ଗାଈ ଓ ଗୋଟିଏ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି।




ପୁରୀଠାରେ ଶୁକ୍ରବାର ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସଙ୍କ ଚିତ୍ରକଳାରେ ଗାନ୍ଧିଜୀଙ୍କ ଜଗନ୍ନାଥ ଦର୍ଶନ।

### ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଓଡ଼ିଶାରେ ପ୍ରଥମ

**ମାଲକାନଗିରି,୨୬।୩ (ଡି.ଏନ୍.ଏ.)**

**କାୟାକଳ୍ପ ପୁରସ୍କାର**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର ମିଳିଛି। ଏହି ପୁରସ୍କାର ହାସଲରେ ଚିକିତ୍ସାଳୟ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଶୁକ୍ରବାର ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନରେ ଆରମ୍ଭ ହୋଇଥିବା ଏହି କାୟାକଳ୍ପ ପୁରସ୍କାର ଚୟନ ଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନର ଏକ ୫ଜଣିଆ ଟିମ୍ ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟଗୁଡିକ ପରିଦର୍ଶନ କରିଥିଲେ। ଏହି ଟିମ୍ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଳୟର ଭିତିଭୂମି, ସଫାସୁତୁରା , ଔଷଧୀୟ ବଗିଚା, ପାର୍କିଂ ବ୍ୟବସ୍ଥା, ଚିକିତ୍ସା ପଦ୍ଧତି, ଉପଯୁକ୍ତ ଚିକିତ୍ସା, ରୋଗୀଙ୍କୁ ଖାଦ୍ୟ ପ୍ରଦାନ ଆଦି ବ୍ୟବସ୍ଥାର ତଦାରଖ କରିଥିଲେ ବୋଲି ନନ୍ଦ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡିଏମ୍‌ଓ ଶିବପ୍ରସାଦ ମହାରଣା, ବିପିଏମ୍ ବନବିହାରୀ ମିଶ୍ର, ଅନିଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀ ପରେ ମୁଖ୍ୟ ଚିକିତ୍ସାଧିକାରୀ ନନ୍ଦଙ୍କ ସମେତ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ରୋଗୀଙ୍କ ସମ୍ପର୍କୀୟ ଏବଂ ସହରର ବୁଦ୍ଧିଜୀବୀମାନେ ଚିକିତ୍ସାଳୟରେ ପହଞ୍ଚି ବାଣ ଫୁଟାଇ ଖୁସି ମନାଇଥିଲେ। ସୂଚନାଯୋଗ୍ୟ, ୨୦୧୮ ଜୁଲାଇରେ ଏହି ନବନିର୍ମିତ ସାତମହଲା ବିଶିଷ୍ଟ ମୁଖ୍ୟ ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଏଠାକୁ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶର ରୋଗୀ ମଧ୍ୟ ଚିକିତ୍ସା ପାଇଁ ଆସୁଛନ୍ତି।




ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ।

# ଦୁଗ୍ଧଚାଷୀଙ୍କୁ ଲୁଟୁଛି ଆନ୍ଧ୍ର କମ୍ପାନୀ

**ପାରଳାଖେମୁଣ୍ଡି,୨୬।୩(ଡି.ଏନ୍.ଏ.)**

ସୀମାନ୍ତରେ ଓଡିଶାର ଜଳ, ଜମି, ଜଙ୍ଗଲ ଉପରେ ଅଧିକାର ଜାହିର କରି ଆସୁଥିବା ଆନ୍ଧ୍ର ଏବେ ଦୁଗ୍ଧଚାଷୀଙ୍କ ଉପରେ ନଜର ପକାଇଛି। କ୍ଷୀର ପରିବହନ ଗାଡି(ନଂ.ଏପି୩୯ଟିଭି୫୪୩୯)ରେ କୋଭିଡ୍ ପାସ ଲାଗିଛି। ଏହା ଜରୁରିକାଳୀନ ସେବା ପାଇଁ ଯାଉଥିବା ଲେଖାଅଛି। ହେଲେ ଏହା ଓଡ଼ିଶା ଭିତର ଦେଇ ଆନ୍ଧ୍ର ପାଇଁ ପରିବହନ ହେଉଛି। ଗଜପତି ଜିଲା କାଶୀନଗର ବ୍ଲକ ଅଞ୍ଚଳରୁ ଦୈନିକ ଏଭଳି ଶତାଧିକ ଲିଟର କ୍ଷୀର ଆନ୍ଧ୍ର ଯାଉଛି। କାଶୀନଗର ବ୍ଲକର ଖାଣ୍ଡବା, ବୁଦୁରା, ହରିପୁର, ଗୋରୀବନ୍ଧା, ବଥବା, କାଶୀନଗର, ଟାଟା କାଶୀନଗର, ବି.ଏନପୁର, କିଡିଗାମ, କଇଠପଦର, ରାଣିପେଣ୍ଟ, ମିନିଗ୍ରାମ ଓ ହାଟପଦାଠାରେ ଓମଫେଡ ସମବାୟ ସମିତି ଗଠନ କରି ଚାଷୀଙ୍କଠାରୁ କ୍ଷୀର କିଣୁଥିଲା ।




ଆନ୍ଧ୍ର ଯାଉଥିବା କ୍ଷୀର ଗାଡ଼ି।

ଚାଷୀଙ୍କୁ ଗୋଚାରା ମଧ୍ୟ ବିକ୍ରି କରୁଥିଲା। ଚାଷୀମାନେ ଦୈନିକ ୮ଶହରୁ ୧୦୦୦ ଲିଟର ପର୍ଯ୍ୟନ୍ତ କ୍ଷୀର ଓମଫେଡକୁ ବିକ୍ରି କରୁଥିଲେ। ତେବେ ଆନ୍ଧ୍ର କମ୍ପାନୀ ଅଧିକ ଦାମ ଦେବାରୁ ବହୁ ଚାଷୀ ଉକ୍ତ କମ୍ପାନୀକୁ କ୍ଷୀର ବିକ୍ରୟ ଆରମ୍ଭ କଲେ। ବର୍ତ୍ତମାନ କ୍ଷୀର ଲିଟର ପିଛା ଓମଫେଡ ଯେତିକି ଟଙ୍କା ଦେଉଛି ଆନ୍ଧ୍ର କମ୍ପାନୀ ମଧ୍ୟ ସେତିକି ଦେଉଛି। ଏପରିକି ଓମଫେଡ଼ ଚାଷୀଙ୍କୁ ୧୨ଶହ ଟଙ୍କାରେ ଗୋଚାରା ବିକୁଥିବା ବେଳେ ଆନ୍ଧ୍ର କମ୍ପାନୀ ୧ ହଜାର ଟଙ୍କାରେ ନିମ୍ନମାନର ଗୋଚାରା ବିକ୍ରୟ କରୁଛି। ଆନ୍ଧ୍ର କମ୍ପାନୀ ଋଣ, ବୋନସ ଆଦି ଦେବ କହି ବହୁ ଦୁଗ୍ଧଚାଷୀଙ୍କୁ ଟାଣି ସାରିଲାଣି। ଓମ୍‌ଫେଡ ୩୦୦ରୁ ୪୦୦ ଲିଟର କ୍ଷୀର କ୍ରୟ କରୁଥିବା ବେଳେ ଆନ୍ଧ୍ର କମ୍ପାନୀ ୪୨୦ରୁ ୫୦୦ ଲିଟର ପର୍ଯ୍ୟନ୍ତ କ୍ଷୀର କିଣି ନେଉଛି । ଓମଫେଡକୁ ବନ୍ଦ କରିବା ପାଇଁ ଆନ୍ଧ୍ର ଷଡଯନ୍ତ୍ର କରୁଥିବା ଏମ. ପ୍ରବୀନ କୁମାର (ସମବାୟ ସମିତି ଅଧକ୍ଷ),ମଧୁସୂଦନ, ଜି ଗୋବିନ୍ଦ ରାଓ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଗଜପତି ଜିଲାପାଳ ଅନୁପମ ସାହା ଓମଫେଡ ଅଧିକାରୀଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କହିଛନ୍ତି। ଯଦି କୌଣସି ଚାଷୀ ସମବାୟ ସମିତିରେ ରହି ନିୟମ ଭଙ୍ଗକରି ଆନ୍ଧ୍ର କମ୍ପାନୀକୁ କ୍ଷୀର ବିକ୍ରି କରୁଥିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ୧୯ ବରିଷ୍ଠ ଓଏଏସ୍ ଅଫିସର ଆଇଏଏସ୍‌କୁ ପଦୋନ୍ନତି

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ୧୯ ଜଣ ବରିଷ୍ଠ ଓଏଏସ୍ ଅଫିସର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ)କୁ ପଦୋନ୍ନତି ପାଇଛନ୍ତି। ଏ ନେଇ ଶୁକ୍ରବାର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପଦୋନ୍ନତି ପାଇଥିବା ଅଧିକାରୀ ହେଲେ ଗଣେଶ ଚନ୍ଦ୍ର ପାତ୍ର, ଶଶଧର ନାୟକ, ବିକାଶ ଚନ୍ଦ୍ର ମହାପାତ୍ର, ଭାରତୀ ହରିଚନ୍ଦନ, ମନୋଜ ପଟ୍ଟନାୟକ, ସଦାନନ୍ଦ ନାୟକ, ମେରି ଲାକ୍ରା, ଦୟାନିଧି ନାୟକ, ଶ୍ରୀନିବାସ ବେହେରା, ଯୁଧିଷ୍ଠିର ନାୟକ, ଉଦୟ ନାରାୟଣ ଦାସ, ସୁଜାତା ସାହୁ, ଗଙ୍ଗାଧର ସାହୁ, ଅଶ୍ୱିନୀ କୁମାର ମିଶ୍ର, ରାମଶିଷ ହାଜରା, ସୁଶାନ୍ତ ମହାନ୍ତି, ଜ୍ୟୋତି ପ୍ରକାଶ ଦାସ, ସିତାଂଶୁ ରାଉତ ଏବଂ କୃଷ୍ଣ ପ୍ରସାଦ ପାଟିଲ।

# ନିଆରା ବାହାଘର: ଡିଜେ ବଦଳରେ ସଂକୀର୍ତ୍ତନ

**ଝାରସୁଗୁଡ଼ା ଅଫିସ୍,୨୬।୩**

କୋଭିଡ୍ ନିୟମ ଆଧାରରେ ନିରାଡମ୍ବର ଭାବେ ବାହାଘର, ବ୍ରତ, ପୂଜାପାଠ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଉଛି। ଏଥିଯୋଗୁ ସମାଜରେ କେତେକ ପାରମ୍ପରିକ ନୀତିନିୟମରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସାଧାରଣତଃ ବରଯାତ୍ରୀମାନେ ବାଣ, ରୋଷଣି, ଡିଜେ, ବ୍ୟାଣ୍ଡପାର୍ଟି ବଜାଇ କନ୍ୟା ଘରକୁ ଯାଇଥାନ୍ତି। ହେଲେ ଏସବୁକୁ ଦୂରେଇ ଏକ ବରଯାତ୍ରୀ ଦଳ ନାମ ସଂକୀର୍ତ୍ତନ କରି ବରକୁ ଶୋଭାଯାତ୍ରାରେ ନେଇଥିଲେ। ଏଭଳି ନିଆରା ବାହାଘର ଦେଖିବାକୁ ମିଳିଛି ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ କଦମ୍ବଡିହି ପରସିଆଁ ଗ୍ରାମ ଦସିଆଡିହିରେ।

ଏହି ଗ୍ରାମର ସ୍ୱର୍ଗତ ଉପେନ୍ଦ୍ର ଖଣ୍ଡାଙ୍କ ପୁଅ ସାନୋଜ ନିକଟସ୍ଥ ସମରବଗା ଗ୍ରାମର ଅକ୍ଷୟ ଖରସେଲଙ୍କ ଝିଅ ସୁନିତାଙ୍କୁ ବିବାହ ପାଇଁ ସ୍ଥିର ହୋଇଥିଲା।



ନାମ ସଂକୀର୍ତ୍ତନ ମାଧ୍ୟମରେ ବରକୁ କାନ୍ଧରେ ବସାଇ ଗାଁ ପରିକ୍ରମା କରାଯାଉଛି।

। ଶୁକ୍ରବାର ଏହି ବାହାଘର ଥିଲା। ଡିଜେ, ବ୍ୟାଣ୍ଡପାର୍ଟି, ବାଣ, ରୋଷଣି ପରିବର୍ତ୍ତେ ଏକ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରି ବରକୁ କାନ୍ଧରେ ବସାଇ ଗାଁ ପରିକ୍ରମା କରିଥିଲେ । ଏହି ସମୟରେ ଶୁଣିବାକୁ ମିଳିଥିଲା ହୁଳହୁଳି, ଶଙ୍ଖଧ୍ୱନି। ସେହିପରି କନ୍ୟାଘର ଗାଁରେ ବରଯାତ୍ରୀ ପହଞ୍ଚି ଗାଁ ସଂକୀର୍ତ୍ତନ ମଣ୍ଡଳୀ ସହିତ ନାମ ସଂକୀର୍ତ୍ତନ କରି ବରଙ୍କୁ ଗ୍ରାମ ପରିକ୍ରମା କରିଥିଲେ। ଏଭଳି ଆଧ୍ୟାତ୍ମିକ ଚିନ୍ତାଚେତନା ଭିତରେ ବାହାଘରକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଏ ନେଇ ବର ସାନୋଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏଭଳି ନିଆରା ବାହାଘର ନବଦମ୍ପତିଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଆଣିବ। ଏହା ଅନ୍ୟମାନଙ୍କୁ ନିଶ୍ଚିତ ପ୍ରଭାବିତ କରିବ।

## ଖିଲିଖିଲି ହସ

ସାଣ୍ଟା– ଓଯେ, ତୁ ସେଠି କ’ଣ କରୁଛୁ ?
ବାଣ୍ଟା– ଏଇ ଛୁଆର ସ୍ୱରକୁ ରେକର୍ଡିଂ କରୁଛି।
ସାଣ୍ଟା– କାହିଁକି ?
ବାଣ୍ଟା– ଯେତେବେଳେ ଏଇ ଛୁଆଟା ବଡ଼ ହେଇଯିବ ସେତେବେଳେ ମୁଁ ତାକୁ ପଚାରିବି କି ଏଭଳି ସ୍ୱରରେ ସେ କ’ଣ କହୁଥିଲା ।

ପୋଲିସ– ଆଚ୍ଛା ଆପଣ ହେଲମେଟ ପିନ୍ଧିଛନ୍ତି ଆଉ ସବୁ କାଗଜପତ୍ର ରଖିଛନ୍ତି। କିନ୍ତୁ ଏସବୁ କାଗଜପତ୍ର ବେଆଇନ।
ଭଦ୍ର ବ୍ୟକ୍ତି– କାହିଁକି ?
ପୋଲିସ– କାହିଁକି ନା ତମେ ଏସବୁ କାଗଜକୁ ପଲିଥିନରେ ରଖିଛ ଆଉ ପଲିଥିନ୍‌କୁ କେବେଠାରୁ ବ୍ୟାନ୍ କରାଯାଇଛି।

ଶିକ୍ଷକ– ଯଦି ମନୋବଳ ଦୃଢ ତା’ହେଲେ ପଥରରୁ ବି ପାଣି ବାହାର କରିହେବ।
ଚିଣ୍ଟୁ– ମୁଁ ତ ଲୁହାରୁ ବି ପାଣି ବାହାର କରିପାରିବି।
ଶିକ୍ଷକ– କେମିତି ?
ଚିଣ୍ଟୁ– ହ୍ୟାଣ୍ଡ ପମ୍ପ ମାଧ୍ୟମରେ।

ଆସ ଜାଣିବା

## କାଳିଆ ଘୋଡ଼ାରେ ଚଢ଼ିବୁ

ମଧୁସୂଦନ ଦାସ ୧୮୪୮ ମସିହା ଏପ୍ରିଲ ୨୮ରେ କଟକ ଜିଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ବାପାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମା’ଙ୍କ ନାମ ପାର୍ବତୀ ଦେବୀ। ଗେହ୍ଲାରେ ବାପା–ମାଆ ତାଙ୍କର ନାମ ଦେଇଥିଲେ ଗୋବିନ୍ଦ ବଲ୍ଲଭ। ମଧୁସୂଦନଙ୍କୁ ପାଞ୍ଚବର୍ଷ ହେଲା ପରେ ଗାଁ ଅବଧାନଙ୍କ ପାଖରେ ତାଙ୍କର ପାଠ ଅନୁକୂଳ କରାଯାଇଥିଲା। ପିଲାଦିନେ ସେ ଭାରି ଦୁଷ୍ଟ ଥିଲେ। କିନ୍ତୁ ତାଙ୍କର ବୁଦ୍ଧି, ଅଦ୍ଭୁତ ଭାବନା, ସତ୍ୟବାଦିତା ଗୁଣକୁ ସମସ୍ତେ ପ୍ରଶଂସା କରୁଥିଲେ। ଦିନେ ଚଗଲାମି ପାଇଁ ତାଙ୍କର ମା’ ତାଙ୍କୁ ଚାପୁଡ଼ାଏ ପକାଇଥିଲେ। ପୁଅ ଅଭିମାନରେ ରୁଷି ବସିଲେ ଏବଂ ନ ଖାଇ ରାତିରେ ସେମିତି ଶୋଇ ପଡ଼ିଲେ। ତା’ ପରଦିନ ମଧୁସୂଦନ ନିଜ ଭୁଲ୍ ବୁଝିପାରିଲେ ଏବଂ ମା’ଙ୍କ ଗୋଡ଼ ଧରି ଭୁଲ୍ ମାଗି କହିଲେ, ‘‘ମା’ ମୁଁ ଆଉ କେବେ ଦୁଷ୍ଟାମି କରିବି ନାହିଁ। ତୁମ କଥା ମାନିବି। ତୁମେ ଯାହା ଦେବ ଖୁସିରେ ଖାଇଦେବି।’’ ପୁଅର ଏପରି କଥା ଶୁଣିବା ପରେ ମା’ ସାଙ୍ଗେ ସାଙ୍ଗେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ପୁଅକୁ କୋଳରେ ବସାଇ ଖୁଆଇ ଦେଲେ। ବଡ଼ ହୋଇ ମଧୁସୂଦନ ଆମ ଓଡ଼ିଆ ଜାତିର ଗର୍ବ ଗୌରବକୁ ଉଚ୍ଚରେ ରଖିପାରିଥିଲେ। ପରେ ସେ ‘ଉତ୍କଳ ଗୌରବ ମଧୁସୂଦନ’ ଭାବରେ ପରିଚିତ ହେଲେ।

ଉତ୍କଳ ଗୌରବ ମଧୁସୂଦନ ଥିଲେ ଓଡ଼ିଶାର ପ୍ରଥମ



ଉଚ୍ଚ ପଦାଧିକାରୀ, ପ୍ରଥମ ସ୍ନାତକ, ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ସାରା ପୃଥିବୀର କୋଣ ଅନୁକୋଣରେ ସେ ମଧୁବାରିଷ୍ଟର ରୂପେ ପରିଚିତ ଥିଲେ। ତା’ସହ ଛୋଟ ଲାଟ୍ ସଭା ଓ ବଡ଼ ଲାଟ୍ ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ଆପ୍ରାଣ ଉଦ୍ୟମ କରି ଶେଷରେ ସେଥିରେ ସଫଳ ହୋଇଥିଲେ। ସେହି କର୍ମବୀର ତଥା ଓଡ଼ିଶା ମାଟିର ସୁଯୋଗ୍ୟ ପୁତ୍ର ୧୯୩୪ ଫେବୃୟାରୀ ୪ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ଆଜି ମଧ୍ୟ ମଧୁବାବୁଙ୍କ ସ୍ୱାଭିମାନ ବିଷୟରେ ଉଦାହରଣ ଦେଇ ଅନେକ ମା’ ସେମାନଙ୍କ ପିଲାଙ୍କୁ କହନ୍ତି, ‘ପାଠ ପଢ଼ିବୁ ପାଠ ପଢ଼ିବୁ, କାଳିଆ ଘୋଡ଼ାରେ ଚଢ଼ିବୁ, ମଧୁବାବୁ ସଙ୍ଗେ ଲଢ଼ିବୁ’ ।

**–କବିତା ମିଶ୍ର**
ସେକ୍ଟର ୩/୫୫, ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ : ୯୯୩୭୦୩୩୭୫୦

ଆଇନା



ଅମନ୍
୧୩ ବର୍ଷ

ଶିଶୁ ପ୍ରତିଭା

## ଦର୍ଶକଙ୍କୁ ମତୁଆଲା କରେ ଯୁଗଳବନ୍ଦୀ

ଶ୍ରୀକ୍ଷେତ୍ରର ଶିଶୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ବେଶ୍ ପରିଚିତ ଦୁଇଟି ନାଁ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାଠାରୁ ଆରମ୍ଭ କରି ପୁରୀରେ ଆୟୋଜିତ ଯୁବ ମହୋତ୍ସବ, କୁମାର ଉତ୍ସବ, ପୁସ୍ତକ ମେଳା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ ସେମାନଙ୍କ ଯୁଗଳବନ୍ଦୀ। ଉଭୟଙ୍କ ମଧ୍ୟରେ ଥିବା କେମିଷ୍ଟ୍ରି, ନୂପୁରର ରୁଣୁଝୁଣୁ ଝଙ୍କାର ଏବଂ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରେ। ସେମାନେ ହେଉଛନ୍ତି ପ୍ରିୟଦର୍ଶିନୀ ଓ ଦୀନଭଞ୍ଜନ ପଣ୍ଡାଙ୍କ ଝିଅ ଶୁଭଶ୍ରୀ ପଣ୍ଡା ଏବଂ ସୁଧାଂଶୁବାଳା ଓ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଝିଅ କିରଣ। ଦୁହେଁ ଭିନ୍ନ ଭିନ୍ନ ପରିବାରରୁ ହୋଇଥିଲେ ହେଁ ବର୍ଷସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ଦୁଇ ଜଣଙ୍କୁ ଏକାଠି ଓଡ଼ିଶୀ ନୃତ୍ୟ ପରିବେଷଣର ଝଲକ ଦେଖିବାକୁ ମିଳେ।

ଶୁଭଶ୍ରୀ ସ୍ଥାନୀୟ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୭ମ ଶ୍ରେଣୀ ଛାତ୍ରୀ ହୋଇଥିବା ବେଳେ କିରଣ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ୯ମ ଶ୍ରେଣୀରେ ପଢୁଛନ୍ତି। ଉଭୟ ଶ୍ରୀକ୍ଷେତ୍ରର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନରେ ଓଡ଼ିଶୀ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରତିଷ୍ଠିତ ଓଡ଼ିଶୀ ଗୁରୁ ମନୋଜ ପ୍ରଧାନ, ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କଠାରୁ ନୃତ୍ୟଶିକ୍ଷାଭ୍ୟାସ କରୁଛନ୍ତି। ଓଡ଼ିଶୀରେ ପଲ୍ଲବୀ, ଅଭିନୟ, ମଙ୍ଗଳାଚରଣ, ନିତ୍ୟ ଜଗନ୍ନାଥ, ଅଇଗିରୀ ନନ୍ଦିନୀ, ଦଶାବତାର,



ସମ୍ବଲପୁର, କେଉଁଝରର ମା’ ତାରିଣୀ ପୀଠ ସହିତ ଚନ୍ଦନଯାତ୍ରା, ରଥଯାତ୍ରା, ପଲ୍ଲୀଶ୍ରୀମେଳା, ଶ୍ରୀକ୍ଷେତ୍ର ମହୋତ୍ସବ, କୁମାର ମହୋତ୍ସବ, ଗ୍ଲୋରୀ ଫେଷ୍ଟ ପ୍ରଭୃତିରେ ଅଂଶଗ୍ରହଣ କରି ନିଖୁଣ ଅଭିନୟ ପରିଚୟ ଦେଇଛନ୍ତି । ଏଥିସହିତ ବୋଇତ ବନ୍ଦାଣ, ଓଡ଼ିଆ ନବବର୍ଷ, ରାଷ୍ଟ୍ରୀୟ ନବବର୍ଷ ସମାରୋହ ଗୀତିନାଟ୍ୟରେ ମହିଷମର୍ଦ୍ଦିନୀ, ଭକ୍ତକବି ଜୟଦେବଙ୍କ ସମେତ ଶିଶୁ କଳାକାର ଭାବେ ବିଭିନ୍ନ ଘରୋଇ ଚ୍ୟାନେଲ ପକ୍ଷରୁ ଭକ୍ତି ସଙ୍ଗୀତ, ଭଜନ ନୃତ୍ୟରେ ଅଂଶଗ୍ରହଣ କରିଛନ୍ତି। ଶିଶୁ କଳାକାର ଭାବେ ଉଭୟ କେବଳ ପୁରୀ

ବାଲ ଗୋପାଳ ଅଷ୍ଟକମ୍ ଆଦିରେ ସେମାନେ ସୁନ୍ଦର ନୃତ୍ୟ ପରିବେଷଣ କରନ୍ତି। ଏତଦ୍‌ବ୍ୟତୀତ ସମ୍ବଲପୁରୀ ନୃତ୍ୟରେ ମଧ୍ୟ ଉଭୟଙ୍କର ଦକ୍ଷତା ରହିଛି। ନିକଟରେ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶୀ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ପୁରୀ ସମେତ, କଟକ, ଭୁବନେଶ୍ୱର, ନୁହେଁ ବରଂ ରାଜ୍ୟର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ସାଉଁଟିଛନ୍ତ ଅନେକ ପୁରସ୍କାର ଓ ପ୍ରଶଂସା। ତେବେ ଉଭୟ ଭବିଷ୍ୟତରେ ଅନ୍ତର୍ଜାତୀୟ, ଜାତୀୟସ୍ତରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଆଶା ରଖିଥିବା ପ୍ରକାଶ କରନ୍ତି।

**– ପ୍ରଭାତ ପାଣିଗ୍ରାହୀ**

ଗପ



## ଅବିର ହୋଲି

ଆଜି ମିତାଲିର ମନ ଜମା ସ୍ଥିର ହେଉନାହିଁ। ଅଳ୍ପଦିନ ପରେ ହୋଲି । ଏ ବର୍ଷ ଧୁମ୍ ଧାମରେ ହୋଲି ପର୍ବଟିକୁ ପାଳନ କରିବ । ଯେତେ ଦାମିକା ହୋଲି ରଙ୍ଗ ଅଛି ସବୁ ଆଣିବ। ଯାହା ଦେହରେ ସେ ରଙ୍ଗ ଲାଗିବ ମାସେ ଯାଏ ଛାଡିବନି। ତା’ପର ଦିନ ତା’ ସାଙ୍ଗ ପାୟଲ ସହିତ ବଜାରକୁ ଗଲା। ନିଜ ଇଚ୍ଛା ମୁତାବକ ରଙ୍ଗ କିଣିଲା। ପାୟଲ ବି ରଙ୍ଗ ସହିତ ଟୋପି ମୁଖା ଆଦି କିଣିଲା। ହୋଲି ଦିନ ସବୁ ସାଙ୍ଗ ମିଶି ରଙ୍ଗ ଖେଳରେ ମାତି ଗଲେ। ସମସ୍ତଙ୍କ ହାତରେ କେବଳ ଅବିର ହିଁ ଥିଲା। ମିତାଲି ହାତରେ ଏପରି ରଙ୍ଗ ଦେଖି ତା’ ସହିତ କେହି ହୋଲି ଖେଳିଲେ ନାହିଁ। ଯାହା ଦେହରେ ରଙ୍ଗ ବୋଳିବା ପାଇଁ ଗଲା ସିଏ ତା’ ପାଖରୁ ଦୌଡ଼ି ପଳାଇଲା। ମିତାଲିର ମନ ଭାରି ଦୁଃଖ ହେଲା। ପାୟଲ ଆସି ତାକୁ ବୁଝେଇ ଦେଲା। ତୁ ସେଦିନ ଯେଉଁ ଦାମୀ ରଙ୍ଗ କିଣିଲୁ ସେଥିରେ କେମିକାଲ ମିଶୁଛି। ସେ ରଙ୍ଗ ଦେହରେ ଲାଗିଲେ ଚର୍ମ ରୋଗ ହେବ, ଆଖିରେ ପଡିଲେ ଆଖି ଖରାପ ହେବ। ତୁ ଅବିର ଆଣିଥିଲେ ରଙ୍ଗ ଖେଳିଥାନ୍ତେ ଆଉ କେତେ ମଜା ହୋଇଥାନ୍ତା। ମିତାଲି ନିଜ ଭୁଲ୍ ବୁଝିପାରିଲା ଆଉ କେବେ ଏସବୁ ରଙ୍ଗ କିଣିବ ନାହିଁ ବୋଲି କହିଲା।

*–**ଝରଣା ବାରିକ**, ତାଳଚେର, ଅନୁଗୋଳ*

## କବିତା



### ଦୋଳ ଓ ହୋଲି

ଫଗୁଣ ଶେଷରେ ଦୋଳ ଯାତରାରେ
ଲାଗିଥାଏ କେଡ଼େ ମଜା,
ଦୋଳବିମାନରେ ରାଧାକୃଷ୍ଣ ବିଜେ
ବାଜିଥାଏ କେତେ ବାଜା।
ଭକତ କାନ୍ଧରେ ବିଜେ ହୋଇ ପ୍ରଭୁ
ବୁଲନ୍ତି ଗ୍ରାମ ନଗର,
ଘଣ୍ଟଘଣ୍ଟା ଢୋଲ କାହାଳୀ ବାଜଇ
ଦିଶନ୍ତି ବଡ଼ ସୁନ୍ଦର।
ଜାତିଧର୍ମ ଭୁଲି ଦ୍ୱାରେ ଦ୍ୱାରେ ବୁଲି
ଅବିର ରଙ୍ଗରେ ଭିଜି,
ଭକ୍ତ–ଭଗବାନ ଏକାକାର ହୋଇ
ରଙ୍ଗଖେଳେ ଯା’ନ୍ତି ମଜ୍ଜି।
ବରଷକେ ଥରେ ବସନ୍ତ ଋତୁରେ
ଧରାକୁ ଆସଇ ହୋଲି,
ରଙ୍ଗର ସମ୍ଭାରେ ବିମୋହିତ ସର୍ବେ
ଖେଳିଥା’ନ୍ତି ମନ ଖୋଲି।
ହିନ୍ଦୁ ଧରମରେ ହୋଲି ପରବଟି
ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ,
ଅଧର୍ମ ଉପରେ ଧର୍ମର ବିଜୟ
ଦେଖିଲେ ଜଗତଜନ।

*–**ମାଧବୀଲତା ଦେଈ,** ସହକାରୀ ମଣ୍ଡଳ ଶିକ୍ଷାଧିକାରୀ, ବ୍ରହ୍ମଗିରି, ପୁରୀ*

### ଉତ୍କଳ ଗୌରବ

ଉତ୍କଳ ମାଟିର ଗଉରବ ନେଇ
ଆସିଛି ଉତ୍କଳ ଦିବସ
ଉତ୍କଳ ମା’ର ବୀର ସୁପୁତ୍ରଙ୍କ
କହଇ ସେ ଗାଥା ମହତ।
ଉତ୍କଳ ଗୌରବ ଉତ୍କଳର ମଣି
ଥିଲେ ଏ ମା’ର ପୂଜକ
ଏ ଜାତିର ପୁଣ୍ୟ ଗଉରବ ଲାଗି
ଲଢ଼ିଗଲେ କେତେ ସାଧକ।
ଜନମିଲେ କେତେ ବୀର ବୀରାଙ୍ଗନା
କରିଲେ ତା’ କୋଳ ମଣ୍ଡିତ
ମାତୃଭୂମି ପାଇଁ ଦେଇ ବଳିଦାନ
ରଖିଲେ ତା’ ମାନ ମହତ।
ସେଇ ବଳିଦାନେ ପାଇଛି ଏ ଜାତି
ପବିତ୍ର ଉତ୍କଳ ଦିବସ
ଉତ୍କଳ ମା’ର ହେ ବୀର ସନ୍ତାନ
ତୁମ ପଦେ କୋଟି ମଥାନତ।

*–**ଅର୍ଚ୍ଚନା କର,** ନୟାପଲ୍ଲୀ*

### ଆସିଛି ଫଗୁଣ

ଆସିଛି ଫଗୁଣ ମଳୟ ପବନ
ଛୁଇଁଲାଣି ତନୁମନ,
ଆମ୍ବ ତୋଟାମାଳ ପତର ଗହଳେ
ବଉଳର ଆଗମନ।
ଜନମି ତା’ ଗର୍ଭେ ଆମ୍ବ କଷି ଏବେ
ମୁରୁକି ମୁରୁକି ହସେ,
କେତେ ସୁମଧୁର କୋଇଲିର ସୁର
ରହି ରହି ଭାସି ଆସେ।
ସଜେଇ ହୁଅନ୍ତି ଯୁଗଳ ମୂରତି
ଶୋଭାର ଭଣ୍ଡାର ଜିଣି,
ନାଚନ୍ତି ଭକତେ ଭକ୍ତିଭରା ଚିତ୍ତେ
ଦେଖି ଗୋପୀନାଥ ଠାଣି।
ଏ ଶୁଭ ତିଥିରେ ଅବିର ଖେଳରେ
ସର୍ବେ ହୋଇ କୋଳାକୋଳି,
ଭେଦଭାବ ଭୁଲି ହୋଇଥାନ୍ତି ମେଳି
ସବୁକିଛି ଦେଇ ବଳି।

*–**ବସନ୍ତ ଦାସ,** ରମ୍ଭା, ବରୀ, ଯାଜପୁର*

### ରସମୟ ହୋଲି

ଋତୁରାଜ ବସନ୍ତର ପ୍ରବେଶ ହୋଇଲା,
ମନ୍ଦମଳୟ ଧରାରେ ପ୍ରବାହିତ ହେଲା।
ପତ୍ରଶୂନ୍ୟ ବୃକ୍ଷରାଜି ନବପଲ୍ଲବରେ,
କି ସୁନ୍ଦର ଦେଖ ଆହା ଜନ ମନ ହରେ।
ଦୋଳପୂର୍ଣ୍ଣମୀର ଚନ୍ଦ୍ର ଆକାଶେ ହସନ୍ତି,
ବିମାନରେ ରାଧାମାଧବ ବିଜେ ହୁଅନ୍ତି।
ଭକ୍ତଗଣ ଘଣ୍ଟ, ଘଣ୍ଟା, ମୃଦଙ୍ଗ ବଜାଇ,
ନାଚନ୍ତି ଫଗୁ ଖେଳରେ ମନକୁ ରଞ୍ଜାଇ।
ହଳଦୀ, ବିଟ୍, ଗାଜର ଓ ପଳାଶକୁ ନେଇ,
ପ୍ରାକୃତିକ ରଙ୍ଗେ ଆସ ଖେଳିବା ହେ ଭାଇ।
ଗୁରୁ ଗୁରୁଜନ ପଦେ ଅବିରକୁ ଦେବା,
ତାଙ୍କ ଆର୍ଶୀବାଦେ ଭଲ ମଣିଷ ହୋଇବା।
ସାମାଜିକ ଦୂରତା ଓ ମାସ୍କ ପରିଧାନ,
ଆବଶ୍ୟକୀୟ ନିୟମ କରିବା ପାଳନ।
ନିୟମ ମାନିବା, ଆମ ସଂସ୍କୃତି ପାଳିବା
ରସମୟ, ମଧୁମୟ ହୋଲିକୁ କରିବା।

*–**ଡ. ଗଙ୍ଗୋତ୍ରୀ ଦେବୀ,** ଭୁବନେଶ୍ୱର*

### ରଙ୍ଗର ପର୍ବ

ମାଘ ଚାଲିଗଲା ଧରା ଧାମ ଛାଡ଼ି
ଖିଲି ଖିଲି ବହେ ବାଆ,
ରଙ୍ଗ ବେରଙ୍ଗର ଫୁଲ ଫୁଟିଲାଣି
ଫଗୁଣ ଆସିଲା ଗାଆଁ।
ହସିଲାଣି ହୋଲି ରଙ୍ଗ ହେବା ବୋଲି
ଆସରେ ସଭିଏ ମିଶି,
ରାଗ ଅଭିମାନ ଭୁଲି ଏଇ ଦିନ
ଖେଳିବା ଏକାଠି ହସି।
ମାଠିଆକୁ ଟାଙ୍ଗି ଦେବା ଆସ ଭାଙ୍ଗି
ହୋଇବ ବହୁତ ମଜା,
ଲଗା ନୂଆ ଗୀତ ନାଚି କର ଧୂଆଁ
ବାଇଦ ତା’ସହ ବଜା।
ପିଲାଠାରୁ ବୁଢ଼ା ହୋଇଯାଅ ଛିଡ଼ା
ଖେଳିବା ଆନନ୍ଦ ହୋଇ,
ବରଷକୁ ଥରେ ଆସି ଖୁସି ଭରେ
ମନୁ ଦୁଃଖ ଦିଏ ଧୋଇ।

**–ଲକ୍ଷ୍ମୀଧର ନାୟକ,** ବାଉଁଶିଆପଡ଼ା, ନୟାଗଡ଼

## ଚଗଲା ଭୀମୁ




ତୁମ ତୂଳୀରୁ




**ସନ୍ନିଧି ଦାସ**
କ୍ଲାସ– ୩, ସେଣ୍ଟ ଜୋଶେଫ ହାଇସ୍କୁଲ, ଭୁବନେଶ୍ୱର




**ଅନ୍ୱେଷା ଜେନା,** କ୍ଲାସ–୩, ଗଣପତି ଶିଶୁ ମନ୍ଦିର, ବମ୍ଫୁରୀ, କନ୍ଦରପୁର, କଟକ



**ଭାସ୍ୱତୀ ବିଶୋଇ**
କ୍ଲାସ– ୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୩, ଭୁବନେଶ୍ୱର

**ବଢୁଛି ସଂକ୍ରମଣ: ଛତିଶଗଡ଼, ଚଣ୍ଡିଗଡ଼ରେ କେନ୍ଦ୍ରୀୟ ଟିମ୍**

ନୂଆଦିଲ୍ଲୀ: ଛତିଶଗଡ଼ ଏବଂ ଚଣ୍ଡିଗଡ଼ରେ କରୋନା ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଉଥିବାରୁ ସେଠାକୁ କେନ୍ଦ୍ରୀୟ ଟିମ୍ ପଠାଯାଇଛି। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଟିମ୍ ସେଠାରେ ରାଜ୍ୟ ସରକାରଙ୍କ ସହ ମିଶି ସଂକ୍ରମଣ ବୃଦ୍ଧିର କାରଣ ଖୋଜିବା ସହିତ ଏହାକୁ କିପରି ରୋକାଯିବ ସେ ଦିଗରେ କାର୍ଯ୍ୟ କରିବେ। ନ୍ୟାଶନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲର ନିର୍ଦ୍ଦେଶକ ଡ. ଏସ୍. କେ. ସିଂଙ୍କ ନେତୃତ୍ୱରେ ଛତିଶଗଡ଼ ଯାଇଥିବା ଟିମ୍‌ରେ ଏମ୍ସ ରାୟପୁର ଏବଂ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ ଆଣ୍ଡ ପବ୍ଲିକ୍ ହେଲ୍‌ଥର ବିଶେଷଜ୍ଞ ପ୍ରମୁଖ ଅଛନ୍ତି। ସେହିପରି ଟେକ୍ସଟାଇଲ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଆର୍ଥିକ ଉପଦେଷ୍ଟା ବିଜୟ କୁମାର ସିଂଙ୍କ ନେତୃତ୍ୱରେ ବିଶେଷଜ୍ଞମାନଙ୍କ ଟିମ୍ ଚଣ୍ଡିଗଡ଼ ଗସ୍ତ କରିଛି।



## ସଂକ୍ଷେପରେ

### ମମତାଙ୍କ ନନ୍ଦିଗ୍ରାମ ନିର୍ବାଚନ ଏଜେଣ୍ଟଙ୍କୁ ଆଶ୍ୱସ୍ତି
### ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ

**ନୂଆଦିଲ୍ଲୀ,୨୬।୩:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନନ୍ଦିଗ୍ରାମ ନିର୍ବାଚନ ଏଜେଣ୍ଟ ଏସ୍.କେ. ସୁପିଆନଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। କୋଲକାତା ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତାଦେଶ ଜାରି କରିଛନ୍ତି। ତେବେ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ହାଇକୋର୍ଟ ନେବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଫଳରେ ସୁପିଆନ ଏବେ ନିର୍ବାଚନ ଏଜେଣ୍ଟ ଭାବେ କାର୍ଯ୍ୟ କରିପାରିବେ। ଏତଲା ଦାଏର ହେବା ପରେ ସେ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଜରୁରୀ ଶୁଣାଣି ପାଇଁ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମଞ୍ଜୁରୀ ପ୍ରଦାନ କରିବା ପରେ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ କ୍ରିଷ୍ଣ ମୁରାରୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲା। ୨୦୦୭-୦୯ ନନ୍ଦିଗ୍ରାମ ହିଂସା ମାମଲାରେ ସୁପିଆନଙ୍କ ବିରୋଧରେ ଏତଲା ହୋଇଥିଲା। ୨୦୨୦ରେ ପଶ୍ଚିମବଙ୍ଗ ସରକାର ଉକ୍ତ ଏତଲା ପ୍ରତ୍ୟାହାର କରିନେଇଥିଲେ। ତେବେ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପୁନର୍ବାର ତାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

### ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ଘଟଣା
### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**କେନ୍ଦୁଝର, ୨୬।୩(ଡି.ଏନ.ଏ./ସ୍ୱ.ପ୍ର.):** ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ମାମଲାରେ ଦୋଷୀ ମିତ୍ରଭାନୁ ମହାପାତ୍ରଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଶୁଣାଣି କରିଛନ୍ତି କେନ୍ଦୁଝର ଜିଲା ସହକାରୀ ଦୌରାଜଜ୍ (ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି) ଡ. ମମତା ମହାନ୍ତି। ସୂଚନାଯୋଗ୍ୟ, ହରିଚନ୍ଦନପୁର ଥାନା ଅଞ୍ଚଳରେ ମାନସିକ ବିକୃତି ଥିବା ଜଣେ ମହିଳାଙ୍କୁ ମିତ୍ରଭାନୁ ବଳାତ୍କାର କରିଥିଲେ। ୨୦୧୭ ନଭେମ୍ବର ୧ରେ ଏହି ଘଟଣା ଘଟିଥିଲା। ମହିଳାଙ୍କ ସ୍ୱାମୀ ଜଙ୍ଗଲକୁ ଯାଇଥିବାର ସୁଯୋଗ ନେଇ ଅଭିଯୁକ୍ତ ଏହି କାଣ୍ଡ ଘଟାଇଥିବା ସାକ୍ଷୀମାନେ ପ୍ରକାଶ କରିଥିଲେ। ମହିଳାଙ୍କ ୪ ବର୍ଷର ପୁଅ ଦେଖି ଘର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପୂର୍ବକ କୋର୍ଟ ଚାଲାଣ କରିଥିଲା।

### 'କଲର୍ସ ଓଡ଼ିଆ'ର ୩ ଧାରାବାହିକ

**ଭୁବନେଶ୍ୱର, ୨୬।୩:** 'କଲର୍ସ ଓଡ଼ିଆ' ଦର୍ଶକଙ୍କୁ ମନୋରଞ୍ଜନ ପାଇଁ ପୁଣି ପ୍ରୟାସ ଆରମ୍ଭ କରିଛି। ଚଳିତ ମାସ ୨୮ ରୁ ଏହି ଚ୍ୟାନେଲରେ ତିନୋଟି ଧାରାବାହିକ-'ଶିବା', 'ମହାବୀର ହନୁମାନ' ଏବଂ 'କାଉଁରୀ କନ୍ୟା' ଓଡ଼ିଆ ଭାଷାରେ ସୋମବାରରୁ ଶନିବାର ପ୍ରସାରିତ ହେବ। ଛୋଟ ପିଲାଙ୍କ ପାଇଁ ପ୍ରସ୍ତୁତ ଆନିମେଟେଡ୍ ଧାରାବାହିକ 'ଶିବା' ଅପରାହ୍ନ ୫ଟା,ପୌରାଣିକ ଧାରାବାହିକ 'ମହାବୀର ହନୁମାନ' ୫ଟା୩୦ ଏବଂ ଧାରାବାହିକ 'କାଉଁରୀ କନ୍ୟା'ର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬ଟା। କଲର୍ସ ଓଡ଼ିଆ ଚ୍ୟାନେଲର ପ୍ରୋଗ୍ରାମିଂ ହେଡ୍ ଶ୍ରୀଜା ସାହିନ କହନ୍ତି, 'ଆମ ଚ୍ୟାନେଲ ସବୁବେଳେ ଦର୍ଶକଙ୍କ ମନୋରଞ୍ଜନ ଗୁରୁତ୍ୱ ଦେଇଆସିଛି। ଏହି ୩ ଧାରାବାହିକ ଏଥିରେ ସଫଳ ହେବ ବୋଲି ଆମେ ଆଶାବାଦୀ।''

### ଘାଗୁଡ଼ିବନ୍ଧ ଜଙ୍ଗଲରେ ପୁଣି ନିଆଁ

**ଜଟଣୀ,୨୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ହରିପୁର ପଞ୍ଚାୟତର ପୋଡ଼ପଡ଼ା ଗ୍ରାମ ନିକଟ ଘାଗୁଡ଼ିବନ୍ଧ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ପୁଣି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବହୁ ଗଛଲତା ପୋଡ଼ିଯାଇଛି। ଅଗ୍ନିଶମ କିମ୍ବା ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା

# ଗ୍ରାମ୍ୟ ବ୍ୟାଙ୍କରେ ଅଗ୍ନିକାଣ୍ଡ




ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଆସବାବପତ୍ର।

**ପୋଡ଼ିଗଲା ଏସି, କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ**

**କଟକ ଅଫିସ, ୨୬।୩**

କଟକ ମହାନଦୀ ବିହାରସ୍ଥିତ ଗ୍ରାମ୍ୟ ବ୍ୟାଙ୍କ କାର୍ଯ୍ୟାଳୟରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନାନୁଯାୟୀ, ମହାନଦୀ ବିହାରସ୍ଥିତ ଏକ ବିଲ୍ଡିଂର ପ୍ରଥମ ମହଲାରେ ଗ୍ରାମ୍ୟ ବ୍ୟାଙ୍କର କାର୍ଯ୍ୟାଳୟ ରହିଛି। ଉକ୍ତ କାର୍ଯ୍ୟାଳୟର ଏକ କ୍ୟାବିନରେ ଗୁରୁବାର ରାତିରେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରେ ସିଲିଂ, ଏସି, କମ୍ପ୍ୟୁଟର ସମେତ ସମସ୍ତ ଆସବାବପତ୍ର ପୋଡିଯାଇଥିଲା। ପରେ ଏହି ନିଆଁ ନିକଟସ୍ଥ ଅନ୍ୟ କ୍ୟାବିନଗୁଡ଼ିକୁ ବ୍ୟାପିଯାଇଥିଲା। ଏଥିଯୋଗୁ କ୍ୟାବିନ୍‌ଗୁଡିକର ସିଲିଂ ପୋଡିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏହି ବ୍ୟାଙ୍କ କାର୍ଯ୍ୟାଳୟ ନିକଟ ଅନ୍ୟ ବିଲ୍ଡିଂରେ ରହୁଥିବା ଲୋକମାନେ ଧୂଆଁ ବାହାରୁଥିବା ଦେଖି ଶୁକ୍ରବାର ସକାଳେ ଅଗ୍ନିଶମ କର୍ମଚାରୀଙ୍କୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁଇଟି ଦମକଳ ସହାୟତାରେ ପ୍ରାୟ ଦେଢ଼ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

# ଭିଜିଲାନ୍ସ ଜାଲରେ ବାଙ୍ଗିରିପୋଷି ତହସିଲ୍‌ଦାର

**ସରକାରୀ ଗାଡ଼ିରୁ ଜବତ ହେଲା ୨.୫୬ ଲକ୍ଷ**

**ବାରିପଦା ଅଫିସ/ବାଲେଶ୍ୱର ଅଫିସ,୨୬।୩**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ତହସିଲଦାର ଅଭିମନ୍ୟୁ ପଣ୍ଡା ଭିଜିଲାନ୍ସ ଜାଲରେ ପଡ଼ି ଗିରଫ ହୋଇଛନ୍ତି। ତାଙ୍କଠାରୁ ୨ଲକ୍ଷ ୫୬ହଜାର ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଲାଞ୍ଚ କାରବାର ନେଇ ତହସିଲଦାର ପଣ୍ଡାଙ୍କ ନାଁରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର ସେ ୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ସୂଚନା ପାଇ ଭିଜିଲାନ୍ସ ପକ୍ଷରୁ ଡିଏସ୍‌ପି ଏସ୍.କେ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଅପରାହ୍ନରେ ସେ ସରକାରୀ ଗାଡ଼ି ଯୋଗେ ବାଲେଶ୍ୱରର ମଲ୍ଲିକାଶପୁରସ୍ଥିତ ଘରକୁ ଫେରୁଥିବା ବେଳେ ୧୮ନଂ. ଜାତୀୟ ରାଜପଥର କଳମାଛକ ଓ ସହଦେବଖୁଣ୍ଟା ଥାନା ଅଧୀନ ନହରପାଟଣା ମଧ୍ୟବର୍ତ୍ତୀ ଅଞ୍ଚଳରେ ପଛରୁ ପିଛା କରୁଥିବା ଭିଜିଲାନ୍ସ ଟିମ୍ ତାଙ୍କ ଗାଡ଼ି ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ତହସିଲଦାର ପଣ୍ଡାଙ୍କଠାରୁ ୨ଲକ୍ଷ ୫୬ ହଜାର ୫ଶହ ୫୦ ଟଙ୍କା ଜବତ ହୋଇଥିଲା। ଏହି ଟଙ୍କା ସେ କେଉଁଠୁ ଆଣିଲେ ତା'ର ହିସାବ ଦେଇ ନ ପାରିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିବା ସୂଚନା ଦେଇଛି। ଖବର ଲେଖା ହେବା ବେଳକୁ ତାଙ୍କ ବାସଭବନ ଓ ତହସିଲ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।



ତହସିଲଦାର ଅଭିମନ୍ୟୁ ପଣ୍ଡା।

# ତୌସିଫ୍, ରେହାନଙ୍କୁ ଆଜୀବନ ଜେଲ

**ନିକିତା ତୋମାର ହତ୍ୟା ମାମଲା**

**ନୂଆଦିଲ୍ଲୀ,୨୬।୩**

କଲେଜ ଛାତ୍ରୀ ନିକିତା ତୋମାର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତୌସିଫ୍ ଏବଂ ତାଙ୍କ ସହଯୋଗୀ ରେହାନଙ୍କୁ ଫରିଦାବାଦର ଏକ ଅଦାଲତ ଶୁକ୍ରବାର ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ବୁଧବାର ଫାଷ୍ଟଟ୍ରାକ୍ କୋର୍ଟ ଉଭୟଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ତୃତୀୟ ଅଭିଯୁକ୍ତ ମହମ୍ମଦ ଅଜ୍ରୁଦ୍ଦିନ୍‌ଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଦେଇଥିଲେ। ବଲ୍ଲଭଗଡ଼ର ଏକ କଲେଜରେ ପଢୁଥିବା ନିକିତା (୨୧)ଙ୍କୁ ୨୦୨୦ ଅକ୍ଟୋବର ୨୬ରେ ଗୁଳିକରି ହତ୍ୟା କରାଯାଇଥିଲା। ଗୁଳି କରିବା ପୂର୍ବରୁ ଅଭିଯୁକ୍ତମାନେ ନିକିତାଙ୍କୁ ଜବରଦସ୍ତ ଏକ ଗାଡ଼ିରେ ଉଠାଇ ନେଉଥିବାର ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ଏହି ହତ୍ୟାକାଣ୍ଡକୁ ନେଇ ଜୋର୍‌ଦାର ହଙ୍ଗାମା ହୋଇଥିଲା ଏବଂ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।

File No. DCPU-16/1/2020-DCPU-JAGATSINGHPUR COL 81 I/32079/2021

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**

**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**

ବିଜ୍ଞାପନ ସଂଖ୍ୟା: ୧୯୩/ଡିସିପିୟୁ ତାରିଖ: ୨୫।୦୩।୨୦୨୧



No. g-91: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଫଟୋରେ ପ୍ରଦତ୍ତ ପରିତ୍ୟକ୍ତ ଶିଶୁ ପୁତ୍ରକୁ ଗତ ତା୧୨।୦୩।୨୦୨୧ରିଖରେ ରେଡ୍ଡୁଆ ମେଡିକାଲ, ଜଗତ୍‌ସିଂହପୁରରୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜଗତ୍‌ସିଂହପୁରଙ୍କ ନିର୍ଦ୍ଦେଶ କ୍ରମେ (ସିଡବ୍ଲ୍ୟୁସି କେସ୍ ନଂ. ୯୧୬/ସିଡବ୍ଲ୍ୟୁସି ଜେଏସ୍‌ପି/୨୦୨୧ ତା୧୨।୦୩।୨୦୨୧) ବର୍ତ୍ତମାନ ''ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର'' ଶିଶୁ ଆଶ୍ରମ, ଜଗତ୍‌ସିଂହପୁରଠାରେ ସାମୟିକ ଭାବେ ଥଇଥାନ କରାଯାଇଛି।

ଯଦି ଏହି ଶିଶୁ ପୁତ୍ରଟିର ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ତତ୍‌ସମ୍ପର୍କିତ ସମସ୍ତ ପ୍ରମାଣପତ୍ର ସହ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜଗତ୍‌ସିଂହପୁରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁର ଜନ୍ମିତ ପିତା ମାତା ତଥା ଆଇନଗତ ଅଭିଭାବକଙ୍କର ସନ୍ଧାନ ନ ମିଳେ, ତେବେ ଉକ୍ତ ଶିଶୁ ପୁତ୍ରକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

ଯୋଗାଯୋଗ ଠିକଣା

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର, ଫୋନ୍ – ୦୬୭୨୪–୨୨୧୧୮୫
ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜଗତ୍‌ସିଂହପୁର, ଫୋନ୍ – ୦୬୭୨୪–୨୨୧୨୪୧
ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଶିଶୁ ଆଶ୍ରମ, ଜଗତ୍‌ସିଂହପୁର, ଫୋନ୍ – ୯୭୭୬୨୦୯୦୦୪

ସ୍ୱା./– ଜିଲ୍ଲାପାଳ, ଜଗତ୍‌ସିଂହପୁର
OIPR-33026/11/0004/2021

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୪୮୩୪/IND-II-PH-824 ତାରିଖ ୨୪।୦୩।୨୦୨୧
CAD-1658

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଓଡ଼ିଶା ମିନେରାଲ୍‌ସ ଡେଭ୍‌ଲପମେଣ୍ଟ କର୍ପୋରେସନ ଲିମିଟେଡ ଓଡ଼ିଶା**ର କେନ୍ଦୁଝର ଜିଲ୍ଲା ବଡବିଲ ତହସିଲ ଅନ୍ତର୍ଗତ ଉଲିବୁରୁ ଗ୍ରାମରେ ୨୧.୫୨ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ସ୍ଥିତ ବାଗିଆବୁରୁ ଲୌହ ପଥର ଖଣିରୁ ବାର୍ଷିକ ୩.୬ ଏଲ୍.ଟି.ପି.ଏ. ଲୌହପଥର ଉତ୍ପାଦନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୪।୦୫।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡବିଲ ଗ୍ରାମରେ ଖାତା ନଂ. ୪୮୩ ଅନ୍ତର୍ଗତ ପ୍ଲଟ୍ ନଂ. ୧୩୪୩/୧୭୭୨ସ୍ଥିତ U.No.7**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid–19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨–୨୫–IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର–୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./–ସଦସ୍ୟ ସଚିବ
OIPR-08012/11/0043/2021

**EXPRESSION OF INTEREST**

No. CAD-1662:- **DSMS, Balangir** invites "Expression of Interest" from eligible Consultancy Agencies having their Registered Office at Odisha to submit their interest for providing consultancy services for undertaking the "Product Development & Value Addition, Product Promotion, Documentation, Branding of Producer Groups, Orientation & Training Programme, Identification/Orientation of Marketing SHGs, Marketing & Livelihood Activities" in Balangir District, Odisha. Interested agencies may submit their "Expression of Interest (Technical & Financial)" in a sealed envelope clearly superscripted as "Expression of Interest for Hiring of Consultancy Services towards Marketing Activity of SHGs/PGs" through courier/registered post/speed post to Joint CEO, ORMAS, Balangir. The last date for receipt of tender within 7 days from the date of advertisement latest by 2.00 PM and shall be opened on the same day at 5.00 PM in the presence of the bidders or their authorized representatives.
The agencies may obtain further information and procedures for submitting the "Expression of Interest" from the official website of https://www.balangir.nic.in. The authority reserves the rights to accept or reject any tender without assigning reason thereof.
OIPR-19020/11/0002/2021 **Project Director, DRDA, Balangir**

**CUTTACK MUNICIPAL CORPORATION**
**"e" PROCUREMENT NOTICE**
No. C-782 **Tender ID: 2021_ORULB_67398**
**Bid Reference No. MC(CMC)CTC_Div.-I_No. 50/2020-21**
**Tender Call Notice No. 1891 (PW) Date: 25.03.2021**

Name of Works : Construction of main drain from Baimundi Nagar to Petanalla via Bandha Chaka and Baula Chaka at Bidanasi in Ward No. 1.
Bid Value : Rs.634.00 Lakh
Period of Completion : Eleven Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.08.04.2021 | 5.00 P.M. on Dt.05.05.2021 | 11.00 A.M. on Dt.11.05.2021 |

Tender details can be seen from the procurement portal: **www.tendersorissa.gov.in**.
**Superintending Engineer, City Div.-I**
**OIPR-13031/11/0027/2021**

**DISTRICT SOCIAL SECURITY OFFICE, KORAPUT**
**ADVERTISEMENT**

**No. gg-11:-** Applications are invited from interested eligible candidates (Koraput District only) for engagement of Peon on contractual basis inthe O/o the DSSO, Koraput. Application must be sent through Speed Post/Registered Post only. The applicaiton must be accompanied with required documents along with two self addressed envelopes (24 x 10) cm duly stamped with Rs.40/-. The details procedure is available in the website **www.koraput.nic.in**.

| Name of the Post | Scale of Pay | No. of Post | Eligibility |
|---|---|---|---|
| Peon | Rs. 8070/- (consolidated remuneration) | 01 | i) Passed minimum M.E. (07th) Examination with Odia as a subject |

The last date of receipt of application forms in the office of the District Social Security Office, Koraput is 23.04.2021. Application received beyond date line & incomplete applicaiton in any form is liable for rejection. Any addendum / corrigendum / cancellation can also be seen in the said website.
**By Order**
**Sd./- Collector & District Magistrate, Koraput**
OIPR-24057/11/0004/2021

**District Rural Development Agency Nuapada**
**CORRIGENDUM Notice No.981 dated 25.03.2021 to Notice No.673/ Date: 26.02.2021**
No. CAD-1661
a. **Applications are invited for engagement of personnel to manage the works/ duties associated with the post of Programme Officer in DRDA, Nuapada on purely contractual basis for a period of not more than one year**, instead of mentioning "DRDA Nuapada invites duly filled applicaiton to fill up the post of Programme Officer in DRDA on contract basis".
b. Applicants already applied need to apply in revised application format by going through the revised conditions of engagement.
The last date of receipt of applicaitons is now extended upto 15.04.2021, publication of short list will be on 22.04.2021, object invitation will be on 05.05.2021 and finalization of shortlist for appearing written examination is 12.05.2021.
All other terms and conditions remain un-altered.
For details please visit www.nuapada.nic.in. Or the Office of Project Director, DRDA, Nuapada.
**Sd./- Collector-cum-CEO**
OIPR-19079/11/0003/2021 **DRDA, Nuapada**

**GOVERNMENT OF ODISHA** No. B-850
**OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR**
**Phone: 0680-2281582, Fax: 0680-2281582**
**e-mail: sescpwd@yahoo.co.in**
**INVITATIONS FOR BIDS (IFB) [e-Procurement]**
**Bid Identification No. S.E., S.C. (R&B)-BAM-11/2020-21**
**No. 774** **Dated: 22.03.21**

1. The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in **ONLINE MODE** from eligible contractors for construction of **Road/Building Works** as detailed in the table below.
2. Nature of Work : Road/Building Works
3. No. of Work : 03 Nos.
4. Tender Cost : Rs.10,000/- (Online)
5. Class of Contractor : "B", "A" & Special Class
6. Availability of Bid document in the website : From 07.04.2021 10.00 A.M. to 22.04.2021 4.00 P.M.
7. Date of Opening of Bid : 23.04.2021 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any addendum/corrigendum/cancellation of tender can also be seen in the said website only.

**Sd./- (D.C. Behera), Superintending Engineer**
**Southern (R&B) Circle, Berhampur**
**OIPR-34103/11/0013/2021**

**AGRICULTURE PROMOTION AND INVESTMENT CORPORATION OF ODISHA LIMITED (APICOL)**
**(A Government of Odisha Undertaking)**
**326, Baramunda, Bhubaneswar - 751003**
**Tel.: 91-0674-2354125, Fax: 2354006**
**Website: www.apicol.nic.in, Email: apicol96@yahoo.com**
No. 1222 **Date: 26.03.2021**
**CORRIGENDUM**
**REQUEST FOR PROPOSAL (RFP) FOR SELECTION OF AGENCY FOR SETTING OF STATE PROJECT MANAGEMENT UNIT (SPMU) UNDER PMFME SCHEME**

No. CAD-1672: The last date for submission of Request for Proposal (RFP) documents which was fixed on 26.03.2021 earlier published in the Newspapers on dated 03.03.2021 has been revised to 15.04.2021 at 5.30 P.M.
The date of opening of Technical Bid - 20.04.2021 at 11.30 A.M.
The date of Technical Presentation - 27.04.2021 at 11.30 A.M.
The date of Opening of Financial Bid - 04.05.2021 at 3.30 P.M.
The details are available in **(www.apicol.in/www.msme.odisha.in/diodisha.nic.in/www.odisha.gov.in/www.tenderodisha.in/www.agriodisha.in)**
All other terms and condition shall remain unchanged.
**Sd./- Managing Director**
**OIPR-01046/11/0002/2021**

**OFFICE OF THE CHIEF ENGINEER & BASIN MANAGER,**
**TEL BASIN, BHAWANIPATNA, DIST. KALAHANDI.**
**Tel No.06670230209, email –cetelbasinbhp@gmail.com**
**Government of Odisha "e" Procurement Notice- CE&BM,TEL-01/2020-21**
**Bid Identification No. CETEL-BOLID-1/2020-21**

**No. A- 716: -** Online tenders are invited for EPC Contract for Construction of In-stream Storage Structure at village Chattamakhana across river Suktel in district Bolangir including Hydro-Mechanical Works, Power Connectivity Works, Road Connectivity, Staff Quarters including Design and estimate of all Components with Operation and Maintenance of the project for a Period of five years or five Flood Seasons whichever is more after successful commisioning of the project of State of Odisha from perspective bidders.

| | | |
|---|---|---|
| 1. | Name of Work | Construction of In-stream Storage Structure at village Chattamakhana across river Suktel in district Bolangir including Hydro-Mechanical Works, Power Connectivity Works, Road Connectivity, Staff Quarters including Design and estimate of all Components with Operation and Maintenance of the project for a Period of five years or five Flood Seasons whichever is more after successful commissioning of the project of State of Odisha. |
| 2. | Period of completion | 30 (Thirty) calendar months including rainy season. |
| 3. | Date & time of availability of bid document in the portal | Date 07.04.2021 from 10.00 AM to Date 22.05.2021 up to 5.00 P.M. |
| 4. | Last dat/Time for receipt of bids in the portal | Date 22.05.2021 up to 5 P.M. |
| 5. | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna, Dist.Kalahandi-766001, Odisha Telephone-06670-230209 Email-cetelbasinbhp@gmail.com |

Further details can be seen from the e-procurement portal "https://tendersodisha.gov.in"
**Chief Engineer & Basin Manager,**
**Tel Basin, Bhawanipatna**
OIPR-32317/11/0001/2021



ବଲିଉଡର ବୋଲ୍ଡ ଅଭିନେତ୍ରୀ ଅର୍ଚ୍ଚନା ପୁରଣ ସିଂ ଉଭୟ ଫିଲ୍ମ ଏବଂ ଟେଲିଭିଜନ ଜଗତରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଅର୍ଚ୍ଚନା ଡେରାଡୁନ୍‌ର ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମଡେଲିଂ ଦୁନିଆରେ କ୍ୟାରିୟର କରିବା ପାଇଁ ଦିଲ୍ଲୀରୁ ମୁମ୍ବାଇ ଆସି ସେ ପ୍ରଥମେ ୧୯୮୨ରେ 'ନିକାହ' ଫିଲ୍ମରେ ୧୦ ସେକେଣ୍ଡର ଚରିତ୍ରରେ ଅଭିନୟ କରିଥିଲେ। ପରେ ସେ ଅନେକ ବିଜ୍ଞାପନରେ ନଜର ଆସିଥିଲେ। ସେହି ସମୟରେ ସେ ନାସିରୁଦ୍ଦିନ ଶାହାଙ୍କ ସହ ଏକ ଫିଲ୍ମ କରିଥିଲେ। ମୁଖ୍ୟ ଅଭିନେତ୍ରୀ ଡିମ୍ପଲ କାପାଡିଆ ଶେଷ ମୁହୂର୍ତ୍ତରେ ଫିଲ୍ମ କରିବାକୁ ମନା କରିବାରୁ ଅର୍ଚ୍ଚନା ଏଥିରେ ନଜର ଆସିଥିଲେ। ନାସିରୁଦ୍ଦିନଙ୍କ ସହ ବୋଲ୍ଡ ଦୃଶ୍ୟ ପାଇଁ ଚର୍ଚ୍ଚାକୁ ଆସିଥିଲେ ।

# ନିର୍ବାଚନରେ ଅଜବ ପ୍ରତିଶ୍ରୁତି

**ନିର୍ବାଚନ ଆସିଲେ ପ୍ରତିଶ୍ରୁତିର ବନ୍ୟା ଆସେ। ଭୋଟରଙ୍କୁ ପ୍ରଭାବିତ କରିବାରେ ଲାଗିପଡ଼ନ୍ତି ରାଜନୈତିକ ଦଳ ଓ ନେତା। ଏଭଳି ପ୍ରତିଶ୍ରୁତି ମଧ୍ୟରୁ କିଛି ପୂରଣ ହୁଏ ତ ଅଧିକାଂଶ ସାଜେ ପାଣିର ଗାର। ଦେଶର ୪ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ନିର୍ବାଚନ ଲାଗି ବିଗୁଲ ବାଜିବା ପରେ ରାଜନୈତିକ ଦଳଗୁଡ଼ିକ ଅଜାଡ଼ିବାରେ ଲାଗିଛନ୍ତି ପୁଳା ପୁଳା ପ୍ରତିଶ୍ରୁତି। ତେବେ ଗତ ଦିନରେ ଅନୁଷ୍ଠିତ କେତେକ ନିର୍ବାଚନରେ ଅଜବ ପ୍ରତିଶ୍ରୁତି ଦେଇ ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି ଅନେକ ପ୍ରାର୍ଥୀ ।**



**ନୂଆଦିଲ୍ଲୀ:** ଦେଶର ୪ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ବିଗୁଲ ବାଜି ସାରିଛି। ଏହାପରେ ଆରମ୍ଭ ହୋଇଛି ମାରାଥନ୍ ପ୍ରଚାର। ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ଆଶାୟୀ ପ୍ରାର୍ଥୀମାନେ ନିର୍ବାଚନୀ ବୈତରଣୀ ପାର୍‌ହେବାକୁ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଚଳାଇଛନ୍ତି। କିଏ ଚାକିରି ତ ଆଉ କିଏ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ସେହିପରି ଅନ୍ୟ କେତେଜଣ ଶିକ୍ଷା, ସୁରକ୍ଷାକୁ ପ୍ରମୁଖ ପ୍ରସଙ୍ଗ କରିଛନ୍ତି। ତେବେ ବିଭିନ୍ନ ସମୟରେ ହୋଇଥିବା ନିର୍ବାଚନରେ ଅଜବ ପ୍ରତିଶ୍ରୁତି ଦେଇ ଚର୍ଚ୍ଚାକୁ ଆସିଛନ୍ତି ଅନେକ ପ୍ରାର୍ଥୀ।

**ମାସକୁ ୧୦ ଲିଟର ବ୍ରାଣ୍ଡି:** ତାମିଲନାଡୁର ତିରିପୁର ନିର୍ବାଚନମଣ୍ଡଳୀରେ ଏ.ଏମ୍. ଶେଖ୍ ଦାଉଦ ନାମକ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ନିର୍ବାଚନରେ ନିଆରା ଘୋଷଣା କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ଏମ୍‌ପି ଭାବେ ଜିତିଲେ ପ୍ରତି ପରିବାରକୁ ମାସକୁ ୧୦ ଲିଟର ଲେଖାଏ ବ୍ରାଣ୍ଡି ଦେବେ ବୋଲି ସେ ଘୋଷଣା କରିଥିଲେ। ଏହାକୁ ବାଦ୍ ଦେଲେ ମାସିକ ପ୍ରତି ଘରକୁ ୨୫,୦୦୦ ଟଙ୍କା ଲେଖାଏ ଦେବେ ବୋଲି ମଧ୍ୟ କହିଥିଲେ।

**ବାଲ୍ୟବିବାହ କାର୍ଯ୍ୟାନୁଷ୍ଠାନକୁ ନା:** ବାଲ୍ୟବିବାହ ଭଳି କୁପ୍ରଥା ରୋକିବା ଲାଗି ସରକାର ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏପରି କି ଏଭଳି ବିବାହକୁ ପ୍ରୋତ୍ସାହନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ରାଜସ୍ଥାନର ସୋଜତ୍‌ର ଶୋଭା ଚୌହାନ ନାମକ ଜଣେ ମହିଳା ପ୍ରାର୍ଥୀ ସର୍ବସାଧାରଣ ସଭାରେ ନିର୍ବାଚନ ଜିତିଲେ ବାଲ୍ୟ ବିବାହ ପ୍ରଥା ଜାରି ରହିବ ବୋଲି କହିଥିଲେ। ସେ କହିଥିଲେ ରାଜସ୍ଥାନର ପରମ୍ପରାରେ ହସ୍ତକ୍ଷେପକୁ ବରଦାସ୍ତ କରାଯିବନାହିଁ। ବାଲ୍ୟବିବାହ ଅଞ୍ଚଳର ସଂସ୍କୃତି। ନିର୍ବାଚନରେ ଜିତିଲେ ବାଲ୍ୟବିବାହ ଉପରେ ପୋଲିସ ଗ୍ରହଣ କରୁଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରଶ୍ରୟ ଦେବେନାହିଁ ବୋଲି କହିଥିଲେ, ଯାହାର ଭିଡିଓ ଭାଇରାଲ ହେବା ପରେ ଶୋଭାଙ୍କୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା।

**ବୁଲାଇନେବେ ଜହ୍ନକୁ:** ତାମିଲନାଡୁ ରାଜ୍ୟର ମଦୁରାଇ ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ଥୁଲାମ୍ ସର୍ବାନନ୍ ନିକଟରେ ଦେଇଥିବା ପ୍ରତିଶ୍ରୁତିକୁ ନେଇ ସବୁଆଡେ ଚର୍ଚ୍ଚା। ଭୋଟ ଦେଇ ଜିତାଇଦେଲେ ଜହ୍ନକୁ ବୁଲାଇବାକୁ ନେବେ ବୋଲି ସେ କହିଛନ୍ତି। କେବଳ ଏତିକି ନୁହେଁ, ସବୁ ପରିବାରକୁ ବାର୍ଷିକ କୋଟିଏ ଟଙ୍କା, ବିବାହରେ ସୁନା ଅଳଙ୍କାର ସହିତ ମହିଳାମାନଙ୍କ କାମ ଚାପ ହ୍ରାସ କରିବାକୁ ରୋବୋ ଦେବେ ବୋଲି ଆଶ୍ୱାସନା ଦେଇଛନ୍ତି।

**ଦିନକୁ ୮୨୨ ଘର:** ନିର୍ବାଚନରେ ଅଜବ ପ୍ରତିଶ୍ରୁତି ଦେଉଥିବା ନେତା କେବଳ ଭାରତରେ ଅଛନ୍ତି ତାହା ନୁହେଁ, ବିଦେଶରେ ମଧ୍ୟ ଅନେକ ପ୍ରାର୍ଥୀ ଏଭଳି ଘୋଷଣା କରି ଚର୍ଚ୍ଚାକୁ ଆସିଛନ୍ତି। ଆଫ୍ରିକୀୟ ରାଷ୍ଟ୍ର ଜିମ୍ବାୱେର ରାଜନୈତିକ ଦଳ 'ଜାନୁ-ପିଏଫ୍' ୨୦୧୮ରେ ନ୍ୟାଶନାଲ ଇଲେକ୍ସନ ଘୋଷଣାପତ୍ରରେ ଏଭଳି କିଛି ଉଲ୍ଲେଖ କରିଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ଦଳ ନିର୍ବାଚନ ଜିତିଲେ ୫ ବର୍ଷରେ ୧.୫ ମିଲିୟନ ଘର ନିର୍ମାଣ କରିବ। ତେବେ ଆକଳନ କରିବା ପରେ ଯେଉଁ ଚିତ୍ର ଆସିଲା ତାହା ଥିଲା ଅବିଶ୍ୱସନୀୟ। କାରଣ ଏହି ଲକ୍ଷ୍ୟ ପୂରଣ ଲାଗି ଦୈନିକ ୮୨୨ ଘର ନିର୍ମାଣ କରିବାକୁ ପଡ଼ିବ, ଯାହା ସେହି ସମୟରେ ଅସମ୍ଭବ ଥିଲା।

**ଚନ୍ଦ୍ରରେ ବସାଇବେ ଜନବସତି:** ୨୦୧୨ରେ ଆମେରିକା ରାଷ୍ଟ୍ରପତି ପଦ ଦୌଡ଼ରେ ଥିବା ବରିଷ୍ଠ ରିପବ୍ଲିକାନ ନେତା ନ୍ୟୁଟ୍ ଗିଙ୍ଗାରିଚ୍ ଅଜବ ପ୍ରତିଶ୍ରୁତି ଦେଇ ଲୋକହସା ହୋଇଥିଲେ। ନିର୍ବାଚନ ଜିତିଲେ ୨୦୨୦ ସୁଦ୍ଧା ଚନ୍ଦ୍ରରେ ଜନବସତି ସ୍ଥାପନ କରିବେ, ଯଦ୍ୱାରା ସମ୍ଭାବ୍ୟ ଜମି ସଙ୍କଟର ସମାଧାନ ହୋଇପାରିବ ବୋଲି ସେ କହିଥିଲେ।

**ସବୁ ପରିବାରକୁ ଖଚର:** ଆମେରିକାର ଅନ୍ୟ ଜଣେ ଆଶାୟୀ ତଥା ଆର୍ଟିଷ୍ଟ ବର୍ମିନ୍ ସୁପ୍ରିମ୍ ମଧ୍ୟ ଅନୁରୂପ ଘୋଷଣା କରିଥିଲେ। ୨୦୧୨ ନିର୍ବାଚନରେ ବିଜୟୀ ହେଲେ ସବୁ ପରିବାରକୁ ଗୋଟିଏ ଲେଖାଏ ଖଚର (ଭାରବାହୀ ପ୍ରାଣୀ) ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରି କି ଆମେରିକା ଅର୍ଥ ବ୍ୟବସ୍ଥାକୁ ଖଚରଭିତ୍ତିକ କରିବେ ବୋଲି ସେ କହିଥିଲେ। ଏଭଳି ଅଜବ ଘୋଷଣା ପରେ ତାଙ୍କୁ ଟ୍ରୋଲର ଶିକାର ହେବାକୁ ପଡ଼ିଥିଲା।


**ନବମ ଜନ୍ମଦିନ ଶୁଭେଚ୍ଛା**



**ସନ୍ଧ୍ୟାରାଣୀ (ଗୁଗୁଲି)**
ଗ୍ରାମ- ଚକେଇସିଆଣୀ, ଭୁବନେଶ୍ୱର
-:ଶୁଭେଚ୍ଛା ସହ:-
ବାପା- ଜିତୁ, ମମି- କଣ୍ଢେଇ, ଅଣ ଜେଜେବାପା- ଗନ୍ଧର୍ବ, ଜେଜେ- ପୀତବାସ, ଜେଜେମାଆ- ଜିନା, ଦାଦା- ସନ୍ତୋଷ, ପିଉସା- ରାଜା, ପିଉସୀ- ଶିବାନୀ ଓ ରାଉତ ପରିବାର ତରଫରୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା ।
ଧ-୨୦୩୪୬

**ଜନ୍ମଦିନ ଶୁଭେଚ୍ଛା**



**ଅଭ୍‌ନୀଶ୍ ପରିଡ଼ା**
କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର
ଆଜି ତୋର ପଞ୍ଚମ ଜନ୍ମବାର୍ଷିକ ଶୁଭ ଅବସରରେ ସକଳ ସୁଖ ସମୃଦ୍ଧି, ମଙ୍ଗଳ ଓ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୁଭେଚ୍ଛା ସହ:
ବାପା, ମାଆ, ପାପା, ମାମା, ଅଜା, ଆଈ, ମାମୁ, ମାଇଁ, ପିଉସୀ ମାଆ, କାହ୍ନା ଭାଇ, କ୍ରିଶ୍ ଭାଇ।
ଧ-୨୦୩୪୯

**ସପ୍ତମ ଜନ୍ମବାର୍ଷିକ**



**ପ୍ରିୟାଂଶୁ ସ୍ୱାଇଁ**
ଆଜି ଦୋଳ ଚତୁର୍ଦ୍ଦଶୀରେ ତୋର ଜନ୍ମଦିନରେ ମା'ଶାରଳା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ତୋର ଭବିଷ୍ୟତ କୁସୁମିତ ହେଉ ଓ ଦୀର୍ଘାୟୁ କାମନା କରୁଛୁ ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଜେଜେବାପା, ଜେଜେମାଆ ଓ ପରିବାରବର୍ଗ ।
ଧ-୮୯୮୭


# ଏବେ ବି ତୁମକୁ ଝୁରୁଛି ମା'



ମୁମ୍ବାଇ: କଥାରେ ଅଛି ମା' ନାହିଁ ଯାହାର ସାହା ନାହିଁ ତାହାର। ମା'ଙ୍କୁ ହରାଇବାର କ୍ଷତି ଅପୂରଣୀୟ। ନଅ ବର୍ଷ ପୂର୍ବେ ଏହି ଯନ୍ତ୍ରଣା ଦେଇ ଗତି କରିଥିଲେ ବଲିଉଡ୍ ଅଭିନେତା ଅର୍ଜୁନ କପୁର। ଯେଉଁ ବର୍ଷ ଅଭିନେତା ଭାବେ ସେ ନିଜର ଡେବ୍ୟୁ କରିଥିଲେ, ଠିକ୍ ସେହି ବର୍ଷ ତାଙ୍କ ମା' ପରପାରିକୁ ଚାଲିଯାଇଥିଲେ। ସନ୍ତାନ ଭାବେ ମା'ଙ୍କ ମୃତ୍ୟୁର କଷ୍ଟକୁ ଭୁଲି ପୁଣିଥରେ ଆଗକୁ ବଢ଼ିବା ସହଜ ନ ଥିଲା। ଗୁରୁବାର ମା'ଙ୍କ ପୁଣ୍ୟତିଥି ଅବସରରେ ଅର୍ଜୁନ ଏକ ସୁନ୍ଦର ଫଟୋ ଶେୟାର କରିଥିଲେ। ଫଟୋଟିରେ ତାଙ୍କ ମା' ମୋନା ଶୌରୀ କପୁରଙ୍କ ହସ ହସ ମୁହଁ ବାରି ହୋଇପଡ଼ିଥିଲା। ନଅ ବର୍ଷ ବିତିସାରିଛି। ମୁଁ ଏବେ ବି ଆପଣଙ୍କୁ ମନେ ପକାଉଛି। ପୁଣି ଥରେ ଫେରିଆସ ମା'। କେତେ ତୁମେ ମୋ କଥା ଚିନ୍ତା କରୁଥିଲ ତାହା ମନେପଡୁଛି। ଆପଣଙ୍କ କଲ୍ ଯେତେବେଳେ ଫୋନ୍‌ରେ ଆସେ ସେ ଦିନ ମନେ ପଡୁଛି। ଘରକୁ ଫେରିବା ପରେ ତୁମକୁ ଦେଖୁଥିଲି। ହେଲେ ଏବେ ସେ କଥା କେବଳ ସ୍ମୃତି ତୁମର ହସ। ଅର୍ଜୁନ ବୋଲି ଡାକିବା ସବୁ କିଛି ମନେ ଅଛି। ଯେଉଁଠି ଥିବ ଭଲରେ ଥିବ। ମୁଁ ମଧ୍ୟ ଠିକ୍ ହେବାକୁ ଚେଷ୍ଟା କରୁଛି। ତୁମେ ଫେରିଆସ ମା' ବୋଲି ମା'ଙ୍କୁ ମନେ ପକାଇ ଅର୍ଜୁନ ଲେଖିଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, କଟକ, କୋରାପୁଟ ଏବଂ ଗଜପତି ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମୁଖ୍ୟତଃ ମେଘମୁକ୍ତ ରହିବ। ଅପରାହ୍ନ କିମ୍ବା ସନ୍ଧ୍ୟାରେ ଆଂଶିକ ମେଘାଚ୍ଛନ୍ନ ରହିପାରେ। ଶନିବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୯ | ୨୪.୪ |
| ଚାନ୍ଦବାଲି | ୩୬.୭ | ୨୨.୫ |
| କଟକ | ୩୮.୪ | ୨୩.୪ |
| ପାରାଦୀପ | ୩୩.୫ | ୨୪.୮ |
| ଭୁବନେଶ୍ୱର | ୪୦.୦ | ୨୪.୪ |
| ଗୋପାଳପୁର | ୩୩.୧ | ୨୪.୧ |
| ପୁରୀ | ୩୨.୮ | ୨୫.୪ |
| ଅନୁଗୋଳ | ୩୯.୧ | ୨୩.୦ |
| ବାରିପଦା | ୩୮.୬ | ୨୪.୪ |
| ଝାରସୁଗୁଡ଼ା | ୩୮.୪ | ୨୦.୬ |
| କେନ୍ଦୁଝର | ୩୬.୨ | ୨୧.୨ |
| ସମ୍ବଲପୁର | ୩୯.୫ | ୨୨.୮ |
| ସୁନ୍ଦରଗଡ଼ | ୩୭.୫ | ୨୨.୦ |
| ହୀରାକୁଦ | ୩୯.୧ | ୨୨.୩ |
| ତାଳଚେର | ୩୯.୫ | ୨୨.୫ |
| ଭବାନୀପାଟଣା | ୩୮.୬ | ୨୧.୭ |
| ବଲାଙ୍ଗୀର | ୩୯.୭ | ୨୦.୫ |
| କୋରାପୁଟ | ୩୫.୬ | ୧୯.୦ |
| ଫୁଲବାଣୀ | ୩୭.୪ | ୧୮.୦ |
| ଟିଟିଲାଗଡ଼ | ୩୯.୫ | ୨୪.୩ |
| ମାଲକାନଗିରି | ୪୦.୦ | ୨୨.୫ |
| ସୋନପୁର | ୩୯.୫ | ୨୧.୨ |
| ଦାରିଙ୍ଗିବାଡ଼ି | ୩୪.୦ | ୨୦.୦ |
| ନୟାଗଡ଼ | ୪୦.୦ | ୨୧.୦ |
| ବୌଦ୍ଧ | ୪୦.୦ | ୨୨.୦ |
| ଛତ୍ରପୁର | ୩୪.୦ | ୨୪.୦ |
| ପାରଳାଖେମୁଣ୍ଡି | ୩୫.୦ | ୨୭.୦ |
| ରାୟଗଡ଼ା | --- | ୨୦.୪ |

ଡିଗ୍ରୀ ସେଲ୍‌ସିୟସ୍

# ପେଟରେ ଥିଲା ୫୯ ଫୁଟର ପୋକ



**ବ୍ୟାଙ୍କକ୍:** ଥାଇଲାଣ୍ଡରୁ ଏମିତି ଏକ ଘଟଣା ସାମ୍ନାକୁ ଆସିଛି ଯାହା ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ଜଣେ ୬୭ ବର୍ଷୀୟ ବ୍ୟକ୍ତିଙ୍କ ପେଟରେ ଦରଜ ହେବାରୁ ସେ ଡାକ୍ତରଙ୍କ ପାଖକୁ ଯାଇଥିଲେ। ପରେ ତାଙ୍କ ପେଟରେ ୫୯ ଫୁଟର ପୋକ ଥିଲା। ଏହି ଘଟଣାରେ ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହି ଘଟଣା ଥାଇଲାଣ୍ଡର ନୋଙ୍ଗଖାଇ ଅଞ୍ଚଳର। ଏକ ରିପୋର୍ଟ ଅନୁଯାୟୀ, ବ୍ୟକ୍ତିଙ୍କ ପେଟରେ ଦୀର୍ଘଦିନ ଧରି ଦରଜ ହେଉଥିଲା। ସେ ହସ୍ପିଟାଲ ଯାଇ ଯାଞ୍ଚ କରିବାରୁ ତାଙ୍କ ମଳଦ୍ୱାରରୁ ପୋକ ବାହାରିଥିଲା। ରିସର୍ଚ୍ଚ ସେଣ୍ଟରର ପ୍ରବକ୍ତା କହିଛନ୍ତି, ୫୯ ଫୁଟ ଅର୍ଥାତ୍ ୧୮ ମିଟରରୁ ଅଧିକ ଲମ୍ବର ପୋକ ବାହାରିଥିଲା। କଞ୍ଚା ମାଂସ ଖାଇବା ଦ୍ୱାରା ଏହା ପେଟକୁ ଯାଇଥିଲା। ଏହାକୁ ବାହାର କରିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଅଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ଛତୁ ବହି
"ମୋ ଛତୁ ଚାଷ"
ପାଳଛତୁ ଏବଂ ଧିଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି ।
Book Cost only Rs 300/-
7477040026
Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

SRIRAM FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି- ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କେବଳ ନାକ ପାଇଁ ମାସ୍କ



**ମେକ୍ସିକୋ ସିଟି:** ଦିନକୁ ଦିନ କରୋନା ସଂକ୍ରମଣ ବଢୁଥିବାରୁ ମାସ୍କର ବ୍ୟବହାର ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ଆବଶ୍ୟକ ହୋଇପଡ଼ିଛି। ହେଲେ ମାସ୍କ ପିନ୍ଧିବା ଯୋଗୁ କାନରେ ଯନ୍ତ୍ରଣା ସାଙ୍ଗକୁ ନାକରେ ଦାଗ ହୋଇଥାଏ। ଏପରିକି ଖାଇବା ସମୟରେ ଏହାକୁ ବାହାର କରିବାକୁ ପଡୁଥିବା ଯୋଗୁ କେହି କେହି ଅସହଜ ମନେ କରନ୍ତି। ଏଭଳି ଅସୁବିଧାକୁ ଦୃଷ୍ଟିରେ ରଖି ମେକ୍ସିକୋର ଗବେଷକମାନେ ଏକ ସୁବିଧାଜନକ ମାସ୍କର ଉଦ୍ଭାବନ କରିଛନ୍ତି, ଯାହାର ନାମ ରହିଛି 'ନୋଜ ଓନ୍ଲି ମାସ୍କ(କେବଳ ନାକର ମାସ୍କ)'। ଏହାକୁ ପିନ୍ଧି ଆରାମରେ ଖାଇହେବ। ଏହାଛଡ଼ା କରୋନା ସଂକ୍ରମଣରୁ କିଛି ମାତ୍ରାରେ ଏହା ରକ୍ଷା କରିବ। ନୋଜ ଓନ୍ଲି ମାସ୍କ ଦ୍ୱାରା କେବଳ ନାକ ଘୋଡାଇ ହୋଇ ରହିଥାଏ। ଏଣୁ ଏହା କେତେ ମାତ୍ରାରେ ସୁରକ୍ଷିତ ତାହାକୁ ନେଇ ସନ୍ଦେହ ଉପୁଜୁଛି। ଅତିରିକ୍ତ ସୁରକ୍ଷା ପାଇଁ ଏହି ମାସ୍କ ଉପରେ ଆଉ ଏକ ସାଧାରଣ ମାସ୍କ ପିନ୍ଧି ହେବ। ସଂକ୍ରମିତ ହେବାର ସମ୍ଭାବନା ଥିବାରୁ ନାକ ଢ଼ାଙ୍କି ହୋଇ ରହିବା ଉଚିତ ବୋଲି କୁହାଯାଉଛି। ଏଣୁ ନୋଜ ଓନ୍ଲି ମାସ୍କ ସେ ଦିଗରେ ଭଲ ରହିବ ବୋଲି ଚର୍ଚ୍ଚା ହେଉଛି। ହେଲେ କେହି କେହି ଏଥିରେ ନୂତନତ୍ୱ ନାହିଁ ବୋଲି କହୁଛନ୍ତି। ଆଗକାଳରେ ଜୋକରମାନେ ନାକରେ ଏଭଳି ପିନ୍ଧିଥାନ୍ତି ବୋଲି ମଧ୍ୟ ସେମାନେ ଯୁକ୍ତି ରଖୁଛନ୍ତି। ଅପରପକ୍ଷେ ଆଉ କିଛି ଲୋକ ଖାଇବା ସମୟରେ ନାକ ବାଟ ଦେଇ ଭୂତାଣୁ ପ୍ରବେଶ କରିବାର ସମ୍ଭାବନା ଥିବାରୁ ଏହି ମାସ୍କ ଭଲ ରହିବ ବୋଲି କହୁଛନ୍ତି। ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସେଥିରେ କରୋନା ସଂକ୍ରମଣରୁ ରକ୍ଷା ପାଇବାକୁ ହେଲେ ନାକ, ମୁହଁ ଆଦି ଭଲଭାବେ ଘୋଡାଇ ହୋଇ ରହୁଥିବା ମାସ୍କ ପିନ୍ଧିବାକୁ କୁହାଯାଇଛି।

# ଭିନ୍ନ ଷ୍ଟ୍ରିଟ୍ ଫୁଡ୍ ବାଲିଭଜା ଆଳୁ



**ଲକ୍ଷ୍ନୌ:** ଭିନ୍ନ ଭିନ୍ନ ସ୍ଥାନରେ ଆଳୁ ଭଜାର ଷ୍ଟାଇଲ ବି ଅଲଗା ଦେଖିବାକୁ ମିଳିଥାଏ। କିଏ ମସଲା ସହିତ ଆଳୁ ଭାଜନ୍ତି ତ କିଏ ପିଆଜ ଅବା ଟମାଟୋ ସହିତ ଭାଜନ୍ତି। ଠିକ୍ ସେହିପରି ଆଳୁକୁ ନେଇ ବିଭିନ୍ନ ପ୍ରକାରର ଷ୍ଟ୍ରିଟ ଫୁଡ ବି ପ୍ରସ୍ତୁତ ହୋଇଥାଏ। କିନ୍ତୁ ଆପଣ କେଉଁଠି ବାଲିରେ ଆଳୁ ଭଜା ହେଉଥିବା ଷ୍ଟ୍ରିଟ୍ ଫୁଡ୍ ଦେଖିଛନ୍ତି କି ! ବାଲିରେ ଆଳୁ ଭାଜିବା କଥା କେହି ହୁଏତ ପ୍ରାୟ ଶୁଣି ନ ଥିବେ। କିନ୍ତୁ ଏପରି ଷ୍ଟାଇଲରେ ପ୍ରସ୍ତୁତ ହେଉଥିବା ଏକ ଷ୍ଟ୍ରିଟ ଫୁଡ୍ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉତ୍ତରପ୍ରଦେଶର ମାଇନପୁରୀ ଠାରେ ଆଳୁରେ ତିଆରି ହେଉଛି ଏକ ସ୍ୱତନ୍ତ୍ର ଖାଦ୍ୟ, ଯାହା ଲୋକଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ। ଏଠାରେ ଆଳୁକୁ ବାଲିରେ ଭଜା ହୋଇ ସୁନ୍ଦରଭାବେ ଆଳୁ ପୋଡ଼ା ପ୍ରସ୍ତୁତ ହେଉଛି ଯାହା ସ୍ଥାନୀୟ ଲୋକଙ୍କର ଅତ୍ୟନ୍ତ ପ୍ରିୟ ଖାଦ୍ୟ ହୋଇପାରିଛି। ବାଲିରୁ ବାହାର କରିବା ପରେ ଆଳୁରୁ ଚୋପା ଛଡାଇ ଏକ ସ୍ୱତନ୍ତ୍ର ଚଟଣୀ, ମସଲା ଏବଂ ବଟର ସହିତ ପରଷା ହେଉଛି। ଏହି ଭାବରେ ପ୍ରସ୍ତୁତ ହେଉଥିବା ଗୋଟିଏ ଆଳୁର ଦାମ୍ ୨୦ ଟଙ୍କା ରହିଛି ବୋଲି ଏହାକୁ ପ୍ରସ୍ତୁତ କରୁଥିବା ବିକ୍ରେତା ଜଣକ କହିଛନ୍ତି। ତେବେ ତାଙ୍କ କହିବା ଅନୁସାରେ ଏହି ଖାଦ୍ୟର ଚାହିଦା ସେହି ଅଞ୍ଚଳରେ ବହୁତ ରହିଛି ଏବଂ ଗତ ୭ ବର୍ଷ ହେଲାଣି ସେ ଏହି ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଅନ୍ୟ ଷ୍ଟ୍ରିଟ୍ ଫୁଡ୍ ଭଳି ଏହି ଖାଦ୍ୟର ଲୋକପ୍ରିୟତା ଏବେ ଧୀରେ ଧୀରେ ବଢିବାରେ ଲାଗିଛି। ଏହି ପ୍ରକାରର ଭିନ୍ନ ଷ୍ଟାଇଲରେ ରୋଷେଇ ହେଉଥିବା ଆଳୁର ଷ୍ଟ୍ରିଟ୍ ଫୁଡ୍‌କୁ ଏବେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଅମର ଶିରୋହୀ ନାମକ ଜଣେ ବ୍ୟକ୍ତି, ଯିଏକି ଏହି ଖାଦ୍ୟର ମଜା ନେବା ପାଇଁ ଅନେକ ଥର ମାଇନପୁରୀ ଯାଇଥାନ୍ତି। ଆଳୁର ଏହି ରେସିପି ଷ୍ଟାଇଲକୁ ସେ ଭିଡିଓ ମାଧ୍ୟମରେ ପୋଷ୍ଟ କରି ଏଭଳି ଏକ ଷ୍ଟ୍ରିଟ୍ ଫୁଡ୍‌ର ସ୍ୱାଦ ଅତ୍ୟନ୍ତ ସ୍ୱାଦିଷ୍ଟ ବୋଲି କ୍ୟାପ୍‌ସନରେ ଲେଖିଛନ୍ତି। ତେବେ ତାଙ୍କର ଏହି ଭିଡିଓ ଦେଖିବା ପରେ ଏବେ ଲୋକେ ଏଭଳି ଏକ ସୁନ୍ଦର ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ ଜାଣି ପାରିଛନ୍ତି ବୋଲି କମେଣ୍ଟ ଦେଇଛନ୍ତି।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନବୀନ ଚନ୍ଦ୍ର ମହଲ**
ନାଥପୁର, କେନ୍ଦୁଆ, ଯାଜପୁର
ଆବିର୍ଭାବ: ୨୦|୦୩|୧୯୪୭
ତିରୋଧାନ: ୧୭|୦୩|୨୦୨୧
"ରହିନାହିଁ କେହି ରହିବେ ନାହିଁ ଟି ଭବରଙ୍ଗ ଭୂମିତଳେ
ସର୍ବେ ନିଜନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ"।।
-:ଶୋକସନ୍ତପ୍ତ:-
ମନ୍ମଥ ମହଲ
ମୋ: ୭୦୭୭୭୧୫୫୨୨, ୮୯୫୮୫୩୦୩
ଧ-୨୦୩୫୨

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ହରେକୃଷ୍ଣ ମହାନ୍ତି**
Qrs. No.- IVR- PF-19, Unit-6, Bhubaneswar
ଆବିର୍ଭାବ: ୧୪|୦୪|୧୯୪୩
ତିରୋଧାନ: ୦୭|୦୩|୨୦୧୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୦୩୩୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଅନ୍ନପୂର୍ଣ୍ଣା ମହାପାତ୍ର**
ସ୍ୱାମୀ: ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ମହାପାତ୍ର
ସ୍ଥାନ: ଚାଉଳିଆ, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୧୮.୦୫.୧୯୩୫
ତିରୋଧାନ: ୧୭.୦୩.୨୦୨୧
ତମର ସ୍ନେହ, ତ୍ୟାଗ, ମହାନତା, ପରୋପକାରିତା ଓ ସଦାସର୍ବଦା ହସହସ ମୁଖ ଆମକୁ ସମାଜର ଉପଯୁକ୍ତ ନାଗରିକ କରି ଗଢି ତୋଳିଛି। ତୁମର ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ବାବା ଆଖଣ୍ଡଳମଣିଙ୍କଠାରେ ଆମ ସମସ୍ତଙ୍କର ବିନମ୍ର ପ୍ରାର୍ଥନା।
ତମର ହତଭାଗା: ବୁଢା-କନକ, ବାବୁଲି-ମମତା, ରିନା-ଅକ୍ଷୟ, ବାବି-ଲରା, ବାଦଲ-ମାମା, ଟିକିନା, ବାପି-ଆଶା, ବୁନା-ବର୍ଷା, ପିଙ୍କି-ଆକାଶ, ରିଙ୍କୁ, ଟିଙ୍କୁ, ସମସ୍ତ ନାତିନାତୁଣୀ ଓ ପରିବାରବର୍ଗ।
ଧ-୭୦୯୧୦

# କର୍ଣ୍ଣାଟକ, ମଣିପୁର ଚାମ୍ପିୟନ



ଚାମ୍ପିୟନ କର୍ଣ୍ଣାଟକ, ମଣିପୁର ଦଳର ଖେଳାଳିମାନେ ପଦକ ସହ ଅତିଥିଙ୍କ ଗହଣରେ।

## ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ

**ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଓ କଟକ ୟୁନିୟନ କ୍ଲବ ଆନୁକୂଲ୍ୟରେ ୨୨ତମ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗରେ କର୍ଣ୍ଣାଟକ ଓ ପୁରୁଷରେ ମଣିପୁର ଚାମ୍ପିୟନ ହୋଇଛି। କର୍ଣ୍ଣାଟକ ୨୧ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ଥିବାବେଳେ ମଣିପୁର ୧୭ ଓ ତେଲଙ୍ଗାନା ୧୫ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛି। ପୁରୁଷରେ ମଣିପୁରକୁ ସର୍ବାଧିକ ୩୪ ପଏଣ୍ଟ ମିଳିଛି। ହରିୟାଣା ୧୬ ଓ ତାମିଲନାଡୁ ୧୩ ପଏଣ୍ଟ ପାଇ ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନ ହାସଲ କରିଛି। ଦଳଗତ କ୍ଷେତ୍ରରେ ସ୍ୱର୍ଣ୍ଣ ପାଇଁ ୧୦, ରୌପ୍ୟ ୬ ଓ ବ୍ରୋଞ୍ଜ ପାଇଁ ୨ ପଏଣ୍ଟ ପ୍ରଦାନ କରାଯାଇଥିଲା। ସେହିପରି ବ୍ୟକ୍ତିଗତ ପ୍ରତିଦ୍ୱନ୍ଦ୍ୱିତାରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଁ ଯଥାକ୍ରମେ ୫, ୩ ଓ ୧ ପଏଣ୍ଟ ମିଳିଥିଲା। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ମହାସଚିବ ରାଜୀବ ମେହେଟା, ଭାରତୀୟ ଫେନ୍‌ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ବସିର ଅହମଦ ଖାଁ, ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ରମେଶ ମଲିକ, ସୁମିତ ପୁରୋହିତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ସ୍ୱର୍ଣ୍ଣ ପଦକରେ ଜୟନ୍ତୀଙ୍କ ହ୍ୟାଟ୍ରିକ

**ଭୁବନେଶ୍ୱର, ୨୬।୩(କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଚାଲିଥିବା ୧୯ତମ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲରେ ହ୍ୟାଟ୍ରିକ କରିଛନ୍ତି ଓଡ଼ିଶା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ପୂର୍ବରୁ ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଥିବା ଜୟନ୍ତୀ ଶୁକ୍ରବାର ଉଭୟ ୨୦୦ ଓ ୧୦୦ ମିଟରରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୨୦୦ ମିଟର ରେସ୍ ଟି୪୭ କାଟେଗୋରିରେ ଜୟନ୍ତୀ ୨୬.୪୯ ସେକେଣ୍ଡ ସମୟ ନେଇଥିବାବେଳେ ୧୦୦ ମିଟର ଦୂରତ୍ୱକୁ ୧୩.୧୧ ସେକେଣ୍ଡରେ ଅତିକ୍ରମ କରିଥିଲେ। ଗୁରୁବାର ସେ ୪୦୦ ମିଟର ରେସ୍‌ରେ ୫୯.୪୩ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପାଇଥିଲେ। ପ୍ରକାଶଯୋଗ୍ୟ ଯେ, ଏହାକୁ ମିଶାଇ ଜୟନ୍ତୀ ୫ଥର ପାରା ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ଖେଳିଛନ୍ତି। ସବୁଥର ସେ ୧୦୦, ୨୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ପ୍ରକାଶଯୋଗ୍ୟ ଯେ, ଜୟନ୍ତୀ ଟୋକିଓ ପାରାଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।




# ମଦର୍ସ ବାସ୍କେଟବଲ ଲିଗ୍ ୨୭ରୁ

**ଭୁବନେଶ୍ୱର, ୨୬।୩(କ୍ରୀଡ଼ା ପ୍ରତିନିଧି)**

ମଦର୍ସ ବାସ୍କେଟବଲ ଲିଗ୍‌ର ୫ମ ସଂସ୍କରଣ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ। ସ୍ଥାନୀୟ ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟ ବଲ ପଡ଼ିଆରେ ଏହା ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ମଦର୍ସ ବାସ୍କେଟବଲ କ୍ଲବ ଓ ମଦର୍ସ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ହେବାକୁ ଯାଉଥିବା ପ୍ରତିଯୋଗିତାରେ ରାଜ୍ୟର ୪୪ ମହିଳା ଓ ୧୦୦ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପଞ୍ଜୀକୃତ ମହିଳା ପ୍ରତିଯୋଗୀଙ୍କୁ ୪ ଦଳରେ ବିଭକ୍ତ କରାଯାଇଛି। ଦଳଗୁଡ଼ିକର ନାମ ଡଙ୍କର୍ସ, ଆଭେଞ୍ଜର୍ସ, ୱାରିୟର୍ସ ଓ ୟଙ୍ଗଷ୍ଟସ ରଖାଯାଇଛି। ସେହିପରି ପୁରୁଷ ବିଭାଗରେ ୮ ଦଳ ଖେଳିବାକୁ ନିଷ୍ପତ୍ତି ହୋଇଛି। ଦଳଗୁଡ଼ିକର ନାମ ଡଙ୍କର୍ସ, ହୁପର୍ସ, ସ୍ମାର୍ଟନସ୍, ଆଭେଞ୍ଜର୍ସ, ୱାରିୟର୍ସ, ଉଲଭରିନ୍ସ, ୟଙ୍ଗଷ୍ଟର୍ସ ଓ ଷ୍ଟ୍ରାଇକର୍ସ ରଖାଯାଇଛି। ବିଭିନ୍ନ ଦଳର ଖେଳାଳିଙ୍କ ପାଇଁ ଗତ ୨୦ ତାରିଖରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍କେତ ପତି ସୂଚନା ଦେଇଥିଲେ। ପୁରୁଷ ବର୍ଗରେ ନିଲାମ ପାଇଁ ୧୪୦ରୁ ଊର୍ଦ୍ଧ୍ୱ ଖେଳାଳି ନାମ ପଞ୍ଜୀକୃତ କରିଥିଲେ। ଟ୍ରାଏଲ ନିଆଯିବା ପରେ ସେମାନଙ୍କ ମଧ୍ୟରୁ ୧୦୦ ଖେଳାଳିଙ୍କୁ ନିଲାମ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ପ୍ରତି ପୁରୁଷ ଦଳରେ ୧୨ ଓ ମହିଳା ଦଳରେ ୮ ଜଣ ଲେଖାଏ ଖେଳାଳିଙ୍କୁ ସାମିଲ କରାଯାଇଛି। ପ୍ରତି ମ୍ୟାଚରେ ୫ ଜଣ ଲେଖାଏ ଖେଳାଳି ଖେଳିବାର ନିୟମ ଥିବାରୁ ଲିଗ୍ ପର୍ଯ୍ୟାୟରେ ସବୁ ଖେଳାଳି ଖେଳିବା ସୁଯୋଗ ପାଇପାରିବେ ବୋଲି ସେ କହିଛନ୍ତି।

ପୁରୁଷ ବର୍ଗରେ ୮ ଦଳକୁ ନେଇ ପ୍ରଥମେ ଲିଗ୍ ପର୍ଯ୍ୟାୟ ଖେଳାଯିବ। ପରେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ। ମହିଳା ବର୍ଗରେ ଲିଗ୍ ପର୍ଯ୍ୟାୟ ପରେ ସିଧାସଳଖ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ପ୍ରତିଦିନ ୩ଟି ଲେଖାଏ ମ୍ୟାଚ ହେବ। ମ୍ୟାଚଗୁଡ଼ିକ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଦେବବ୍ରତ ବାରିକ ପ୍ରକାଶ କରିଥିଲେ। ମଦର୍ସ ବାସ୍କେଟବଲ ଲିଗ୍ ୨୦୧୭ରୁ ଆୟୋଜନ ହୋଇ ଆସୁଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ପ୍ରତିଷ୍ଠିତ କୋଚ୍ ନୀଳମାଧବ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୮ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଜର୍ସି ଉନ୍ମୋଚନ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଗତ ସଂସ୍କରଣରେ ହୁପର୍ସ ଚାମ୍ପିୟନ ଓ ଉଲଭରିନ୍ସ ରନର୍ସଅପ୍ ହୋଇଥିଲା।



ଅତିଥିଙ୍କ ଉପସ୍ଥିତିରେ ଅଧିନାୟକମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

DSPL - 276

obcc



Invitation for Bids under Turnkey Contract Basis for **Shreemandira Parikrama Project** in the Heritage City of **Puri,** under **ABADHA** Scheme

File No. SMT -1728 – Letter No.2129 Bhubaneswar, 26th March 2021

NOTICE INVITING TENDER






| | |
|---|---|
| Name of the Work | Shreemandira Parikrama Project in the Heritage City of Puri, under ABADHA Scheme |
| Date of uploading of Tender : | 31.03.2021 |
| Last date of receipt of Pre-Bid Queries: | 09.04.2021 |
| Pre-Bid meeting: | 12.04.2021 at 11.30 am |
| Issue of Pre-Bid Clarifications: | 16.04.2021 |
| Late date for submission of Bids: | 30.04.2021 by 5 pm |

Further details can be seen from the e-procurement portal https: //www.tendersodisha.gov.in

Sd/-
Managing Director

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
Vikash Bhavan, Nayapalli, Bhubaneswar

OIPR-34106/13/0050/2021




# କଳିଙ୍ଗରେ ହେବ ମହିଳା ଏସିଆନ କପ୍ ଫୁଟ୍‌ବଲ



**କୁଆଲାଲମ୍ପୁର,୨୬।୩(ପି.ଟି.):** ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ବିଶ୍ୱସ୍ତରୀୟ ଫୁଟ୍‌ବଲ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଭାରତ ୨୦୨୨ ମହିଳା ଏସିଆନ୍ କପ୍ ଆୟୋଜନ କରିବ। ଏହି ଇଭେଣ୍ଟର ଅନ୍ୟତମ ଭେନ୍ୟୁ ରୂପେ ଭୁବନେଶ୍ୱରକୁ ବଛାଯାଇଛି। ସେହିପରି ନଭି ମୁମ୍ବାଇ ଓ ଅହମଦାବାଦରେ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ଏହି ମହାଦେଶୀୟ ଟୁର୍ନାମେଣ୍ଟ ଆସନ୍ତାବର୍ଷ ଜାନୁୟାରୀ ୨୦ରୁ ଆରମ୍ଭ ହୋଇ ଫେବୃୟାରୀ ୬ ତାରିଖରେ ଶେଷ ହେବ ବୋଲି ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ତରଫରୁ ଘୋଷଣା କରାଯାଇଛି। ଏହାପରେ ଭାରତ ମଧ୍ୟ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କରିବ ବୋଲି ସ୍ଥିରୀକୃତ ହୋଇଛି। ଏସିଆ ମହାଦେଶରେ ମହିଳା ଫୁଟ୍‌ବଲ ବିଶ୍ୱସ୍ତରୀୟ ବୋଲି ଏଏଫ୍‌ସି ସାଧାରଣ ସମ୍ପାଦକ ଡାଟୋ' ୱିଣ୍ଡସୋର ଜନ କହିଛନ୍ତି। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଲୋକାଲ ଅର୍ଗାନାଇଜିଂ କମିଟି (ଏଲ୍‌ଓସି) ଟୁର୍ନାମେଣ୍ଟ ପାଇଁ ଏହି ଭେନ୍ୟୁଗୁଡିକୁ ବାଛିଛନ୍ତି। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ, ଅହମଦାବାଦର ଟ୍ରାନ୍ସଷ୍ଟାଡିଆ ଓ କଳିଙ୍ଗ ଷ୍ଟାଡିୟମରେ ଟୁର୍ନାମେଣ୍ଟର ସବୁ ମ୍ୟାଚ୍‌ଗୁଡିକ ଖେଳାଯିବ। ଏଆଇଏଫ୍‌ଏଫ୍ ଓ ଏଲ୍‌ଓସି ସମେତ ୩ଟି ଆୟୋଜକ ସହର ନିକଟରେ ଏଏଫ୍‌ସି କୃତଜ୍ଞ ହୋଇ ରହିବ। ସଫଳତାର ସହ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ ଓ ମହିଳା ଫୁଟ୍‌ବଲ ଏସିଆରେ ନୂଆ ସୋପାନରେ ପହଞ୍ଚିବ ବୋଲି ଜନ କହିଛନ୍ତି। ଏଆଇଏଫ୍‌ଏଫ୍ ଓ ଏଲ୍‌ଓସି ଏହି ଟୁର୍ନାମେଣ୍ଟ ଆୟୋଜନ କରିବାରେ ସଫଳ ହେବେ ବୋଲି ସେ ଆଶାପ୍ରକାଶ କରି କହିଛନ୍ତି। ସେହିପରି ନୂଆବର୍ଷ ପ୍ରାରମ୍ଭରେ ମହିଳା ଏସିଆନ କପ୍ ଆୟୋଜନ କରିବାକୁ ଆମେ ବେଶ୍ ଉତ୍ସାହିତ ରହିଛୁ ବୋଲି ଏଆଇଏଫ୍‌ଏଫ୍ ତଥା ଫିଫା କାଉନସିଲ ମେମ୍ବର ପ୍ରଫୁଲ୍ଲ ପଟେଲ କହିଛନ୍ତି। ଭୁବନେଶ୍ୱର, ଅହମଦାବାଦ ଓ ନଭି ମୁମ୍ବାଇରେ ଫୁଟ୍‌ବଲ ଭିତ୍ତିଭୂମିର ବିକାଶ ପାଇଁ ବହୁତ କିଛି କାର୍ଯ୍ୟ କରାଯାଇଛି। ନଭି ମୁମ୍ବାଇରେ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ ସଫଳତାର ସହ ଆୟୋଜିତ ହୋଇଥିଲା। ଏବେ ଭୁବନେଶ୍ୱର ଓ ଅହମଦାବାଦକୁ ଏହି ଟୁର୍ନାମେଣ୍ଟ ନେବା ଦ୍ୱାରା ଦେଶରେ ଫୁଟ୍‌ବଲର ସାମଗ୍ରିକ ବିକାଶ ହେବ ବୋଲି ସେ କହିଛନ୍ତି। ଏହି ଟୁର୍ନାମେଣ୍ଟର କ୍ୱାଲିଫାୟର୍ସ ସେପ୍ଟେମ୍ବର ୧୩ରୁ ୨୫ ତାରିଖ ମଧ୍ୟରେ ଆୟୋଜନ କରାଯିବ। ଏଏଫସି କାର୍ଯ୍ୟାଳୟରେ ମେ' ୨୭ ତାରିଖରେ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ସ୍ଥିର କରାଯିବ।

# ସାଇନା ସେମିଫାଇନାଲରେ

**ପ୍ୟାରିସ, ୨୬।୩ (ପି.ଟି.):** ଯୁକ୍ତରାଷ୍ଟ୍ର ଆମେରିକାର ଇରିସ ୱାଙ୍ଗ୍ ବିପକ୍ଷରେ ବିଜୟ ହାସଲ ସହ ଭାରତର ଷ୍ଟାର ଖେଳାଳି ସାଇନା ନେହ୍ୱାଲ ଏଠାରେ ଚାଲିଥିବା ଓର୍ଲିନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୨୦ ନମ୍ବର ମାନ୍ୟତାପ୍ରାପ୍ତ ସାଇନାଙ୍କର ୨ ବର୍ଷରେ ଏହା ପ୍ରଥମ ସେମିଫାଇନାଲ। ଟୋକିଓ ଗେମ୍ସ ପାଇଁ ର୍‌ୟାଙ୍କିଙ୍ଗ ପଏଣ୍ଟ ସଂଗ୍ରହରେ ବ୍ୟସ୍ତ ଥିବା ସାଇନା ଗତଥର ୨୦୧୯ ଜାନୁୟାରୀରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେତେବେଳେ ସେ ଇଣ୍ଡୋନେସିଆ ମାଷ୍ଟର୍ସ ୫୦୦ ଟୁର୍ନାମେଣ୍ଟ ଜିତିଥିଲେ। ଭାରତର ଏହି ଚତୁର୍ଥ ସିଡ୍ ଖେଳାଳି ଇଞ୍ଜୁରି ପାଇଁ ଗତ ସପ୍ତାହରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରୁ ଓହରିଯାଇଥିଲେ। ଶୁକ୍ରବାର କ୍ୱାର୍ଟରଫାଇନାଲରେ ସେ ବିଶ୍ୱର ୩୬ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ୱାଙ୍ଗ୍‌ଙ୍କୁ ୨୧-୧୯, ୧୭-୨୧, ୨୧-୧୯ରେ ପରାସ୍ତ କରିଛନ୍ତି। ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ବର୍ତ୍ତମାନ ଏହି ସୁପର ୧୦୦ ଇଭେଣ୍ଟରେ ସେମିଫାଇନାଲରେ ଡେନମାର୍କର ଲିନେ ଖ୍ରିଷ୍ଟୋଫରସେନ କିମ୍ବା ନିଜ ଦେଶର ଇରା ଶର୍ମାଙ୍କ ସହ ମୁକାବିଲା କରିବେ। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ବର୍ତ୍ତମାନ ଏହି ଟୁର୍ନାମେଣ୍ଟକୁ ଅଲିମ୍ପିକ ଯୋଗ୍ୟତା ଇଭେଣ୍ଟର ମାନ୍ୟତା ପ୍ରଦାନ କରିଛି। ଅନ୍ୟପକ୍ଷରେ ଏଠାରେ ୫ମ ସିଡ୍ ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ଅଶ୍ୱିନ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ମହିଳା ଡବଲ୍ସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଇଂଲଣ୍ଡର ତଥା ତୃତୀୟ ସିଡ୍ ଯୋଡ଼ି କ୍ଲୋ ବିର୍ଚ ଓ ଲରେନ୍ ସ୍ମିଥ୍‌ଙ୍କୁ ୨୧-୧୪, ୨୧-୧୮ରେ ପରାସ୍ତ କରିଛନ୍ତି। ବିଶ୍ୱର ୨୫ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ବର୍ତ୍ତମାନ ଥାଇଲାଣ୍ଡର ଜଙ୍ଗ୍‌କୋଲଫାନ୍ କିଟିଥରାକୁଲ ଓ ରାୱିଣ୍ଡା ପ୍ରାଜଙ୍ଗଜାଇଙ୍କ ସହ ମୁକାବିଲା କରିବେ।







**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

^ଭାରତରେ ପ୍ରଥମ ଥର 125cc ମଟରସାଇକେଲ ରେ ଉପଲବ୍ଧ କରା ଯାଉଛି। *ଡିଷ୍ଟେନ୍ସ-ଟୁ-ଏମ୍ପଟି, ରିୟଲ ଟାଇମ୍ ଏବଂ ଆଭରେଜ୍ ମାଇଲେଜ୍ ରିଡିଂଗ ମଡେଲ୍ ଏବ ମଟରସାଇକେଲ ଚଳାଇବାର ପରିସ୍ଥିତିର ଅନୁସାରେ ବଦଳି ଯାଇପାରେ। ଚିତ୍ରରେ ଦର୍ଶାଯାଇଥିବା ଉତ୍ପାଦ ବଜାରରେ ଉପଲବ୍ଧ ପ୍ରକୃତ ଉତ୍ପାଦଠାରୁ ଭିନ୍ନ ହୋଇପାରେ। ଚିତ୍ରରେ ଦର୍ଶାଯାଇଥିବା ଆସେସୋରିଜ ମାନଙ୍କ ଉପକରଣର ଏକ ଅଂଶ ନୁହେଁ। ସମସ୍ତ ଫିଚର୍ ସମସ୍ତ ଭାରିଆଣ୍ଟର ଅଂଶ ହୋଇନପାରେ। #ଆର୍ଥିକ ସହାୟତା ସ୍କିମ୍ ବ୍ୟବସ୍ଥା ଫାଇନାନ୍ସ କମ୍ପାନିର ନୀତି ଅନୁଯାୟୀ ହୋଇଥାଏ ଏବଂ ସେମାନଙ୍କର ନିଜସ୍ୱ ବିଚାର ଅନୁଯାୟୀ ପ୍ରାଧାନ୍ୟ ଦିଆଯାଉଥିବା ଆର୍ଥିକ ସହାୟତା ଅଂଶୀଦାରଙ୍କ ମାଧ୍ୟମରେ ଉପଲବ୍ଧ ହୋଇଥାଏ। ଆର୍ଥିକ ସହାୟତା ପ୍ରଦାନକାରୀଙ୍କ ନୀତି ଅନୁଯାୟୀ ବଛା ବଛା ପ୍ରୋଫାଇଲର ଗ୍ରାହକଙ୍କ ପାଇଁ ବଛା ବଛା ମଡେଲ୍ ଉପରେ ଆର୍ଥିକ ସହାୟତା ସ୍କିମ୍ ଉପଲବ୍ଧ ରହିଛି। କୌଣସି ଦୁଇଟି ଅଫର୍ ଏକାଠି କରାଯାଇପାରିବ ନାହିଁ। ସମସ୍ତ ସ୍କିମ୍ ସୀମିତ ଅବଧି ପାଇଁ ଉପଲବ୍ଧ ରହିଛି ଏବଂ ଏହା କୌଣସି ଆଗୁଆ ବିଜ୍ଞପ୍ତି ବ୍ୟତୀତ ବଜାରରୁ ପ୍ରତ୍ୟାହାର କରାଯାଇପାରେ। **ସର୍ତ୍ତାବଳି ଲାଗୁ।

**Honda Exclusive Authorized Dealerships:** **ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7077726329; **BANKI:** Shree Honda - 06723-240099, 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\18\19\2; Durga Honda (Choudwar) - 9114800120; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9114800118, 0671-2490462; **JATNI:** PGL Honda - 0674-2492419, 7788001027; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244, 7852930844; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076; **GAREJ CHACK:** Gugnani Honda - 7008342169, 8144286965; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679.

**For Bulk/Institutional enquiries, please write us at: institutionalsales@honda2wheelersindia.com**

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବ୍ରାଉନସୁଗାର ଜବତ, ୨ ବ୍ୟବସାୟୀ ଗିରଫ

ନୟାଗଡ ଅଫିସ,୨୬।୩

ନୟାଗଡ଼ ଜିଲା ଇଟାମାଟି ଥାନା ରାଜହୁଡା ପୋଖରୀ କୂଳରେ ବ୍ରାଉନସୁଗାର ବ୍ୟବସାୟ ଚାଲିଥିଲା। ଖବରପାଇ ଶୁକ୍ରବାର ପୂର୍ବାହ୍ନରେ ପୋଲିସ ଓ ନୟାଗଡ ତହସିଲଦାର ଭିକାରୀ ସାହୁ ଚଢ଼ାଉ କରି ୨ଜଣ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୧୩୫୦ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ୍, ୩ ମୋବାଇଲ ଫୋନ ଜବତ କରାଯାଇଛି। ପୋଲିସ ଦଫା ୨୧(ଏ) ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ ନଂ. ୪୨/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ଦୁଇ ବ୍ୟବସାୟୀ ହେଲେ ଇଟାମାଟି ବେହେରାସାହିର ନସଉଦ୍ଦିନ ଖାନ ଓ ମୁନିବ ଖାନ। ସେମାନିଙ୍କୁ ନୟାଗଡ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଅନ୍‌ଲାଇନ କ୍ଲାସ୍‌ରେ ଅବ୍ୟବସ୍ଥା

# ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି

ନୟାଗଡ ଅଫିସ,୨୬।୩

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପ୍ରଥମ ବର୍ଷ କଳା ଓ ବିଜ୍ଞାନରେ କରାଯାଉଥିବା ଅନଲାଇନ କ୍ଲାସରେ ଦେଖାଦେଇଛି ଅବ୍ୟବସ୍ଥା। ଅଧ୍ୟାପିକାଅଧ୍ୟାପକମାନେ ଠିକ୍‌ରେ କ୍ଲାସ ନେଉଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଛି। ଅଭିଯୋଗ ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ କହିଛନ୍ତି।

ଯୁକ୍ତ୨ର ପ୍ରଥମ ଓ ୨ୟ ବର୍ଷ ଏବଂ ଯୁକ୍ତ ୩ର ୨ୟ ଓ ଅନ୍ତିମ ବର୍ଷ ପାଠପଢ଼ା ଅନଲାଇନ୍‌ରେ ହେଉଛି। ପିଜି ପ୍ରଥମ ଓ ୨ୟ ବର୍ଷର ପାଠପଢ଼ା ଚାଲିଛି। ତେବେ ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନ୍ସ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କର ପାଠପଢ଼ା ଆରମ୍ଭ ନ ହେବାର କାରଣ ବୁଝାପଡୁନି। କରୋନା କଟକଣା କେବଳ କ'ଣ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ କରାଯାଇଛି ବୋଲି ପ୍ରଶ୍ନ ଉଠୁଛି। ସମ୍ପୃକ୍ତ ଛାତ୍ରୀଛାତ୍ର ଅନ୍‌ଲାଇନରେ ପଢୁଛନ୍ତି। ଅଧ୍ୟାପିକା ଅଧ୍ୟାପକମାନଙ୍କ ପାଠପଢ଼ାରେ ଅନାଗ୍ରହ ଯୋଗୁ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି।

ଅଭିଯୋଗ ଅନୁସାରେ, ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କର ଅନ୍‌ଲାଇନ କ୍ଲାସ ମାର୍ଚ୍ଚ ୪ରୁ ଆରମ୍ଭ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୫ ଦିନ ମଧ୍ୟରେ ଏନ୍‌ଭାଇରମେଣ୍ଟ ଷ୍ଟଡିଜର ଆଦୌ କ୍ଲାସ ଆରମ୍ଭ ହୋଇନି। ଫିଜିକ୍ସ ପାସ୍‌ରେ ମାତ୍ର ୪ଟି କ୍ଲାସ୍ ହୋଇଥିବାବେଳେ କେମେଷ୍ଟ୍ରି ଅନର୍ସରେ ମାତ୍ର ୯ଟି କ୍ଲାସ୍ ହୋଇଛି। ସେହିପରି କଳାରେ ମଧ୍ୟ କ୍ଲାସ୍ ସନ୍ତୋଷଜନକ ନୁହେଁ। ଏ ନେଇ ଏକାଧିକ ଛାତ୍ର ନାଁ ଗୋପନ ରଖି କହିଛନ୍ତି ଆବଶ୍ୟକତାଠାରୁ ଅଧିକା ଅଧ୍ୟାପିକାଅଧ୍ୟାପକ କଲେଜରେ ଅଛନ୍ତି। ତେବେ ପାଠପଢ଼ାରେ ଅଣଦେଖା କରୁଛନ୍ତି। ଅନଲାଇନ କ୍ଲାସ ହେବ ବୋଲି ୧୦ରୁ ୧୫ ମିନିଟ୍ ପୂର୍ବରୁ ମେସେଜ ମୋବାଇଲରେ ପକାଉଛନ୍ତି। ଅଧିକାଂଶ ସମୟ କ୍ଲାସ ହେବନି ବୋଲି କ୍ଲାସ ଆରମ୍ଭର ୫ ମିନିଟ୍ ପୂର୍ବରୁ ପୁଣି ମେସଜ ପଠାଉଛନ୍ତି। ଏଭଳିସ୍ଥଳେ ଅନ୍‌ଲାଇନ କ୍ଲାସ ନେଇ ସବୁ ଛାତ୍ର ଜାଣି ପାରୁନାହାନ୍ତି। ଏଣୁ ଅନ୍‌ଲାଇନ କ୍ଲାସ ବନ୍ଦ କରି ପୂର୍ବବତ କ୍ଲାସ କରିବାକୁ ଦାବି ହୋଇଛି। ଛାତ୍ରୀଛାତ୍ରଙ୍କ ଦାବିକୁ ଅଣଦେଖା କଲେ ଖୁବ୍‌ଶୀଘ୍ର ଆନ୍ଦୋଳନ ହେବ ବୋଲି ଧମକ ଦେଇଛନ୍ତି।

ଏ ନେଇ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ କୁହନ୍ତି, ପୂର୍ବାହ୍ନ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଯୁକ୍ତ ୨ର ପାଠପଢ଼ା ହେଉଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା୧୫ ପର୍ଯ୍ୟନ୍ତ ପୁଣି ଯୁକ୍ତ ୩ ଦ୍ୱିତୀୟ ବର୍ଷ ଓ ଶେଷ ବର୍ଷର କ୍ଲାସ କରାଯାଉଛି। ମଝିରେ ଆଡଜେଷ୍ଟ କରି ଯୁକ୍ତ ୩ର ପ୍ରଥମ ବର୍ଷ ପିଲାଙ୍କ ଅନଲାଇନ କ୍ଲାସ କରାଯାଉଛି। ଯଦି କିଛି ଅସୁବିଧା ହେଉଛି ତେବେ ମୁଁ ନିଜେ ଅନୁଧ୍ୟାନ କରି ପଦକ୍ଷେପ ନେବି ବୋଲି ଅଧ୍ୟକ୍ଷ ପ୍ରଧାନ କହିଛନ୍ତି।



ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ।

# ନୟାଗଡ଼ରେ ବନ୍ଦ ସଫଳ


ନୟାଗଡ଼ ଟ୍ରାଫିକ ଛକରେ ରାସ୍ତାରୋକୋ କରାଯାଇଛି।

ନୟାଗଡ ଅଫିସ,୨୬।୩

ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ଦିଲ୍ଲୀ କୃଷକ ଆନ୍ଦୋଳନ ସମର୍ଥନରେ ନୟାଗଡରେ ଶୁକ୍ରବାର ଭାରତ ବନ୍ଦ ପାଳନ ହୋଇଯାଇଛି। ଅଖିଳ ଭାରତ କୃଷକ ସଭା, ନବନିର୍ମାଣ କୃଷକ ସଙ୍ଗଠନ, କିଷାନ କଂଗ୍ରେସ ନେତୃତ୍ୱରେ ନୟାଗଡ ମୁଖ୍ୟ ଛକ ଓ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ କର୍ମୀମାନେ ପିକେଟିଂ, ଜିଲାପାଳ ଓ ଜିଲା ଜଜ୍ କୋର୍ଟ ସମ୍ମୁଖରେ ଧାରଣା ଦେଇଥିଲେ। ପରିବହନ କର୍ମଚାରୀ, ବଣିକ ସଂଘ, ବ୍ୟବସାୟୀ ସଂଘର ସହଯୋଗକ୍ରମେ ଯାନବାହାନ ଚଳାଚଳ ଓ ବଜାର ବନ୍ଦ ଥିଲା। ନୟାଗଡ ମୁଖ୍ୟ ଛକରେ ଧାରଣା ପୂର୍ବକ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ହୋଇଥିଲା। ଏଥିରେ କୃଷକ ସଭାର ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ଏସ୍. ଏ. କରିମ, ଶହ ଦେବ ଡାକୁଆ, ନବନିର୍ମାଣ କୃଷକ ସଙ୍ଗଠନର ଜିଲାସଞ୍ଚୋଳକ ମହେଶ୍ୱର ଜେନା, କିଷାାନ କଂଗ୍ରେସ ନେତା ମନୋଜ ସାହୁ, ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, ଯୁବନେତା ସରୋଜ ନାୟକ, ଆଇନଜୀବୀ ଅମୀୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କର କୃଷକ ବିରୋଧୀ କଳା ଆଇନକୁ ଦୃଢ଼ ପ୍ରତିବାଦ କରିଥିଲେ।

## ଦଶପଲ୍ଲା

ଦଶପଲ୍ଲା, (ଡି.ଏନ.ଏ.) : ଦଶପଲ୍ଲାରେ ଭାରତ ବନ୍ଦ ଆହ୍ୱାନକ୍ରମେ ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ବ୍ଲକ ସମ୍ମୁଖସ୍ଥ ଜାତୀୟ ରାଜପଥରେ ସିପିଆଇଏମ ନେତା ଶରତ ଚନ୍ଦ୍ର ବେହେରା, କୃଷକ ନେତା ଗଣେଶ୍ୱର ନାୟକ, ମହିଳା କଂଗ୍ରେସର ଜିଲା ସଭାନେତ୍ରୀ ଉମାରାଣୀ ପାଣି, କଂଗ୍ରେସ ନେତା ନାରାୟଣ ସାହୁ, ଗୁଣ୍ଡିଚା ଲେଙ୍କା, ନାରୀ ନେତ୍ରୀ ଜୟନ୍ତୀ ଦାଶ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତା ଉପରେ ବସି ରହି ପ୍ରତିବାଦ କରିଥିଲେ। ରାସ୍ତାର ଦୁଇପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା। ଦଶପଲ୍ଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି।



ଦଶପଲ୍ଲା ବ୍ଲକ ସମ୍ମୁଖ ଜାତୀୟ ରାଜପଥରେ ଆନ୍ଦୋଳନକାରୀ ବସି ରହିଛନ୍ତି।

# ଲୁଚିଗଲାଣି ନୀଳମାଧବଙ୍କ ମନ୍ଦିର

## ଚନ୍ଦନ ପୁଷ୍କରିଣୀ ଜବରଦଖଲକାରୀଙ୍କ କବ୍‌ଜାରେ

ଖଣ୍ଡପଡ଼ା,୨୬।୩(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ପୁଷ୍କରିଣୀ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ବିଶେଷକରି ପୁଷ୍କରିଣୀର ପଶ୍ଚିମ ଓ ଉତ୍ତର ପାର୍ଶ୍ୱ ହୁଡାକୁ କେତେଜଣ ବ୍ୟକ୍ତି ଅକ୍ତିଆର କରି ରଖିଛନ୍ତି । ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଅନ୍ୟପକ୍ଷେ ପୋଖରୀ ହୁଡା ଉପରେ ଅନାବନା ଗଛ ଶାଖା ପ୍ରଶାଖା ମେଲାଇ ଚାଲିଛି। ସେହି ଗଛଗୁଡିକୁ କଟାଯାଉନାହିଁ। ଏହାଯୋଗୁ ମନ୍ଦିର ପରିବେଶର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଗଛ ଉହାଡ଼ରେ ମନ୍ଦିର ଲୁଚିଯାଇଛି। ଦିନଥିଲା, ବହୁ ଦୂରରୁ ମନ୍ଦିର ସ୍ପଷ୍ଟ ଦିଶୁଥିଲା । ଶ୍ରଦ୍ଧାଳୁମାନେ ଦୂରରୁ ମନ୍ଦିର ଦେଖି ଦୁଇହାତ ଟେକି ପତିତପାବନଙ୍କ ଦର୍ଶନ କରୁଥିଲେ । ଏବେ ସବୁ ଅସ୍ପଷ୍ଟ ହୋଇଯାଇଛି ।

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର ସର୍ବଜନବିଦିତ । ମହାନଦୀର ଦକ୍ଷିଣ ପାର୍ଶ୍ୱ ତଟବର୍ତ୍ତୀ ବ୍ରହ୍ମାଦ୍ରୀ ପାହାଡ଼ ଉପରେ ଥିବା ଏହି ମନ୍ଦିରର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବିଶେଷକରି କଣ୍ଟିଲୋ-ଖୋର୍ଦ୍ଧା ପୂର୍ତ୍ତ ବିଭାଗ ରାସ୍ତାରେ ଯିବା ବେଳେ ମନ୍ଦିରର ଶୋଭା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥାଏ । ସେହିପରି ପୂର୍ତ୍ତ ବିଭାଗ ରାସ୍ତା କଡରେ ଥିବା ୫ ଏକର ୪୫ ଡିସିମିଲ ପରିମିତ ଠାକୁରଙ୍କ ଚନ୍ଦନ ପୋଖରୀରେ ଏହି ମନ୍ଦିରର ପ୍ରତିବିମ୍ବ ପଡୁଥିଲା । ସଂପ୍ରତି ସେହି ପୁଷ୍କରିଣୀ ଅନାବନା ଗଛ ଓ ଗୁଳ୍ମରେ ଆଚ୍ଛାଦିତ ହୋଇଛି । ମନ୍ଦିର ହୁଡା ଉପରେ ବିଭିନ୍ନ ପ୍ରକାର ଗଛ ଉଠିଛି। କେତେଜଣ ବ୍ୟକ୍ତି ସ୍ଥାୟୀ ଗୃହ ନିର୍ମାଣ କରିବା ଆରମ୍ଭ କରିଛନ୍ତି । ହୁଡା ଉପରେ ବଡବଡ ଗଛମାନ ଉଠି ମନ୍ଦିରକୁ ଆଢୁଆଳ କରିଦେଇଛି। ଫଳରେ ରାସ୍ତା ଉପରୁ ମନ୍ଦିରର ଶୋଭା ସମ୍ପୂର୍ଣ୍ଣ ଭାବେ ଦୃଶ୍ୟମାନ ହେଉନାହିଁ। ବାରମ୍ବାର ଦାବି ପରେ ୨୦୦୪-୦୫ରେ ତତ୍କାଳୀନ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ହୁଡା ଉପରୁ ଅନେକ ବଡବଡ ଗଛ କାଟିବାର ବ୍ୟବସ୍ଥା କରିଥିଲେ । ମାତ୍ର ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ସେହି କାମ ଅଧାରୁ ଅଟକି ଯାଇଥିଲା। ଇତିମଧ୍ୟରେ ଗଛସଂଖ୍ୟା ବୃଦ୍ଧି ପାଇଛି। ବହୁ ସ୍ଥାନ ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି । ଏଣୁ ମନ୍ଦିରର ପାର୍ଶ୍ୱ ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଠାକୁରଙ୍କ ଚନ୍ଦନ ପୁଷ୍କରିଣୀର ବିକାଶ କରାଯାଉ । ପୁଷ୍କରିଣୀ ହୁଡା ଉପରେ ଥିବା ସମସ୍ତ ବୃକ୍ଷମୂଳରୁ ଛେଦନ ସହିତ ଜବରଦଖଲ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି।


ଗଛ ଉହାଡ଼ରେ ଲୁଚି ରହିଥିବା ଶ୍ରୀନୀଳମାଧବଙ୍କ ମନ୍ଦିର ।

# ଗାନ୍ଧିବାଦୀ ନେତା ଉପେକ୍ଷିତ

ନୟାଗଡ଼ ଅଫିସ,୨୬।୩

ଓଡ଼ିଶାର ପ୍ରଥମ ଗାନ୍ଧିବାଦୀ ନେତା ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ପ୍ରାବନ୍ଧିକ,ପୂର୍ବତନ ରାଜ୍ୟ ସଭା ସଦସ୍ୟ, ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ତାଙ୍କୁ କେହି ସ୍ମରଣ କରି ନ ଥିବାରୁ ନୟାଗଡ଼ର ସାହିତ୍ୟିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୟାଗଡ଼ ଜିଲା ଦଶପଲ୍ଲାରେ ୧୮୮୮ ଡିସେମ୍ବର ୩୧ରେ ଜନ୍ମଗ୍ରହଣ କରିଥିବା ବିପ୍ଳବୀ ଗୋବିନ୍ଦ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ୬ ଥର ବ୍ରିଟିଶ୍ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ୧୯୧୮ରେ ଜଣେ ପ୍ରଥମ ଓଡ଼ିଆ ଅନ୍ତେବାସୀ ଭାବେ ସେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଯୋଗଦେଇଥିଲେ। ଏହାପରେ ସେ ଗାନ୍ଧିଜୀଙ୍କ ଜାତୀୟତା ଆନ୍ଦୋଳନରେ ନିଜକୁ ସମର୍ପଣ କରିଥିଲେ । ଓଡ଼ିଶାରେ ଖଦି ଓ ଚରଖା ଆନ୍ଦୋଳନକୁ ସେ ବ୍ୟାପକ କରାଇଥିଲେ । କଟକ ଚମ୍ପାପୁରଠାରେ ତାଙ୍କ ଉଦ୍ୟମରେ ଗାନ୍ଧୀ ସେବାଶ୍ରମ ପ୍ରତିଷ୍ଠା ହୋଇଥିଲା । ଜାତୀୟସ୍ତରରେ ତାଙ୍କର ଅନେକ ସୁଖ୍ୟାତି ରହିଛି । ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରି କି ତାଙ୍କ ପ୍ରତିମୂର୍ତ୍ତିଟିଏ ମଧ୍ୟ ଜିଲା ଓ ରାଜ୍ୟର କୌଣସି ସ୍ଥାନରେ ପ୍ରତିଷ୍ଠା ହୋଇନାହିଁ। ଏ ସଂକ୍ରାନ୍ତରେ ନ୍ୟାଶନାଲ ହ୍ୟୁମାନ ୱେଲ୍‌ଫେୟାର ବୋର୍ଡ଼ ଟ୍ରଷ୍ଟ ପକ୍ଷରୁ ସାମାଜିକ କର୍ମୀ ଶିବରାମ ମହାପାତ୍ର କୁହନ୍ତି, ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଉଛି । ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତାଙ୍କ ସ୍ମୃତିଚାରଣ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଛନ୍ତି ।


ଗୋବିନ୍ଦ ଚନ୍ଦ୍ର ମିଶ୍ର।

# ସୂର୍ଯ୍ୟ ନଉଠିଲେ ଡିବିରି ଭରସା

## ଗାଁର ନାମ ନେପାଳ

- ଗାଁରେ ନାହିଁ ବିଦ୍ୟୁତ୍ ବ୍ୟବସ୍ଥା
- ପିଲାଙ୍କ ପାଠପଢ଼ା ସ୍ୱପ୍ନ

ନୟାଗଡ଼ ଅଫିସ,୨୬।୩

ଗାଁ ନାମ ନେପାଳ । ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣପୁର ପଞ୍ଚାୟତରେ ଥିବା ଏହି ଗାଁରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ସୂର୍ଯ୍ୟ ନଇଁ ଆସିଲେ ଗାଁ ଲୋକେ ଡିବିରି, ଲଣ୍ଠନ ଖୋଜନ୍ତି। ଗାଁ ପିଲାଙ୍କ ପାଠପଢ଼ା ବି ଯେମିତି ସ୍ୱପ୍ନ। ଆଦିବାସୀଙ୍କ ବିକାଶ ପାଇଁ ସରକାରଙ୍କ ନାନା ଯୋଜନା ସେଠି ଯେମିତି ପହଞ୍ଚି ପାରିନାହିଁ। କେବଳ ଭାଗ୍ୟକୁ ଆଦରି ଗ୍ରାମବାସୀ ବଞ୍ଚିଛନ୍ତି ବୋଲି ଅଭିଯୋଗ ହୋଇଛି।

ନେପାଳ ଗାଁର ସୁଦାମ ପ୍ରଧାନ କୁହନ୍ତି, ଗାଁରେ ୬୦ ପରିବାର ରହୁଛନ୍ତି । ସେମାନଙ୍କ ମଧ୍ୟରୁ ୪ରୁ ୫ ପରିବାର ଆବାସ ଯୋଜନାରେ ଘର ପାଇଛନ୍ତି। ସରକାର ଦେଉଥିବା ଅନୁଦାନରେ ଘର ନିର୍ମାଣ କରିବା ସମ୍ଭବ ନୁହେଁ। ଲୋକଙ୍କ ପାଖରେ ଟଙ୍କା ନ ଥିବାରୁ କାର୍ଯ୍ୟାଦେଶ ପାଇ ବି ଅଧିକାଂଶ ଲୋକ ଘର ତିଆରି କରି ପାରୁନାହାନ୍ତି। ଯେଉଁମାନେ ଘର କାମ ଆରମ୍ଭ କରିଛନ୍ତି, ସେମାନେ ପର୍ଯ୍ୟାୟ କ୍ରମେ ଟଙ୍କା ପାଉ ନାହାନ୍ତି। ଏକାଧିକ ଲୋକଙ୍କ ଘର ଅଧାପନ୍ତରିଆ ହୋଇ ପଡି ରହିଛି। ସରକାର ଆଦିବାସୀଙ୍କ ଅସୁବିଧା ଜାଣି ନାହାନ୍ତି। ଆମ ପାଖରେ ଜବ୍ କାର୍ଡ ଅଛି। ଅଥଚ ଠିକ୍ ଭାବେ କାମ ମିଳୁନି । ଆମେ ଗୃହପାଳିତ ପ୍ରାଣୀ ରଖୁଛୁ । ସେମାନଙ୍କ ପାଇଁ ଗୁହାଳ ନିର୍ମାଣ ପାଇଁ ଅର୍ଥ ମିଳୁନାହିଁ। ଆମ ପାଇଁ ଦାରିଦ୍ର୍ୟ ଓ ନିରକ୍ଷରତା ଦାଉ ସାଧୁଛି । ସୀତା ପ୍ରଧାନ କୁହନ୍ତି, ଗାଁରେ ରାସ୍ତା ନାହିଁ। ସରକାରଙ୍କ ଏମ୍‌ଜିଏନଆରଇଜିଏସ୍, ଗୋପବନ୍ଧୁ ଗ୍ରାମୀଣ ଯୋଜନା କାହା ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ବାପା ଅଜା ଅମଳରୁ ଆମେ ଘର କରି ରହୁଥିଲେ ମଧ୍ୟ ପଟ୍ଟା ମିଳୁନାହିଁ। ଗାଁରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନାହିଁ । ଆମ ପିଲାମାନେ ୭ରୁ ୧୦ କିମି ଯାଇ ପାଠ ପଢ଼ିବା ସମ୍ଭବ ହେଉ ନାହିଁ ।

ବଳରାମ ପ୍ରଧାନ କୁହନ୍ତି, ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଘରେ ଡିବିରି ଜଳିବା ପାଇଁ କିରୋସିନ ମଧ୍ୟ ମିଳୁନାହିଁ। ଚାଷ ଜମି କହିଲେ ମୁଣ୍ଡିଆ। ସେଥିରେ ବାଇଗଣ ଭଲ ହୁଏ। ହେଲେ ହାତୀ ଉପଦ୍ରବ ଯୋଗୁ ଅଧିକାଂଶ ବ୍ୟକ୍ତି ଫସଲ ହରାଇଛନ୍ତି। କରୋନା ଆମକୁ ପୂରା ପଙ୍ଗୁ କରି ଦେଇଛି । ରବି ପ୍ରଧାନ କୁହନ୍ତି, ଆଦର୍ଶ ଗାଁ ଏବଂ ଏମ୍‌ପି ଓ ବିଧାୟକଙ୍କ ପାଣ୍ଠିରେ ପାଇଲଟ ପ୍ରୋଜେକ୍ଟ ବିଭିନ୍ନ ଗାଁରେ ହେଉଛି। ହେଲେ ଆମ ଗାଁକୁ କେହି ଦୃଷ୍ଟି ଦେଉ ନାହାନ୍ତି ।

ନେପାଳ ଗାଁକୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାକୁ ଓଡ଼ଗାଁ ଥାନା ଦଣ୍ଡୋର ଗାଁର ସାନ୍ତନୁ ବିଶୋଇ ଓ ଇଟାମାଟି ଥାନା ବିରୁଡା ଗାଁର ଭୁବନ ଚନ୍ଦ୍ର ହାତୀ ନୟାଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଏନେଇ ଉଭୟ ସାମାଜିକ କର୍ମୀ ନିଜ ସ୍ମାରକପତ୍ରରେ ଦର୍ଶାଇଛନ୍ତି, ନେପାଳଠାରୁ ବାଣପୁର ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଉ। ଗାଁରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ହେଉ। ଅଧାପନ୍ତରିଆ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାମ ତୁରନ୍ତ ଶେଷ କରାଯାଉ। ପଞ୍ଚାୟତ ବଦଳରେ ଭତ୍ତା ଓ ପିଡିଏସ୍ ସାମଗ୍ରୀ ନେପାଳରେ ଦେବାର ବ୍ୟବସ୍ଥା କରାଯାଉ। ଜଙ୍ଗଲ ଅଧିକାର ଅଧିନିୟମରେ ଆଦିବାସୀମାନଙ୍କୁ ଜମି ପଟ୍ଟା ବ୍ୟବସ୍ଥା ସହ ଘରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେଉ। ଏହି ଗାଁକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁରେ ସାମିଲ କରାଯିବାର ଅନୁରୂପ ଦାବି ରଖାଯାଇଛି। ପ୍ରତିକାର ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ଉଭୟ ସାମାଜିକ କର୍ମୀ କହିଛନ୍ତି।


ନେପାଳ ଗାଁରେ ଥିବା ଝାଟିମାଟି ଘର।

